# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ ୨୫/୨୦୨୧ (୧୨ ପୃଷ୍ଠା) | Bhubaneswar, Tuesday, May 25/2021 | ★★★★★★

୪୭ଶ ଭାଗ ୧୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଡେବ୍ୟୁରେ ଅଡିଶନ ଦେଇ ନ ଥିଲେ**

ବଲିଉଡ୍‌ରେ ଡେବ୍ୟୁ ପାଇଁ କୌଣସି ଅଡିଶନ ଦେବାକୁ ପଡ଼ି ନ ଥିଲା ବୋଲି ଅଭିନେତ୍ରୀ ତାପସୀ ପନ୍ନୁ କହିଛନ୍ତି।

୧୦

୧୨


**ଗଲ୍ଫରେ ମିକେଲସନଙ୍କ କୀର୍ତ୍ତିମାନ**

ପିଜିଏ ଟୁର୍ନାମେଣ୍ଟ ଜିତିବାରେ ଆମେରିକାର ଫିଲ୍ ମିକେଲସନ ସବୁଠାରୁ ବୟସ୍କ ଗଲ୍ଫ ଖେଳାଳି



# ୨୬ ମଧ୍ୟାହ୍ନରେ ଲ୍ୟାଣ୍ଡଫଲ୍

## ଉପକୂଳ ମୁହାଁ ବାତ୍ୟା 'ୟାସ୍'




- ବାଲେଶ୍ୱର ଚାନ୍ଦିପୁରରେ ହୋଇପାରେ ଲ୍ୟାଣ୍ଡ ଫଲ୍
- ହାଲୁକା ବର୍ଷା ସାଙ୍ଗକୁ ପବନ ଜାରି
- ପାରାଦୀପରେ ୪ ନମ୍ବର ବିପଦ ସଙ୍କେତ
- ୫୨ ଏନ୍‌ଡିଆର୍‌ଏଫ୍, ୬୦ ଓଡ୍ରାଫ୍, ୨୦୦ ଅଗ୍ନିଶମ ଟିମ୍, ୩୬ ଗଛକଟା ଟିମ୍ ମୁତୟନ
- ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ସର୍ବାଧିକ କ୍ଷତିଗ୍ରସ୍ତ ସମ୍ଭାବନା

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ(ଡିପ୍ରେଶନ) ସୋମବାର ଭୟଙ୍କର ବାତ୍ୟାରେ ପରିଣତ ହୋଇଛି। ଏହା ପାରାଦୀପଠାରୁ ପୂର୍ବ-ଦକ୍ଷିଣପୂର୍ବ ଦିଗରେ ୪୮୦ କିଲୋମିଟର ଏବଂ ବାଲେଶ୍ୱରର ଦକ୍ଷିଣ-ଦକ୍ଷିଣପୂର୍ବ ଦିଗରେ ୫୯୦ କିଲୋମିଟର ଦୂରରେ ରହିଛି। ଏହା ଧୀରେ ଧୀରେ ଉତ୍ତର-ଉତ୍ତର ପଶ୍ଚିମ ଦିଗ ଦେଇ ଗତି କରୁଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଅତି ଭୟଙ୍କର ରୂପ ଧାରଣ କରି ଉପକୂଳ ମୁହାଁ ହେବ। ୨୬ ତାରିଖ ମଧ୍ୟାହ୍ନରେ ବାତ୍ୟା ୟାସ୍ ବାଲେଶ୍ୱର ଚାନ୍ଦିପୁର ନିକଟରେ ମାଡ଼ ହେବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହା ୨୫ ତାରିଖ ରାତିରେ ଅତି ଭୟଙ୍କର ହୋଇ ଘଣ୍ଟା ପ୍ରତି ୧୪୫ରୁ ୧୫୫ କି.ମି. ଏବଂ ବେଳେ ବେଳେ ଏହା ୧୬୫ କି.ମି. ବେଗରେ ବହିବ। ୨୬ ତାରିଖରେ ବାତ୍ୟା ଅତି ଭୟଙ୍କର ହୋଇ ଘଣ୍ଟା ପ୍ରତି ୧୫୫ରୁ ୧୬୫ କି.ମି. ଏବଂ ସ୍ଥଳ ବିଶେଷରେ ଏହା ୧୮୫ କି.ମି. ବେଗରେ ଉପକୂଳରେ ☞ପୃଷ୍ଠା-୪

# ୩ ମୁଖ୍ୟମନ୍ତ୍ରୀଙ୍କ ସହ ବାତ୍ୟା ପ୍ରସ୍ତୁତି ସମୀକ୍ଷା କଲେ ଶାହା

**ନୂଆଦିଲ୍ଲୀ, ୨୪।୫(ପି.ଟି.)**

### ଉପକୂଳ ଲୋକଙ୍କ ସ୍ଥାନାନ୍ତର, କୋଭିଡ୍ ହସ୍ପିଟାଲର ସୁରକ୍ଷା ଉପରେ ଗୁରୁତ୍ୱ




ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୋମବାର ସାମୁଦ୍ରିକ ଝଡ଼ ୟାସ୍ ମୁକାବିଲା ଲାଗି କରାଯାଇଥିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ବାତ୍ୟାରେ ପ୍ରଭାବିତ ହେବାକୁ ଥିବା ଉପକୂଳବର୍ତ୍ତୀ ଲୋକଙ୍କୁ ନିରାପଦ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର ଏବଂ ଉକ୍ତ ଅଞ୍ଚଳରେ ଥିବା କୋଭିଡ୍ କେୟାର ସେଣ୍ଟର ଓ ହସ୍ପିଟାଲଗୁଡ଼ିକର ନିରାପତ୍ତା ସମ୍ପର୍କରେ ଶାହା ଅନୁଧ୍ୟାନ କରିଥିଲେ। ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଆନ୍ଧ୍ରପ୍ରଦେଶରେ ଥିବା ଅକ୍ସିଜେନ୍ ପ୍ଲାଣ୍ଟଗୁଡ଼ିକ ଉପରେ ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ନେଇ ସେ ଆଲୋଚନା କରିବା ସହ ସେଗୁଡ଼ିକର ନିରାପତ୍ତା ବ୍ୟବସ୍ଥା କରିବାକୁ ରାଜ୍ୟ ସରକାରଙ୍କୁ କହିଥିଲେ। ଭିଡିଓ କନ୍‌ଫରେନ୍ସ ଜରିଆରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ଉପରାଜ୍ୟପାଳ ଦେବେନ୍ଦ୍ର କୁମାର ଜୋଷୀଙ୍କ ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ରାଜ୍ୟଗୁଡ଼ିକ ସହାୟତା ପାଇଁ ଯେକୌଣସି ସମୟରେ ଯୋଗାଯୋଗ କରିପାରିବେ। ଏହାବ୍ୟତୀତ ବାତ୍ୟା ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ କୋଭିଡ୍ ହସ୍ପିଟାଲ, ଲାବରେଟୋରି, ଟିକା କୋଲ୍ଡ ଚେନ୍ ଏବଂ ଅନ୍ୟାନ୍ୟ ମେଡିକାଲ କେନ୍ଦ୍ରକୁ ପର୍ଯ୍ୟାପ୍ତ ବିଦ୍ୟୁତ୍ ବ୍ୟାକ୍‌ଅପ୍ ବ୍ୟବସ୍ଥା କରିବାକୁ ଶାହା କହିଥିଲେ। ସେହିପରି ଦୁଇଦିନ ପାଇଁ ଅଧିକ ଅକ୍ସିଜେନ୍ ମହଜୁଦ୍ ରଖିବା ଲାଗି ଆଗୁଆ ଯୋଜନା କରିବାକୁ ସେ ପରାମର୍ଶ ଦେଇଥିଲେ। ଉପକୂଳ ତଥା ଖାଲୁଆ ଅଞ୍ଚଳର ଲୋକମାନଙ୍କୁ ନିରାପଦ ସ୍ଥାନକୁ ନେବା ଏବଂ ସମୁଦ୍ରକୁ ଯାଇଥିବା ସମସ୍ତ ମତ୍ସ୍ୟଜୀବୀ ଫେରିଆସିଛନ୍ତି ☞ପୃଷ୍ଠା-୪

# ଦୁଇ ଲଢ଼େଇକୁ ନିଶ୍ଚୟ ଜିତିବା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**

### କରୋନା ସହ ବାତ୍ୟା ଭୟ



### ପ୍ରଶାସନକୁ ସହଯୋଗ କରିବାକୁ ନିବେଦନ

### ଡବଲ ମାସ୍କ ପିନ୍ଧିବାକୁ ଲୋକଙ୍କୁ ଆହ୍ୱାନ

ଆମେ ଏକ ସମୟରେ ଦୁଇଟି ବଡ଼ ବିପଦର ସାମ୍ନା କରୁଛୁ - କୋଭିଡ୍ ଓ ବାତ୍ୟା 'ୟାସ୍'। ଯେହେତୁ ଏବେ କୋଭିଡ୍ ସମୟ, ସେଥିପାଇଁ ଅଧିକ ସାବଧାନ ରହିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସତର୍କ କରାଇ ଦେଇଛନ୍ତି। ସୋମବାର ଏକ ଭିଡିଓ ବାର୍ତ୍ତା ଜରିଆରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାଢେ ୪କୋଟି ଓଡ଼ିଶାବାସୀ ମୋର ପରିବାର। ବିପଦ ସମୟରେ ମୋ ପରିବାରର ନିରାପତ୍ତା ମୋ ପାଇଁ ସବୁଠାରୁ ବଡ଼ ପ୍ରାଥମିକତା। ସମସ୍ତେ ପ୍ରଶାସନକୁ ସ୍ଥାନାନ୍ତରରେ ସହଯୋଗ କରିବା ସହ ଡବଲ ମାସ୍କ ପିନ୍ଧିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି।

ପ୍ରତ୍ୟେକ ଲୋକଙ୍କୁ ନିରାପଦ ସ୍ଥାନରେ ପହଞ୍ଚାଇବା ଆମର ଲକ୍ଷ୍ୟ। ସମସ୍ତେ ବାତ୍ୟା ଆଶ୍ରୟସ୍ଥଳ ତଥା ପକ୍କାଘର ଆଦି ନିରାପଦ ସ୍ଥାନକୁ ଚାଲିଆସିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। କୋଭିଡ୍ ପାଇଁ ପ୍ରଶାସନ ଗତ ୨ ମାସ ଧରି ଚାପରେ ଅଛି। ବାତ୍ୟାର ମୁକାବିଲା ପାଇଁ ଜନସାଧାରଣ ସ୍ଥାନାନ୍ତରରେ ପ୍ରଶାସନକୁ ପୂରା ସହଯୋଗ କରିବା ଆବଶ୍ୟକ। ବାତ୍ୟା ଆଶ୍ରୟସ୍ଥଳ ବା ପକ୍କାଘର, ଯେଉଁଠାରେ ☞ପୃଷ୍ଠା-୪

## ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

**ଭୁବନେଶ୍ୱର,୨୪।୫(ବ୍ୟୁରୋ):** କୋଭିଡ୍-୧୯ ମହାମାରୀ ଲୋକଙ୍କୁ ଅସ୍ତବ୍ୟସ୍ତ କରିଥିବା ବେଳେ ବାତ୍ୟା ଆଉ ଏକ ବିପଦ ନେଇ ଆସୁଛି। ଆସନ୍ତା ୨୬ ତାରିଖରେ ବାତ୍ୟା ଉପକୂଳ ଜିଲାରେ ବ୍ୟାପକ କ୍ଷତି କରିବା ସମ୍ଭାବନା ରହିଛି। ବାତ୍ୟାକୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ଜୋରସୋରରେ ପ୍ରସ୍ତୁତି ଚଳାଇଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆସନ୍ତା ମେ ୩୧ ତାରିଖ ଯାଏ ରାଜ୍ୟର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି। ଛୁଟି ନେଇଥିବା କର୍ମଚାରୀମାନଙ୍କର ମଧ ଛୁଟି ବାତିଲ କରାଯାଇଛି। ଯେଉଁ କର୍ମଚାରୀମାନେ ଛୁଟିରେ ଯାଇଛନ୍ତି ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ କୁହାଯାଇଛି। ଏଥିସହିତ କର୍ମଚାରୀମାନେ ହେଡ୍‌କ୍ୱାର୍ଟର ନ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ୨୪ ଘଣ୍ଟାରେ ୩୨ ମୃତ

**ଭୁବନେଶ୍ୱର,୨୪।୫(ବ୍ୟୁରୋ)**



### ଘାତକ ସାଜୁଛି କରୋନା

- ମୃତକଙ୍କ ମଧ୍ୟରେ ୧୩ବର୍ଷୀୟା ନାବାଳିକା
- ରାଜ୍ୟରେ ଗଲାଣି ୨,୫୧୬ ଜୀବନ, ୨୪ଦିନରେ ୪୭୩
- ୭ଲକ୍ଷ ଟପିଲା କରୋନା ସଂକ୍ରମଣ

ରାଜ୍ୟରେ କରୋନା ସଙ୍କଟ ଜଟିଳ ହେବାରେ ଲାଗିଛି। ଦ୍ୱିତୀୟ ଲହର ଅଧିକରୁ ଅଧିକ ଘାତକ ହେଉଛି। ସଂକ୍ରମଣ ନିର୍ଦ୍ଦିଷ୍ଟ ସ୍ତର ଭିତରେ ରହୁଥିବାବେଳେ ମୃତ୍ୟୁ ହୁହୁ ହୋଇ ବଢ଼ି ଚାଲିଛି। କେହି ସଂକ୍ରମିତ ହେଲେ ଜୀବନକୁ ନେଇ ଚିନ୍ତା ଘାରୁଛି। ସ୍ଥିତି ଏପରି ହୋଇଛି କେବଳ ମେ' ମାସର ୨୪ ଦିନରେ ୪୭୩ ଜଣଙ୍କ ଜୀବନ ଯାଇଥିବାବେଳେ କେବଳ ଗତ ୨୪ ଘଣ୍ଟାରେ ମୃତ୍ୟୁ ସର୍ବକାଳୀନ ରେକର୍ଡ ଭାଙ୍ଗିଛି। ଏକାଥରକେ ୩୨ଜଣଙ୍କ ଜୀବନ ଯିବା ପରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ୨,୫୧୬କୁ ବୃଦ୍ଧି ପାଇଛି।

ତେବେ ସଂକ୍ରମଣରେ ଶୀର୍ଷରେ ଥିବା ଖୋର୍ଦ୍ଧା ଜିଲାରୁ ସର୍ବାଧିକ ମୃତ୍ୟୁ ଘଟିଛି। ନୂଆ ମୃତକଙ୍କ ମଧ୍ୟରେ ଏହି ଜିଲାରୁ ୬ଜଣ ଥିବାବେଳେ ଗଞ୍ଜାମ ଓ ଝାରସୁଗୁଡ଼ାରୁ ୪ଜଣ ଲେଖାଏ ରହିଛନ୍ତି। ସେହିପରି ସୁନ୍ଦରଗଡ଼, କଳାହାଣ୍ଡି ଓ ଅନୁଗୋଳରୁ ୩ଜଣ ଲେଖାଏ, ପୁରୀ ଓ ଗଜପତିରୁ ୨ଜଣ ଲେଖାଏ, ବଲାଙ୍ଗୀର, କଟକ, କେନ୍ଦୁଝର, ନୟାଗଡ଼ ଓ ☞ପୃଷ୍ଠା-୪




## ଗାଜିଆବାଦରେ ୟେଲୋ ଫଙ୍ଗସ୍ ରୋଗୀ ଚିହ୍ନଟ

**ନୂଆଦିଲ୍ଲୀ, ୨୪।୫:** ବ୍ଲାକ୍ ଓ ହ୍ୱାଇଟ୍ ଫଙ୍ଗସ୍ ପରେ ଏବେ ୟେଲୋ ଫଙ୍ଗସ୍ ରୋଗୀ ଚିହ୍ନଟ ହେବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ଚିନ୍ତା ବଢ଼ାଇ ଦେଇଛି। ଉତ୍ତରପ୍ରଦେଶର ଗାଜିଆବାଦରେ ପ୍ରଥମ ୟେଲୋ ଫଙ୍ଗସ୍ ରୋଗୀ ଚିହ୍ନଟ ହୋଇଛନ୍ତି। ଏହା ଶରୀରର ଆଭ୍ୟନ୍ତରୀଣ ଅଙ୍ଗକୁ ସଂକ୍ରମଣ କରୁଥିବାରୁ ବ୍ଲାକ୍ ଓ ହ୍ୱାଇଟ୍ ଫଙ୍ଗସ୍ ତୁଳନାରେ ଅଧିକ ବିପଜ୍ଜନକ ବୋଲି କୁହାଯାଉଛି। ୟେଲୋ ଫଙ୍ଗସ୍ ହେଲେ ଭୋକ ନ ହେବା ସହ ଓଜନ କମିବା ଆଦି ଲକ୍ଷଣ ଦେଖାଦେଇଥାଏ। ଗୁରୁତର କ୍ଷେତ୍ରରେ ଏହା ଶରୀରରେ ପୂଜ ସୃଷ୍ଟି କରିବା ସହ କ୍ଷତ ସହଜରେ ଶୁଖି ନ ଥାଏ। ବିଭିନ୍ନ ଅଙ୍ଗ ଅକାମୀ ହେବା ସହ ଅସ୍ଥିକ୍ଷୟ ଘଟିଥାଏ। ଫଙ୍ଗସ୍ ସଂକ୍ରମଣ ସାଧାରଣତଃ ଅପରିଷ୍କାର ପରିବେଶ, ଦୂଷିତ ଖାଦ୍ୟ, ଜଳ, ଅତ୍ୟଧିକ ଷ୍ଟିରଏଡ୍ ଏବଂ ଆଣ୍ଟିବ୍ୟାକ୍ଟେରିଆ ଔଷଧ ସେବନ ଯୋଗୁ ହୋଇଥାଏ। ଅନ୍ୟାନ୍ୟ ରୋଗ ଥିବା ବ୍ୟକ୍ତି କିମ୍ବା ରୋଗ ପ୍ରତିରୋଧ ଶକ୍ତି କମାଇବା ପାଇଁ ଔଷଧ ଖାଉଥିବା ବ୍ୟକ୍ତିଙ୍କଠାରେ ସଂକ୍ରମଣ ☞ପୃଷ୍ଠା-୪

# ୫୭% ଟିକା ବ୍ୟବହାର, ବାକି ଯାଉଛି କୁଆଡ଼େ

**ନୂଆଦିଲ୍ଲୀ, ୨୪।୫**

### କେନ୍ଦ୍ର ସରକାରଙ୍କ ସତ୍ୟପାଠ ପରେ ଉଠୁଛି ପ୍ରଶ୍ନ



ଦେଶରେ ଆବଶ୍ୟକ କୋଭିଡ୍ ଭାକ୍ସିନ ଅଭାବରୁ ଟିକାକରଣ କାର୍ଯ୍ୟକ୍ରମ ଆଶାନୁରୂପ ଆଗେଇ ପାରୁନାହିଁ। ଏପରିକି ବିଭିନ୍ନ ରାଜ୍ୟରେ ଅନେକ ଟିକାଦାନ କେନ୍ଦ୍ର ବନ୍ଦ ହୋଇଗଲାଣି। ଟିକା ଅଭାବକୁ ନେଇ ସରକାର ସମାଲୋଚିତ ହୋଇଛନ୍ତି। ତେବେ ସୋମବାର କେରଳ ହାଇକୋର୍ଟରେ ସରକାର ଦେଇଥିବା ତଥ୍ୟ ଅନୁଯାୟୀ ଭାରତରେ ଯେତିକି କୋଭିଡ୍ ଟିକା ଉତ୍ପାଦନ ହେଉଛି, ତା'ର ୫୭ ପ୍ରତିଶତରୁ କମ୍ ଟିକାକରଣରେ ବ୍ୟବହୃତ ହେଉଛି। ତେବେ ଅବଶିଷ୍ଟ ୪୩ ପ୍ରତିଶତ ଟିକା କୁଆଡ଼େ ଯାଉଛି, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରଙ୍କ ସୂଚନା ଅନୁଯାୟୀ ଭାରତ ମାସିକ ୮.୫ କୋଟିରୁ ଊର୍ଦ୍ଧ୍ୱ ଟିକା ଉତ୍ପାଦନ କରୁଛି। ଅନ୍ୟପକ୍ଷରେ ଦେଶରେ ଦିନକୁ ୧୨ରୁ ୧୩ ଲକ୍ଷ ଟିକା ଦିଆଯାଉଛି। ଅର୍ଥାତ୍ ଦୈନିକ ପ୍ରାୟ ୨୮.୩୩ ପ୍ରତିଶତ ଟିକା ପ୍ରସ୍ତୁତ ହେଉଥିବାବେଳେ ମାତ୍ର ୫୭ ପ୍ରତିଶତ ଲୋକଙ୍କ ପାଖରେ ପହଞ୍ଚୁଛି। ଏପରିକି ସର୍ବାଧିକ ସଂକ୍ରମିତ ରାଜ୍ୟ ମହାରାଷ୍ଟ୍ର ଓ ଦିଲ୍ଲୀରେ ଟିକା ଅଭାବ ଯୋଗୁ ଅନେକ ଟିକାଦାନ କେନ୍ଦ୍ରକୁ ବନ୍ଦ କରିଦିଆଯାଇଛି। ଅଧିକାଂଶ ରାଜ୍ୟ ବିଦେଶରୁ ଟିକା କିଣିବା ଲାଗି ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ତେବେ ରାଜ୍ୟ ସରକାରଙ୍କୁ ସିଧାସଳଖ ଟିକା ବିକିବା ଲାଗି ବିଦେଶୀ କମ୍ପାନୀଗୁଡ଼ିକ ରାଜି ହେଉନାହାନ୍ତି। ସୂଚନାଯୋଗ୍ୟ କେରଳ ହାଇକୋର୍ଟ ନିଜ ଆଡୁ ରାଜ୍ୟର କୋଭିଡ୍ ସ୍ଥିତିକୁ ବିଚାରକୁ ନେଇ ଗତ ୨୦ ତାରିଖରେ ଶୁଣାଣି କରିଥିଲେ ଏବଂ ରାଜ୍ୟରେ ଟିକାକରଣର ସମୟସୀମା ସମ୍ପର୍କରେ ସବିଶେଷ ବିବରଣୀ ଦେବାକୁ କେନ୍ଦ୍ର ସରକାରଙ୍କୁ କହିଥିଲେ। କେନ୍ଦ୍ର ସରକାର ଏକ ସତ୍ୟପାଠ ଜରିଆରେ ଟିକାକରଣ ନୀତିର ବିବରଣୀ ସୋମବାର ହାଇକୋର୍ଟରେ ଦାଖଲ ☞ପୃଷ୍ଠା-୪

# ପୁରୀ ବେଳାଭୂମିରେ ମାଛ, ଜେଲି ଫିଶ୍ ମଡ଼କ

**ପୁରୀ ଅଫିସ,୨୪।୫**

ବାତ୍ୟା ୟାସ୍ ସ୍ଥଳ ଭାଗ ଛୁଇଁବା ପୂର୍ବରୁ ପୁରୀ ବେଳାଭୂମିରେ ୨ଦିନରେ ବହୁସଂଖ୍ୟାରେ ମାଛ, ଜେଲି ଫିଶ୍ ମରିପଡ଼ିଥିବା ଦେଖିବାକୁ ମିଳିଛି। ଲାଇଟ୍ ହାଉସ୍‌ଠାରୁ ଆରମ୍ଭ କରି ପେଣ୍ଟକଟା ପର୍ଯ୍ୟନ୍ତ ସୋମବାର ବେଳାଭୂମିରେ ଶହ ଶହ ଜେଲି ଫିସ୍ ସମୁଦ୍ରକୂଳରେ ପଡ଼ି ରହିଥିଲା। ଦିଗବାରେଣୀ ଖୁଣ୍ଟିଠାରେ ସର୍ବାଧିକ ଜେଲି ଫିଶ୍ ପଡ଼ିଥିଲା। ତେବେ କେଉଁ କାରଣରୁ ଏହି ଜେଲି ଫିଶ୍ ସମୁଦ୍ରକୂଳକୁ ଚାଲି ଆସୁଛନ୍ତି ସେନେଇ କୌଣସି ସ୍ପଷ୍ଟ ଚିତ୍ର ମିଳିପାରୁ ନାହିଁ। ଏ ନେଇ ମତ୍ସ୍ୟଜୀବୀ ସମରେଶ ରେଡ୍ଡୀଙ୍କ କହିବା ଅନୁଯାୟୀ, ରବିବାର ପେଣ୍ଟକଟାଠାରେ ମାଛ ମରି ପଡ଼ିଥିବା ଦେଖିବାକୁ ମିଳିଥିବାବେଳେ ସୋମବାର ଜେଲି ଫିଶ୍ ମରି ପଡ଼ିଛନ୍ତି। ସମୁଦ୍ର ଅଶାନ୍ତ ସମୟରେ ମାଛମାନେ କୂଳକୁ ଆସିଯାଉଥିବା ଘଟଣା ଆମେ ପୂର୍ବରୁ ମଧ ଲକ୍ଷ୍ୟ କରିଛୁ। ମାତ୍ର ଏତେ ସଂଖ୍ୟକ ଜେଲି ଫିଶ୍ ଏକକାଳୀନ ଭାବେ ନଜରକୁ କେବେ ଆସି ନ ଥିଲା। ସାଧାରଣତଃ ଶୀତ ଦିନରେ ଜେଲିଫିଶ୍ ଦେଖିବାକୁ ମିଳିଥାଏ। ରାଜ୍ୟରେ ଏସବୁର ଚାହିଦା ନ ଥିବାରୁ ରାଜ୍ୟ ବାହାର କେରଳକୁ ଜେଲି ଫିସ୍ ପଠାଇ ଦିଆଯାଇଥାଏ। ସେଠାରୁ ଏହି ଜେଲି ଫିସ୍ ଚାଇନା ଯାଉଥିବା ମତ୍ସ୍ୟଜୀବୀମାନେ କହିଛନ୍ତି। ମତ୍ସ୍ୟଜୀବୀମାନେ ଏହି ଜେଲି ଫିଶ୍‌କୁ ସୋମବାର ଦିନ ତମାମ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଋଣ କର, ସାଥିରେ ଅଛୁ

**ଅନ୍ଧବିଶ୍ୱାସରେ କଟକଣା ଭୁଲିଗଲେ**

ଦେବୀ ରାଗି ଥିବାରୁ କରୋନାର ଦ୍ୱିତୀୟ ଲହର ଆସିଛି। ତାଙ୍କ କ୍ରୋଧ ଶାନ୍ତ କଲେ କରୋନା ପଳାଇବ ବୋଲି ଅନ୍ଧବିଶ୍ୱାସ ରଖି ଆନ୍ଧ୍ରପ୍ରଦେଶର ଏକ ଗାଁରେ ବହୁ ସଂଖ୍ୟାରେ ଲୋକ ଏକାଠି ହୋଇ ପୂଜାର୍ଚ୍ଚନା କରିଛନ୍ତି। ଶହ ଶହ ସଂଖ୍ୟାରେ ଗ୍ରାମବାସୀ କୋଭିଡ୍ ନିୟମ ଉଲ୍ଲଂଘନ କରି ଜି. ମାମିଦାଦା ଗ୍ରାମରେ ଥିବା ଗୋଗୁଲାମା ଥାଲି ମନ୍ଦିରରେ ଗ୍ରାମବାସୀ ପୂଜା କରିଥିବା ଭିଡିଓରେ ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ଭାରତରେ ସ୍ପୁଟନିକ ଭି ଉତ୍ପାଦନ ଆରମ୍ଭ

**ନୂଆଦିଲ୍ଲୀ, ୨୪।୫(ପି.ଟି.):** ଋଷିଆନ୍ ଡାଇରେକ୍ଟ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ୍ (ଆର୍‌ଡିଆଇଏଫ୍) ଏବଂ ଭାରତୀୟ ଔଷଧ କମ୍ପାନୀ ପାନାସିଆ ବାୟୋଟେକ୍ ଦେଶରେ ସ୍ପୁଟନିକ ଭି କୋଭିଡ୍ ଟିକା ଉତ୍ପାଦନ ଆରମ୍ଭ କରିଥିବା ସୋମବାର ଘୋଷଣା କରିଛନ୍ତି। ହିମାଚଳପ୍ରଦେଶର ବଦ୍ଦିଠାରେ ପାନାସିଆ ବାୟୋଟେକ୍ କାରଖାନାରୁ ପ୍ରଥମ ପର୍ଯ୍ୟାୟ ଟିକା ଉତ୍ପାଦନ ହୋଇଛି ଓ ମାନ ନିୟନ୍ତ୍ରଣ ଲାଗି ଖୁବ୍‌ଶୀଘ୍ର ଏହାକୁ ଋଷିଆର ଗାମାଲେୟା ସେଣ୍ଟରକୁ ପଠାଯିବ। ଏହା ପରେ ପୂରାଦମ୍‌ରେ ଉତ୍ପାଦନ ଆରମ୍ଭ ହେବ ବୋଲି ଆର୍‌ଡିଆଇଏଫ୍ ଏବଂ ପାନାସିଆ ବାୟୋଟେକ୍ ପକ୍ଷରୁ ମିଳିତ ବିବୃତିରେ କୁହାଯାଇଛି। ପୂର୍ବ ଘୋଷଣା ଅନୁଯାୟୀ ଉକ୍ତ କମ୍ପାନୀ ବାର୍ଷିକ ୧୦ କୋଟି ସ୍ପୁଟନିକ ଭି ଡୋଜ୍ ଉତ୍ପାଦନ କରିବ।

### ଆମେରିକାରେ ଗୁଳିକାଣ୍ଡ: ୯ ନିହତ

**ୱାଶିଂଟନ, ୨୪।୫(ଆଇଏଏନ୍‌ଏସ୍):** ଆମେରିକାର ବିଭିନ୍ନ ରାଜ୍ୟରେ ଘଟିଥିବା ଗୁଳିକାଣ୍ଡରେ ୯ ଜଣଙ୍କ ମୃତ୍ୟୁ ଘଟିଛି ଓ ଅନେକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ନାବାଳିକା ଅଛନ୍ତି। ଓହିଓର କଲମ୍ବସ୍ ସହରରେ ଥିବା ବାଇସେଣ୍ଟେନିଆଲ ପାର୍କ ଆମ୍ଫିଥିଏଟରରେ ରବିବାର ବିଳମ୍ବିତ ରାତିରେ ଘଟିଥିବା ଗୁଳିକାଣ୍ଡରେ ଜଣେ ୧୬ ବର୍ଷୀୟା ପ୍ରାଣ ହରାଇଥିବାବେଳେ ଅନ୍ୟ ୫ ନାବାଳକ ଆହତ ହୋଇଛନ୍ତି। ଗୁଳିକାଣ୍ଡର କାରଣ ଜଣାପଡ଼ିନାହିଁ। ସେହିପରି ଓହିଓର ୟଙ୍ଗସ୍‌ଟାଉନରେ ରବିବାର ସକାଳେ ଗୁଳିକାଣ୍ଡ ଘଟି ୩ ଜଣଙ୍କ ମୃତ୍ୟୁ ହେବା ସହ ୫ ଆହତ ହୋଇଛନ୍ତି। ନ୍ୟୁଜର୍ସିର ବ୍ରିଜ୍‌ଟନ୍‌ରେ ୨ ଜଣଙ୍କ ମୃତ୍ୟୁ ହେବା ସହ ୧୨ ଆହତ ହୋଇଛନ୍ତି। ଶନିବାର ସନ୍ଧ୍ୟାରେ ସାଉଥ କାରୋଲିନାର ନର୍ଥ ଚାର୍ଲେଷ୍ଟନ୍‌ରେ ଏକ କନ୍‌ସର୍ଟ ପାର୍ଟିରେ ଗୁଳିକାଣ୍ଡ ଘଟି ଜଣେ ୧୪ ବର୍ଷୀୟା ନିହତ ହେବା ସହ ୧୪ ଜଣ ଆହତ ହୋଇଛନ୍ତି। ସେହିପରି ମିନିଆପଲିସ୍‌ରେ ୨ ଜଣଙ୍କ ମୃତ୍ୟୁ ହୋଇଛି ଓ ୮ ଆହତ ହୋଇଛନ୍ତି।

### ନେପାଳ ପାର୍ଲାମେଣ୍ଟ ଭଙ୍ଗ ସୁପ୍ରିମକୋର୍ଟ ଗଲେ ବିରୋଧୀ

**କାଠମାଣ୍ଡୁ, ୨୪।୫:** ନେପାଳରେ ପାର୍ଲାମେଣ୍ଟ ଭଙ୍ଗ, ବିରୋଧୀ ଦଳ ନେତାଙ୍କୁ ପ୍ରଧାନମନ୍ତ୍ରୀ ଘୋଷଣା ନ କରିବା ଏବଂ ମଧ୍ୟବର୍ତ୍ତୀ ନିର୍ବାଚନ ପାଇଁ ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀଙ୍କ ନିଷ୍ପତ୍ତି ବିରୋଧରେ ବିରୋଧୀ ଦଳ ପକ୍ଷରୁ ସୋମବାର ସୁପ୍ରିମକୋର୍ଟରେ ରିଟ୍ ପିଟିଶନ ଦାଖଲ ହୋଇଛି। ବିରୋଧୀ ଦଳ ନେତା ଶେର ବାହାଦୁର ଦେଉବାଙ୍କ ନେତୃତ୍ୱରେ କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳର ଚେୟାରମ୍ୟାନ ପୁଷ୍ପ କମଲ ଦହଲ, ପୂର୍ବତନ ପ୍ରଧାନମନ୍ତ୍ରୀ ମାଧବ କୁମାର ନେପାଳ ଏବଂ ଅନ୍ୟମାନେ ସୁପ୍ରିମକୋର୍ଟ ଯାଇଛନ୍ତି। ଗୃହର ପୁନରୁଦ୍ଧାର କରାଯିବା ଓ ସଂଖ୍ୟାଗରିଷ୍ଠତା ନ ଥିବା କେ. ପି. ଓଲିଙ୍କୁ ହଟାଯାଇ ଦେଉବାଙ୍କୁ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବରେ ନିଯୁକ୍ତ କରାଯିବାକୁ ଦେଉବାଙ୍କ ପକ୍ଷରୁ ଦାଏର ପିଟିଶନରେ ଦାବି କରାଯାଇଛି। ମେ ୨୧ରେ ରାଷ୍ଟ୍ରପତି ଭଣ୍ଡାରୀ ଓଲିଙ୍କ ସୁପାରିସ କ୍ରମେ ପାର୍ଲାମେଣ୍ଟ ଭଙ୍ଗ କରିବା ସହ ନଭେମ୍ବର ୧୨ ଓ ୧୯ରେ ମଧ୍ୟବର୍ତ୍ତୀ ନିର୍ବାଚନ ପାଇଁ ଘୋଷଣା କରିଥିଲେ। ସରକାର ଗଠନ ପାଇଁ ସେମାନଙ୍କ ନିକଟରେ ସଂଖ୍ୟାଗରିଷ୍ଠତା ଥିବା ବିରୋଧୀ ଦାବି କରିଛନ୍ତି। ନେପାଳରେ ସରକାର ଗଢ଼ିବା ପାଇଁ ୨୭୫ ସଦସ୍ୟଙ୍କ ମଧ୍ୟରୁ ୧୩୬ ଜଣଙ୍କ ସମର୍ଥନ ଆବଶ୍ୟକ। ଏବେ ସୁଦ୍ଧା ୪ ସଦସ୍ୟ ନିଲମ୍ବିତ ହୋଇଛନ୍ତି।

### ମାଂସ ବିକ୍ରେତାଙ୍କୁ ଗୋରକ୍ଷକଙ୍କ ମାଡ଼


**ମୋରାଦାବାଦ, ୨୪।୫:** ଉତ୍ତରପ୍ରଦେଶର ମୋରାଦାବାଦ୍‌ଠାରେ ରବିବାର ଜଣେ ମାଂସ ବିକ୍ରେତା ମହମ୍ମଦ ଶାକିରଙ୍କୁ ନିଜକୁ 'ଗୋରକ୍ଷକ' କହୁଥିବା ଜଣେ ବ୍ୟକ୍ତିଙ୍କ ଗ୍ୟାଙ୍ଗ୍ ମାଡ଼ ମାରିଛନ୍ତି। ପୋଲିସ ଶାକିରଙ୍କ ବିରୋଧରେ ଲକ୍‌ଡାଉନ ନିୟମ ଉଲ୍ଲଂଘନ ଅଭିଯୋଗରେ ମାମଲା ରୁଜୁ କରିବା ସହ ତାଙ୍କୁ ଗିରଫ ପରେ ଛାଡ଼ିଦେଇଛି। ଶାକିର ମାଂସ ବ୍ୟବସାୟ କରୁଥିବାବେଳେ 'ଗୋରକ୍ଷକ' ମନୋଜ ଠାକୁର ତାଙ୍କୁ ମାଡ଼ ମାରିଥିଲେ। ପୋଲିସ ମନୋଜଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ ହେଁ ତାଙ୍କୁ ଗିରଫ ନ କରିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଉଡ଼ନ୍ତା ବିମାନରେ ବିବାହ



କରୋନା କଟକଣାରୁ ବର୍ତ୍ତିବା ପାଇଁ ତାମିଲନାଡୁରେ ଏକ ବିବାହ ଚର୍ଚ୍ଚାକୁ ଆସିଛି। ମଦୁରାଇର ବର-କନ୍ୟା ଯୋଡ଼ି ଆକାଶରେ ଏକ ଚାର୍ଟାର୍ଡ ପ୍ଲେନ୍‌ରେ ରବିବାର ସକାଳେ ବିବାହ କରିଛନ୍ତି। ବାହାଘରରେ ଶତାଧିକ ଲୋକେ ଏକାଠି ହୋଇଥିବାବେଳେ ମାସ୍କ, ସାମାଜିକ ଦୂରତା ଆଦି କୌଣସି କୋଭିଡ୍ ପ୍ରୋଟୋକଲ ପାଳନ ହୋଇ ନ ଥିବା ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ମାମଲା ଡିରେକ୍ଟୋରେଟ ଜେନେରାଲ ଅଫ୍ ସିଭିଲ୍ ଆଭିଏଶନ(ଡିଜିସିଏ)ଙ୍କ ନିକଟରେ ପହଞ୍ଚିବା ପରେ ଘଟଣାର ଯାଞ୍ଚ ଆରମ୍ଭ ହୋଇଛି। ମଦୁରାଇ ଏୟାରପୋର୍ଟ ନିର୍ଦ୍ଦେଶକ କହିଛନ୍ତି, ସ୍ପାଇସ୍‌ଜେଟ୍ ପ୍ଲେନଟି ମଦୁରାଇରୁ ବେଙ୍ଗାଲୁରୁ ପର୍ଯ୍ୟନ୍ତ ପ୍ଲେନ୍ ବୁକ୍ କରାଯାଇଥିଲା। କିନ୍ତୁ ସେଥିରେ ବାହାଘର କାର୍ଯ୍ୟକ୍ରମ ହେବା ନେଇ କୌଣସି ଖବର ନ ଥିଲା।

## ଆଇଏସ୍‌ଆଇ ଏଜେଣ୍ଟ କିସିଂ ବୟ



ମାର୍ଚ୍ଚ ମାସରୁ ଶୁଟିଂ ଚାଲିଥିବା ସଲମାନ ଖାନ୍‌ଙ୍କ ଟାଇଗର ୩ ଖୁବଶୀଘ୍ର ମୁକ୍ତିଲାଭ କରିବ। ସଲମାନଙ୍କ ବିପକ୍ଷରେ କ୍ୟାଟ୍ରିନା କୈଫ୍ ରହିଥିବାବେଳେ ଗ୍ୟାଙ୍ଗ୍‌ରେ ସାମିଲ ହୋଇଛନ୍ତି କିସିଂ ବୟ ଇମ୍ରାନ ହାସ୍‌ମୀ। ଏଥିରେ ଇମ୍ରାନଙ୍କୁ ଖଳନାୟକ ଅବତାରରେ ଦେଖିବାକୁ ମିଳିବ। ନେଗେଟିଭ୍ ରୋଲରେ ଥିବା ଇମ୍ରାନ ଫିଲ୍ମରେ ଆଇଏସ୍‌ଆଇ ଏଜେଣ୍ଟ ଭୂମିକା ତୁଲାଇବା ଖବର ସାମ୍ନାକୁ ଆସିଛି। ଟାଇଗର ଫିଲ୍ମର କାହାଣୀକୁ ଏବେ ଗୋପନୀୟ ରଖାଯାଇଛି। ନିର୍ଦ୍ଦେଶକ ମନୀଷ ଶର୍ମାଙ୍କ ଏହି ଫିଲ୍ମରେ ଇମ୍ରାନ୍ ତାଙ୍କ ସିକ୍ସ ପ୍ୟାକ୍ ମଧ୍ୟ ଦେଖାଇବେ। ପ୍ରାୟ ୩୫୦ କୋଟି ଟଙ୍କା ବଜେଟ୍‌ରେ ଚଳଚ୍ଚିତ୍ର ନିର୍ମାଣ ହୋଇଛି। ଇମ୍ରାନ୍ ଫିଲ୍ମର କେତେକ ଭାଗ ଶୁଟିଂ କରି ସାରିଛନ୍ତି।

# ସଂକ୍ରମଣ ତୁଳନାରେ ଆରୋଗ୍ୟ ଅଧିକ

## ଦିନକରେ ୪,୪୫୪ ମୃତ

**ନୂଆଦିଲ୍ଲୀ, ୨୪।୫(ପି.ଟି.)**

ଦେଶରେ ଗତ ୨୪ ଘଣ୍ଟାରେ ୨,୨୨,୩୧୫ କରୋନା ସଂକ୍ରମିତ ହୋଇଥିବାବେଳେ ୪,୪୫୪ ଜଣଙ୍କ ଜୀବନ ଯାଇଛି। ଗତ ୩୮ ଦିନ ମଧ୍ୟରେ ଏହା ସର୍ବନିମ୍ନ ସଂକ୍ରମଣ। ଏହାକୁ ମିଶାଇ ଭାରତରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨, ୬୭,୫୨,୪୪୭ରେ ପହଞ୍ଚିଛି। ସେହିପରି ମୋଟ ମୃତ୍ୟୁସଂଖ୍ୟା ୩,୦୩,୭୨୦ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି।

କ୍ରମାଗତ ୧୧ ଦିନ ହେଲା ଦୈନିକ ସଂକ୍ରମଣ ତୁଳନାରେ ଆରୋଗ୍ୟ ହାର ଅଧିକ ରହିଛି। ଫଳରେ ସକ୍ରିୟ ମାମଲା ସଂଖ୍ୟା ୨୭,୨୦,୭୧୬କୁ ହ୍ରାସ ପାଇଛି। ଏଥିସହିତ ମୋଟ ପଜିଟିଭିଟି ହାର ୮.୦୯ ପ୍ରତିଶତକୁ ଖସିଆସିଛି। ମୋଟ ସକ୍ରିୟ ମାମଲାର ୭୧.୬୨ ପ୍ରତିଶତ ୮ଟି ରାଜ୍ୟରେ ରହିଛି। ସେହି ରାଜ୍ୟଗୁଡ଼ିକ ହେଲେ କର୍ଣ୍ଣାଟକ, ମହାରାଷ୍ଟ୍ର, ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ରାଜସ୍ଥାନ ଏବଂ ଓଡ଼ିଶା।

ଗତ ୨୪ ଘଣ୍ଟା ମଧ୍ୟରେ ୩,୦୨,୫୪୪ ଜଣ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ପର୍ଯ୍ୟନ୍ତ ଦେଶରେ ୨, ୩୭,୨୮,୦୧୧ ଜଣ କରୋନାରୁ ଆରୋଗ୍ୟ ହେଲେଣି। ଦୈନିକ ସଂକ୍ରମଣରେ ତାମିଲନାଡୁ ଆଗରେ ରହିଛି। ସେଠାରେ ୨୪ ଘଣ୍ଟାରେ ୩୫,୪୮୩ ଜଣ ସଂକ୍ରମିତ ହୋଇଥିବାବେଳେ ମହାରାଷ୍ଟ୍ରରେ ୨୬,୬୭୨ ନୂଆ ମାମଲା ସାମ୍ନାକୁ ଆସିଛି।



ତାମିଲ୍‌ନାଡୁର କ୍ରିଷ୍ଣାଗିରିଠାରେ ଚିତ୍ରକର କୋଭିଡ୍ ସଚେତନତା ପାଇଁ ରାସ୍ତାରେ ଚିତ୍ର ଆଙ୍କୁଛନ୍ତି।

## ଦିଲ୍ଲୀକୁ ଟିକା ଦେବେନି ଫାଇଜର, ମଡର୍ନା





**ନୂଆଦିଲ୍ଲୀ, ୨୪।୫:** ଦିଲ୍ଲୀ ସରକାରଙ୍କୁ ସିଧାସଳଖ କୋଭିଡ୍ ଟିକା ଯୋଗାଇବାକୁ ଆମେରିକା କମ୍ପାନୀ ଫାଇଜର ଏବଂ ମଡର୍ନା ମନା କରିଦେଇଛନ୍ତି। ସେମାନେ କେନ୍ଦ୍ର ସରକାରଙ୍କ ସହ ଡିଲ୍ କରିବାକୁ ଚାହାନ୍ତି ବୋଲି କହିଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସୂଚନା ଦେଇଛନ୍ତି। ଆମେରିକାର ଉପରୋକ୍ତ କମ୍ପାନୀଠାରୁ ଟିକା କିଣିବା ଲାଗି ଦିଲ୍ଲୀ ସରକାର ଯୋଗାଯୋଗ କରିଥିଲେ। କେନ୍ଦ୍ର ସରକାର ସେମାନଙ୍କ ସହ କଥା ହୋଇ ଟିକା ଆମଦାନି କରି ରାଜ୍ୟଗୁଡ଼ିକୁ ଯୋଗାଇ ଦେବାକୁ କେଜ୍‌ରିୱାଲ ଅନୁରୋଧ କରିଛନ୍ତି। ପଞ୍ଜାବ ସରକାରଙ୍କୁ ଟିକା ଦେବା ଲାଗି ମଡର୍ନା ପୂର୍ବରୁ ମନା କରିଥିଲା।

## ମୃତ୍ୟୁ ପ୍ରମାଣପତ୍ର ନୀତି ଉପରେ କେନ୍ଦ୍ରକୁ ଜବାବ ତଲବ

**ନୂଆଦିଲ୍ଲୀ, ୨୪।୫(ଆଇଏଏନ୍‌ଏସ୍)**



କୋଭିଡ୍-୧୯ରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ମୃତ୍ୟୁ ପ୍ରମାଣପତ୍ର ଇସ୍ୟୁ କଲାବେଳେ ସମାନ ନୀତି ଓ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନର ଅବଲମ୍ବନ କରାଯିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ଅନେକ ସମୟରେ ମୃତ୍ୟୁର କାରଣ ହୃଦ୍‌ଘାତ କିମ୍ବା ଫୁସ୍‌ଫୁସ୍ କାମ ନ କରିବା କାରଣରୁ ହୋଇପାରିଥିବା ସାର୍ଟିଫିକେଟରେ ଦର୍ଶାଯାଉଛି, କିନ୍ତୁ ଏସବୁର ମୂଳ କାରଣ କୋଭିଡ୍-୧୯ ହୋଇଥାଇପାରେ ବୋଲି ଜଷ୍ଟିସ୍ ଅଶୋକ ଭୂଷଣ ଏବଂ ଏମ୍.ଆର୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ମୃତ୍ୟୁ ପ୍ରମାଣପତ୍ର କିପରି ଇସ୍ୟୁ ହେଉଛି ବୋଲି ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

କରୋନାରେ ପ୍ରାଣ ହରାଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଲାଗି ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ରକୁ ନୋଟିସ ଜାରି କରିଥିଲେ। ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ର ଧାରା ୧୨ ଅନୁଯାୟୀ ପ୍ରଭାବିତ ବ୍ୟକ୍ତିଙ୍କୁ ସର୍ବନିମ୍ନ ମାନର ସହାୟତା ଯୋଗାଇଦେବା ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମୌଳିକ କର୍ତ୍ତବ୍ୟ। ଉକ୍ତ ଆଇନର ଧାରା ୧୨ (୩) ଅନୁଯାୟୀ ଏନ୍‌ଡିଏମ୍‌ଏ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ହୋଇଥିବା ବ୍ୟକ୍ତିଙ୍କୁ କ୍ଷତିପୂରଣ ଯୋଗାଇଦେବେ ବୋଲି ପିଆଇଏଲ୍ ଦାଏର କରିଥିବା ଆଇନଜୀବୀ ଗୌରବ କୁମାର ବଂଶଲ ଉଲ୍ଲେଖ କରିଥିଲେ। ଏହା ଉପରେ ଖଣ୍ଡପୀଠ ବିପର୍ଯ୍ୟୟ ପରିଚାଳନା ଆଇନର ନୀତି ସମ୍ପର୍କରେ ଜଣାଇବାକୁ କେନ୍ଦ୍ର ଏବଂ ଆଇସିଏମ୍‌ଆର୍‌କୁ କହିଛନ୍ତି। ଉକ୍ତ ଆଇନର ନୀତି ଅନୁଯାୟୀ କୋଭିଡ୍ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇପାରିବ କି ନାହିଁ ତାହା ଜଣାଇବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମୃତ୍ୟୁ ପ୍ରମାଣପତ୍ର ଇସ୍ୟୁ କରିବା ଲାଗି କୌଣସି ସାର୍ବଜନିକ ନୀତି ରହିଥିଲେ ୧୦ ଦିନ ମଧ୍ୟରେ ଜଣାଇବା ପାଇଁ ଖଣ୍ଡପୀଠ କେନ୍ଦ୍ରକୁ କହିଛନ୍ତି।

## ସରକାରୀ ଟିକାକେନ୍ଦ୍ରରେ ପଞ୍ଜୀକରଣ କରିପାରିବେ ସାବାଳକ

**ନୂଆଦିଲ୍ଲୀ, ୨୪।୫**

ଟିକାକରଣ ଲାଗି ୧୮ରୁ ୪୪ ବର୍ଷୀୟଙ୍କ ପାଇଁ କୋୱିନ ପ୍ଲାଟ୍‌ଫର୍ମରେ ନାମ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଥିଲା। ଏହି ବୟସ ବର୍ଗର ଯେଉଁ ହିତାଧିକାରୀମାନେ ସ୍ମାର୍ଟଫୋନ୍ କିମ୍ବା ଇଣ୍ଟରନେଟ ସୁବିଧା ଅଭାବରୁ କୋୱିନ ଡିଜିଟାଲ ପ୍ଲାଟ୍‌ଫର୍ମରେ ନାମ ପଞ୍ଜୀକରଣ କରିପାରୁ ନାହାନ୍ତି ଓ ଟିକା ନେବା ପାଇଁ ଆପଏଣ୍ଟମେଣ୍ଟ ପାଉନାହାନ୍ତି, ସେମାନେ ଏଣିକି ସରକାରୀ ଟିକାକେନ୍ଦ୍ରରେ ସିଧାସଳଖ ନାମ ପଞ୍ଜୀକରଣ କରିପାରିବେ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏଭଳି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ସୁବିଧା ଅଳ୍ପ କେତେଜଣଙ୍କୁ ଉପଲବ୍ଧ। ଅର୍ଥାତ୍ ଯେଉଁମାନେ ପୂର୍ବରୁ ନାମ ପଞ୍ଜୀକରଣ କରି ଟିକା ନେବା ଦିନ ଆସୁନାହାନ୍ତି, ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଟିକାକୁ ତତ୍କାଳ ପଞ୍ଜୀକରଣ କରିଥିବା ହିତାଧିକାରୀଙ୍କୁ ପ୍ରଦାନ କରାଯିବ। ଟିକା ଅପଚୟ ରୋକିବା ପାଇଁ କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ନିଷ୍ପତ୍ତିକ୍ରମେ ଏହା କାର୍ଯ୍ୟକାରୀ ହେବ। ତେବେ ଘରୋଇ କୋଭିଡ୍ ଟିକାକରଣ କେନ୍ଦ୍ରରେ ଏହି ସୁବିଧା ଉପଲବ୍ଧ ହେବନାହିଁ।



କେରଳର କୋଚିଠାରେ ଅଟୋ ଆମ୍ବୁଲାନ୍ସ ଡ୍ରାଇଭରମାନେ ରୋଗୀଙ୍କୁ ସେବା ଯୋଗାଇବା ପୂର୍ବରୁ ପିପିଇ କିଟ୍‌ରେ ପୋଜ୍ ଦେଉଛନ୍ତି।

## କୋର୍ଟରେ ହାଜର ହେଲେ ସୁ୍ୟ ଟୀ

**୪ ମାସ ପରେ ସାମ୍ନାକୁ ଆସିଲେ**

**ନେପିଡାଉ, ୨୪।୫:** ମ୍ୟାନମାର ସେନା ଶାସନ ହାତକୁ ନେବାର ପ୍ରାୟ ୪ ମାସ ପରେ ସାମ୍ନାକୁ ଆସିଛନ୍ତି ଗଣତନ୍ତ୍ର ସପକ୍ଷବାଦୀ ନେତ୍ରୀ ଅଙ୍ଗ୍ ସାନ୍ ସୁ୍ୟ ଚୀ। ସୋମବାର ସେ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହୋଇଛନ୍ତି। ଫେବୃୟାରୀ ୧ରେ ସେନା ସୁ୍ୟ ଚୀଙ୍କୁ କ୍ଷମତାଚ୍ୟୁତ କରି ତାଙ୍କୁ ବନ୍ଦୀ କରିଥିଲା। ସୁ୍ୟ ଚୀ ରାଜଧାନୀ ନେପିଡାଉର ନଗର ପରିଷଦ ବିଲ୍ଡିଂରେ ଏକ ସ୍ୱତନ୍ତ୍ର କୋର୍ଟରେ ହାଜର ହୋଇଥିବା ତାଙ୍କର ଜଣେ ଓକିଲ ସୂଚନା ଦେଇଛନ୍ତି। କୋର୍ଟକୁ ଯିବା ପୂର୍ବରୁ ସୁ୍ୟ ଚୀ ତାଙ୍କ ଓକିଲଙ୍କୁ ଭେଟିଥିବା ଜଣାପଡ଼ିଛି। ସୁ୍ୟ ଚୀଙ୍କ ବିରୋଧରେ 'ଦେଶଦ୍ରୋହକୁ ଉସୁକାଇବା' ସହ ଅନେକ ସଙ୍ଗିନ ଅଭିଯୋଗ ଆଣିଛି ସେନା। ଜୁନ୍ ୭ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।



ଅଙ୍ଗ୍ ସାନ୍ ସୁ୍ୟ ଚୀ

ଫେବୃୟାରୀ ୧ ପରଠାରୁ ସୁ୍ୟ ଚୀଙ୍କୁ ସେନା ଗୃହବନ୍ଦୀ ରଖିଥିଲା। ଭିଡିଓ ଲିଙ୍କ୍ ମାଧ୍ୟମରେ ସେ କୋର୍ଟରେ ହାଜର ହେଉଥିଲେ। ଏଥିଯୋଗୁ ସେ ତାଙ୍କ ଓକିଲଙ୍କ ସହ ସାକ୍ଷାତ କରିପାରୁ ନ ଥିଲେ। ବ୍ୟକ୍ତିଗତ ଭାବେ ହାଜର ପାଇଁ ସୁ୍ୟ ଚୀଙ୍କ ଘର ନିକଟରେ ଏକ ସ୍ୱତନ୍ତ୍ର କୋର୍ଟ କରାଯାଇଥିବା ତାଙ୍କ ଓକିଲ ସୂଚନା ଦେଇଛନ୍ତି।

ମ୍ୟାନମାର ସେନା ହାତକୁ ଶାସନ ଯିବା ପରେ ଏହା ବିରୋଧରେ ଦେଶବ୍ୟାପୀ ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଥିଲେ। ବିକ୍ଷୋଭକାରୀଙ୍କୁ ହଟାଇବା ପାଇଁ ସେନା କାର୍ଯ୍ୟାନୁଷ୍ଠାନରେ ୮ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବା ବେଳେ ୫ ହଜାରରୁ ଊର୍ଦ୍ଧ୍ୱଙ୍କୁ ଗିରଫ କରାଯାଇଛି।

## କୋଭିଡ୍ ବ୍ୟାପିବା ପୂର୍ବରୁ ଚିକିତ୍ସା ସହାୟତା ଲୋଡ଼ିଥିଲେ ଉହାନ ଗବେଷକ

**ୱାଶିଂଟନ, ୨୪।୫**

କୋଭିଡ୍-୧୯ ମହାମାରୀ ସମ୍ପର୍କରେ ଚାଇନା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ଜଣାଇବାର କିଛି ମାସ ପୂର୍ବରୁ ଅର୍ଥାତ୍ ୨୦୧୯ ନଭେମ୍ବରରେ ଉହାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଡବ୍ଲ୍ୟୁଆଇଭି)ର ୩ ଜଣ ଗବେଷକ ଚିକିତ୍ସା ସହାୟତା ଲୋଡ଼ିଥିଲେ। ଆମେରିକା ଗୋଇନ୍ଦା ରିପୋର୍ଟ ଆଧାରରେ ଏକ ଗଣମାଧ୍ୟମ ଏହା ପ୍ରକାଶ କରିଛି। କେତେ ସଂଖ୍ୟାରେ ଗବେଷକ ସଂକ୍ରମିତ ହୋଇଥିଲେ, ସେମାନଙ୍କ ଅସୁସ୍ଥତାର ସମୟ ଏବଂ ଚିକିତ୍ସିତ ହୋଇଥିବା ହସ୍ପିଟାଲ ସମ୍ପର୍କରେ ଏଥିରେ ସବିଶେଷ ବିବରଣୀ ଦିଆଯାଇଛି। କରୋନା ଭୂତାଣୁ ଲାବରେଟୋରିରୁ ସୃଷ୍ଟି ହୋଇଥିଲା କି ନାହିଁ ତାହା ଉପରେ ତଦନ୍ତ ଜାରି ରହିଥିବାବେଳେ ଉକ୍ତ ରିପୋର୍ଟ ତଦନ୍ତକୁ ଆହୁରି ବ୍ୟାପକ କରିବ ବୋଲି କୁହାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥାର ବୈଠକ ପୂର୍ବରୁ ଏହି ରିପୋର୍ଟ ପ୍ରକାଶ ପାଇଛି। କୋଭିଡ୍-୧୯ ଉତ୍ସକୁ ନେଇ ପରବର୍ତ୍ତୀ ପର୍ଯ୍ୟାୟ ତଦନ୍ତ ଉପରେ ଉକ୍ତ ବୈଠକରେ ଆଲୋଚନା ହେବା ଆଶା କରାଯାଉଛି।





## ର୍ୟାନାୟାର ବିମାନକୁ ଓହ୍ଲାଇଦେଲା ବେଲାରୁଷ୍

- ବିରୋଧୀ କର୍ମୀ ଗିରଫ
- ଅନ୍ତର୍ଜାତୀୟ ସ୍ତରରେ ଉତ୍ତେଜନା

**ମସ୍କୋ, ୨୪।୫**

ବେଲାରୁଷ୍ କର୍ତ୍ତୃପକ୍ଷ ଏକ ଯୁଦ୍ଧବିମାନରେ ପିଛା କରି ର୍ୟାନାୟାର ବ୍ୟବସାୟିକ ବିମାନକୁ ମିନ୍‌ସ୍କଠାରେ ଜବରଦସ୍ତ ଓହ୍ଲାଇଦେବା ସହ ସେଥିରେ ଥିବା ବେଲାରୁଷ୍‌ର ଜଣେ ଖବରଦାତା ତଥା ବିରୋଧୀ କର୍ମୀଙ୍କୁ ଗିରଫ କରିଛନ୍ତି। ଏହାକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଉତ୍ତେଜନା ପ୍ରକାଶ ପାଇବା ସହ ବିମାନକୁ ଜବରଦସ୍ତ ଓହ୍ଲାଇ ଦିଆଯିବା ପଛର ବୈଧତାକୁ ନେଇ ପ୍ରଶ୍ନ ଉଠିଛି। ବିମାନଟି ଏଥେନ୍ସରୁ ଲିଥୁଆନିଆର ଭିଲ୍‌ନିଅସ୍‌କୁ ଯାଉଥିବାବେଳେ ଏହାକୁ ବେଲାରୁଷ୍ ରାଜଧାନୀକୁ ନିଆଯାଇ ଅବତରଣ କରାଯାଇଥିଲା।

ର୍ୟାନାୟାର ମୁଖପାତ୍ରଙ୍କ କହିବା ଅନୁଯାୟୀ ବିମାନ ସୁରକ୍ଷା ପ୍ରତି ସମ୍ଭାବ୍ୟ ବିପଦ ଥିବା ନେଇ ବେଲାରୁଷ୍ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ପକ୍ଷରୁ ବିମାନ କର୍ତ୍ତୃପକ୍ଷଙ୍କୁ ଜଣାଇଦିଆଯିବା ସହ ଏହାକୁ ମିନ୍‌ସ୍କ ବିମାନବନ୍ଦରକୁ ନେବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ବିମାନରେ ବିସ୍ଫୋରକ ଥିବା ନେଇ ବେଲାରୁଷ୍ କର୍ତ୍ତୃପକ୍ଷ ସୂଚନା ପାଇବା ପରେ ମିଗ୍-୨୯ ଯୁଦ୍ଧବିମାନରେ ଏହାର ପିଛା କରି ମିନ୍‌ସ୍କଠାରେ ଅବତରଣ କରାଇବା ପାଇଁ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଲୁକାଶେନ୍ ନିର୍ଦ୍ଦେଶ ଦେଇଥିଲେ। ଯାଞ୍ଚ ପରେ ବିମାନରୁ କୌଣସି ବିସ୍ଫୋରକ ସାମଗ୍ରୀ ମିଳି ନ ଥିଲା। ଗିରଫ ୨୬ ବର୍ଷୀୟ ଖବରଦାତା ରୋମାନ ପ୍ରୋଟାସେଭିଚ୍ ପୋଲାଣ୍ଡର ଅନ୍‌ଲାଇନ ନ୍ୟୁଜ ସର୍ଭିସ ନେକ୍ସଟା ପାଇଁ କାର୍ଯ୍ୟ କରୁଥିଲେ। ଗତବର୍ଷ ବେଲାରୁଷ୍ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାରଙ୍କ ବିରୋଧରେ ଗଣ ବିକ୍ଷୋଭର ଫଟୋକୁ ଉକ୍ତ ନ୍ୟୁଜ୍ ସର୍ଭିସ ଟେଲିଗ୍ରାମ ମେସେଞ୍ଜର ଆପ୍ ଜରିଆରେ ପ୍ରସାରିତ କରିଥିଲା। ପ୍ରୋଟାସେଭିଚ୍‌ଙ୍କ ବିରୋଧରେ ଦଙ୍ଗା ସୃଷ୍ଟି ଅଭିଯୋଗ ଲଗାଇ ବେଲାରୁଷ୍ ତାଙ୍କୁ ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ରଖିଥିଲା ବୋଲି ଜଣାପଡ଼ିଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୬,୭୮,୦୮,୪୪୬ | ୩୪,୮୩,୭୧୧ | ୧୪,୮୯,୮୧,୫୯୫ |
| ଭାରତ | ୨,୬୯,୩୦,୨୨୦ | ୩,୦୬,୮୬୫ | ୨,୪୦,୨୨,୭୩୫ |
| ଓଡ଼ିଶା | ୭,୦୩,୪୪୧ | ୨୫୧୬(+୫୩) | ୬,୦୧,୨୨୪ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ୧୦ ଆଇଏଏସ୍, ଆଇପିଏସ୍‌ଙ୍କୁ ୫ ଜିଲା ଦାୟିତ୍ୱ

**ବାତ୍ୟା ମୁକାବିଲା**

- ପ୍ରାକ୍ ପ୍ରସ୍ତୁତି, ରିଲିଫ୍, ଥଇଥାନ ତଦାରଖ କରିବେ
- ସହଯୋଗ ପାଇଁ ବରିଷ୍ଠ ଯନ୍ତ୍ରୀଙ୍କୁ ଜିଲାକୁ ପଠାଗଲା

ଭୁବନେଶ୍ୱର,୨୪।୫(ବ୍ୟୁରୋ)

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୫ଟି ଉପକୂଳ ଜିଲା ପାଇଁ ୫ ବରିଷ୍ଠ ଆଇଏଏସ୍ ଏବଂ ୫ ଆଇପିଏସ୍ ଅଧିକାରୀଙ୍କୁ ନିୟୋଜିତ କରିଛନ୍ତି। ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମାଙ୍କୁ କେନ୍ଦ୍ରାପଡ଼ା ଜିଲାର ଦାୟିତ୍ୱ ଦିଆଯାଇଥିବାବେଳେ ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ରଙ୍କୁ ଜଗତ୍‌ସିଂହପୁର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ବୀର ବିକ୍ରମ ଯାଦବଙ୍କୁ ଭଦ୍ରକ, କ୍ରୀଡ଼ା ଓ ଯୁବସେବା ବ୍ୟାପାର ସଚିବ ବିଶାଳ ଦେବଙ୍କୁ ବାଲେଶ୍ୱର ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସ୍ୱତନ୍ତ୍ର ସଚିବ ସୁରେଶ କୁମାର ବଶିଷ୍ଠଙ୍କୁ ମୟୂରଭଞ୍ଜ ଜିଲା ଦାୟିତ୍ୱ ଦିଆଯାଇଛି। ସେହିପରି କେନ୍ଦ୍ରାପଡା ଜିଲା ପାଇଁ ଆଇପିଏସ୍ ଅଫିସର ଜେ. ଏନ. ପଙ୍କଜଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଅମିତାଭ ଠାକୁରଙ୍କୁ ଜଗତ୍‌ସିଂହପୁର, ଅମିତେନ୍ଦ୍ର ନାଥ ସିହ୍ନାଙ୍କୁ ଭଦ୍ରକ, ଦୀପ୍ତେଶ କୁମାର ପଟ୍ଟନାୟକଙ୍କୁ ବାଲେଶ୍ୱର ଏବଂ ଅନିରୁଦ୍ଧ କୁମାର ସିଂଙ୍କୁ ମୟୂରଭଞ୍ଜ ଜିଲାର ଦାୟିତ୍ୱ ଦିଆଯାଇଛି। ଏହି ଅଧିକାରୀମାନେ ଜିଲାରେ ପୂର୍ବ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା ସହ ବାତ୍ୟା ପରବର୍ତ୍ତୀ ସମୟରେ ଉଦ୍ଧାର, ରିଲିଫ୍ ଓ ଥଇଥାନ କାର୍ଯ୍ୟର ତଦାରଖ କରିବେ।

ସେହିପରି ବରିଷ୍ଠ ଯନ୍ତ୍ରୀମାନଙ୍କୁ ମଧ ବାତ୍ୟା ପ୍ରସ୍ତୁତି , ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ନିୟୋଜିତ କରାଯାଇଛି। ବାଲେଶ୍ୱର ଜିଲା ପାଇଁ ସର୍ବୋଚ୍ଚ ଯନ୍ତ୍ରୀ ଅନିଲକାନ୍ତ ତ୍ରିପାଠୀ, ଓଡ଼ିଶା ଗୃହ ନିର୍ମାଣ ବୋର୍ଡର ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ସାମଲଙ୍କୁ ଭଦ୍ରକ, ଇ-ପ୍ରୋକ୍ୟୁରମେଣ୍ଟ ମୁଖ୍ୟଯନ୍ତ୍ରୀ ଗୌରାଙ୍ଗ ସାହୁଙ୍କୁ ଜଗତ୍‌ସିଂହପୁର, ଆର.ଡି. ମୁଖ୍ୟଯନ୍ତ୍ରୀ ଜୀବନାନନ୍ଦ ନାୟକଙ୍କୁ କେନ୍ଦ୍ରାପଡ଼ା ଏବଂ କେନ୍ଦୁଝର ଏନ.ଏଚ. ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ବିଭୁଦେନ୍ଦ୍ର ମେହେରଙ୍କୁ ମୟୂରଭଞ୍ଜ ଜିଲା ପାଇଁ ନିୟୋଜିତ କରାଯାଇଛି। ସୋମବାର ଅପରାହ୍ଣ ୫ଟା ସୁଦ୍ଧା ସେମାନେ ନିଜ ନିଜ ଜିଲା ମୁଖ୍ୟାଳୟରେ ପହଞ୍ଚି ସେହି ଜିଲା ପାଇଁ ନିୟୋଜିତ ବରିଷ୍ଠ ଅଧିକାରୀମାନଙ୍କୁ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସହଯୋଗ ଲାଗି କେନ୍ଦ୍ର ପ୍ରସ୍ତୁତ

ଭୁବନେଶ୍ୱର, ୨୪।୫(ବ୍ୟୁରୋ)

'ୟାସ୍' ବାତ୍ୟା ଦ୍ୱାରା ଓଡ଼ିଶାରେ ପ୍ରଭାବିତ ହେବାକୁ ଥିବା ଜିଲାଗୁଡ଼ିକ ସମ୍ପର୍କରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଅବଗତ କରିବା ସହିତ ବାତ୍ୟା ସହ ଜଡ଼ିତ ବିଭିନ୍ନ ବିଷୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଲୋଚନା କରିଛନ୍ତି। କେନ୍ଦ୍ର ସରକାର ଏହି ବିପତ୍ତି ସମୟରେ ଓଡ଼ିଶା ସାଙ୍ଗରେ ଅଛନ୍ତି ଏବଂ ସମସ୍ତ ପ୍ରକାର ସମ୍ଭାବ୍ୟ ସହାୟତା ଏବଂ ସମ୍ପୂର୍ଣ୍ଣ ସହଯୋଗ ପାଇଁ ପ୍ରସ୍ତୁତ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଧର୍ମେନ୍ଦ୍ର ଟୁଇଟ୍ କରି କରିଛନ୍ତି। ଏଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ଼ିଶାର ଭଉଣୀ, ଭାଇ ଓ ଗୁରୁଜନମାନେ ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ସତର୍କତା ସୂଚନାକୁ ମାନିବା ପାଇଁ ଧର୍ମେନ୍ଦ୍ର ପରାମର୍ଶ ଦେଇଛନ୍ତି। ବାତ୍ୟା 'ୟାସ୍' ପ୍ରଭାବରେ କାହାର କିଛି କ୍ଷତି ନ ହେଉ, ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ବୋଲି ଧର୍ମେନ୍ଦ୍ର କହିଛନ୍ତି।

**ଟୁଇଟ୍ କରି ସୂଚନା ଦେଲେ ଧର୍ମେନ୍ଦ୍ର**

ସେହିପରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଅଧ୍ୟକ୍ଷତାରେ ବାତ୍ୟା ୟାସ୍ ଦ୍ୱାରା ପ୍ରଭାବିତ ହେବାକୁ ଥିବା ୫ଟି ରାଜ୍ୟର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି। ସ୍ଥାନୀୟ ପ୍ରଶାସନ ଏବଂ ସରକାରଙ୍କ ସହ ମିଳିତ ସହଯୋଗରେ କାମ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। କେନ୍ଦ୍ର ସରକାରଙ୍କୁ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଛନ୍ତି।

## ସଂକ୍ଷେପରେ

### ବସ୍ ଉପରୁ ୨ ମାସ ଟିକସ ଛାଡ଼

**ଭୁବନେଶ୍ୱର,୨୪।୫(ବ୍ୟୁରୋ):** କୋଭିଡ୍-୧୯ ମହାମାରୀ ଯୋଗୁ ପରିବହନ ସେବା ବିପର୍ଯ୍ୟସ୍ତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଘରୋଇ ବସ୍‌ଗୁଡ଼ିକ ଉପରୁ ଏପ୍ରିଲ ଓ ମେ ମାସ ଲାଗି ଟିକସ ଛାଡ଼ କରିଛନ୍ତି। ଏ ନେଇ ସୋମବାର ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବସ୍ ଚାଲୁ ନ ଥିବା ଯୋଗୁ ମାଲିକମାନେ ବହୁ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଏହା ଉପରେ ନିର୍ଭର କରୁଥିବା ୪୫ ହଜାର ଲୋକ ନିଜର ଜୀବିକା ହରାଇଛନ୍ତି। ବସ୍ ଚାଲୁ ନ ଥିବାରୁ ମାଲିକମାନେ ଋଣ କିସ୍ତି ଶୁଝିବା ଓ ବୀମା ଦେବା ନେଇ ସମସ୍ୟାରେ ପଡିଛନ୍ତି। ଟିକସ ଛାଡ଼ କରିବାକୁ ରାଜ୍ୟ ବସ୍ ମାଲିକ ସଂଘ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲା। ପରିସ୍ଥିତିକୁ ବିଚାରକୁ ନେଇ ସରକାର ଟିକସ ଛାଡ଼ କରିଛନ୍ତି। ଏଥିସହିତ ଶିକ୍ଷାନୁଷ୍ଠାନ ବସ୍‌ଗୁଡିକରୁ ମଧ ଟିକସ ଛାଡ଼ କରାଯାଇଛି।

### ୩ ଜିଲାରେ ୩ ଦିନ ଟିକା, ସର୍ଭେ ବନ୍ଦ

**ଭୁବନେଶ୍ୱର, ୨୪।୫(ବ୍ୟୁରୋ):** ବାତ୍ୟା 'ୟାସ୍'କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତିନୋଟି ଜିଲାରେ କୋଭିଡ୍-୧୯ ଟେଷ୍ଟିଂ, ଟିକାକରଣ ଓ ଘରକୁ ଘର ସର୍ଭେ ବାତିଲ କରିଛନ୍ତି। ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲାରେ ୨୫ରୁ ୨୭ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟ ବନ୍ଦ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ସେହିପରି କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ କେନ୍ଦୁଝର ଜିଲାରେ ଜିଲାପାଳମାନେ ନିଷ୍ପତ୍ତି ନେବେ ବୋଲି ବିଭାଗ କହିଛି। ଏହି ୩ ଜିଲାର ଯେଉଁ ଅଞ୍ଚଳ ବାତ୍ୟାରେ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି ସେଠାରେ ସ୍ଥାନୀୟ ଜିଲାପାଳ ଟେଷ୍ଟିଂ, ଟିକାକରଣ ଓ ଘରକୁ ଘର ସର୍ଭେ ବାତିଲ କରିବା ପାଇଁ ନିଷ୍ପତ୍ତି ନେଇପାରିବେ।

### ସପନ ଜେନା ବିଏସ୍‌ଇ କଣ୍ଟ୍ରୋଲର

**ଜଗତ୍‌ସିଂହପୁର ଅଫିସ, ୨୪।୫:** ଜଗତ୍‌ସିଂହପୁର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସପନ କୁମାର ଜେନାଙ୍କୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ପରୀକ୍ଷା ନିୟନ୍ତ୍ରକ (କଣ୍ଟ୍ରୋଲର) ଭାବେ ପଦୋନ୍ନତି ଦିଆଯାଇଛି। ଏ ସମ୍ପର୍କରେ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେହିପରି ରଘୁନାଥପୁର ବିଇଓ ରାଜଶ୍ରୀ ସାହୁଙ୍କୁ ତାଙ୍କ ସ୍ଥାନରେ ଏଡିଇଓ ଭାବେ ଅବସ୍ଥାପିତ କରାଯାଇଛି। ଅସୁରେଶ୍ୱର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପରେଶ କୁମାର ପାତ୍ରଙ୍କୁ ମଧ ଅନ୍ୟତମ ଏଡିଇଓ ଭାବେ ପଦୋନ୍ନତି ଦିଆଯାଇଛି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ(ଡିଇଓ) ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି।

### ସମସ୍ତଙ୍କ ରାପିଡ୍ ଆଣ୍ଟିଜେନ ଟେଷ୍ଟିଂ

ଭୁବନେଶ୍ୱର, ୨୪।୫(ବ୍ୟୁରୋ): ବାତ୍ୟା 'ୟାସ୍' ସ୍ଥଳଭାଗ ଛୁଇଁବାବେଳେ ପବନ ବେଗ ସର୍ବାଧିକ ୧୮୫ କି.ମି. ରହିବ ବୋଲି ଆକଳନ କରାଯାଉଛି। ଏହା ପ୍ରଭାବରେ ବିଦ୍ୟୁତ ସେବା ବହୁ କ୍ଷତିଗ୍ରସ୍ତ ହେବ। ବାତ୍ୟା ପରବର୍ତ୍ତୀ ବିଦ୍ୟୁତ୍ ପୁନରୁଦ୍ଧାର ପାଇଁ ଟିପିସିଓଡିଏଲ୍ ଓ ଟିପିଏନ୍‌ଓଡିଏଲ୍ ୧୦ହଜାରରୁ ୧୨ହଜାର କର୍ମଚାରୀ ଓ ଶ୍ରମିକଙ୍କୁ ନିୟୋଜିତ କରିଛି। ପୁନରୁଦ୍ଧାର କାର୍ଯ୍ୟ ଯେପରି ସୁରୁଖୁରୁରେ ହେବ, ନିୟୋଜିତ ଲୋକେ ଯେପରି କରୋନା ସଂକ୍ରମଣ ନ ହୁଅନ୍ତି ସେଥିପାଇଁ ପ୍ରାକ୍ ସାବଧାନତା ଅବଲମ୍ବନ କରିବାକୁ ପଡ଼ିବ। ତେଣୁ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ସମସ୍ତଙ୍କ ପାଇଁ ରାପିଡ୍ ଆଣ୍ଟିଜେନ ଟେଷ୍ଟିଂ ବ୍ୟବସ୍ଥା କରିବାକୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ଏ ନେଇ ସୋମବାର ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି।



ବାତ୍ୟାକୁ ଦୃଷ୍ଟିରେ ରଖି ରେଡ୍‌କ୍ରସ ସ୍ୱେଚ୍ଛାସେବୀମାନେ ସୋମବାର ଭୁବନେଶ୍ୱରସ୍ଥିତ ରେଡ୍‌କ୍ରସ ଭବନରେ ବିପନ୍ନଙ୍କ ଉଦ୍ଦେଶ୍ୟରେ ଶୁଖିଲା ଖାଦ୍ୟ ପୁଡ଼ିଆ ପ୍ରସ୍ତୁତ କରୁଛନ୍ତି।


ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସୃଷ୍ଟିକର୍ତ୍ତାଙ୍କ ଅପୂର୍ବ ଦାନ ଆମର ପିତା ଧୁନ୍ଦୁ (ରାଧାକାନ୍ତ ପଟ୍ଟନାୟକ)ଙ୍କର ହସଖୁସି, ପରୋପକାର, ପ୍ରେମ ଓ ଶାନ୍ତିର ଜୀବନଧାରାର ଅବସାନ କରି ପ୍ରଭୁ ତାଙ୍କୁ ସ୍ୱର୍ଗୀୟ ଜଗତକୁ ନେଇଯାଇଛନ୍ତି ।

ଆମେ ତାଙ୍କର ଆତ୍ମୀୟ, ବନ୍ଧୁବାନ୍ଧବ, ସାଥୀ ଓ ସହକର୍ମୀ ସମସ୍ତେ ପ୍ରଭୁଙ୍କ ପାଖରେ ପ୍ରାର୍ଥନା କରୁଅଛୁ, ଯେ ତାଙ୍କର ପବିତ୍ର ଆତ୍ମାକୁ ଆନନ୍ଦ ଓ ଶାନ୍ତି ଦିଅନ୍ତୁ ।



ଶୋକସନ୍ତପ୍ତ
ବନ୍ଧୁ ଓ ପରିବାରବର୍ଗ

୰ ରାଧାକାନ୍ତ ପଟ୍ଟନାୟକ
ଆବିର୍ଭାବ: ତା୨୭।୧୦।୧୯୫୮ରିଖ ତିରୋଧାନ: ତା୧୭।୦୫।୨୦୨୧ରିଖ



ଦ୍ୱାଦଶାହ ଉପଲକ୍ଷେ
ମା' ଚାଲିଗଲେ



ଶ୍ରୀମତୀ ଶ୍ରୀମନ୍ତୀନୀ ଦ୍ୱିବେଦୀ
ଆବିର୍ଭାବ ୨୫.୦୮.୧୯୩୬ ତିରୋଧାନ ୧୪.୦୫.୨୦୨୧

ଶ୍ରୀମନ୍ତିନୀ ଦ୍ୱିବେଦୀଙ୍କ ସ୍ନେହ, ଶ୍ରଦ୍ଧା ଓ ପରକୁ ଆପଣାର କରିବାର ଆନ୍ତରିକତା ଯେପରି ଅତୁଟ ଥିଲା, ଅନୁଶାସନ ସେପରି କଠୋର ଥିଲା। ଗାଁ ଓ ସାହିର ପିଲାମାନଙ୍କ ପାଠ ପ୍ରତି ଆଗ୍ରହ ବଢ଼ାଇବା, ସ୍ୱାମୀ ସ୍ତ୍ରୀଙ୍କ ମଧରେ କଳହ ଦୂର କରିବା, ସ୍ତ୍ରୀ ଉପରକୁ ହାତ ଉଠାଉଥିବା ପୁରୁଷମାନଙ୍କୁ ଲକ୍ଷ୍ମୀଛଡ଼ା, ସବାଖିଆ ଭଳି ଗାଳିକୁ ମଧ ସେଠାରେ ଲୋକମାନେ ଚର୍ଚ୍ଚା କରୁଥିଲେ। ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ପିଲାରୁ ବୁଢ଼ା ଯାଏଁ ତାଙ୍କ ସହିତ କଟାଇଥିବା ମୁହୂର୍ତ୍ତକୁ ବାଷ୍ପରୁଦ୍ଧ କଣ୍ଠରେ ଯେପରି ବଖାଣୁଥିଲେ ପୁରାଣ କି ଇତିହାସ ପାଲଟିଯିବ। ସେହି ମହାନ୍ ଆତ୍ମାଙ୍କୁ ତାଙ୍କର ଦ୍ୱାଦଶାହ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେବା ସଙ୍ଗେ ସଙ୍ଗେ ଈଶ୍ୱରଙ୍କଠାରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଅଛି।

ସୋମନାଥ ପତି
ଅଧାପକ, ଓଡ଼ିଆ ବିଭାଗ, ମା' ତାରିଣୀ ମହାବିଦ୍ୟାଳୟ, ପାଣିକୋଇଲି, ଯାଜପୁର


# ୭୨ ଓଇଏସ୍ ଅଧିକାରୀଙ୍କ ପଦୋନ୍ନତି

**ଭୁବନେଶ୍ୱର, ୨୪।୫(ବ୍ୟୁରୋ)–** ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଓଡ଼ିଶା ଶିକ୍ଷା ସେବା (ଓଇଏସ୍) ଅନ୍ତର୍ଗତ ବିଭିନ୍ନ ବର୍ଗର ୭୨ଜଣ ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଛି। ଏ ନେଇ ସୋମବାର ବିଭାଗ ପକ୍ଷରୁ ଦୁଇଟି ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ସଂଖ୍ୟା ୯୭୩୮ ଅନୁସାରେ, ଓଡ଼ିଶା ଶିକ୍ଷା ସେବା ପ୍ରଥମ ଶ୍ରେଣୀ କନିଷ୍ଠ ବର୍ଗରୁ ୬୩ ଜଣ ଯୋଗ୍ୟ ଅଧିକାରୀଙ୍କୁ ପରବର୍ତ୍ତୀ ପଦୋନ୍ନତି ସ୍ତର ଓଡ଼ିଶା ଶିକ୍ଷା ସେବା ପ୍ରଥମ ଶ୍ରେଣୀ ବରିଷ୍ଠକୁ ପଦୋନ୍ନତି ଦିଆଯାଇଛି। ଏମାନଙ୍କୁ ବିଭିନ୍ନ ଜିଲାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବା ବିଭାଗର ବିଭିନ୍ନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ବିଜ୍ଞପ୍ତି ସଂଖ୍ୟା ୯୭୪୭ ଅନୁସାରେ, ଓଡ଼ିଶା ଶିକ୍ଷା ସେବା ପ୍ରଥମ ଶ୍ରେଣୀ ବରିଷ୍ଠ ବର୍ଗରୁ ୯ଜଣ ଯୋଗ୍ୟ ଅଧିକାରୀଙ୍କୁ ପରବର୍ତ୍ତୀ ପଦୋନ୍ନତି ସ୍ତର ଓଡ଼ିଶା ଶିକ୍ଷା ସେବା ସୁପର ଟାଇମ୍ ସ୍କେଲକୁ ପଦୋନ୍ନତି କରାଯାଇଛି। ଏମାନଙ୍କୁ ବିଭିନ୍ନ ଜିଲାରେ ଜିଲା ଶିକ୍ଷା ଅଧିକାରୀ ଅଥବା ବିଭାଗର ବିଭିନ୍ନ ନିର୍ଦ୍ଦେଶାଳୟରେ ଯୁଗ୍ମ ନିର୍ଦ୍ଦେଶକ ବା ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାରେ ପରୀକ୍ଷା ନିୟନ୍ତ୍ରକ ଭାବେ ଅବସ୍ଥାପିତ କରାଯାଇଛି।

# ୧୫ ରାଜ୍ୟକୁ ଅକ୍ସିଜେନ୍ ଯୋଗାଉଛି ଓଡ଼ିଶା

**କଟକ ଅଫିସ, ୨୪।୫–** ଦେଶରେ କରୋନା ସଂକ୍ରମଣ ସଂଖ୍ୟା ଦିନକୁ ଦିନ ବଢିଚାଲିଛି। ଫଳରେ ଚିକିତ୍ସା ପାଇଁ ବହୁ ସଂଖ୍ୟକ ରୋଗୀ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି। ଏହାଦ୍ୱାରା ବିଭିନ୍ନ ରାଜ୍ୟର ମେଡିକାଲରେ ଅକ୍ସିଜେନ ଅଭାବ ଦେଖାଦେଇଛି। ଏଭଳି ସମୟରେ ଓଡ଼ିଶାରୁ ଦେଶର ୧୫ଟି ରାଜ୍ୟ (ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ହରିୟାଣା, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ତାମିଲନାଡୁ, ପଞ୍ଜାବ, ଛତିଶଗଡ଼, ଦିଲ୍ଲୀ, ବିହାର, ରାଜସ୍ଥାନ, କର୍ନାଟକ, ଚଣ୍ଡିଗଡ଼, କେରଳ)କୁ ମେଡ଼ିକାଲ ଅକ୍ସିଜେନ ଯୋଗାଣ ଜାରି ରହିଛି। ବିଶେଷକରି ରାଉରକେଲା, ଯାଜପୁର, ଢେଙ୍କାନାଳ ଏବଂ ଅନୁଗୋଳ ଜିଲାରୁ ଗତ ୨୮ ଦିନ ମଧ୍ୟରେ ଉପରୋକ୍ତ ରାଜ୍ୟଗୁଡ଼ିକୁ ପୋଲିସ ସୁରକ୍ଷା ବଳରେ ୧୧୨୪ ଟ୍ୟାଙ୍କର ଓ କଣ୍ଟେନରରେ ମେଡିକାଲ ଅକ୍ସିଜେନ ଯୋଗାଯାଇଛି। ଆନ୍ଧ୍ରପ୍ରଦେଶକୁ ୩୪୮ ଟ୍ୟାଙ୍କରରେ ୬୮୪୮.୯୧୪ ଟନ୍, ତେଲଙ୍ଗାନାକୁ ୨୮୬ ଟ୍ୟାଙ୍କରରେ ୪୮୯୨.୭୯୯ ଟନ୍, ତାମିଲନାଡୁକୁ ୮୪ ଟ୍ୟାଙ୍କରରେ ୧୫୦୧.୯୩୭ ଟନ୍, ହରିୟାଣାକୁ ୧୫୯ ଟ୍ୟାଙ୍କରରେ ୨୯୧୯.୬୧୩ ଟନ୍, ମହାରାଷ୍ଟ୍ରକୁ ୪୧ ଟ୍ୟାଙ୍କରରେ ୬୬୦.୦୫୧ ଟନ୍, ଛତିଶଗଡ଼କୁ ୩୮ ଟ୍ୟାଙ୍କରରେ ୬୧୩.୪୦୧ ଟନ୍, ଉତ୍ତରପ୍ରଦେଶକୁ ୫୮ ଟ୍ୟାଙ୍କରରେ ୧୧୫୪.୮୯୨ ଟନ୍, ମଧ୍ୟପ୍ରଦେଶକୁ ୬୫ ଟ୍ୟାଙ୍କରରେ ୧୧୪୭.୭୬ ଟନ୍, ଦିଲ୍ଲୀକୁ ୨୨ ଟ୍ୟାଙ୍କରରେ ୪୧୦.୨୪ ଟନ୍, ପଞ୍ଜାବକୁ ୪ ଟ୍ୟାଙ୍କରରେ ୧୦୭.୮୯ ଟନ୍, କର୍ନାଟକକୁ ୮ ଟ୍ୟାଙ୍କରରେ ୧୫୧.୧୨ ଟନ୍, ବିହାରକୁ ୩ ଟ୍ୟାଙ୍କରରେ ୬୬.୧୪ ଟନ୍, ଚଣ୍ଡିଗଡ଼କୁ ୨ ଟ୍ୟାଙ୍କରରେ ୨୫.୨୯ ଟନ୍, କେରଳକୁ ୪ ଟ୍ୟାଙ୍କରରେ ୭୩.୧୬ ଟନ୍, ରାଜସ୍ଥାନକୁ ୨ ଟ୍ୟାଙ୍କରରେ ୩୯.୪୨ ଟନ୍ ମେଡିକାଲ ଅକ୍ସିଜେନ ପଠାଯାଇଛି ବୋଲି ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ସୋମବାର ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।


AAP INSAAN HAIN, BHAGWAN NAHIN



MASK THEEK SE PEHENIYE

Issued in public interest by
CII
Confederation of Indian Industry


# ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ମୃତ୍ୟୁ ହେଲେ ମିଳିବ ୧୦ ଲକ୍ଷ

ଭୁବନେଶ୍ୱର,୨୪।୫(ବ୍ୟୁରୋ)

**ଓପିଟିସିଏଲ୍‌ର ଘୋଷଣା**

ଆସନ୍ତା ୨୬ ତାରିଖରେ ବାତ୍ୟା ୟାସ୍ ଓଡ଼ିଶା ଉପକୂଳ ଅତିକ୍ରମ କରିବା ସମ୍ଭାବନା ରହିଛି। ବାତ୍ୟା ଯୋଗୁ ବିଦ୍ୟୁତ୍ ଭିତ୍ତିଭୂମି କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ୍ (ଓପିଟିସିଏଲ୍) ପକ୍ଷରୁ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ପାଇଁ ସୋମବାର ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ବାତ୍ୟା ପରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରିବାକୁ ଓପିଟିସିଏଲ୍ କର୍ମଚାରୀ ନିୟୋଜିତ ହେବେ । ଏହି ସମୟରେ ଯଦି କୌଣସି କର୍ମଚାରୀଙ୍କ ମୃତ୍ୟୁ ହୁଏ ତେବେ ସମ୍ପୃକ୍ତ ବିଦ୍ୟୁତ୍ କର୍ମଚାରୀଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ। ସେହିପରି ଯଦି ବାତ୍ୟା ମୁକାବିଲା ସମୟରେ କୌଣସି କର୍ମଚାରୀ ଆହତ ହେଲେ ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ଓପିଟିସିଏଲ୍ ବହନ କରିବ । ଏଥିସହ ସରକାରୀ ନିୟମ ଅନୁସାରେ ଅନ୍ୟ ଯୋଜନାରେ ମଧ କର୍ମଚାରୀମାନେ ଲାଭବାନ ହେବେ ବୋଲି ଓପିଟିସିଏଲ୍ ପକ୍ଷରୁ ଘୋଷଣା କରାଯାଇଛି।

**ଆଜିର ମନ୍ତବ୍ୟ**

"ଦିଲ୍ଲୀ ସରକାରଙ୍କ ଟିକା ଗ୍ଲୋବାଲ ଟେଣ୍ଡରକୁ ମଡର୍ନା ଓ ଫାଇଜର ପ୍ରତ୍ୟାଖ୍ୟାନ କରିବା ଏକ ଗୁରୁତର ଚ୍ୟାଲେଞ୍ଜ ସୃଷ୍ଟି କରିଛି। କେନ୍ଦ୍ର ସରକାର ଏହାର ସମାଧାନ କରନ୍ତୁ।
—ମନୀଷ ସିସୋଡିଆ, ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ

# ମାଡ଼ି ଆସିଲେ, କିଛି ମାନିଲେନି

**ଭୁବନେଶ୍ୱର,(ବ୍ୟୁରୋ)/ କଟକ ଅଫିସ,୨୪।୫**

କରୋନା ପାଇଁ ସାରା ରାଜ୍ୟରେ ଲକ୍‌ଡାଉନ୍ କଟକଣା ଜାରି ରହିଛି। ଏଭଳି ସଙ୍କଟଜନକ ସ୍ଥିତିରେ ଓଡ଼ିଶାକୁ ବାତ୍ୟା ବିପଦ ମାଡ଼ି ଆସୁଛି। ୨୬ ତାରିଖ ସକାଳେ ବାତ୍ୟା 'ୟାସ୍' ଉପକୂଳ ଛୁଇଁବ। କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଓ ଜଗତ୍‌ସିଂହପୁରରେ ଅଧିକ କ୍ଷୟକ୍ଷତି ଘଟାଇବା ସହ ଆଖପାଖ ଜିଲାରେ ପବନ ସହ ବର୍ଷା ବି ହେବ। ଏହାକୁ ନେଇ ଲୋକେ ଛାନିଆ ହୋଇପଡିଛନ୍ତି। ଭୟରେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା ପାଇଁ ଲାଗିପଡିଛନ୍ତି। ଶନିବାର ଓ ରବିବାର ଶଟ୍‌ଡାଉନ୍ ଥିଲା। ସୋମବାର ସକାଳ ହେବାମାତ୍ରେ କଟକ ଓ ଭୁବନେଶ୍ୱରର ଲୋକେ କିଛି କଟକଣା ନ ମାନି ସିଧା ବଜାର ଧାଇଁଥିଲେ। ବିଭିନ୍ନ କଲୋନୀରୁ ଦଳଦଳ ହୋଇ ରାସ୍ତାକୁ ମାଡ଼ି ଆସିଥିଲେ। ଚାଲିଚାଲି ଆସି ପରିବା ଓ ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ନିୟମ ରହିଥିଲେ ମଧ ଅଧିକାଂଶ ଗାଡିମୋଟରରେ ଆସି ହାଟ ବଜାରରେ ଭିଡ଼ ଜମାଇଥିଲେ। କିଣାକିଣି ସମୟରେ କାହା ମଧରେ ସାମାଜିକ ଦୂରତ୍ୱ ନ ଥିଲା। କେତେଜଣଙ୍କ ମୁହଁରେ ବି ମାସ୍କ ନ ଥିଲା। ଲୋକଙ୍କ ଏଭଳି ଆତଙ୍କିତ ଅବସ୍ଥା ଦେଖି ବିଭିନ୍ନ ସ୍ଥାନରେ ଜଗି ରହିଥିବା ପୋଲିସ ବି ହାତ ଟେକି ଦେଇଥିଲା। ଅଳ୍ପ କେତେକ ସ୍ଥାନରେ ପୋଲିସ ଗାଡ଼ି ଅଟକାଇ ଯାଞ୍ଚ କରିଥିଲେ ମଧ ଅଧିକାଂଶ ସ୍ଥାନରେ ସହାନୁଭୂତି ଦେଖାଉଥିବା ଦେଖିବାକୁ ମିଳିଥିଲା।

ସେହିପରି କଟକରେ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ପରିବା ଓ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ମାଲଗୋଦାମ, ଓଏମ୍‌ପି ଫିଲ୍ଡ, ବାଦାମବାଡି ଓ ସିଡ଼ିଏ ପେଟାନାଳ ରୋଡ୍ ସମେତ ଅନେକ ସ୍ଥାନରେ ଭିଡ ଜମିଥିଲା। ଏଥିପାଇଁ ସହରର ବାଦାମବାଡି, ଦୋଳମୁଣ୍ଡାଇ, ରାଣୀହାଟ, ଚୌଧୁରୀବଜାର, ମଙ୍ଗଳାବାଗ ଆଦି ମୁଖ୍ୟରାସ୍ତା ସମେତ ଅନେକ ସ୍ଥାନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା।

ସରକାର ବାତ୍ୟା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଓ ଅତ୍ୟାବଶ୍ୟକ ଜିନିଷ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଥିବା ବାରମ୍ବାର ସୂଚନା ଦିଆଯାଉଛି। ଏଥିସହ ସୋମବାର ଓ ମଙ୍ଗଳବାର ଏସବୁ ସାମଗ୍ରୀ କିଣାକିଣି ପାଇଁ କଟକଣାକୁ କୋହଳ କରାଯାଇଛି।



ବାତ୍ୟା ଭୟରେ ଆଳୁ ପିଆଜ କିଣିବାକୁ ଭୁବନେଶ୍ୱରର ଏକ ପରିବା ହାଟରେ ଲୋକଙ୍କ ଭିଡ଼।

- ବାତ୍ୟା ଭୟରେ ମାର୍କେଟରେ ଅସମ୍ଭାଳ ଭିଡ଼
- ସକାଳ ୭ଟାରୁ ମଧାହ୍ନ ୧ଟା ପର୍ଯ୍ୟନ୍ତ ଚାଲିଲା ହାଟ

ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ପରିବର୍ତ୍ତେ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହାସତ୍ତ୍ୱେ ସଚେତନ ନାଗରିକ ରହୁଥିବା ଦ୍ୱୈତନଗରୀରେ ଏଭଳି ଭିଡ଼କୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି।

## ହାଟ ସ୍ଥିତି ଅସମ୍ଭାଳ, ଦାମ୍ ଭିଡ଼ିନେଲେ ବେପାରୀ

ରାସ୍ତାପାର୍ଶ୍ୱ ଅପେକ୍ଷା ହାଟର ସ୍ଥିତି ଅସମ୍ଭାଳ ହୋଇପଡିଥିଲା। ରାଜଧାନୀର ପ୍ରମୁଖ ହାଟ କୁହାଯାଉଥିବା ୧ନମ୍ବର ହାଟରେ ଅବସ୍ଥା ଅଣାୟତ୍ତ ହୋଇପଡିଥିଲା। ସାଇକେଲ, ଦୁଇଚକିଆ ଯାନ ସହିତ ଡାଲା ଅଟୋରେ ପରିବା କିଣି ନେଇ ଯାଉଥିବା ଦେଖାଯାଇଥିଲା। ଡିମାଣ୍ଡ ଦେଖି ବ୍ୟବସାୟୀମାନେ ଚଢା ଦରରେ ପରିବା ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ମୁତୟନ ଥିବା ପୋଲିସ ବାରମ୍ବାର ତାଗିଦ୍ କରୁଥିଲେ ବି ଲୋକେ ଓ ବ୍ୟବସାୟୀ କିଛି ଶୁଣି ନ ଥିଲେ। ସେହିଭଳି ୟୁନିଟ୍ ୪ ହାଟ, ପଳାଶୁଣୀ ହାଟ, ଝାରପଡା ଗଣେଶ ମଣ୍ଡପସ୍ଥିତ ଅସ୍ଥାୟୀ ହାଟ, ରସୁଲଗଡ ହାଟ ସବୁଠାରେ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସମାନ ସ୍ଥିତି ଲାଗି ରହିଥିଲା। ପରିବା ଓ ରାଶନ ଦୋକାନରେ ଅଧିକ ଭିଡ଼ ହୋଇଥିଲା। ଲୋକେ ଠେଲାପେଲା ହୋଇ କିଣାକିଣି କରୁଥିଲେ। ସୋମବାର ପାଇଁ ଅଧିକାଂଶ ଆମିଷ ଦୋକାନ ବନ୍ଦ ଥିବାବେଳେ ଖୋଲିଥିବା କେତେକ ଦୋକାନରେ ଗ୍ରାହକ ଭିଡ ଲଗାଇଥିଲେ।

## ଜେନେରେଟର ଦୋକାନ ଚଳଚଞ୍ଚଳ

ପବନ ସହ ବର୍ଷା ହେଲେ ବିଦ୍ୟୁତ୍ ବିଭ୍ରାଟ ହେବାର ଆଶଙ୍କା ରହିଛି। ତେଣୁ ବିଭିନ୍ନ ବିଦ୍ୟୁତ୍ ଓ ଜେନେରେଟର ଦୋକାନରେ ଲୋକଙ୍କ ଧାଡ଼ି ଲାଗିଥିଲା। ଜେନେରେଟର ସଜାଡିବାଠାରୁ ଆରମ୍ଭ କରି ଟର୍ଚ୍ଚ ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କିଣାକିଣି କରିବାରୁ ସେସବୁ ଦୋକାନ ବେଶ୍ ଚଳଚଞ୍ଚଳ ରହିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ଗଛର ଶିଅ,
ବୁଢା ଆଗେ ବୁଢ଼ୀ ସକେଇ କାନ୍ଦେ
ଖଡୁ ବଦଳେଇ ଦିଅ।**

ସ୍ତ୍ରୀର ହାନିଲାଭ ସ୍ୱାମୀ ବୁଝିଥାଏ। ତାର ସବୁ ଆବଶ୍ୟକତା ଦେଖିଚାହିଁ ପୂରଣ କରିଥାଏ। ଗହଣାଗାଣ୍ଠି ପ୍ରତି ନାରୀଙ୍କ ମନରେ ଦୁର୍ବଳତା ରହିବା ସ୍ୱାଭାବିକ। ବୁଢ଼ାବୁଢ଼ୀ ହେଲେ ବି ସୁଆଗତ ରହିଛି! ଏପରିସ୍ଥଳେ ନୂଆ ଖଡୁ ହଳେ କିଣି ଦେବାକୁ ନେଇ ସ୍ୱାମୀ ପାଖେ ଅଳି କରିବସିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆ କୁରାଢ଼ି
ବେକରେ ବସ୍।**

ଅଯଥାରେ ବିପଦକୁ ଡାକି ଆଣିବା। ଜାଣିଶୁଣି ହାଣମୁହଁକୁ ଯିବା ବା ନିଜେ ନିଜ ପାଇଁ ଅସୁବିଧା ସୃଷ୍ଟି କରିବସିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ସିବିଆଇ ମୁଖ୍ୟ ଲାଗି ସଂକ୍ଷିପ୍ତ ତାଲିକାରେ ୩ ଅଧିକାରୀ

**ନୂଆଦିଲ୍ଲୀ, ୨୪।୫**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ପରବର୍ତ୍ତୀ ମୁଖ୍ୟ ଚୟନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ଏହି ବୈଠକରେ ପ୍ରଧାନ ବିଚାରପତି ଏନ୍.ଭି. ରମାନା ଏବଂ ବିରୋଧୀ ଦଳ ନେତା ଅଧୀର ରଞ୍ଜନ ଚୌଧୁରୀ ଯୋଗ ଦେଇଥିଲେ। ଏଥିରେ ୩ ଜଣଙ୍କ ନାମ ଶର୍ଟଲିଷ୍ଟ ହୋଇଛି। ତେବେ ଚୟନ ପ୍ରକ୍ରିୟାକୁ ନେଇ ଅଧୀର ପ୍ରତିବାଦ ଜଣାଇଥିଲେ। ସଂକ୍ଷିପ୍ତ ତାଲିକାରେ ଥିବା ଅଧିକାରୀମାନେ ହେଲେ ଉତ୍ତରପ୍ରଦେଶ ପୋଲିସ ଡିଜି ଏଚ୍.ସି. ଅୱସ୍ଥି, ସଶସ୍ତ୍ର ସୀମା ବଳ ମହାନିର୍ଦ୍ଦେଶକ କେ.ଆର୍. ଚନ୍ଦ୍ରା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସ୍ୱତନ୍ତ୍ର ସଚିବ (ଆଭ୍ୟନ୍ତରୀଣ ସୁରକ୍ଷା) ଭି.ଏସ୍.କେ. କୌମୁଦୀ।

## ୩୦୦ ଲୋକଙ୍କୁ ଗାଁରୁ ତଡ଼ିଦେଲେ

**ପାଟଣା, ୨୪।୫ (ସ୍ୱ. ପ୍ର.)**

ବାହାର ରାଜ୍ୟରୁ ଆସି ୩୦୦ ଲୋକ କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧୀନ ମୂଷାଖରୀ ପଞ୍ଚାୟତ ମଲ୍ଲୀପଶି ଗାଁରେ ରହୁଥିଲେ। ସୋମବାର ଏସ୍‌ଏଚ୍‌ଜିର ମହିଳା ଓ କେତେକ ଯୁବକ ସେମାନଙ୍କୁ ଗାଁରୁ ତଡ଼ି ଦେଇଛନ୍ତି। ଏହି ଲୋକେ ବାହାରୁ ଆସି ରହୁଥିବା ବେଳେ ଅପରିଷ୍କାର ଯୋଗୁ ସଂକ୍ରମଣ ଆଶଙ୍କାରେ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ଫଳରେ ଏହି ଲୋକେ ସନ୍ଧ୍ୟାରେ ମଲ୍ଲୀପଶି ଛାଡ଼ି ନିଜ ନିଜ ଗାଡ଼ିରେ ପଳାଇଥିବା ବେଳେ ଆଉ କେତେଜଣଙ୍କ ପାଇଁ ସରପଞ୍ଚ ଭାମାମଣି ଦାସ ଗାଡ଼ି ବ୍ୟବସ୍ଥା କରାଇଥିବା ଜଣାପଡ଼ିଛି।

## ୨୬ ମଧାହ୍ନରେ....

ପିଟିହେବ ବୋଲି ଆଇଏମ୍‌ଡି ଡାଇରେକ୍ଟର ଜେନେରାଲ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ୟାସ୍ ପ୍ରଭାବରେ ୨୫ ତାରିଖ ରାତିରୁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ, ଖୋର୍ଦ୍ଧା ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ମୟୂରଭଞ୍ଜ, ଢେଙ୍କାନାଳ ଏବଂ ଗଞ୍ଜାମ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ୨୬ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ମୟୂରଭଞ୍ଜ, କେନ୍ଦୁଝର ଜିଲାରେ ପ୍ରବଳରୁ ଅତି ପ୍ରବଳ ଏବଂ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ , କେନ୍ଦ୍ରାପଡ଼ା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏପରିକି କେତେକ ସ୍ଥାନରେ ୩୦ ସେଣ୍ଟିମିଟରରୁ ଅଧିକ ବର୍ଷା ହେବା ନେଇ ଚେତାବନୀ ଦିଆଯାଇଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ରେଡ୍‌ୱାର୍ଣ୍ଣିଂ ଜାରି କରାଯାଇଛି। ଏଥିସହିତ ବାତ୍ୟା ପ୍ରଭାବରେ ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ଖୋର୍ଦ୍ଧା ଏବଂ ସୁନ୍ଦରଗଡ଼ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ମଧ ସମ୍ଭାବନା ରହିଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ପାରାଦୀପରେ ୪ ନମ୍ବର ବିପଦ ସଙ୍କେତ ଦିଆଯାଇଥିବା ବେଳେ ପୁରୀ ଓ ଗୋପାଳପୁରରେ ୩ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ବାତ୍ୟା ପ୍ରଭାବରେ ସୋମବାର ଉପକୂଳବର୍ତ୍ତୀ ଜିଲା କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ବାଲେଶ୍ୱର, ଭଦ୍ରକ, ପୁରୀ, ଖୋର୍ଦ୍ଧା, କଟକ, ଯାଜପୁର ଜିଲାରେ ଆକାଶ ମେଘାଚ୍ଛନ୍ନ ରହିବା ସହ ଝିପିଝିପି ବର୍ଷା ଲାଗିରହିଛି। ୨୫ ତାରିଖରେ ବର୍ଷାର ପରିମାଣ ଆହୁରି ବଢ଼ିବା ସହିତ ଉପକୂଳରେ ଘଣ୍ଟା ପ୍ରତି ୭୦ରୁ ୮୦ କି.ମି. ବେଗରେ ପବନ ବହିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରସ୍ତୁତିକୁ ଜୋରଦାର କରିଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା ସୋମବାର ଜିଲାପାଳ, ଏନ୍‌ଡିଆର୍‌ଏଫ୍ ଟିମ୍, ଓଡ୍ରାଫ୍, ଅଗ୍ନିଶମ ବିଭାଗ ଏବଂ ବିଭିନ୍ନ ବିଭଗ ସହ ଘନଘନ ବୈଠକ କରିଛନ୍ତି। ଗଣମାଧମକୁ ସୂଚନା ଦେଇ ସେ କହିଛନ୍ତି ଯେ ରବିବାର ଲଘୁଚାପ ଅବପାତ ରୂପ ନେଇଥିବାବେଳେ ସୋମବାର ତାହା ବାତ୍ୟାରେ ପରିଣତ ହୋଇଛି। ଏହି ବାତ୍ୟା ପାରାଦୀପ ଓ ସାଗର ଉପକୂଳ ଦେଇ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ସାଟେଲାଇଟ୍ ଚିତ୍ରକୁ ଦେଖି ରାଜ୍ୟ ସରକାର ଆଗୁଆ ପଦକ୍ଷେପ ଗ୍ରହଣ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ନିଜେ ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲା ଗସ୍ତ କରି ବାତ୍ୟା ପ୍ରସ୍ତୁତିର ସମୀକ୍ଷା କରିଥିବା ସୂଚନା ଦେଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୫ ଜଣ ବରିଷ୍ଠ ଅଧିକାରୀଙ୍କୁ ପ୍ରଭାବିତ ହେବାକୁ ଥିବା ୫ଟି ଉପକୂଳ ଜିଲାର ଦାୟିତ୍ୱ ଦିଆଯାଇଛି। ସେମାନେ ଜିଲା ପ୍ରଶାସନ ସହଯୋଗରେ ଆଗୁଆ ପଦକ୍ଷେପକୁ ତ୍ୱରାନ୍ୱିତ କରିବା ସହ ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟର ତଦାରଖ କରିବେ। ବାତ୍ୟାକୁ ଦୃଷ୍ଟିରେ ରଖି ପ୍ରଭାବିତ ହେବାକୁ ଥିବା ଜିଲାଗୁଡିକରେ ୩୦ ଏନ୍‌ଡିଆର୍‌ଏଫ୍ ଟିମ୍, ୫୦ ଓଡ୍ରାଫ୍ ଟିମ୍ ଏବଂ ୧୭୫ ଅଗ୍ନିଶମ ଟିମ୍‌କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ରବିବାର କେନ୍ଦ୍ର ସରକାରଙ୍କୁ ଅଧିକ ୨୨ଟି ଏନ୍‌ଡିଆର୍‌ଏଫ୍ ଟିମ୍ ପଠାଇବାକୁ ଅନୁରୋଧ କରାଯାଇଥିଲା। ସୋମବାର ଏହି ଟିମ୍ ପହଞ୍ଚିଛନ୍ତି। ସମୁଦାୟ ୫୨ଟି ଏନ୍‌ଡିଆର୍‌ଏଫ୍ ଟିମ୍, ୫୦ରୁ ୬୦ ଓଡ୍ରାଫ୍ ଟିମ୍ ଏବଂ ଅଗ୍ନିଶମ ଟିମ୍ ୧୭୫ରୁ ୨୦୦ ମୁତୟନ ହୋଇଛନ୍ତି। ୩୬ଟି ଗଛକଟା ଟିମ୍‌କୁ ନିୟୋଜିତ କରାଯାଇଛି। ପୂର୍ତ୍ତ ବିଭାଗ ତରଫରୁ ୧୬୫ଟି ସ୍ୱତନ୍ତ୍ର ଇଞ୍ଜିନିୟରିଂ ଟିମ୍ ଗଠନ କରାଯାଇଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୩୧୩ ଏବଂ ଜଳ ସମ୍ପଦ ବିଭାଗ ତରଫରୁ ଇଞ୍ଜିନିୟରିଂ ଟିମ୍ ଗଠନ କରାଯାଇଛି। ଆବଶ୍ୟକ ଶ୍ରମିକ ଇଞ୍ଜିନିୟରମାନଙ୍କ ତତ୍ତ୍ୱାବଧାନରେ ରଖାଯାଇଛି। ରାସ୍ତାରୁ ଗଛ ସଫା ସହ ସେମାନେ ବିଦ୍ୟୁତ୍ ଓ ଟେଲିଫୋନ ପୁନରୁଦ୍ଧାର କାମରେ ସାହାଯ୍ୟ କରିବେ। ପ୍ରତ୍ୟେକ ଜୀବନ ବଞ୍ଚାଇବାକୁ ଚେଷ୍ଟା କରାଯିବ। କଚ୍ଚାଘରେ ଥିବା ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଉଛି। ବାତ୍ୟା ଓଡ଼ିଶା ଦେଇ ଅତିକ୍ରମ କରୁଥିବାରୁ ୩ରୁ ୪ ମିଟର ଉଚ୍ଚର ଜୁଆର ଆସିବ। ଏହାକୁ ଦୃଷ୍ଟିରେ ରଖି ତଳିଆ ଅଞ୍ଚଳ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଉଛି। ପ୍ରଶାସନ ସହ ସହଯୋଗ କରିବାକୁ ଏସ୍‌ଆର୍‌ସି ଅନୁରୋଧ କରିଛନ୍ତି। ପଞ୍ଚାୟତିରାଜ ପ୍ରତିନିଧି, ସ୍ୱୟଂସେବକ ସଂଗଠନ, ଏନ୍‌ଜିଓମାନେ ବାତ୍ୟା ଆଶ୍ରୟସ୍ଥଳକୁ ଲୋକମାନଙ୍କୁ ନେବାକୁ ବୁଝାଉଛନ୍ତି। ସେମାନଙ୍କୁ ସହଯୋଗ କରିବାକୁ ଲୋକମାନଙ୍କୁ ଅନୁରୋଧ କରାଯାଇଛି। କୋଭିଡ୍ କଟକଣା ଅନୁଯାୟୀ ବାତ୍ୟା ଆଶ୍ରୟସ୍ଥଳରେ ପ୍ରତ୍ୟେକ ବ୍ୟକ୍ତି ମାସ୍କ ପିନ୍ଧିବେ। ବାତ୍ୟା ସମୟରେ ଆମ୍ବ, ନଡ଼ିଆ, ପଣସ ନ ଗୋଟାଇବାକୁ ପରାମର୍ଶ ଦିଆଯାଇଛି। ବାତ୍ୟା ନ ସରିବା ଯାଏ କେହି ଘରୁ ନ ବାହାରିବାକୁ କୁହାଯାଇଛି। ଦୋକାନ ବିଜ୍ଞାପନ ବୋର୍ଡ, ଷ୍ଟ୍ରିଟ୍ ଲାଇଟ ଓ ହାଇମାଷ୍ଟ ଲାଇଟ ଖୋଲିଦେବାକୁ ପରାମର୍ଶ ଦିଆଯାଇଛି।

## ଦୁଇ ଲଢ଼େଇକୁ...

ବି ଥାଆନ୍ତୁ ଦୁଇଟି ମାସ୍କ ଏକ ସମୟରେ ପିନ୍ଧନ୍ତୁ। ବର୍ତ୍ତମାନ ପରିସ୍ଥିତିରେ ଗୋଟିଏ ନୁହେଁ, ଦୁଇଟି ମାସ୍କ ପିନ୍ଧିବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଜରୁରୀ। ଡବଲ ବିପଦ ପାଇଁ ଡବଲ ମାସ୍କ। ଏଥିସହିତ ସାବୁନ ଓ ସାନିଟାଇଜରରେ ହାତ ମଧ ଧୋଇବା ପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ସମଗ୍ର ମାନବ ଜାତି ବର୍ତ୍ତମାନ ଏକ କଷ୍ଟକର ସମୟ ଦେଇ ଗତି କରୁଛି। ଗତ ଏକବର୍ଷରୁ ଅଧିକ ସମୟ ଧରି କୋଭିଡ୍ ବିରୋଧରେ ଆମର ଲଢ଼େଇ ଜାରି ରହିଛି। ବାତ୍ୟା ୟାସ୍ ବର୍ତ୍ତମାନ ଆମ ପାଇଁ ଆଉ ଏକ ବଡ଼ ବିପଦ ଭାବରେ ଦେଖାଦେଇଛି। ଏକ ସମୟରେ ଦୁଇ ଦୁଇଟି ବଡ଼ ବିପଦ ବାତ୍ୟା ଓ କୋଭିଡ୍‌ର ମୁକାବିଲା ଆମକୁ କରିବାକୁ ହେବ।

ଗତବର୍ଷ ମେ' ମାସରେ କୋଭିଡ୍ ସହ ବାତ୍ୟା ଅମ୍ଫନର ସାମନା କରିଥିଲୁ। ଲୋକଙ୍କ ସହଯୋଗରେ ଆମେ ସଫଳତାର ସହ ପରିସ୍ଥିତିର ମୁକାବିଲା କରିଥିଲେ। ବାତ୍ୟା ଓଡ଼ିଶା ପାଇଁ ନୂଆ ନୁହେଁ, ତଥାପି ଆମକୁ ସତର୍କ ରହିବାକୁ ହେବ। ସାମାନ୍ୟ ହେଳା ବଡ଼ ବିପଦ ସୃଷ୍ଟି କରିପାରେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସରକାର ବାତ୍ୟା ଓ କୋଭିଡ୍ ଦୁଇଟି ଯାକ ପରିସ୍ଥିତିର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଜନସାଧାରଣଙ୍କ ସହଯୋଗ ହିଁ ପ୍ରସ୍ତୁତିକୁ ଆହୁରି ମଜଭୁତ କରିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଜନସାଧାରଣଙ୍କୁ ଆହୁରି ସତର୍କ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବାତ୍ୟା ସମୟରେ ଓ ପରେ ଆମକୁ କୋଭିଡ୍ ପାଇଁ ଅଧିକ ସାବଧାନ ରହିବାକୁ ହେବ। ଆବଶ୍ୟକତାକୁ ଦେଖି ମିଶନ ଶକ୍ତି ଗୋଷ୍ଠୀ ଜରିଆରେ ଲୋକଙ୍କୁ ମାସ୍କ ଯୋଗାଇବା ପାଇଁ ସେ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ଼ିଶା ସବୁବେଳେ ଭଲ କାମ କରିଆସିଛି। ଏହି ବିପଦ ସମୟରେ ସାଧାରଣଙ୍କଠାରୁ ଆରମ୍ଭ କରି ପଞ୍ଚାୟତ ପ୍ରତିନିଧି ଓ ନାଗରିକ ସମାଜର ବନ୍ଧୁମାନେ ସରକାରଙ୍କୁ ପୂରା ସହଯୋଗ ଦେଇ ଆସିଛନ୍ତି। ଏଥର ମଧ ଆମେ ସମସ୍ତେ ମିଶି ଏ ଦୁଇ ବିପଦ ବିରୋଧରେ ଏକାଠି ଲଢ଼ିବା ଓ ନିଶ୍ଚୟ ଜିତିବା ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ବିଶ୍ୱାସ ପ୍ରକଟ କରିଛନ୍ତି। ବାତ୍ୟା ଆଶ୍ରୟସ୍ଥଳରେ ଓ ଘରେ ଦୁଇଟି ମାସ୍କ ପିନ୍ଧିବା ସହିତ ବାତ୍ୟା ଗଲା ପରେ ମଧ ଦୁଇଟି ପିନ୍ଧିବା ଜାରି ରଖିବାକୁ ସେ ଅନୁରୋଧ କରିଛନ୍ତି। ଏହି ଦୁଇ ଲଢ଼େଇରେ ବିଜୟ ପାଇଁ ପ୍ରଶାସନକୁ ପୂରା ସହଯୋଗ ଦେବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି।

## ୩ ମୁଖ୍ୟମନ୍ତ୍ରୀଙ୍କ ସହ...

କି ନାହିଁ ତାହା ସୁନିଶ୍ଚିତ କରିବାକୁ ଶାହା କହିଥିଲେ। ଏଥିସହିତ ବାତ୍ୟା ଯୋଗୁ

## ପ୍ରଥମ ପୃଷ୍ଠାରୁ...

ପରିବହନସେବା ବାଧାପ୍ରାପ୍ତ ହେବା ସମ୍ଭାବନା ଥିବାରୁ ସମସ୍ତ ଜରୁରୀ ଔଷଧ ଓ ହସ୍ପିଟାଲ ଉପକରଣ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ୍ ରଖିବା ଲାଗି ସେ ପରାମର୍ଶ ଦେଇଥିଲେ।

## ୨୪ ଘଣ୍ଟାରେ...

ସମ୍ବଲପୁରରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ସବୁଠାରୁ ଦୁଃଖର ବିଷୟ ହେଉଛି ମୃତକଙ୍କ ମଧରେ ଜଣେ ୧୩ବର୍ଷର ନାବାଳିକା ରହିଛନ୍ତି। ତାଙ୍କ ଘର ଗଞ୍ଜାମ ଜିଲାରେ ହୋଇଥିବାବେଳେ ସେ ଯକ୍ଷ୍ମା ରୋଗରେ ମଧ ପୀଡ଼ିତ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ରାଜ୍ୟରେ ସଂକ୍ରମଣ ୭ଲକ୍ଷ ଟପିଛି। ଗତ ୨୪ ଘଣ୍ଟାରେ ଆଉ ୧୧,୦୫୯ ନୂଆ କରୋନା ପଜିଟିଭ୍ ଚିହ୍ନଟ ହେବାପରେ ମୋଟ ଆକ୍ରାନ୍ତ ସଂଖ୍ୟା ୭,୦୩,୪୪୧କୁ ବୃଦ୍ଧି ପାଇଛି। ନୂଆ ଆକ୍ରାନ୍ତଙ୍କ ମଧରେ କଟକ ଜିଲାରୁ ସର୍ବାଧିକ ୧,୧୩୩ଜଣ ଥିବାବେଳେ ଖୋର୍ଦ୍ଧାରୁ ୧,୦୧୦ଜଣ ରହିଛନ୍ତି। ସେହିପରି ଅନୁଗୋଳରୁ ୮୫୯, ସୁନ୍ଦରଗଡ଼ ୭୨୯, ମୟୂରଭଞ୍ଜ ୬୬୨, ଯାଜପୁର ୫୬୪, ପୁରୀ ୪୩୦, କଳାହାଣ୍ଡି ୪୦୭, ବାଲେଶ୍ୱର ୪୦୦, ସମ୍ବଲପୁର ୩୭୯, ଭଦ୍ରକ ୩୭୭, ବରଗଡ଼ ୩୬୭, ଢେଙ୍କାନାଳ ୩୫୧, ଜଗତ୍‌ସିଂହପୁର ୩୩୦, ନବରଙ୍ଗପୁର ୩୨୨, କେନ୍ଦ୍ରାପଡ଼ା ୩୦୯, ବୌଦ୍ଧ ୨୬୧, ନୟାଗଡ଼ ୨୪୬, ଝାରସୁଗୁଡ଼ା ୨୨୮, ସୋନପୁର ୨୦୪ ଓ କେନ୍ଦୁଝରରୁ ୨୦୦ଜଣ ରହିଛନ୍ତି। ବାକିସବୁ ଜିଲାରେ ସଂକ୍ରମଣ ସଂଖ୍ୟା ଏହା ତଳକୁ ରହିଛି।

## ୫୭% ଟିକା ବ୍ୟବହାର...

କରିଛନ୍ତି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଟିକା ବିତରଣ ଲାଗି କୌଣସି ସମୟସୀମା ଧାର୍ଯ୍ୟ କରାଯାଇ ନ ଥିବା କେନ୍ଦ୍ର କହିଛି। ସରକାରଙ୍କ ସୂଚନା ଅନୁଯାୟୀ ପୁଣେର ସିରମ୍ ଇନ୍‌ଷ୍ଟିଚ୍ୟୁଟ ମାସିକ ୬.୫ କୋଟି ଡୋଜ୍ କୋଭିଶିଲ୍ଡ ଉତ୍ପାଦନ କରୁଥିବାବେଳେ ଭାରତ ବାୟୋଟେକ୍ ୨ କୋଟି ଡୋଜ୍ କୋଭାକ୍ସିନ ପ୍ରସ୍ତୁତ କରୁଛି। ଆଗାମୀ ଦୁଇମାସରେ ଟିକା ଯୋଗାଣରେ ଉନ୍ନତି ଘଟିବ ବୋଲି କେନ୍ଦ୍ର କହିଛି। ରୁଷିଆ ପ୍ରସ୍ତୁତ ସ୍ପୁଟନିକ୍-ଭି ଟିକା ଏବେ ଭାରତରେ ଉପଲବ୍ଧ ହେଲାଣି। ଜୁଲାଇ ସୁଦ୍ଧା ଏହାର ଉତ୍ପାଦନ ୩୦ ଲକ୍ଷରୁ ୧.୨ କୋଟି ଡୋଜ୍‌ରେ ପହଞ୍ଚିବ ବୋଲି ଆଶା କରାଯାଉଛି।

## ଗାଜିଆବାଦରେ ୟେଲୋ...

ଆଶଙ୍କା ଅଧିକ ରହିଥାଏ। ତେବେ ଫଙ୍ଗସ୍ ସଂକ୍ରମଣର ବିଭିନ୍ନ ରଙ୍ଗ ଦିଆଯାଇ ଲୋକଙ୍କୁ ବିଭ୍ରାନ୍ତ କରାଯାଉଥିବା ଦିଲ୍ଲୀ ଏମ୍ସ ମୁଖ୍ୟ ରଣଦୀପ୍ ଗୁଲେରିଆ କହିଛନ୍ତି। ଗାଜିଆବାଦର ୪୫ ବର୍ଷୀୟ ବ୍ୟକ୍ତିଙ୍କୁ ୟେଲୋ ଫଙ୍ଗସ୍ ସଂକ୍ରମଣ ହୋଇଥିବା ଇଏନ୍‌ଟି ବିଶେଷଜ୍ଞ ବି.ପି. ତ୍ୟାଗୀ କହିଛନ୍ତି। ଉକ୍ତ ବ୍ୟକ୍ତିଙ୍କଠାରେ ବ୍ଲାକ୍ ଓ ହ୍ୱାଇଟ୍ ଫଙ୍ଗସ୍ ଲକ୍ଷଣ ମଧ ଦେଖାଦେଇଛି।

## ପୁରୀ ବେଳାଭୂମିରେ...

ସଂଗ୍ରହ କରିଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ସେଣ୍ଟ୍ରାଲ୍ ମେରାଇନ୍ ଫିସରିଜ୍ ଫିଲ୍ଡ ରିସର୍ଚ୍ଚ ସେଣ୍ଟରର ବୈଜ୍ଞାନିକ ଜ୍ଞାନରଞ୍ଜନ ଦାସ କହିଛନ୍ତି, ବେଳାଭୂମିରେ ଏତେ ମାତ୍ରାରେ ଜେଲି ଫିଶ୍ ସାଧାରଣତଃ ଦେଖିବାକୁ ମିଳେ ନାହିଁ। ବାତ୍ୟା ଭଳି ଭୟଙ୍କର ବାୟୁ ପ୍ରବାହ ବେଳେ ଏମାନେ କୂଳକୁ ଚାଲି ଆସିଥାଆନ୍ତି। ଜେଲି ଫିଶ୍‌ର ନିଜସ୍ୱ ଭାବେ ଲୋକେଟ୍ରିକ୍ ଅର୍ଗାନ୍ ନ ଥିବା ହେତୁ ସେମାନଙ୍କ ଗତିଶୀଳତା ପ୍ରଭାବିତ ହୋଇଥାଏ। ଯାହାଫଳରେ ସେମାନେ ପବନରେ ଭାସି ଚାଲି ଆସନ୍ତି। ତେବେ ବାସ୍ତବ କାରଣ କ'ଣ ସେନେଇ ଆମେ ଅନୁସନ୍ଧାନ କରିବୁ। କିଛି ଜେଲି ଫିଶ୍‌ଙ୍କ ଶରୀରରେ ଥିବା ଲାଲୁଆ ଅଂଶ ମଣିଷ ଚର୍ମ ଉପରେ କୁପ୍ରଭାବ ଥାଏ ଓ ଚର୍ମକୁ କଷ୍ଟ ହୋଇଥାଏ। ଏଭଳି କିଛି ଜେଲି ଫିଶ୍ ମଧ ରହିଛନ୍ତି ଯେଉଁମାନେ ଆଦୌ କ୍ଷତିକାରକ ନୁହେଁ। ରବିବାର ବହୁସଂଖ୍ୟକ ମାଛ ମରିପଡ଼ିଥିବା କାରଣ ସମ୍ପର୍କରେ ଅନୁଷ୍ଠାନ କହିଛି ଯେ, ପାଣିରେ ଲୁଣିଆ ଅଂଶ କମ୍ ବେଶି ହୋଇଯିବା, ପାଣିର ତାପମାତ୍ରା ଖୁବ୍ କମ୍ ସମୟ ମଧରେ ବଢ଼ିଯିବା ଫଳରେ ମାଛ ସବୁ କୂଳରେ ମରି ପଡ଼ନ୍ତି।



ପୁରୀ ବେଳାଭୂମିରେ ପଡ଼ିଥିବା ମୃତ ଜେଲି ଫିଶ୍।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ ଭାଷଣ ପ୍ରତ୍ୟେକ ସ୍ତରରେ ସମସ୍ୟା ସୃଷ୍ଟି କରିପାରେ। ଅବଶ୍ୟ ଦ୍ୱିଜା ବିଚାରବୁଦ୍ଧି ପ୍ରୟୋଗ କରି ପ୍ରତ୍ୟେକ ସମସ୍ୟାର ସରଳ ସମାଧାନ କରିପାରିବେ। ସାମାଜିକ ସ୍ତରରେ ଆପଣଙ୍କ ଦକ୍ଷତାର ମୂଲ୍ୟାୟନ ହେବା ସଙ୍ଗକୁ ପୁରସ୍କୃତ ହୋଇପାରନ୍ତି। ଅଫିସ୍ କାମରେ ଭୁଲ୍ ବୁଝାମଣା ଯୋଗୁ ମାନସିକ ସ୍ଥିରତା ରହି ନ ପାରେ।

**ବୃଷ** – ପରିବାରରେ ଅର୍ଥନୈତିକ ଅଭିବୃଦ୍ଧି ଘଟିବା କାରଣରୁ ମନ ପ୍ରଫୁଲ୍ଲ ରହିବ। କୃତ୍ତିକା ନକ୍ଷତ୍ରର ସମସ୍ୟା ପୂର୍ବପରି ରହିବ, ତଥାପି ଭୟ କରିବାର କାରଣ ନାହିଁ। ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବା ସହ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା ଓ ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ** – ଆପଣ ଯେତେ ରାଗିଥିଲେ ମଧ ଟିକିଏ ଟିକିଏ ଫୁସୁଲା ଫୁସୁଲି କଥାରେ ମନ ପୂରା ବଦଳି ଯିବ। ଆତ୍ମୀୟମାନେ ନିଜର ଫାଇଦା ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ନିଜକୁ ଅନ୍ୟମାନଙ୍କ ସହ ତୁଳନା କରି ମନ ଊଣା କରିପାରନ୍ତି। ସାମାଜିକ ସ୍ତରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପାରେ।

**କର୍କଟ** – ଆର୍ଥିକ ଅନଟନ ଲାଗି ରହିଲେ ମଧ ପରିସ୍ଥିତିକୁ ସମ୍ଭାଳି ନେବେ। ପୁନର୍ବସୁ ସକାଶେ ଆଜିର ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ। ବ୍ୟବସାୟରେ ଲାଭ ମିଳିବ ; ମାତ୍ର ନିଜର ଅବହେଳାରୁ ଅନ୍ୟ ବାଟରେ ବ୍ୟୟ ହେବ। ସହକର୍ମୀଙ୍କ ସହାୟତାରେ କାର୍ଯ୍ୟ ହାସଲ କରି ଖୁସୀ ହେବେ।

**ସିଂହ** – ଆଜିର କାମଗୁଡିକ ଯଥାରୀତି ସମ୍ମାନ ପ୍ରଦାନ କରିବାରେ ଅସୁବିଧା ହେବନାହିଁ। ପାଖ ପଡୋଶୀଙ୍କ କୁଟିଳ କଥାକୁ ଠିକ୍ ଭାବେ ବୁଝି ପାରିବେନି। ଯୋଜନା, ଜମିଜମା, ଯାନ୍ତ୍ରିକ କାରବାର, ଯାନବାହନ କ୍ରୟ ବିକ୍ରୟରେ ଅଗ୍ରଗତି ହେବ। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ।

**କନ୍ୟା** – ସବୁ ପ୍ରକାରର ସୁବିଧା ଥିଲେ ମଧ ପ୍ରତ୍ୟେକ କାମ ପ୍ରତିବନ୍ଧକ ମଧରେ ଅଟକି ରହିବ। ଏଣେ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପାରନ୍ତି। ଆନୁଷ୍ଠାନିକ କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ହସ୍ତା ନକ୍ଷତ୍ର ଜାତ ବ୍ୟକ୍ତିମାନଙ୍କର ନୂତନ କର୍ମସଂସ୍ଥାନ ପାଇଁ ମନ ବଳିପାରେ।

**ତୁଳା** – ଆଜିର କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ। ଆତ୍ମୀୟ ତଥା ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁଁ କର୍ମ ମୁଖର ହେବେ ଏବଂ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ପରିସ୍ଥିତିରେ ପଡି ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବେ। ଧର୍ମ କାର୍ଯ୍ୟ କରିବା ସଙ୍ଗକୁ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ବିଛା** – ପ୍ରତ୍ୟେକ କାର୍ଯ୍ୟ ମନ୍ଥର ଗତିରେ ଚାଲିବା କାରଣରୁ ସାମୟିକ ଅନୁଚିନ୍ତା କରିପାରନ୍ତି। ପ୍ରିୟ ବ୍ୟକ୍ତିଟିର ଛଳନା ଓ ପ୍ରତାରଣାପୂର୍ଣ୍ଣ କଥାରେ ମନରୁ ସରସତା ଉଭେଇଯିବ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଅଫିସ୍ କାମରେ ମାନସିକ ଅବସାଦ ଦୂର ହେବ ଏବଂ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ଧନୁ** – ସମସ୍ୟା ଅପରିବର୍ତ୍ତିତ ରହିଥିଲେ ମଧ ସାମୟିକ ଭାବରେ କିଛିଟା ଲାଘବ ହେବାର ଅନୁଭବ କରିବେ। ପରିସ୍ଥିତିର ମୁକାବିଲା କରନ୍ତୁ, ଅବଶ୍ୟ ସଫଳତା ହାସଲ କରିପାରିବେ। ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜଖବର, ଚୁକ୍ତିପତ୍ର ସ୍ୱାକ୍ଷର, ନୂତନ ସ୍ଥାନକୁ ଯାତ୍ରା କରିପାରନ୍ତି। ଯୋଗାଣ କାରବାର ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର** – କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ଧନିଷ୍ଠା ନକ୍ଷତ୍ର ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଅତି ନିକଟରେ ରହୁଥିବା ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶୃଙ୍ଖଳା ଓ ସ୍ୱାଭାବିକ ଜୀବନଯାତ୍ରାରେ ବ୍ୟତିକ୍ରମ ହେତୁ ଶାରୀରିକ ପୀଡାରେ କଷ୍ଟ ପାଇପାରନ୍ତି।

**କୁମ୍ଭ** – ବନ୍ଧୁଙ୍କ ସହ ଆଲୋଚନା, ପିଲାଙ୍କ କୃତିତ୍ୱ, କଳା, ସାହିତ୍ୟାଦିରୁ ସମ୍ମାନ ଆଜି ପାଇଁ ସୁଖଦ ଖବର ହୋଇପାରେ। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବାରମ୍ବାର ପୁରୁଣା କଥାକୁ ଆଲୋଚନା କରିବା ଠିକ୍ ହେବନି। କର୍ମକ୍ଷେତ୍ରରେ ପ୍ରତି ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବା ସମସ୍ୟାର କାରଣ ହୋଇପାରେ।

**ମୀନ** – ରେବତୀ ନକ୍ଷତ୍ରର ପାରିବାରିକ ଜୀବନ ସୁଖ, ସନ୍ତୋଷରେ ଅତିବାହିତ ହେବ। କର୍ମକ୍ଷେତ୍ର ମଧ ତଦନୁରୂପେ ପ୍ରୀତିପ୍ରଦ ହେବା ସୂଚନା ରହିଛି। ଘର ପାଇଁ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବିଭିନ୍ନ କ୍ଷେତ୍ରରୁ ଅର୍ଥ ସଂଗ୍ରହର ଚେଷ୍ଟା ସଫଳ ହେବ। ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ବୈଶାଖ ଶୁକ୍ଳପକ୍ଷର ସର୍ବସମ୍ମତ ନୃସିଂହ ଚତୁର୍ଦ୍ଦଶୀ ମଙ୍ଗଳବାର, ମୁକ୍ତିମଣ୍ଡପରେ ଜନ୍ମୋତ୍ସବ, ଶ୍ରୀଜଗନ୍ନାଥବଲ୍ଲଭ ମଠରେ ଉତ୍ସବ, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ମେ ୨୫ ତାରିଖ, ଭଜନ ସମ୍ରାଟ ଭିକାରୀ ବଳଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ବିଶାଖା/ବିଛା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ମକର ରାଶିର ଘାତବାର। ଦିବା ଘ.୦୫.୧୧ମି. ଗତେ ଘ.୦୭.୪୮ମି. ମଧ୍ୟେ, ଘ.୦୯.୩୩ମି. ଗତେ ଘ.୧୨.୦୯ମି. ମଧ୍ୟେ, ଘ.୦୩.୩୮ମି. ଗତେ ଘ.୦୪.୩୧ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୨.୪୬ମି. ଗତେ ଘ. ୦୩.୩୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୨.୫୯ମି. ଗତେ ଘ.୦୪.୩୭ମି. ମଧ୍ୟେ ରାହୁକାଳ।

DHARITRI
ମଙ୍ଗଳବାର
୨୫ ମେ, ୨୦୨୧
୪

# ଖବରଦାତାଙ୍କୁ ପୋଲିସ ଆକ୍ରମଣ
# ବିଭିନ୍ନ ମହଲରୁ ପ୍ରତିବାଦ




ଧରିତ୍ରୀର ପୁରୀ ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କୁ ଆକ୍ରମଣ କରିଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଯାଜପୁର ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଯାଉଥିବା ଯାଜପୁର ଜିଲା ୟୁନିୟନ ଅଫ୍ ଜର୍ନାଲିଷ୍ଟସ୍(ଜେୟୁଜେ)ର କର୍ମକର୍ତ୍ତା ଓ ଖବରଦାତାମାନେ।

**ପୁରୀରେ ଜଣେ ପରିବା ବ୍ୟବସାୟୀଙ୍କୁ ପୋଲିସର ନିର୍ଘାତ ମାଡ଼ ସମ୍ପର୍କରେ ଖବର ସଂଗ୍ରହ କରିବାକୁ ଯାଇଥିବା ଧରିତ୍ରୀର ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କୁ ଯେଉଁଭଳି ଭାବେ ଆକ୍ରମଣ କରାଗଲା, ତାହାକୁ ବିଭିନ୍ନ ବର୍ଗର ବ୍ୟକ୍ତି ନିନ୍ଦା କରୁଛନ୍ତି। ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କ ଉପରେ ପୋଲିସର ଦମନଲୀଳାକୁ ଘୋର ପ୍ରତିବାଦ କରାଯାଉଛି। କରୋନା ଲଢ଼େଇର ସମ୍ମୁଖ ଯୋଦ୍ଧା ଖବରଦାତାଙ୍କୁ ଆକ୍ରମଣ କରିଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସବୁ ମହଲରୁ ଦାବି ହେଉଛି। ଏନେଇ ବିଭିନ୍ନ ସାମ୍ବାଦିକ ସଂଘ ଓ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ପ୍ରଶାସନିକ ଅଧିକାରୀଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦିଆଯାଇଛି।**

## ଏହା ବର୍ବରୋଚିତ

ଧରିତ୍ରୀ ଖବରଦାତାଙ୍କ ଉପରେ ଆକ୍ରମଣ ଆଦୌ ଗ୍ରହଣୀୟ ନୁହେଁ। ଏହା ବର୍ବରୋଚିତ ଓ ଅନ୍ୟାୟ। ଫଟୋ ଉଠାଇବା ଓ ଖବର ସଂଗ୍ରହ କରିବା ପ୍ରତ୍ୟେକ ଖବରଦାତାଙ୍କର ଅଧିକାର। ଖବରଦାତାଙ୍କ ଉପରେ ଆକ୍ରମଣ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଉପରେ ଆକ୍ରମଣ। ଏହାକୁ ମୁଁ ନିନ୍ଦା କରୁଛି।

-ନରସିଂହ ମିଶ୍ର, କଂଗ୍ରେସ ବିଧାୟକ ଦଳ ନେତା

## ଜାଣିଶୁଣି ଆକ୍ରମଣ କରାଯାଉଛି

ଗଣତନ୍ତ୍ରରେ ଏଭଳି ଘଟଣା ସ୍ପୃହଣୀୟ ନୁହେଁ। ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ଆକ୍ରମଣ ଅର୍ଥାତ ଗଣତନ୍ତ୍ର ବିପଦରେ। ପୋଲିସ କାହା ଇଙ୍ଗିତରେ ଏଭଳି କାର୍ଯ୍ୟ କରୁଛି ସ୍ପଷ୍ଟ କରୁ। ଜାଣିଶୁଣି ବହୁ ସମୟରେ ଖବରଦାତାଙ୍କ ଉପରକୁ ଆକ୍ରମଣ କରାଯାଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ହେଲେ କାର୍ଯ୍ୟାନୁଷ୍ଠାନ ଶୂନ। ସରକାର ଏହା ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ନଚେତ୍ ପରିସ୍ଥିତି ଖରାପ ଆଡ଼କୁ ଗତି କରିବ।

-ପୀତାମ୍ବର ଆଚାର୍ଯ୍ୟ, ବରିଷ୍ଠ ଓକିଲ ତଥା ଭାଜପା ନେତା

## ଏକାଧିକ ଘଟଣା ସାମ୍ନାକୁ ଆସିଲାଣି

ପୁରୀ ବଡ଼ଶଙ୍ଖଠାରେ ପୋଲିସ ଅତ୍ୟନ୍ତ ନିନ୍ଦନୀୟ ଘଟଣା ଘଟାଇଛି। କରୋନା ସମୟରେ ଗରିବ ଲୋକମାନେ ନିଜର ପେଟପାଟଣା ଲାଗି କଷ୍ଟେମଷ୍ଟେ ବେପାର ଚଳାଇଛନ୍ତି। ସେଠାରେ ପୋଲିସ ପକ୍ଷରୁ ଯେଉଁ ପରିସ୍ଥିତି ସୃଷ୍ଟି କରାଗଲା ଏବଂ ଜାଣିଶୁଣି ଖବରଦାତାଙ୍କୁ ଆକ୍ରମଣ କରାଗଲା ଏଥିରୁ ସେମାନଙ୍କ ଆଭିମୁଖ୍ୟ ସ୍ପଷ୍ଟ ବୁଝାପଡୁଛି। ନବୀନ ସରକାରରେ ପୋଲିସ ସବୁବେଳେ ଖବରଦାତା, ବୁଦ୍ଧିଜିବୀ ଏବଂ ଶିକ୍ଷାବିତଙ୍କୁ ଆକ୍ରମଣ କରୁଥିବାର ଏକାଧିକ ଘଟଣା ସାମ୍ନାକୁ ଆସିଲାଣି। ତେଣୁ ସମସ୍ତେ ଏକତ୍ର ହୋଇ ଏହା ବିରୋଧରେ ଚାପ ସୃଷ୍ଟି କଲେ ଯାଇ ଏଭଳି ଘଟଣା ବନ୍ଦ ହେବ।

-ମୋହନ ଚରଣ ମାଝି, ଭାଜପା ବିଧାୟକ

## ବଳପ୍ରୟୋଗର ଆବଶ୍ୟକତା କ'ଣ

ପେଟପାଟଣା କଥା, ଯେଉଁଟା ଭଲ ଭାବେ କହିଥିଲେ ଗରିବ ଲୋକମାନେ ମାନିଥାଆନ୍ତେ, ସେଠାରେ ପୋଲିସ ଭିନ୍ନ ଆଭିମୁଖ୍ୟ ଆପଣାଇଲା। ଏଭଳି ବଳପ୍ରୟୋଗର ଆବଶ୍ୟକତା କ'ଣ ଥିଲା। ସେଥିରେ ପୁଣି ଖବର ସଂଗ୍ରହ କରବାକୁ ଯାଇଥିବା ଖବରଦାତାଙ୍କୁ ପୋଲିସ ଆକ୍ରମଣ କେତେ ଦୂର ଠିକ୍ ସେକଥାର ଉତ୍ତର ସରକାର ଦେବାର ଆବଶ୍ୟକତା ରହିଛି। ପୋଲିସ ପ୍ରଶାସନ ସବୁବେଳେ ଲୋକଙ୍କ ସହିତ ରହିବା କଥା କହିଥାଏ। ହେଲେ ପୋଲିସର ପ୍ରଚାର ଗୋଟେ ପ୍ରକାର କାର୍ଯ୍ୟଧାରା ଭିନ୍ନ।

-ସମୀର ମହାନ୍ତି, ଭାଜପା ରାଜ୍ୟ ସଭାପତି

## ପୋଲିସର ପ୍ରାଦୁର୍ଭାବ ବଢ଼ିଯାଇଛି

ପୋଲିସର ପ୍ରାଦୁର୍ଭାବ ବଢ଼ିଯାଇଛି। ପରିବା ମାର୍କେଟ୍‌କୁ ଗଲେ, ଔଷଧ ଆଣିବାକୁ ଗଲେ ଓ ଡାକ୍ତରଖାନାକୁ ଗଲେ ପୋଲିସ ପିଟୁଛି କାହିଁକି? ଯଦି କେହି ବେଆଇନ କରୁଛନ୍ତି ତାଙ୍କୁ କେସ୍ ଦେଇପାରିବେ। କାହାକୁ ପିଟିବାକୁ ପୋଲିସକୁ ଅଧିକାର ଦିଆଯାଇ ନାହିଁ। ପରିବା ବିକାଳି, ସାମ୍ବାଦିକଙ୍କୁ ବାଡ଼େଇବା ଘଟଣାକୁ ସିପିଆଇ(ଏମ୍)ତରଫରୁ ନିନ୍ଦା କରାଯାଉଛି। ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପାର୍ଟି ଦାବି କରୁଛି।

-ଜନାର୍ଦ୍ଦନ ପତି, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ

## ପୋଲିସ ବର୍ବରତାର ପ୍ରଦର୍ଶନ

ପରିବା ବ୍ୟବସାୟୀ ଓ ଖବରଦାତାଙ୍କ ଉପରେ ଆକ୍ରମଣକୁ ପୋଲିସ ବର୍ବରତା ରୂପକୁ ପ୍ରଦର୍ଶିତ କରୁଛି । ଯେତେବେଳେ ପ୍ରଶାସନ ଦୁର୍ବଳ ଥାଏ ପୋଲିସ ସେତେବେଳେ ଆକ୍ରମଣ କରେ। ପୋଲିସ ଲୋକମାନଙ୍କ ସହଯୋଗରେ କୋଭିଡ୍ ମୁକାବିଲା କରିବା ପରିବର୍ତ୍ତେ ଖବରଦାତାଙ୍କ ଉପରେ ଆକ୍ରମଣ କରିବା ଏକ ଗର୍ହିତ ଅପରାଧ। ଆଶାକରୁଛି ସରକାର ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଓଡ଼ିଶାବାସୀଙ୍କୁ ଆଶ୍ୱସ୍ତ କରିବେ।

-ରାମକୃଷ୍ଣ ପଣ୍ଡା, ସିପିଆଇ ନେତା

## ଆକ୍ରମଣ ନିନ୍ଦନୀୟ

ଚତୁର୍ଥ ସ୍ତମ୍ଭ ଉପରେ ଆକ୍ରମଣ କରିବା ନିଶ୍ଚିତ ଭାବରେ ଏକ ନିନ୍ଦନୀୟ ଘଟଣା। ଏଭଳି ଘଟଣା ନ ହେବା ଉଚିତ। ଖବର ସଂଗ୍ରହ କରି ଲୋକଙ୍କ ନିକଟରେ ପହଞ୍ଚାଉଥିବା ଖବରଦାତାଙ୍କ ଉପରେ ଆକ୍ରମଣ କରିବା ଆଦୌ ଗ୍ରହଣୀୟ ନୁହେଁ। ଏ ଘଟଣାର ଯାଞ୍ଚ ହେବା ଦରକାର । ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ।

-ଆଶିଷ କାନୁନ୍‌ଗୋ, ସିପିଆଇ ରାଜ୍ୟ ସମ୍ପାଦକ

## ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ

ଖବରଦାତାଙ୍କ ଉପରେ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ଯେଉଁ ପୋଲିସ ଅଫିସର ଏ କାଣ୍ଡ କରିଛନ୍ତି ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଛତିଶଗଡ଼ରେ ଜଣେ ଜିଲାପାଳଙ୍କୁ ବଦଳି କରାଯାଇଥିବାବେଳେ ମୁଖ୍ୟମନ୍ତ୍ରୀ କ୍ଷମା ମାଗିଛନ୍ତି। ଏହି ଘଟଣାରେ ଆମ ମୁଖ୍ୟମନ୍ତ୍ରୀ ମଧ ହସ୍ତକ୍ଷେପ କରିବା ଦରକାର।

-ଅଲି କିଶୋର ପଟ୍ଟନାୟକ, ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ସମ୍ପାଦକ

## ପୋଲିସ ଦେହରେ ବ୍ରିଟିଶ୍ ରକ୍ତ

ପୋଲିସ ଅମାନୁଷିକ ଭାବେ ମାଡ଼ ମାରିବା ଓ କାର୍ଯ୍ୟରତ ଖବରଦାତାଙ୍କୁ ମଧ ଆକ୍ରମଣ କରିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ବିଭିନ୍ନ ପରିସ୍ଥିତିରେ ସମାଜକୁ ସଚେତନ କରିବା ହେଉଛି ପୋଲିସର କର୍ତ୍ତବ୍ୟ। ତେବେ କେତେକ ପୋଲିସ ଜନସାଧାରଣଙ୍କ ପ୍ରତି ଯେଉଁ ପ୍ରକାର ବ୍ୟବହାର କରୁଛନ୍ତି, ମନେହେଉଛି ସେମାନଙ୍କ ଦେହରେ ବ୍ରିଟିଶ୍ ରକ୍ତ ପ୍ରବାହିତ ହେଉଛି । ତୁରନ୍ତ ଏହି ଘଟଣାର ତଦନ୍ତ ଓ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ।

-ରାଘବ ପରିଡା,ପୂର୍ବତନ ମନ୍ତ୍ରୀ, ଆସିକା

## ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ

ଜଣେ ଖବରଦାତାଙ୍କୁ ପୋଲିସର ଆକ୍ରମଣ ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ। ନିଶ୍ଚିତ ଭାବେ ଏହା ଏକ ନିନ୍ଦନୀୟ ଘଟଣା। ଏହା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବାର ଆବଶ୍ୟକତା ଅଛି। ଆଗକୁ ଏଭଳି ଘଟଣା ଯେପରି ଆଉ ନ ଘଟିବ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

-ସୁଶାନ୍ତ ରାଉତ, ବିଧାୟକ, ଭୁବନେଶ୍ୱର-ଉତ୍ତର ନିର୍ବାଚନମଣ୍ଡଳୀ

## ସରକାର ଚୁପ୍ କାହିଁକି

ନିକଟରେ ଛତିଶଗଡରେ ପୋଲିସ ଅଧିକାରୀ ଏବଂ ଜିଲାପାଳ ମିଳିତ ଭାବେ ଲୋକଙ୍କୁ ଆକ୍ରମଣ କରିଥିଲେ। ସେଠାକାର ସରକାର ଜିଲାପାଳ ଏବଂ ପୋଲିସ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଲା। ହେଲେ ଜଣେ କୋଭିଡ ଯୋଦ୍ଧାଙ୍କୁ ପୋଲିସ ଆକ୍ରମଣ କରିବା ପରେ ଓଡ଼ିଶା ସରକାର ଚୁପ୍ କାହିଁକି। ଏହା ଦୁର୍ଭାଗ୍ୟଜନକ। ତେଣୁ ତୁରନ୍ତ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ।

-ପ୍ରଦୀପ ମାଝି, ପିସିସି କାର୍ଯ୍ୟକାରୀ ସଭାପତି

## ତଦନ୍ତ ଲାଗି କମିଶନ ବସୁ

ପୋଲିସ ଯଦି ଖବରଦାତାଙ୍କୁ ଏଭଳି ଆକ୍ରମଣ କରେ ତେବେ ଗାଁ, ଗହଳିଠାରୁ ଆରମ୍ଭ କରି ଆହୁରି ତଳସ୍ତରର କଥା ଲୋକଲୋଚନକୁ ଆସିପାରିବ ନାହିଁ। ଏପରି ଆଚରଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ସରକାର ଏହାକୁ କେମିତି ପ୍ରୋତ୍ସାହନ ଦେଉଛନ୍ତି ବୁଝାପଡୁନାହିଁ। ତତ୍କାଳ ଏହି ଘଟଣାରେ ସମ୍ପୃକ୍ତ ପୋଲିସ ଅଫିସରଙ୍କୁ ଦାୟିତ୍ୱରୁ ହଟାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଏହାସହ ତଦନ୍ତ ଲାଗି କମିଶନ ବସାନ୍ତୁ।

-ସନ୍ତୋଷ ସିଂହ ସାଲୁଜା, କଂଗ୍ରେସ ବିଧାୟକ

## ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ

ପୋଲିସ ଲଗାତର ଭାବେ ଗଣମାଧ୍ୟମ ଉପରେ ଆକ୍ରମଣ କରୁଛି। ଯାହାକି ଗଣତନ୍ତ୍ର ପ୍ରତି ଆଦୌ ଶୁଭଙ୍କର ନୁହେଁ। ପୋଲିସ ତା'ର ସୀମା ଉଲ୍ଲଂଘନ କରୁଛି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଉପରେ ଆକ୍ରମଣ ଆଦୌ ଗ୍ରହଣୀୟ ନୁହେଁ।

-ମହେନ୍ଦ୍ର ପରିଡ଼ା, ସିପିଆଇ(ଏମ୍‌ଏଲ୍) ରାଜ୍ୟ କମିଟି ସଦସ୍ୟ

## ଗଣତନ୍ତ୍ର ଉପରେ ଆକ୍ରମଣ

ପୋଲିସ ଯେଉଁଭଳି ଭାବେ ବାଡ଼ାବାଡ଼ି କରୁଛି ତାହା ନୀତିନିୟମ ଭିତରେ ନାହିଁ। କୌଣସି ଲୋକ ଯଦି ବେନିୟମ କାମ କଲା ବୋଲି ପୋଲିସ ଭାବୁଛି ଆଇନ ଅନୁଯାୟୀ ପଦକ୍ଷେପ ନେବା କଥା। ସାମ୍ବାଦିକମାନେ ଖବର ସଂଗ୍ରହ କରିବାକୁ ଯାଉଛନ୍ତି। ସେମାନଙ୍କ ଉପରେ ଯଦି ଆକ୍ରମଣ କରାଯାଏ ତେବେ ତାହା ଦେଶର ଗଣତନ୍ତ୍ର ଉପରେ ଆକ୍ରମଣ ବୋଲି କୁହାଯିବ। ଡାକ୍ତରଖାନାରେ ବେଡ୍ ନାହିଁ, ଡାକ୍ତର ନାହାନ୍ତି, ଆବଶ୍ୟକ ଯନ୍ତ୍ରପାତି ନାହିଁ ସେଗୁଡ଼ିକ ନ କରିବା ପରିବର୍ତ୍ତେ ଲୋକଙ୍କ ଦୃଷ୍ଟିକୁ ଏଡ଼ାଇବାକୁ ପୋଲିସ ଏଭଳି କାର୍ଯ୍ୟ କରୁଛି।

-ଦୁଷ୍ମନ୍ତ ଦାସ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ମଣ୍ଡଳୀ କମିଟି ସଦସ୍ୟ

## ବାକ୍ ସ୍ୱାଧୀନତା ଉପରେ ଆକ୍ରମଣ

ବାକ୍ ସ୍ୱାଧୀନତା ଉପରେ ଆକ୍ରମଣ। ପୋଲିସ ତା' ସୀମାରେଖା ଭିତରେ ରହିବା ଉଚିତ। ସାମ୍ବାଦିକ ଓ ଉଠାଦୋକାନୀଙ୍କୁ ଆକ୍ରମଣ କରିବାକୁ ପୋଲିସକୁ କିଏ ଅଧିକାର ଦେଲା। ଦୋଷୀ ପୋଲିସ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେବା ଦରକାର। କ୍ଷତିଗ୍ରସ୍ତ ସାମ୍ବାଦିକ ଓ ବ୍ୟବସାୟୀଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବାକୁ ଆମେ ଦାବି କରୁଛୁ।

-ରବି ବେହେରା, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି

## ତଦନ୍ତ ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ

ମାମଲା ରୁଜୁ ହୋଇ ତଦନ୍ତ ପ୍ରକ୍ରିୟା ଜାରି ରହିଛି। ଖବରଦାତାଙ୍କୁ ଆକ୍ରମଣ କରିଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଯାହା ତଦନ୍ତ ରିପୋର୍ଟ ମିଳିବ ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

-ସମୀର ଦାଶ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ

## ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ

କରୋନା ନିୟନ୍ତ୍ରଣ ଆଳର ଦ୍ୱାହି ଦେଇ ସାଧାରଣ ଲୋକ ଏବଂ ଖବରଦାତାଙ୍କୁ ଆକ୍ରମଣ ଉପରେ ଉପଯୁକ୍ତ ତଦନ୍ତ ସହିତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଓଡ଼ିଶା ପୋଲିସ ବିଭିନ୍ନ ସମୟରେ ସାଧାରଣ ଲୋକ, ଖବରଦାତା, ବୁଦ୍ଧିଜିବୀଙ୍କୁ ଆକ୍ରମଣ କରି ପରବର୍ତ୍ତୀ ସମୟରେ ସମାଧାନ ରାସ୍ତା ଆପଣାଉଛି। ଏହା ଗଣତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ। ବର୍ତ୍ତମାନ ପୋଲିସ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ନ ନେଲେ ଆଗକୁ ଗଣତନ୍ତ୍ର ଆହୁରି ବିପଦ ଭିତରକୁ ଚାଲିଯିବ।

-ନିଶିକାନ୍ତ ମହାପାତ୍ର, ରାଜ୍ୟ ସଭାପତି ଆମ୍ ଆଦ୍‌ମୀ ପାର୍ଟି

## ପୋଲିସର ଏଭଳି ବର୍ବରତା ନିନ୍ଦନୀୟ

ଖବରଦାତା ନିଜ ପରିଚୟ ଦେଇ ସାରିବା ପରେ ତାଙ୍କୁ ଆକ୍ରମଣ କରାଯିବା ଘଟଣା ଅତ୍ୟନ୍ତ ଦୁଃଖଦାୟକ। ପ୍ରଶାସନ ମନେ ରଖିବା ଦରକାର ଯେ, ସୁସ୍ଥ ସମାଜ ଗଠନରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଣୁ ଖବର ସଂଗ୍ରହ ବେଳେ ଖବରଦାତାଙ୍କୁ ପୁରୀ ପୋଲିସର ଆକ୍ରମଣ ଆଦୌ ଗ୍ରହଣୀୟ ନୁହେଁ। ମୁଁ ପୋଲିସର ଏଭଳି ବର୍ବରତାକୁ କଡ଼ା ଭାଷାରେ ନିନ୍ଦା କରୁଛି।

-ଶାରଦା ସାମଲ, ସମ୍ପାଦକ, ପୁରୀ ବାର୍ ଆସୋସିଏଶନ୍

## ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

ଅଧିକାଂଶ ସମୟରେ ପୋଲିସ ନିୟମ ଭୁଲି ଲୋକଙ୍କ ଉପରେ ଜୁଲମ୍ କରିଥାଏ। ଏସବୁକୁ ଖବରଦାତାମାନେ ଲୋକଲୋଚନକୁ ଆଣିବା ପରେ ପୋଲିସ୍ ସେମାନଙ୍କୁ ଆକ୍ରମଣ କରିବାକୁ ପଛାଇ ନ ଥାଏ। ଏଭଳି ଏକ ଅମାନବୀୟ ଘଟଣା ଘଟିଛି ପୁରୀରେ। ଧରିତ୍ରୀ ଖବରଦାତାଙ୍କୁ ପୋଲିସ ଯେଉଁଭଳି ଆକ୍ରମଣ କରିଛି ତାହାକୁ ଝାରସୁଗୁଡା ଜିଲା କୃଷକ ସଙ୍ଗଠନ ଘୋର ନିନ୍ଦା କରିବା ସହ ସମ୍ପୃକ୍ତ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରୁଛି।

- ବିରଞ୍ଚି ସାହୁ, ଝାରସୁଗୁଡା ଜିଲା କୃଷକ ସଙ୍ଗଠନ ଆବାହକ

## ସାମ୍ବାଦିକଙ୍କୁ ଆକ୍ରମଣ ନିନ୍ଦନୀୟ

କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ପୋଲିସର ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ରାଜ୍ୟ ସରକାର ସାମ୍ବାଦିକଙ୍କୁ କୋଭିଡ୍ ଯୋଦ୍ଧା ଭାବେ ଘୋଷଣା କରିଥିବାବେଳେ ସରକାରୀ ଆଇନ ରକ୍ଷକମାନଙ୍କର ଏଭଳି ଆଚରଣ ଆଦୌ ଗ୍ରହଣୀୟ ନୁହେଁ। ଏଭଳି କର୍ମଚାରୀମାନେ ସମସ୍ତ ପୋଲିସ ବାହିନୀକୁ ନିନ୍ଦିତ କରୁଛନ୍ତି। ଏ ପ୍ରକାର ଆଚରଣ ପ୍ରଦର୍ଶନ କରୁଥିବା ପୋଲିସଙ୍କ ବିରୋଧରେ ଉପରିସ୍ଥ ଅଧିକାରୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍।

-ସୁକାନ୍ତ କୁମାର ମହାପାତ୍ର, ସଭାପତି, ସୁନ୍ଦରଗଡ଼ ଜିଲା ଓକିଲ ସଂଘ

## ପୋଲିସ ଆଚରଣ ବଦଳାଉ

ପୁରୀ ଖବରଦାତାଙ୍କୁ ପୋଲିସର ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ହାଜତ ମୃତ୍ୟୁ ଘଟଣା ପରଠାରୁ ପୋଲିସ ଶିକ୍ଷାଲାଭ କରି ନମନୀୟ ହେବା କଥା, ମାତ୍ର ବର୍ତ୍ତମାନ ପୋଲିସର ଆଚରଣ ବ୍ରିଟିଶ ଅମଳର ପୋଲିସ ଆଚରଣ ପରି ରହୁଛି। ଯଦି ପୋଲିସ ନିଜ ଆଚରଣ ଏବଂ ବ୍ୟବହାରରେ ପରିବର୍ତ୍ତନ ନ କରେ ତେବେ ଆଗାମୀ ଦିନରେ ପୁରୀବାସୀ ଉଚିତ ଜବାବ ଦେବେ।

-ଜଗନ୍ନାଥ ଦେଓ, ଶ୍ରମିକ ନେତା, ପୁରୀ

## ଗଣମାଧ୍ୟମର କଣ୍ଠରୋଧ

ପୋଲିସର ଆଇନ ବିରୋଧୀ କାର୍ଯ୍ୟ ଲୋକଲୋଚନକୁ ଆସିବା ଭୟରେ ଜାଣିଶୁଣି ଖବରଦାତାଙ୍କ ଉପରେ ଆକ୍ରମଣ କରିଛି। ପୋଲିସ ଗଣମାଧ୍ୟମର କଣ୍ଠରୋଧ କରିବାକୁ ଚେଷ୍ଟା କରିଛି। ଖବରଦାତାଙ୍କୁ ମାଡ଼ ମାରିଥିବା ପୋଲିସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ପୂର୍ବରୁ ଖବରଦାତାଙ୍କ ଉପରେ ହୋଇଥିବା ପୋଲିସ ଆକ୍ରମଣ ଘଟଣାରେ ପ୍ରଶାସନ କୌଣସି ପଦକ୍ଷେପ ନେଇନି, ଯାହା ଦୁଃଖର ବିଷୟ।

-ଶିବପ୍ରସାଦ ଦାସ, ଯୁବ ଖବରଦାତା, ପୁରୀ

## ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରାଯାଉ

ପୋଲିସ କର୍ମଚାରୀମାନେ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଖବରଦାତାଙ୍କୁ ଆକ୍ରମଣ କରିବା ନିନ୍ଦନୀୟ। ପୂର୍ବରୁ ମଧ ଏଭଳି ଅନେକ ଘଟଣା ଘଟିଛି। କିନ୍ତୁ କାର୍ଯ୍ୟାନୁଷ୍ଠାନ ଶୂନ୍। ଫଳରେ ପୋଲିସ ଆକ୍ରମଣ କରିବାକୁ ସାହସ କରୁଛି। ରାଜ୍ୟ ସରକାର ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା ସହ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

-ପ୍ରତାପ ଚନ୍ଦ୍ର ପ୍ରଧାନ, ସଭାପତି, ଭୁବନେଶ୍ୱର ସାମ୍ବାଦିକ ସଂଘ

## ପୋଲିସ ଅଶାନ୍ତିର ବାହକ ପାଲଟିଛି

ପୋଲିସ ପ୍ରଶାସନର ଅନ୍ୟ ନାମ ଶାନ୍ତି ସେନା ହୋଇଥିବାବେଳେ ଏବେ ଅଶାନ୍ତିର ବାହକ ପାଲଟିଛି। ବର୍ବର ଓ ଅମାନବିକଙ୍କ ଭଳି ଆଚରଣ ପ୍ରଦର୍ଶନ କରୁଛି, ଯାହା ପୁରୀ ଘଟଣାର ସ୍ପଷ୍ଟ ହେଉଛି। ତୁରନ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ।

-ଅକ୍ଷୟ କୁମାର ସ୍ୱାଇଁ, ସଭାପତି, ସାହିତ୍ୟ ସଂସଦ,ଏରସମା

## ବର୍ବରତା ସୀମା ଲଂଘିଛି

ସାମ୍ବାଦିକ ବନ୍ଧୁମାନେ କରୋନା ସମୟରେ ନିଜ ଜୀବନକୁ ବିପଦରେ ପକାଇ କାର୍ଯ୍ୟ କରୁଛନ୍ତି। ଏହି ସମୟରେ ପୋଲିସ ସାମ୍ବାଦିକଙ୍କ ସ୍ୱରକୁ ଚାପିଦେବାକୁ ଉଦ୍ୟମ କରିବା ଏକ ଆପରାଧିକ କାର୍ଯ୍ୟ। ପୁରୀ ସାମ୍ବାଦିକଙ୍କ ଉପରେ ପୋଲିସର ବର୍ବରତା ସୀମା ଲଂଘିଛି।

- ଚିନ୍ତାମଣି ପାଢ଼ୀ, ଜାତୀୟ ପରିଷଦ ସଦସ୍ୟ, ଏସ୍‌ୟୁଜେ

## ସାଂଘାତିକ

ଯଦି ଜଣେ ସାମ୍ବାଦିକଙ୍କ କୌଣସି ଭୁଲ୍ ନ ଥାଇ ପୋଲିସ ଅସଦାଚରଣ କରିଥାଏ ତେବେ ତାହା ସାଂଘାତିକ। ଏପ୍ରକାର ଆଚରଣ ଗଣତନ୍ତ୍ର ପାଇଁ ଏକ ବଡ଼ ବିପଦ। କରୋନାର ଦ୍ୱିତୀୟ ଲହରରେ ପୋଲିସକୁ ନିର୍ଦ୍ଦେଶ ରହିଛି କାହାରି ସହିତ ଦୁର୍ବ୍ୟବହାର କରନାହିଁ।

-ମନୋରଞ୍ଜନ ମହାନ୍ତି, ପୂର୍ବତନ ବିଚାରପତି



ଅନୁଗୋଳ ଜିଲା ଛେଣ୍ଡିପଦା କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।



ଗଜପତି ଜିଲା ନୂଆଗଡ଼ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ଲାବଣ୍ୟେନ୍ଦୁ ମହାନ୍ତିଙ୍କୁ ଦାବିପତ୍ର ଦିଆଯାଉଛି।



ଯାଜପୁର ଜିଲାର କଳିଙ୍ଗନଗର ଜର୍ନାଲିଷ୍ଟ ଆସୋସିଏଶନ, ଯାଜପୁର ରୋଡ୍ ପ୍ରେସ୍ କ୍ଲବ ଓ ବ୍ୟାସ ପ୍ରିଣ୍ଟମିଡିଆ ଆସୋସିଏଶନ ପକ୍ଷରୁ କଳିଙ୍ଗନଗର ଏଡିଏମ୍‌ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।



ଯାଜପୁର ଜିଲା ରସୁଲପୁର ପ୍ରେସ୍ ଫୋରମ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରସୁଲପୁର ବିଡିଓ ଏବଂ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି।



ବାଲେଶ୍ୱର ଜିଲା ରେମୁଣା ସାମ୍ବାଦିକ ସଂଘ ସଭାପତି ଲକ୍ଷ୍ମୀଧର ରାଉଁଙ୍କ ନେତୃତ୍ୱରେ ଦାବିପତ୍ର ବିଡିଓ ଛବିରାଣୀ ସାହୁଙ୍କୁ ପ୍ରଦାନ କରାଯାଉଛି।



ପୁରୀ ଖବରଦାତାଙ୍କୁ ପୋଲିସର ମାଡ଼ ଓ ଦୁର୍ବ୍ୟବହାର ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର କଳାହାଣ୍ଡି ଜିଲା ଦୁଆଣ୍ଡଲା ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦୁଆଣ୍ଡଲା ତହସିଲଦାର ଚନ୍ଦ୍ରମଣି ନାଗଙ୍କୁ ପ୍ରଦାନ କରାଯାଇଛି।

ଶତ୍ରୁକୁ ପରାଭୂତ କରିବାର ସର୍ବୋତ୍ତମ ଉପାୟ ହେଲା– ତା'ସମ୍ମୁଖରେ ହସିବା। ତୁମେ ସତକୁ ସତ ହସିପାରିବ ସେତିକି ବେଳେ, ଯେତେବେଳେ ତୁମେ ସବୁପ୍ରକାର ଅପମାନ ଓ ଦୋଷାରୋପର ଊର୍ଦ୍ଧ୍ୱରେ ଥିବ। –ଶ୍ରୀମା



# ଋଣ କର, ସାଥିରେ ଅଛୁ

ବର୍ତ୍ତମାନ ଭାରତୀୟ ଶାସନତନ୍ତ୍ରକୁ ଦେଖିଲେ କେନ୍ଦ୍ର ସରକାର ପ୍ରତ୍ୟେକ ବିଷୟରେ ରାଜ୍ୟ ପ୍ରତି ଥିବା ଦାୟିତ୍ୱକୁ ପରିତ୍ୟାଗ କରିଦେଉଛନ୍ତି। ଅନ୍ୟପକ୍ଷରେ ରାଜ୍ୟଗୁଡ଼ିକର କ୍ଷମତାକୁ ଛଡ଼େଇ ନେବାରେ ଧୁରନ୍ଧର। ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲେ ସେତେବେଳେ କେନ୍ଦ୍ରୀୟ ସ୍ତରରେ ହେଉଥିବା ବୈଠକରେ ରାଜ୍ୟଗୁଡ଼ିକର ସ୍ୱାତନ୍ତ୍ର୍ୟ ଓ ଅଧିକାର ଉପରେ ଗୁରୁତ୍ୱ ଦେଉଥିଲେ। ରାଜ୍ୟଗୁଡ଼ିକୁ ଅତ୍ୟଧିକ ଆର୍ଥିକ ସ୍ୱାଧୀନତା ମିଳୁ ବୋଲି ଯୁକ୍ତି କରୁଥିଲେ। ହେଲେ ନିଜେ ଯେତେବେଳେ ଦିଲ୍ଲୀରେ କ୍ଷମତାରେ ବସିଲେ ପ୍ରଥମେ ସଂଘୀୟ ବ୍ୟବସ୍ଥାକୁ ଚୋଟ ମାରିଲେ। ଉଦାହରଣ ସ୍ୱରୂପ, ୨୦୧୭ ଜୁଲାଇରେ ଦେଶରେ ପ୍ରଚଳନ କରାଯାଇଥିବା ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଫଳରେ ରାଜ୍ୟଗୁଡ଼ିକର ଆର୍ଥିକ ବିଭବକୁ ଶକ୍ତ ପାହାର ବସିଲା। ୮ ନଭେମ୍ବର ୨୦୧୬ରେ ବିମୁଦ୍ରୀକରଣ ଯୋଗୁ ନଇଁପଡ଼ିଥିବା ଅର୍ଥନୀତି ଏହାଦ୍ୱାରା ଆହୁରି ଦୁର୍ବଳ ହୋଇଗଲା। ଉଲ୍ଲେଖ କରାଯାଇପାରେ ଯେ, ଭାରତୀୟ ଅର୍ଥନୀତି ମହାମାରୀ ପୂର୍ବରୁ ଚଳିତକାଳ ହୋଇଯାଇଥିଲା। କରୋନାଜନିତ ଲକ୍‌ଡାଉନ୍ ପରେ ସେହି କ୍ଷତି ବିଶାଳ ରୂପ ଧାରଣ କରିଛି। ୨୦୨୦ ସମ୍ପୂର୍ଣ୍ଣ ବର୍ଷ ଏହିଭଳି ଖୋଲା ଓ ବନ୍ଦ ଭିତରେ ବିତିଯାଇଥିବା ବେଳେ ଏବେ ୨୦୨୧ର ମଧ୍ୟଭାଗରେ ସ୍ଥିତି ଅଧିକ ଜଟିଳ ହେବାରେ ଲାଗିଛି। ଲୋକଙ୍କ ହାତରେ ଅର୍ଥର ଘୋର ଅଭାବ। ବିମୁଦ୍ରୀକରଣ ହୋଇ ନ ଥିଲେ, ନଗଦ ରାଶି ଲୋକଙ୍କୁ ସହାୟକ ହୋଇପାରିଥାନ୍ତା। ସେତେବେଳେ ମୋଦିଙ୍କ ବିମୁଦ୍ରୀକରଣକୁ ଯେଉଁମାନେ ସମର୍ଥନ କରୁଥିଲେ, ଏବେ ମୁହଁ ଲୁଚାଇବାକୁ ବାଧ୍ୟ ହେଉଛନ୍ତି। କାରଣ ସେମାନେ ବାସ୍ତବତାକୁ ଅଙ୍ଗେ ଅନୁଭବ କଲେଣି। ଜିଏସ୍‌ଟି ବିଷୟକୁ ତର୍ଜମା କଲେ ଗତବର୍ଷ ମହାମାରୀ ସମୟରେ ରାଜ୍ୟଗୁଡ଼ିକର ଆବଶ୍ୟକ ଅଂଶଧନ ଦେବାରେ କେନ୍ଦ୍ର ବିଫଳ ହୋଇଥିଲା। ସେତେବେଳେ ରାଜ୍ୟଗୁଡ଼ିକ କେନ୍ଦ୍ରର ପଦକ୍ଷେପକୁ ବିରୋଧ କଲେ। ସେହି ସମୟରେ କେନ୍ଦ୍ର ସରକାର ବୁଦ୍ଧି ଦେଲେ ଯେ, ସେମାନେ ଉକ୍ତ ଅର୍ଥ ଭରଣା ପାଇଁ ବଜାରରୁ ଋଣ କରିପାରିବେ। ଏଥିରେ କେନ୍ଦ୍ର ସହାୟତା କରିବ। ଏଭଳି ଅବାନ୍ତର ସହଯୋଗ ସମ୍ଭବତଃ ଭାରତୀୟ ସଂଘୀୟ ବ୍ୟବସ୍ଥାରେ କେବେ ଦେଖାଦେଇ ନ ଥିଲା।

ଭାଜପା କେନ୍ଦ୍ରରେ କ୍ଷମତାସୀନ ହେବା ପରେ ସର୍ବଦା 'ଏକ ଦେଶ ଏକ ଟିକସ', 'ଏକ ଦେଶ ଏକ ପରିଚୟପତ୍ର (ଆଧାର)', 'ଏକ ଦେଶ ଏକ ରାଶନ କାର୍ଡ'ଠାରୁ ଆରମ୍ଭ କରି 'ଏକ ଦେଶ ଏକ ଭାଷା' ବାଟ ଦେଇ 'ଏକ ଦେଶ ଏକ ନେତା' ପାଖରେ ପହଞ୍ଚିଥିଲା। ମଝିରେ କରୋନା ବିଗାଡ଼ିଦେଲା। ସମ୍ବିଧାନରେ 'ବିବିଧତା ଭିତରେ ଏକତା'କୁ ଭାରତର ସୌନ୍ଦର୍ଯ୍ୟ ଭାବେ ଅଭିହିତ କରାଯାଇଛି। କିନ୍ତୁ ଏକକାଳ କେନ୍ଦ୍ର ସରକାର ତାହାକୁ ଗ୍ରହଣ ନ କରି ନିଜେ ନୀତି ତିଆରି କରିବାକୁ ଚାହୁଁଥିବା ଦେଖାଯାଉଛି। ଏଠାରେ ଅନେକେ ପ୍ରଶ୍ନ କଲେଣି ଯେ, ସବୁକିଛି କେନ୍ଦ୍ରୀକରଣ ଚାହୁଁଥିବା ମୋଦି 'ଟିକାକରଣ'ରେ ସେହି ନୀତି ଆପଣାଇଲେ ନାହିଁ କାହିଁକି। କେନ୍ଦ୍ର ସରକାର ଉପରେ ଆର୍ଥିକ ଓ ପରିଚାଳନାଗତ ଚାପ ପଡ଼ିବାରୁ ରାଜ୍ୟଗୁଡ଼ିକ ଟିକା ସଂକ୍ରାନ୍ତରେ ନିଷ୍ପତ୍ତି ନିଅନ୍ତୁ ବୋଲି ପରାମର୍ଶ ଦିଆଗଲା। ଏହି କ୍ଷେତ୍ରରେ କେବଳ ମୋଦି କୋଅପରେଟିଭ୍ ଫେଡେରାଲିଜିମ୍ ବା ସହଯୋଗୀ ସଂଘୀୟବାଦ ବିଷୟକୁ ଗୁରୁତ୍ୱ ଦେଉଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ଏବେ ଭାଜପା ସରକାର ନିଜର ସଂଘୀୟ ବ୍ୟବସ୍ଥାକୁ ଫେରିଯିବାକୁ ଚାହୁଁଛି। ନ ହେଲେ ପ୍ରାୟ ସବୁ କଥାରେ କେନ୍ଦ୍ରୀୟ ଶାସନ ସିଧାସଳଖ ରାଜ୍ୟଗୁଡ଼ିକ ଉପରେ ଲଦି ଦିଆଯିବାକୁ ଚେଷ୍ଟା ଚାଲିଛି। ଏବେ ପଶ୍ଚିମବଙ୍ଗରେ ନୂତନ ବିଧାନସଭାରେ ବିରୋଧୀ ଦଳର ବିଧାୟକ ଓ ନେତାମାନଙ୍କୁ କେନ୍ଦ୍ରୀୟ ପୋଲିସ ବାହିନୀ ଦ୍ୱାରା ସୁରକ୍ଷା ଦିଆଯାଉଛି। କାରଣ ଭାଜପା ସେଠାରେ ବିରୋଧୀ ଦଳକୁ ଚାଲିଯାଇଛି।

ଆଜି ମୋଦି ଓ ତାଙ୍କ ଦଳ ଯେଉଁ ରାସ୍ତା ଧରିଛନ୍ତି, ତାହା ଦ୍ୱାରା ଦେଶରେ ଅନେକ କ୍ଷତି ହେଉଛି। ନିରଙ୍କୁଶ କ୍ଷମତାକୁ ଜାବୁଡ଼ି ଧରି ନେତୃତ୍ୱ ନେବାର ଅଙ୍ଗଭାବ ଯୋଗୁ ଭାଜପାକୁ ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନ ବିଶେଷକରି ପଶ୍ଚିମବଙ୍ଗରୁ କିଭଳି ଧକ୍କା ମିଳିଛି, ତାହା ସମସ୍ତେ ଜାଣନ୍ତି। ସେହିଭଳି କେବଳ କଂଗ୍ରେସକୁ ଦୋଷ ଦେଇ ଦିନେ କ୍ଷମତାକୁ ଆସିଥିବା ଭାଜପା ବୁଝିବା ଦରକାର ଯେ, ସ୍ୱାଧୀନ ଭାରତ ଇତିହାସରେ ଯାହାସବୁ ସକାରାତ୍ମକ କାର୍ଯ୍ୟ ହୋଇଛି, ତାହାର ଶ୍ରେୟ କେବଳ ଗାନ୍ଧୀ ପରିବାର କିମ୍ବା କଂଗ୍ରେସ ନେଇପାରିବ ନାହିଁ। ଆଶାନୁଯାୟୀ ହେଉ ବା ନ ହେଉ, ଯାହା ବି ଭାରତରେ ହୋଇଛି ତାହାର ସବୁ ଶ୍ରେୟ ଦେଶର ଏହି ନାଗରିକଙ୍କୁ ଯିବ। ସେହି ନାଗରିକ ଥରେ ନୁହେଁ, ଦୁଇଥର ଅର୍ଥାତ୍ ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସକୁ ପରାଜିତ କରି ଅଳିଆଗଦାରେ ଫୋପାଡ଼ି ଦେଇଛନ୍ତି। ସରକାରୀ ଦଳ ନିଜର ବିଫଳତାକୁ ଅବହେଳା କରି ବିରୋଧୀଙ୍କ ମୁଣ୍ଡରେ ଦୋଷ ଲଦିଲେ ଲୋକଙ୍କ ଦ୍ୱାରା ଗ୍ରହଣୀୟ ହୋଇ ନ ପାରେ।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ମେ ୧୯୯୬

- ବାଂଲାଦେଶର ମାନିକଗଞ୍ଜ ଜିଲାରେ ଯମୁନା ନଦୀରେ ଯାତ୍ରିବାହୀ ନୌକା ଓ ମାଲବାହୀ ନୌକା ମଧ୍ୟରେ ଧକ୍କା ଲାଗିବା ଫଳରେ ୫୦ ଜଣଙ୍କ ମୃତ୍ୟୁ।
- ବଦ୍ରୀନାଥରୁ ତୀର୍ଥଯାତ୍ରୀଙ୍କୁ ନେଇ ଫେରୁଥିବା ଏକ ବସ୍ ଗ୍ରାମୋହାର ନାମକ ସ୍ଥାନରେ ୩୦ ମିଟର ଖାଲକୁ ଖସିପଡ଼ିବା ଫଳରେ ୧୨ ତୀର୍ଥଯାତ୍ରୀ ମୃତ।
- ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା କମେଣ୍ଟେଟର ରବି ଶାସ୍ତ୍ରୀ ୟୁନିସେଫ୍‌ର ରାଷ୍ଟ୍ରଦୂତ ନିଯୁକ୍ତ।

## su|do|ku Puzzles by Srikant Ghosh ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 3 | | | | |
| | | 3 | 9 | 8 | | | | |
| 1 | | 5 | | 4 | | 8 | | |
| | | 1 | | | | | | |
| | | 5 | | 4 | | | | |
| | | 4 | 9 | 2 | | 7 | | |
| 5 | | | | 3 | | | | |
| 6 | | | | 2 | | 3 | 7 | |
| | 4 | 8 | | 1 | | 5 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 8 | 2 | 6 | 1 | 3 | 5 | 9 |
| 6 | 5 | 3 | 9 | 8 | 4 | 2 | 7 | 1 |
| 2 | 9 | 1 | 3 | 7 | 5 | 8 | 6 | 4 |
| 9 | 6 | 2 | 5 | 3 | 8 | 1 | 4 | 7 |
| 8 | 7 | 5 | 1 | 4 | 6 | 9 | 3 | 2 |
| 1 | 3 | 4 | 7 | 2 | 9 | 6 | 8 | 5 |
| 5 | 1 | 6 | 8 | 9 | 7 | 4 | 2 | 3 |
| 3 | 8 | 7 | 4 | 1 | 2 | 5 | 9 | 6 |
| 4 | 2 | 9 | 6 | 5 | 3 | 7 | 1 | 8 |

ଗତକାଲିର ଉତ୍ତର

# ଧ୍ୱଂସ କ'ଣ ଏକମାତ୍ର ବିକଳ୍ପ



ଡ. ମାନସ ରଞ୍ଜନ ରଥ

ଜୀବନ ଓ ମୃତ୍ୟୁ ଗୋଟିଏ ମୁଦ୍ରାର ଉଭୟ ପାର୍ଶ୍ୱ। ପରସ୍ପର ପରିପୂରକ। ମନୁଷ୍ୟ ଏହି ଦୁଇ ଗୋଟି ପାର୍ଶ୍ୱର ମଧ୍ୟବର୍ତ୍ତୀ ସତ୍ତା। ଭଗବାନଙ୍କ ସୃଷ୍ଟିର ଶ୍ରେଷ୍ଠ ଜୀବ। ବିଦ୍ୟା, ବୁଦ୍ଧି, ବିବେକ ଓ ଚିନ୍ତା କରିବାର ଶକ୍ତି ଯୋଗୁ ସେ ଶ୍ରେଷ୍ଠ। ଜୀବନକୁ ଭଲ କରି ଜିଇବାର ସ୍ୱପ୍ନରେ ମସଗୁଲ ମଣିଷ ଜାଣିବାକୁ ଅସମର୍ଥ, କୋଉଠି ତା' ଭୁଲ। କେବଳ ସ୍ୱାର୍ଥ ଆଉ ସ୍ୱାର୍ଥ। ସ୍ୱାର୍ଥ ଟିକକ ପାଇଁ ବିଷ୍ଠା ମଧ୍ୟ ଖାଇ ପାରେ ମଣିଷ। ତା'ର ପରିଣତିରୁ ଚାଇନାର ଉହାନ ସହରରୁ କରୋନାର ସୃଷ୍ଟି। ଜୈବିକ ଅସ୍ତ୍ର ତିଆରି ଚାଲିଛି ତୃତୀୟ ବିଶ୍ୱଯୁଦ୍ଧ ପାଇଁ। ମଣିଷ ଭୁଲିଯାଉଛି ପରମାଣୁ ଅସ୍ତ୍ରର ଭୟାବହତା; ଯାହାର ବାସ୍ତବ ଚିତ୍ର ଆଜି ମଧ୍ୟ ହିରୋସିମା ଓ ନାଗାସାକିରେ ଦୃଷ୍ଟିଗୋଚର ହୁଏ। କ'ଣ ମିଳିବ ସେ କ୍ଷମତାରୁ, ଯୋଉଠି ଥିବ କେବଳ ଧ୍ୱଂସସ୍ତୂପ।

କରୋନା ଆସିଲାନି ଯେ ଆସିଲା ଏକ ଭସ୍ମାସୁର। ଯାହାକୁ ଛୁଇଁଲା ସେ ପାଲଟିଗଲା ଏକ ଶବରେ। ଏହାର ଛାଇରେ ସୃଷ୍ଟି ହେଲା ନିରକ୍ଷରତା, ବେରୋଜଗାରୀ ଓ ଧ୍ୱଂସ। ସ୍କୁଲ, କଲେଜ ତଥା ସମସ୍ତ ଶିକ୍ଷାନୁଷ୍ଠାନରେ ବର୍ତ୍ତମାନ ତାଲା। କେବଳ ସେତିକି ନୁହେଁ, ପିଲାଙ୍କ ଭବିଷ୍ୟତରେ ମଧ୍ୟ ତାଲା। ଏତିକି ତ କହିଲେ କମ୍ ହେବ, ଯୋଉଠି ବର୍ତ୍ତମାନର କଥା ସନ୍ଦେହ ଘେରରେ – ସେଠି ଭବିଷ୍ୟତ ଆସିବ କୋଉଠୁ। କୋଭିଡ୍ ଆସି ଯଦ୍ଦୁବଂଶ ଧ୍ୱଂସ କରିବାର କଥା ତ ଆମେ ଶୁଣିଥିଲୁ। ଏବେ ସତରେ କ'ଣ ସେଇ କୋଳୁଆ କରୋନା ବେଶରେ ଆସିଲା କି ? ମନ ଭିତରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ସବୁ ପ୍ରଶ୍ନ ଏବେ ଅସମାହିତ।

ବର୍ତ୍ତମାନ ପରିପ୍ରେକ୍ଷୀରେ କରୋନାର ସ୍ପର୍ଶ ସମସ୍ତଙ୍କର ଜୀବନୀ ଶକ୍ତିକୁ ଶୋଷି କଳାପ୍ରାନ ହେବାରେ ଲାଗିଛି। ଯୁଆଡ଼େ ଦେଖ ତାଲାବନ୍ଦ। ମଣିଷ ମଣିଷକୁ ଚିହ୍ନୁ ନାହିଁ। ସମସ୍ତେ ମୁଖା ପିନ୍ଧି ଘରେ ବନ୍ଦୀ। ସମ୍ପର୍କର ମାନେ ଶୂନ ହୋଇଯାଉଛି। ସନ୍ଦେହ ଘେରରେ ସମସ୍ତେ ଯେଉଁ ହୋଇ ରହିଛନ୍ତି। ଗୋଟେ ଛିଙ୍କ କିମ୍ବା କାଶ କେତେ ଯେ ଦୂରତା ସୃଷ୍ଟି କରୁଛି, ତା'ର ମାନଦଣ୍ଡ ନିରୂପଣ କରିବା ବର୍ତ୍ତମାନ ପରିପ୍ରେକ୍ଷୀରେ ଏକ ପ୍ରକାର ଅସମ୍ଭବ। ଟିଭି, ରେଡିଓ, ଖବରକାଗଜଠାରୁ ଆରମ୍ଭକରି ସବୁ ସୋସିଆଲ ମିଡିଆରେ କେବଳ ଗୋଟିଏ ଖବର– କରୋନା ମୃତ୍ୟୁ। ଚାରିଆଡେ ଭୟର ବାତାବରଣ। ତା'ରି ଭିତରେ ବଞ୍ଚିବାର ପ୍ରୟାସ ମଧ୍ୟ ଜାରି ରହିଛି। ହଠାତ୍ ଖବର ଆସିଲା ତାଲାବନ୍ଦର। ବଜାରରେ ଆଳୁ ପିଆଜ ଉଭାନ। ଆରେ ତାଲାବନ୍ଦ ଆଉ ଆଳୁପିଆଜର କିଛି ସମ୍ପର୍କ ଥିଲାପରି ତ ମନେହେଉନି। ଅଛି ନିଶ୍ଚୟ ଅଛି। ମାନେ ଥିଲାବାଲା ଲୋକମାନେ ବସ୍ତା ବସ୍ତା ଆଳୁପିଆଜ ଘରକୁ ବୋହିନେଲେ। ଯଦି ତାଲାବନ୍ଦ ହେଲା, ସେମାନେ ତ ବଞ୍ଚିଯିବେ। ଏହାକୁ କହନ୍ତି ମହାସ୍ୱାର୍ଥ। ସମସ୍ତେ ମରି ଯାଆନ୍ତୁ। ମୁଁ ବଞ୍ଚିଯାଏ। କିନ୍ତୁ ମଣିଷ ଭୁଲିଯାଏ ସମସ୍ତେ ଭିତରେ ବି ମୁଁର ମୃତ୍ୟୁ ହୋଇଥାଏ।

ତାଲାବନ୍ଦର ପ୍ରଭାବ ଛୋଟରୁ ବଡ ସବୁ ଶ୍ରେଣୀକୁ ଗ୍ରାଣ୍ଡ କରିଦେଇଛି। ଏହା ଯୋଗୁ ସ୍କୁଲ, କଲେଜ ବନ୍ଦ ହୋଇଗଲା। ପିଲାମାନେ ଘରେ ବନ୍ଦୀ। କେମିତି ଗଢ଼ିବେ ସେମାନେ ନିଜର ଭବିଷ୍ୟତ। ଚିନ୍ତାଶୀଳ ବ୍ୟକ୍ତିମାନେ ଧରାଇ ଦେଲେ ମୋବାଇଲ ଓ ଅନ୍‌ଲାଇନ କ୍ଲାସ। ଅଧିକ ଶ୍ରେଣୀମାନଙ୍କର ମୋବାଇଲ ପାଇଁ ବିଶେଷ ଅସୁବିଧା ହେଲା ନାହିଁ। ସେମାନେ ନିଜ ପିଲାମାନଙ୍କୁ ଧରାଇ ଦେଲେ ମୋବାଇଲ। ମାତ୍ର ଅସୁବିଧା ଆସିଲା ଗରିବ ଖଟିଖିଆ ପିଲାଙ୍କ ବାପାମା'ଙ୍କ ଉପରେ। ମୋବାଇଲଟିଏ ଯୋଗାଡ଼ କରିବାକୁ ମଧ୍ୟ ସୁନା ବା ଜମି ବନ୍ଧା ରଖିବାଠାରୁ ଆରମ୍ଭ କରି କରଜ ପର୍ଯ୍ୟନ୍ତ କଥା ଗଲା। ଯାହା ବି ହଉ ମୋବାଇଲ ଆସିଗଲା। ହେଲେ ଅସୁବିଧାର ଅବଜତା ସୃଚାଖା ଖୋଲିବାର ନାମ ଧରୁ ନ ଥାଏ। ନିଚଟ ମଫସଲରେ ରହୁଥିବା ପିଲାମାନଙ୍କ ମୋବାଇଲରେ ଇଣ୍ଟରନେଟର ସୁବିଧା ଆସିଲା ନାହିଁ। ପିଲା ଚାଲିଲେ ଇଣ୍ଟରନେଟ ଖୋଜି। ପାହାଡ଼, ଗଛ ଓ ପାଣିଟାଙ୍କି ଉପରେ ଥାଇ ଖୋଜିଲେ। କେତେକ ପାଇଲେ ଓ କେତେକ ଅସଫଳ ମଧ୍ୟ ହେଲେ। ଚାଲିଲା ପାଠର ଖୋଜାଖୋଜି। ଧନୀ ଓ ଗରିବ ଛାତ୍ରମାନେ ମିଶି ପାଠକୁ ଖୋଜୁ ଖୋଜୁ କେତେକ ପାଇଗଲେ ଅନ୍‌ଲାଇନ କ୍ରୀଡ଼ା ଓ ଅଶ୍ଳୀଳ ଚିତ୍ରର ଗନ୍ତାଘର। ଚାଲିଲା ପାଠପଢ଼ା ଓ ଭବିଷ୍ୟତ ଗଢ଼ା କାର୍ଯ୍ୟକ୍ରମ।

ଏ ଗଲା ଗୋଟିଏ ଦିଗ କଥା। ଆଉ ଗୋଟିଏ ଦିଗ ମଧ୍ୟ ସମ୍ବାଦରେ ଆଗେଇ ଚାଲିଲା। ସେମିତି ବେସରକାରୀ ଶିକ୍ଷାନୁଷ୍ଠାନର ଫିସ ଆଦାୟ ବ୍ୟବସ୍ଥା। କେତେକ ଅଭିଭାବକ ଗଲେ ନ୍ୟାୟାଳୟ ପାଖକୁ। ନ୍ୟାୟାଳୟ ସମବେଦନା ତ ପ୍ରକାଶ କଲେ କିନ୍ତୁ କିଛି ନିର୍ଦ୍ଦିଷ୍ଟ ଆଦେଶ ଦେଲେ ନାହିଁ। ପୁଣି ଚାଲିଲା ଫିସ ଆଦାୟ। ଏପଟେ ସରକାରୀ ଶିକ୍ଷାନୁଷ୍ଠାନ କଥା ଟିକେ ଭିନ୍ନ। ଏଠି ପୂର୍ବପରି ପିଲାଙ୍କୁ ନ ଡାକି ତାଙ୍କ ଅଭିଭାବକଙ୍କୁ ଡାକି ଚାଉଳ ବଣ୍ଟା ଗଲା। ଆଉ ଗୋଟେ ପଟେ ଶିକ୍ଷକମାନେ କେତେଠରେ ଅଭିନୟରେ ଅଭିନୟ କଲେ ତା'ର ପ୍ରମାଣ ଖବରକାଗଜଠାରୁ ଆରମ୍ଭ କରି ବିଭିନ୍ନ ଗଣମାଧ୍ୟମରେ ପ୍ରଚାରିତ ହେଲା। ଯଥା ମଶାଣି ଜଗିବା, ରାଜ୍ୟ ସୀମାରେ ପହରା ଦେବା, ଦୁଷ୍ଟ ତଦାରଖ କରିବା ଇତ୍ୟାଦି। ଏଗୁଡ଼ିକ ସବୁ ନୂଆ ଅଭିନୟ ମାନେ କରୋନାର ଆଶୀର୍ବାଦ। ଆଉରୁ ଭୋଟଗଣତି, ଠିକାଦାର ଓ ଅଣ୍ଡାଦିଆ ମାଷ୍ଟ୍ର ଏମିତି ଅନେକ କିଛି ଭୂମିକାରେ ସେ ସଫଳ ଅଭିନୟ କରିପାରିଛି। ଏଥିରୁ ଲାଗୁଛି ଏଇ ସବୁ କାମରୁ ମିଳୁଥିବା ଅଭିଜ୍ଞତା ନିଶ୍ଚିତ ଶିକ୍ଷା ବ୍ୟବସ୍ଥାରେ ଅନେକ ଉନ୍ନତି ସାଧନ କରିବ।

ଶିକ୍ଷା ପରି ସ୍ୱାସ୍ଥ୍ୟ ବିଭାଗ କଥା ନ କହିବା ଭଲ। ତଥାପି ଅଳ୍ପେ କହୁଛେ ଆଲୋଚନା କରିବା। କରୋନା ଯୋଗୁ ଟିକାକରଣ ଦାୟିତ୍ୱ ସ୍ୱାସ୍ଥ୍ୟ ବିଭାଗ ହାତରେ ରହିଛି। ଏପରି କି ରୋଗୀଙ୍କୁ ଠିକ୍ କରିବା ଦାୟିତ୍ୱ ମଧ୍ୟ ତା'ର, ଯଦିଓ ରୋଗ ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ ଏଯାବତ୍ ବାହାରି ନାହିଁ। ରୋଗୀ ସଂଖ୍ୟା ବଢ଼ିବାରେ ଲାଗିଛି। କିନ୍ତୁ ବେଡ୍ ସଂଖ୍ୟା ବଢୁନାହିଁ କିମ୍ବା ବଢ଼ିବ ନାହିଁ ମଧ୍ୟ। ଏଣେ କରୋନା ଦଶନ ହାର ଏତେ ଅଧିକ ଯେ ବେଡ୍ ସଂଖ୍ୟା ମଧ୍ୟ ବଢ଼ାଇବା ସମ୍ଭବ ଲାଗୁନାହିଁ। ଟିକାକରଣ ମଧ୍ୟ ଚାଲିଛି ଟିକାର ଉତ୍ପାଦନ ଅଧିକ ନ ହୋଇପାରିବାରୁ ସମସ୍ତେ ଟିକା ପାଇ ପାରୁନାହାନ୍ତି। ପ୍ରଥମେ ୪୫ ବର୍ଷଠାରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନେ ଟିକା ନେଇଥିଲେ। ସେମାନଙ୍କର ଦ୍ୱିତୀୟ ଡୋଜ୍ ନେବାର ସମୟ ଆସିଗଲାଣି। ମାତ୍ର ଟିକା କମ୍ ଥିବାରୁ ସମସ୍ତେ ଦ୍ୱିତୀୟ ଡୋଜ୍ ନେଇପାରୁ ନାହାନ୍ତି। ଏ ତ ହେଲା ପ୍ରଥମ କାରଣ କିନ୍ତୁ ଦ୍ୱିତୀୟ କାରଣ ଲଜ୍ଜାଜନକ। ଅର୍ଥାତ୍ ପାତର ଅନ୍ତର ମନୋଭାବ। କେତେକ ସ୍ୱାସ୍ଥ୍ୟକର୍ମୀ ଟିକା ଦେବାବେଳେ ଚିହ୍ନା ମୁହଁ ଓ ଲାଞ୍ଚକୁ ଗୁରୁତ୍ୱ ଦେଉଛନ୍ତି। ଆଉ ଗୋଟିଏ କାରଣ ହେଲା ସଚେତନତାର ଅଭାବ। ସରକାର ବ୍ୟବସ୍ଥା କରିଛନ୍ତି cowin ୱେବ୍‌ସାଇଟରେ ପଞ୍ଜୀକରଣ କରି ଟିକାକେନ୍ଦ୍ରକୁ ଯିବା ପାଇଁ। ମାତ୍ର ଲୋକମାନେ କିଛି ନ ବୁଝି କେନ୍ଦ୍ର ନିକଟରେ ରାତି ଚାରିଟାରୁ ଲାଇନ ଲଗାଉଛନ୍ତି। ପୁଣି cowin ୱେବ୍‌ସାଇଟରେ ମଧ୍ୟ ଅନେକ ସମୟରେ ପଞ୍ଜୀକରଣ ହୋଇପାରୁ ନ ଥିବାରୁ ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅସୁବିଧାର ଅନ୍ତ ନ ଥିବା ପରି ମନେହେଉଛି। ପୁଣି ଟିକା, ଔଷଧ ଓ ଡାକ୍ତରଖାନାରେ ବେଡ୍‌ର କଳାବଜାର ସମସ୍ୟାକୁ ବଢ଼ାଇବାରେ ଲାଗିଛି।

କରୋନା ଦ୍ୱାରା ଏତେ ଅସୁବିଧା ହେଉଥିବା ମଧ୍ୟ ମନୁଷ୍ୟ ଚେତୁନାହିଁ। ଲାଗୁଛି ମୃତ୍ୟୁ ଦୁନିଆଁଟା ତଥାପି ଅର୍ଥ ଉପାର୍ଜନ ମୋହ ମନୁଷ୍ୟଙ୍କୁ ବାତୁଳ କରିସାରିଲାଣି। ସବୁଠି ରାଜନୀତି। ମୁଖ୍ୟ ଉଦ୍ଦେଶ୍ୟ ସ୍ୱାର୍ଥ ସାଧନ। କରୋନା ଯୋଗୁ ସମ୍ପର୍କର କ୍ଷେତ ପୂରା ଉଜୁଡ଼ି ଗଲାଣି। ଶବ ପାଇଁ ମଶାଣିର ଅଭାବ। ସମ୍ପର୍କୀୟମାନେ ମୁହଁ ମୋଡ଼ୁଛନ୍ତି ଶବ ନେବାପାଇଁ। ଶବ ପାଇଁ ସ୍ୱେଚ୍ଛାସେବୀ ହିଁ ଭରସା। ଅନେକ ସ୍ଥାନରେ ଶବ ନିଆଁ ନ ପାଇ ଏଣେ ତେଣେ କୁକୁରମାନଙ୍କ ଖାଦ୍ୟ ପାଲଟୁଛି। ଚାରିଆଡ଼େ ଭୟର ବାତାବରଣ। କାଳ ଗୁଞ୍ଜୁଛି। ମୃତ୍ୟୁ ତ ଆସିବାର ଥିଲା। ହେଲେ ଏମିତି ଅଚାନକ ସମସ୍ତଙ୍କୁ ଗୋଡ଼େଇ ଗୋଡ଼େଇ ଗ୍ରାସିବ, କାହାକୁ ଜଣା ନ ଥିଲା। ତଥାପି ଏବେ ମାଳିକା କଥା ସବୁଆଡ଼େ ପ୍ରଚାର ହେଉଛି। ମଣିଷ ଦୁଷ୍ଟ ବାନ୍ଧି କରି ଘରେ ଲୁଚିବ ଓ ପରିଜନମାନଙ୍କୁ ଚିହ୍ନି ପାରିବେନି। ଏବେ ମାଳିକା ଆସୁଥିଲା। ଏବେ ସବୁଆଡ଼େ ପଚାରୁ କ'ଣ ମାଳିକା କଥା ସତ ହେବ। ପୃଥିବୀ ଧ୍ୱଂସ ଦିଗକୁ ଗତି କରୁଛି। ମଣିଷ ନାମକ ସତ୍ତା କ'ଣ ଲିଭିଯିବ ଏ ପୃଥିବୀ ପୃଷ୍ଠରୁ। ଏତେ ସବୁ ପ୍ରଶ୍ନ ମନକୁ ଆନ୍ଦୋଳିତ କରିବା ବେଳେ ମନେହୁଏ ଧ୍ୱଂସ କ'ଣ ଏକମାତ୍ର ବିକଳ୍ପ ?

ଅଧ୍ୟାପକ, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଲାଞ୍ଜିଗଡ଼, କଳାହାଣ୍ଡି
ମୋ: ୯୦୪୦୧୦୦୨୭୯
manasrath88@gmail.com

# ସମ୍ପଦର ସ୍ୱତ୍ୱବାନ ସମୁଦ୍ର



ଡ. ଅଜୟ କୁମାର ପାତ୍ର

ଭାରତର ତିନି ପାର୍ଶ୍ୱରେ ସମୁଦ୍ର ତଥା ମହାସମୁଦ୍ର ଘେରି ରହିଛି। ଆମର ଜଳ ସମ୍ପଦ ଯେତେ ଅଧିକ ସମୃଦ୍ଧ ହେବ, ଅଧିକ ବ୍ୟାପକ ହେବ, ନୂତନ ଭୂତାଣୁ ବା ଜୀବାଣୁ ପ୍ରତିଷେଧକ ଔଷଧର ଉଦ୍ଭାବନ, ଅର୍ଥନୈତିକ ବିକାଶ, ସାମାଜିକ ନବୀକରଣ, ସ୍ୱାସ୍ଥ୍ୟ ଓ ଶିକ୍ଷାର ଅଭିବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ପରି ବିବିଧ ଆହ୍ୱାନଗୁଡ଼ିକ ସହ ଖାପ ଖୁଆଇ ଚଳିବାର ସୁଯୋଗ ମଧ୍ୟ ସେତେ ଅଧିକ ହେବ। ଜୀବସତ୍ତାର ପ୍ରଥମ ଉତ୍ସ ହେଉଛି ସମୁଦ୍ର। ଏମୋବା ଭଳି ଏକକୋଷୀ ପ୍ରାଣୀଠାରୁ ଆରମ୍ଭ କରି ବହୁକୋଷୀ ଉନ୍ନତ ମେରୁଦଣ୍ଡୀ ପ୍ରାଣୀ, ପୁନଶ୍ଚ ଏକକୋଷୀ ଉଦ୍ଭିଦରୁ ଆରମ୍ଭ କରି ବହୁକୋଷୀ ଉଦ୍ଭିଦର ସୃଷ୍ଟି ସମୁଦ୍ର ପାଣିରୁ। ସମୁଦ୍ରରେ ପରିପୂର୍ଣ୍ଣ ହୋଇ ରହିଛି ଅତୁଳନୀୟ ଜଳ ସମ୍ପଦ। ଆମେ ଆମର ସମୁଦ୍ର ସଂସ୍କୃତିକୁ ଠିକ୍ ଭାବରେ ଅନୁଧ୍ୟାନ କଲେ ଜାଣିପାରିବା ଯେ ସମୁଦ୍ର ମନ୍ଥନ ସମୟରେ ଦେବୀ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ଆବିର୍ଭାବ ହୁଏ। ଲକ୍ଷ୍ମୀ ଧନସମ୍ପଦର ଅଧିକାରିଣୀ ଓ ସରସ୍ୱତୀ ଜ୍ଞାନର। ଅର୍ଥାତ୍ ସମ୍ପଦ ଓ ସମ୍ମାନ, ଜ୍ଞାନ ଓ ଗରିମାର ଉତ୍ସ ହେଉଛି ସମୁଦ୍ର। ସମୁଦ୍ର ମନ୍ଥନ ସମୟରେ ମଧ୍ୟ ଅନାବଶ୍ୟକ ପଦାର୍ଥ ହିସାବରେ ଗରଳ ନିର୍ଗତ ହୁଏ। ଏହାର ତାତ୍ପର୍ଯ୍ୟ ହେଲା ଯେ ଯେପରି ଖାଦ୍ୟର ରନ୍ଧନ ପ୍ରକ୍ରିୟା ସମୟରେ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଦରକାର ହୋଇଥାଏ ଓ ନିର୍ଗତ ଧୂଆଁ, ଅନାବଶ୍ୟକ ପଦାର୍ଥ ହିସାବରେ ବାୟୁରେ ମିଶିଯାଏ। ସମୁଦ୍ର ମନ୍ଥନ ଆମକୁ ଶିଖାଇଛି ଯେ କୌଣସି କାର୍ଯ୍ୟରେ ଦରକାରୀ ଓ ଅଦରକାରୀ ପଦାର୍ଥ ଉଭୟ ସୃଷ୍ଟି ହୁଏ।

ସମଗ୍ର ଦେଶୀୟ ତଥା ବିଦେଶୀୟ ଚାହିଦାର ପ୍ରାୟ ଶତକଡ଼ା ୭୫ ଭାଗ ମାଛ ସମୁଦ୍ରରୁ ମିଳିଥାଏ। ସେହିପରି ୮୫ ଭାଗ ଚିଙ୍ଗୁଡ଼ି ସମୁଦ୍ରରୁ ମିଳିଥାଏ। ଉଭୟ ମାଛ ଓ ଚିଙ୍ଗୁଡ଼ି ଦେଶୀୟ ଓ ବିଦେଶୀୟର ଶତକଡ଼ା ୭୦ ଭାଗ ପୁଷ୍ଟିସାର ଯୋଗାଇଥାଏ। ସେହିପରି ଶୈବାଳ ଓ ଜଳଜକୀଟରୁ ୬୫ଭାଗ ଔଷଧୀକରଣ ସାମଗ୍ରୀ ମିଳିଥାଏ। ଅଧିକନ୍ତୁ ସାମୁଦ୍ରିକ ଲୁଣିମାଛ, ସିଲ୍‌ମାଛ ତଥା ତିମି ମାଛର ଚର୍ବିରେ ଭରପୂର ରହିଛି ହୃଦ୍‌ରୋଗର ଅମୋଘ ଔଷଧୀକରଣ ପଦାର୍ଥ, ଓମେଗା–୩ –ଫ୍ୟାଟିଏସିଡ। ଏତଦ୍‌ବ୍ୟତୀତ ସମୁଦ୍ରରେ ପରିପୂର୍ଣ୍ଣ ରହିଛି ଅତୁଳନୀୟ ଶାମୁକା, କଙ୍କଡ଼ା ଭଳି ପଦାର୍ଥ; ଯାହାର ମୂଲ୍ୟାଙ୍କନ କରିବା ସହଜ ନୁହେଁ। ସମୁଦ୍ରରୁ ମଧ୍ୟ ମିଳିଥାଏ ଅମୂଲ୍ୟ ନୀଳରକ୍ତ ବିଶିଷ୍ଟ ଅମେରୁଦଣ୍ଡୀ ପ୍ରାଣୀ ଲିମୁଲାସ (କିଙ୍ଗ କ୍ରବ୍), ଯାହାର ରକ୍ତରସରୁ ତିଆରି କରାଯାଏ କରୋନା ଭଳି ଭୂତାଣୁକୁ ପରାସ୍ତ କରିବାର ଆତ୍ମ ପ୍ରତିରୋଧ ଶକ୍ତି, ପ୍ରତିପିଣ୍ଡ (ଆଣ୍ଟିବଡି) ଔଷଧ, 'ଲାଲ୍'।

ସାମୁଦ୍ରିକ ମାଛ, ଚିଙ୍ଗୁଡ଼ି, ଶାମୁକା ଓ କଙ୍କଡ଼ା ଆଦି ଦରକାରୀ ଜୀବ ରପ୍ତାନି କରି ଦେଶ ବୈଦେଶିକ ମୁଦ୍ରା ଅର୍ଜନ କରି ଦେଶକୁ ସମୃଦ୍ଧ କରିବାରେ ସାହାଯ୍ୟ କରେ। ଦେଶର ସୁଦୀର୍ଘ ସମୁଦ୍ରତଟ ପର୍ଯ୍ୟଟନ ସ୍ଥଳରେ ରୂପାନ୍ତରିତ ହେବା ଫଳରେ ଦେଶ ଓ ବିଦେଶର ଅସଂଖ୍ୟ ପର୍ଯ୍ୟଟକଙ୍କର ଭିଡ଼ ବର୍ଷସାରା ଲାଗିଥାଏ। ସେଥିରୁ ଅନେକ ବ୍ୟବସାୟିକ ଲାଭ ହୋଇଥାଏ। ସମୁଦ୍ରତଟର ଝାଉଁବଣ ତଥା ହେନ୍ତାଳବଣର ଉପସ୍ଥିତି ଲଘୁଚାପଜନିତ ମହାବାତ୍ୟାକୁ ପ୍ରତିହତ କରିପାରେ। ମଣିଷ ଜାତିର ଦରକାରୀ ଲୁଣ ସମୁଦ୍ର ପାଣିରୁ ମିଳିଥାଏ। ଦେଶର ଅଭ୍ୟନ୍ତରକୁ ଶୀତଳ ବାୟୁ ପ୍ରବାହ କରିବା ଓ ବର୍ଷା ଯୋଗାଇବାରେ (ଜଳ ଚକ୍ର) ସମୁଦ୍ର ଶତପ୍ରତିଶତ ଭୂମିକା ଗ୍ରହଣ କରିଥାଏ। ସମୁଦ୍ର ନ ଥିଲେ ସ୍ଥଳଭାଗ ମରୁଭୂମିରେ ପରିଣତ ହୋଇ ଥାଆନ୍ତା। ସ୍ଥଳଚର ପ୍ରାଣୀର ଉତ୍ପତ୍ତି ହୋଇ ନ ଥାଆନ୍ତା। ମନେରଖନ୍ତୁ, ବିଶ୍ୱର ଶତକଡ଼ା ୭୦ ଭାଗ ଜୀବ ଓ ଉଦ୍ଭିଦ କେବଳ ସମୁଦ୍ର ଓ ମହାସମୁଦ୍ରରେ ବାସ କରନ୍ତି। ସମୁଦ୍ରର ସହଯୋଗ ନେଇ ବିବର୍ତ୍ତନବାଦ ଆଗେଇ ଚାଲିଛି। ଫଳରେ ଏକକୋଷୀ ପ୍ରାଣୀଠୁ ବା ଉଦ୍ଭିଦରୁ ଆରମ୍ଭ କରି ବହୁ କୋଷୀ ମଣିଷ ତଥା ବହୁଶ୍ରୁ ସୃଷ୍ଟିର ସମ୍ଭବ ହୋଇପାରିଛି। ଆମ ଭାରତୀୟ ସଭ୍ୟତାର କେନ୍ଦ୍ରସ୍ଥଳ ହେଉଛି ସମୁଦ୍ର। ସମୁଦ୍ର ବିନା ସଭ୍ୟତା ଆଗେଇ ପାରିବ ନାହିଁ କି ସୃଷ୍ଟି ସମ୍ଭବ ନୁହେଁ।

ସ୍ଥଳଭାଗରୁ ଜୀବଜନ୍ତୁ ତଥା ଶିଳ୍ପ କାରଖାନାଜନିତ ଉତ୍ପନ୍ନ ଟନ୍ ଟନ୍ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ଦୂଷିତ ଗ୍ୟାସକୁ ସମୁଦ୍ର ତା'ର ସ୍ୱାଭାବିକ ଗୁଣ ଦ୍ୱାରା ନିଜ ଶରୀରରେ ଦ୍ରବୀଭୂତ କରାଇ ସ୍ଥଳ ବାୟୁମଣ୍ଡଳକୁ ନିର୍ମଳ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ। ପରିସଂଖ୍ୟାନରୁ ଜଣାଯାଇଛି ଯେ, ଉତ୍ପନ୍ନ ଦୂଷିତ ବାୟୁର ପ୍ରାୟ ୬୦ ପ୍ରତିଶତ ସମୁଦ୍ର ପାଣିରେ ଦ୍ରବୀଭୂତ ହୋଇଥାଏ। ସମଗ୍ର ମଣିଷ ଶରୀରର ଶତକଡ଼ା ୭୦ ପ୍ରତିଶତ ପୁଷ୍ଟିସାର ସମୁଦ୍ର ପାଣିରୁ ମିଳିଥାଏ। ବିଶ୍ୱାସ କରାଯାଉଛି ଯେ, ଯଦି କୌଣସି କାରଣରୁ ସ୍ଥଳଭାଗ ଅତ୍ୟନ୍ତ ଉତ୍ତପ୍ତ ହୋଇଯାଏ (ପ୍ରାୟ ୫୦ ଡିଗ୍ରୀ ସେଲିସିୟସ ବା ଊର୍ଦ୍ଧ୍ୱ), ସେତେବେଳେ ମଣିଷ ନିଶ୍ଚିତ ବଞ୍ଚିବା ପାଇଁ ସମୁଦ୍ରରେ ଆଶ୍ରୟ ନେବ। ଆଜିଠୁ ମଣିଷ ସମୁଦ୍ର ତଳର ସହର ଗଠନ କରିବାରେ ପରିଯୋଜନା ଆରମ୍ଭ କରିସାରିଲାଣି।

ଯଥାର୍ଥରେ କହିବାକୁ ଗଲେ, ସ୍ଥଳଚର ପ୍ରାଣୀ ଓ ଉଦ୍ଭିଦର ଜୀବନ ନାଟିକା ସାମୁଦ୍ରିକ ପରିବେଶ ସହିତ ବନ୍ଧା। ବିଶ୍ୱ ଅର୍ଥନୀତିର ଅନ୍ୟୂନ ୪୦ ପ୍ରତିଶତ ଏବଂ ଦରିଦ୍ରମାନଙ୍କ ଆବଶ୍ୟକତାର ପ୍ରାୟ ୫୦ ପ୍ରତିଶତ ଜୈବ ସମ୍ବଳରୁ ହିଁ ମିଳିଥାଏ। ସେଥିମଧ୍ୟରୁ ପ୍ରାୟ ୭୦ ପ୍ରତିଶତ କେବଳ ସମୁଦ୍ରରୁ ମିଳିଥାଏ। ଜୈବ ବିବିଧତା ହେଉଛି ରୋଗର ନିୟନ୍ତ୍ରଣକାରୀ, ଜଳବାୟୁର ପୁନଃ ଚକ୍ରଣକାରୀ ଏବଂ ଏକ ଶକ୍ତିଶାଳୀ ଅଙ୍ଗାରକ ଧରି ରଖି ତାହାକୁ ସାଇତି ରଖିପାରିବାର ଶ୍ରେଷ୍ଠ ବ୍ୟବସ୍ଥା। କୋଟି କୋଟି ବର୍ଷ ହେଲା ସମୁଦ୍ର ମଣିଷ ଜାତିକୁ ସମୃଦ୍ଧ ଜୈବବିବିଧତା ଯୋଗାଇ ଆସୁଅଛି। ଏହାକୁ ସୁରକ୍ଷିତ ରଖିପାରିଲେ ମଣିଷ ତଥା ଜୀବ ସମାଜ ତିଷ୍ଠିପାରିବ, ଯଦି ଅସୁରକ୍ଷିତ କରେ ତେବେ ପ୍ରଳୟ ଦିଗକୁ ଦୌଡ଼ିବ।

ଆମର ବିଶାଳ ଜଳଭାଗ; ମଣିଷକୃତ ଜଙ୍ଗଲ ଧ୍ୱଂସ, କଳକାରଖାନାଜନିତ ବର୍ଜ୍ୟବସ୍ତୁ, ଅମଳରେ କୀଟନାଶକ ଔଷଧର ବହୁଳ ପ୍ରୟୋଗ, ତୈଳବାହୀ ଜାହାଜରୁ ନିସୃତ କ୍ଷତିକାରକ ତୈଳ ସ୍ରୁତ, ଯୁଦ୍ଧଘାଟିର ନିର୍ମାଣ ଆଦି ବିବିଧ ଜୈବବିବିଧତା ବିରୁଦ୍ଧ କାର୍ଯ୍ୟ ହିଁ ସମୁଦ୍ର ପାଣିକୁ ଦୂଷିତ କରୁଛି; ଫଳରେ ଫନୀ, ଅମ୍ଫାନ, ନିର୍ଯ୍ୟାସ ଓ ମହାବାତ୍ୟା ଆଦି ୪୧.୨ ଡିଗ୍ରୀ ଭଳି ଉଚ୍ଚ ତାପମାତ୍ରା ସୃଷ୍ଟିର କାରଣ ହୋଇଛି। ପ୍ରଦୂଷଣ ପ୍ରଭାବରେ ସମୁଦ୍ର ଆଜି ପାଗଳ। ତେଣୁ ଆସନ୍ତୁ ସତର୍କ ହୋଇ ସଂକଳ୍ପବଦ୍ଧ ଭାବରେ ସାମୁଦ୍ରିକ ପ୍ରଦୂଷଣ ମୁକ୍ତ କଲେ ଜୀବଜଗତ ତିଷ୍ଠିପାରିବ, ଅନ୍ୟଥା ସମଗ୍ର ଜୀବଜଗତ ଧ୍ୱଂସର ପଥ ସୁଗମ ହୋଇଯିବ।

ପୁଲିଜର ପୁରସ୍କାରପ୍ରାପ୍ତ ଏଲିଜାବେଥ କୋଲବେଟ୍ ତାଙ୍କର 'ସିକ୍ସଥ ଏକ୍ସଟିଙ୍କସନ୍' ପୁସ୍ତକରେ ଉଲ୍ଲେଖ କରିଛନ୍ତି: "ପୃଥିବୀ ଏହାର ସୁଦୀର୍ଘ ଇତିହାସରେ ପାଞ୍ଚ ପାଞ୍ଚ ଥର ଜୈବବିବିଧତାର ସାମଗ୍ରିକ ବିଲୁପ୍ତିର ସମ୍ମୁଖୀନ ହୋଇଛି।" କେତେକ ବିଶିଷ୍ଟ ବିଜ୍ଞାନୀମାନେ ବିଶ୍ୱାସ କରନ୍ତି ଯେ, ୨୫୨୦ ଲକ୍ଷ ବର୍ଷ ପୂର୍ବେ ସଂଘଟିତ 'ଦି ଗ୍ରେଟ୍ ଡାଇଙ୍ଗ୍' ପରି ପୃଥିବୀର ୯୫ ପ୍ରତିଶତ ପ୍ରାଣୀ ବିଲୁପ୍ତ ହୋଇଯିବାର ସମୟ ହୁଏତ 'ଷଷ୍ଠ ସାମଗ୍ରିକ ବିଲୁପ୍ତ' ପ୍ରକ୍ରିୟା ସୃଷ୍ଟି ହୋଇପାରେ।

ମୋ: ୦୯୪୩୮୭୨୧୩୯୧

## ଏଇ ଭାରତରେ

ଷ୍ଟେରେଜ ପାଇପ୍‌ରେ ଏକ କୋଠରିଆ ଘର ତିଆରି କରୁଛନ୍ତି ତେଲଙ୍ଗାନାର ପିରଲା ମନସା ରେଡ୍ଡୀ। ସେ ପଞ୍ଜାବର ଲଭଲୀ ପ୍ରଫେସନାଲ ୟୁନିଭର୍ସିଟିରୁ ସିଭିଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି। ସମ୍ପ୍ରତି କନଷ୍ଟ୍ରକସନ୍ ଷ୍ଟାର୍ଟଅପ୍ ମାଧ୍ୟମରେ ନିର୍ମାଣ କରୁଥିବା ଏହି ଘରର ନାମ ରଖିଛନ୍ତି ଓପଡ଼୍। ତେଲଙ୍ଗାନାର ବୋଙ୍ଗାରାଳ ଗାଁରେ ବଢ଼ିଥିବା ୨୩ ବର୍ଷୀୟ ପିରଲା ଉକ୍ତ ଘରକୁ ଷ୍ଟିଲ୍ ଷ୍ଟେରେଜ ପାଇପ୍, କଂକ୍ରିଟ ଏବଂ ସିମେଣ୍ଟରେ ନିର୍ମାଣ କରୁଛନ୍ତି। ଷ୍ଟେରେଜ ପାଇପ୍ ସିବିବେଟ୍‌ର ଏକ କମ୍ପାନୀଠାରୁ ଯୋଗାଡ଼ କରୁଛନ୍ତି। ଓପଡ଼୍ ଘର ଦେଖିବାକୁ ଗୋଲାକାର ଏବଂ ଏଥିରେ ତିନିଜଣ ରହିବାର ବ୍ୟବସ୍ଥା କରାଯାଇଛି। ଓପଡ଼୍ ଘର ନିର୍ମାଣ କରିବାକୁ ତାଙ୍କୁ ୧୫–୨୦ ଦିନ ଲାଗୁଛି। ଏଥିରେ କବାଟ ଓ ଝରକା ବି ରହୁଛି। ଘରର ଉଚ୍ଚତା ୭ ଫୁଟ୍ ଓ ଲମ୍ବ ୧୬ ଫୁଟ୍। ମାର୍ଚ୍ଚ, ୨୦୨୧ରେ ପ୍ରଥମେ ଏହି ଘର ନିର୍ମାଣ ଆରମ୍ଭ କରି ୨୮ ତାରିଖ ସୁଦ୍ଧା ଶେଷ କରିଦେଇଥିଲେ। ଏଥିରେ ବହୁତ କମ୍ ଖର୍ଚ୍ଚ ମଧ୍ୟ ହେଉଛି। ଏବେ ସୁଦ୍ଧା ସେ ୨୦୦ଟି ଘର ଲାଗି ଅର୍ଡର ପାଇସାରିଲେଣି। ୱାନ୍ ବିଏଚ୍‌କେ, ଟୁ ବିଏଚ୍‌କେ କିମ୍ବା ଥ୍ରି ବିଏଚ୍‌କେ ଓପଡ଼୍ ଘର ନିର୍ମାଣ କରିବାକୁ ପିରଲା ଏବେ ଯୋଜନା କରିଛନ୍ତି।

## ଚିରନ୍ତନୀ

ଶୂନ୍ୟପଥେ ଭାସଇ ନର
ବଢ଼ାଇ ଦୁଇ ହାତ
ଧରିବା ପାଇଁ ଆକାଶେ ଦେବ–ଧନୁ
ନିମେଷେ ସବୁ ମିଳାଇଯାଏ
ନ ପାଏ କାହିଁ କାତ,
ଝାଉଁଳିପଡ଼େ କୋମଳତମ ତନୁ!
–(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ପିଲାଙ୍କ ପ୍ରତି ମୋବାଇଲର କୁପ୍ରଭାବ

ମହାଶୟ,

ଆଜିର ବସ୍ତୁବାଦୀ ଦୁନିଆରେ ମା'ବାପାମାନେ ପିଲାଙ୍କୁ ଖୁସି କରିବା ପାଇଁ ବିଭିନ୍ନ ଖେଳନା, ପୋଷାକପତ୍ର, ମନପସନ୍ଦ ଖାଦ୍ୟ ପଦାର୍ଥ ଓ ଆବଶ୍ୟକ ଖର୍ଚ୍ଚ ଯୋଗାଇ ଦେଇ ନିଜର କର୍ତ୍ତବ୍ୟ ସରିଗଲା ବୋଲି ଧରି ନେଉଛନ୍ତି। ସବୁଠାରୁ ଗର୍ହିତ କଥା ହେଲା, ବାପା ମାଆମାନେ ପିଲାଙ୍କୁ ନାମିଦାମୀ ମୋବାଇଲ ଯୋଗାଇ ଦେବାକୁ ପଛଘୁଞ୍ଚା ଦେଉନାହାନ୍ତି। ବିଶେଷକରି ବ୍ୟବସାୟ ଦୃଷ୍ଟିକୋଣରୁ ମୋବାଇଲ କମ୍ପାନୀମାନେ ସେମାନଙ୍କ ମୋବାଇଲ ସେଟ୍‌ରେ ଅନେକ ନିଷିଦ୍ଧ କାର୍ଯ୍ୟକ୍ରମମାନ ନିବେଶ କରୁଛନ୍ତି। ଯଥା ଭିଡିଓ ଗେମ୍, ବେଟିଂଗେମ୍, ଫ୍ରି ଫାୟାର ଓ ପବ୍‌ଜି ଭଳି ବହୁ ମାରାତ୍ମକ ବିଷୟବସ୍ତୁ ମୋବାଇଲରେ ସଂଯୋଗ କରୁଛନ୍ତି। ପିଲାମାନେ ମୋବାଇଲ ବ୍ୟବହାରପୂର୍ବକ ସେଗୁଡ଼ିକୁ କୌତୂହଳବଶତଃ ଦେଖୁଥା'ନ୍ତି। କ୍ରମେ ପିଲାମାନେ ମୋବାଇଲ ମାନିଆ ହୋଇଯା'ନ୍ତି। ଯାହା ଫଳରେ ସେମାନଙ୍କର ଆଚାର ବ୍ୟବହାର ଓ ଚାଲି ଚଳନରେ କୁପ୍ରଭାବ ପଡୁଥିବାର ଦୃଷ୍ଟିଗୋଚର ହୁଏ। ଏଭଳି ପିଲାଙ୍କ ଉପରେ ଯାବତୀୟ କଦର୍ଯ୍ୟ ଓ କୁପ୍ରବୃତ୍ତିର ପ୍ରଭାବ ପଡ଼ିଥାଏ। ବେଳେବେଳେ ସେମାନଙ୍କ ନିଜର ଜୀବନପ୍ରତି ବଞ୍ଚିବାର ଲୋଭ ତୁଟିଯାଉଥିବାର ପ୍ରମାଣ ମିଳେ। ଅନେକେ ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା କରୁଥିବା ଖବର ପ୍ରସାରିତ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଦେଶର ଭବିଷ୍ୟତ କୋମଳମତି ପିଲାଙ୍କ ଜୀବନ ବଞ୍ଚାଇବା ମୋବାଇଲରେ ନିହିତ ଥିବା କ୍ଷତିକାରକ ବିଷୟବସ୍ତୁ ସମ୍ପୂର୍ଣ୍ଣ ରୂପେ ବାଦ ଦେବା ପାଇଁ ସରକାର ମହୋଦୟଙ୍କୁ ବିଶେଷ ଅନୁରୋଧ। ଏହାର ଯଥାର୍ଥତା ପ୍ରତି ଧ୍ୟାନ ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ମନେହୁଏ।

–ମହେଶ୍ୱର ନାୟକ, ଚୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୪ ବର୍ଷର ଅଜ୍ଞାତ ଶିଶୁ ଉଦ୍ଧାର**

ଭୁବନେଶ୍ୱର,(ବ୍ୟୁରୋ): ପଟିଆ ବିଗ ବଜାର ନିକଟରୁ ସୋମବାର ଚାଇଲ୍ଡ ଲାଇନ୍ ଜଣେ ୪ବର୍ଷର ଶିଶୁକୁ ଉଦ୍ଧାର କରିଛି। ଶିଶୁ ମଙ୍ଗଳ କମିଟି ନିର୍ଦ୍ଦେଶରେ ତାଙ୍କୁ କୋଲଥିଆସ୍ଥିତ ସୁଭଦ୍ରା ମହତାବ ଶିଶୁ ସଦନରେ ରଖାଯାଇଥିବା ଚାଇଲ୍ଡ ଲାଇନର ନିର୍ଦ୍ଦେଶକ ଡ. ବେଣୁଧର ସେନାପତି ସୂଚନା ଦେଇଛନ୍ତି। ଶିଶୁଟି ବୁଲୁଥିବାବେଳେ ସ୍ଥାନୀୟ ଲୋକେ ଦେଖି ଚାଇଲ୍ଡ ଲାଇନକୁ ଖବର ଦେଇଥିଲେ। ପରେ ଇନ୍‌ଫୋସିସ୍ ଥାନା ପୋଲିସ ସହାୟତାରେ ଶିଶୁଟିକୁ ଉଦ୍ଧାର କରାଯାଇ ଅତିରିକ୍ତ ଶିଶୁ ମଙ୍ଗଳ କମିଟି ନିକଟରେ ଦାଖଲ କରାଯାଇଥିଲା। ଶିଶୁଟି ତାଙ୍କ ପରିବାର ସମ୍ପର୍କରେ କିଛି କହିପାରୁ ନ ଥିବାରୁ ପରିଚୟ ପାଇଁ ଅଧିକ ତଦନ୍ତ ଚାଲିଛି।

## ସଂକ୍ଷେପରେ

### ପ୍ରଥମ ଦିନରେ ୫୦୦ ଓକିଲ ନେଲେ ଟିକା

ଭୁବନେଶ୍ୱର,୨୪।୫(ବ୍ୟୁରୋ): ଭୁବନେଶ୍ୱର ଓକିଲ ସଂଘର ୧୮ରୁ ୪୪ ବର୍ଷୀୟ ୫୦୦ଜଣ ସଦସ୍ୟ କୋଭିଡ୍ ଟିକାର ପ୍ରଥମ ଡୋଜ ନେଇଛନ୍ତି। ସୋମବାର ସଂଘର କାର୍ଯ୍ୟାଳୟ ହଲ୍ ନଂ.୧ରେ ବିଏମ୍‌ସି ତରଫରୁ ଟିକାକରଣ ବ୍ୟବସ୍ଥା କରାଯାଇଛି। ଓକିଲମାନେ ନିଜର ବୃତ୍ତିଗତ ପ୍ରମାଣପତ୍ର ଓ ଆଧାର କାର୍ଡ ସହ ଆସି କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରି ଟିକା ନେଇଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ଓ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ମଙ୍ଗଳବାର ମଧ୍ୟ ଟିକାକରଣ ଚାଲିବବୋଲି ସଂଘର ସମ୍ପାଦକ ରାଜକିଶୋର ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱର ଓକିଲ ସଂଘରେ ୧୮ରୁ ୪୪ ବର୍ଷର ପ୍ରାୟ ୨ ହଜାର ସଦସ୍ୟ ରହିଛନ୍ତି। ପୂର୍ବରୁ ୪୫୦ଜଣ ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଓକିଲ ଓ ତାଙ୍କ ପରିବାର ସଦସ୍ୟ ଟିକା ନେଇସାରିଛନ୍ତି। ଏନେଇ ସଂଘ ତରଫରୁ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦିଆଯାଇଛି।

### ଚୋରି ଟଙ୍କା ଚଳୁ, ପୋଲିସ ହାତରେ ଅଭିଯୁକ୍ତ

**ଧରିତ୍ରୀ ପ୍ରଭାବ**

ବାଲକାଟି,୨୪।୫(ଡି.ଏନ୍.ଏ.): ବାଲକାଟି ଫାଣ୍ଡି ନିକଟସ୍ଥ ଏକ ଗ୍ୟାସ ସିଲିଣ୍ଡର କାଉଣ୍ଟରରୁ ଟଙ୍କା ଚୋରି ଘଟଣାର ୩ଦିନ ପରେ ପୋଲିସ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ସ୍ଥାନୀୟ ହାଉପୁର ଗ୍ରାମର ଦୀପକ ପାତ୍ର। ତାଙ୍କ ନାଁରେ ଏକାଧିକ ଚୋରି ମାମଲା ଥିବା ଫାଣ୍ଡି ଅଧିକାରୀ ମନ୍ତାଜ ଅଲ୍ଲୀ ଖାଁ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ଚୋରି ହୋଇଥିବା ୨୧ହଜାର ଟଙ୍କା ଅଭିଯୁକ୍ତ ଚଳୁ କରିଦେଇଥିବାରୁ ଜବତ ହୋଇପାରି ନାହିଁ। ସୂଚନାଯୋଗ୍ୟ, ୨୧ ତାରିଖ ପୂର୍ବାହ୍ନ ୨ଟା ୧୨ରେ ଅଭିଯୁକ୍ତ ଦୀପକ ସିଲିଣ୍ଡର ନେବାକୁ ଆସିଥିବାବେଳେ ଉକ୍ତ ଗ୍ୟାସ କାଉଣ୍ଟରରେ କେହି ନ ଥିବାର ସୁଯୋଗ ନେଇ କାଉଣ୍ଟର ଡ୍ରୟାରରୁ ୨୧ ହଜାର ଟଙ୍କା ଚୋରି କରିନେଇ ପଳାଇଥିଲେ। ଚୋରିର ଦୃଶ୍ୟ ସିସିଟିଭିରେ ଥିବାବେଳେ ଏସ୍‌କ୍ରାନ୍ତରେ ଗ୍ୟାସ ବ୍ୟବସାୟୀ ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା କେହି ଶୁଣି ନ ଥିଲେ ଏପରିକି ମାମଲା ରୁଜୁ କରି ନ ଥିଲେ କି ତଦନ୍ତ ପାଇଁ ଗୁରୁତ୍ୱ ଦେଇ ନ ଥିଲେ। ଏ ନେଇ ଧରିତ୍ରୀରେ ଗତ ୨୨ତାରିଖରେ ଖବର ପ୍ରକାଶ ପରେ ଜିଲ୍ଲା ଆରକ୍ଷୀ ଅଧିକାରୀ ପ୍ରଦୀପ ରାଉତଙ୍କ ନିର୍ଦ୍ଦେଶକ୍ରମେ ଫାଣ୍ଡି ପୋଲିସ ତଦନ୍ତରେ ତତ୍ପରତା ଦେଖାଇଥିଲା। ଘଟଣାର ୩ଦିନ ପରେ ସିସିଟିଭି ଫୁଟେଜ ଦୃଶ୍ୟକୁ ଆଧାରକରି ଅଭିଯୁକ୍ତ ଦୀପକ ବ୍ୟବହାର କରିଥିବା ବାଇକ୍ ନମ୍ବରରୁ ପୋଲିସକୁ ସୂଚନା ପ୍ରାପ୍ତ ହୋଇଥିଲା। ସୋମବାର ସାଢେ ୧୨ଟାରେ ସାଦା ପୋଷାକରେ ଫାଣ୍ଡି ଅଧିକାରୀ ଖାଁ ସହକର୍ମୀଙ୍କ ସହ ଦୀପକଙ୍କ ଘରକୁ ଯାଇ ଧରିଥିଲେ। ଏ ନେଇ ପୋଲିସ ନଂ.୧୫୬/୨୧ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ପ୍ରକାଶ ଥାଉକି, ଗତ ତିନି ଦିନରେ ୩ଟି ଚୋରି ଘଟିଥିବା ପରିସୀମା ମଧ୍ୟରେ ହୋଇଥିବା ବେଳେ ପୋଲିସର ଅପାରଗତାକୁ ନେଇ ଅସନ୍ତୋଷ ପ୍ରକାଶ ସହ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଯାହାଫଳରେ ସୋମବାର ଗୋଟିଏ ମାମଲାରେ ପୋଲିସକୁ ସଫଳତା ମିଳିଥିବା ବେଳେ ଅନ୍ୟ ୨ ମାମଲାରେ ଖାଲିଥିବା ଜଣାପଡ଼ିଛି।

### କୋଭିଡ୍ ହେଲ୍ପ ଡେସ୍କକୁ ୫ଦିନରେ ୧୦,୪୭୧ କଲ୍

ଭୁବନେଶ୍ୱର,୨୪।୫(ବ୍ୟୁରୋ): କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା କରୋନା ସଂକ୍ରମିତଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସେମାନଙ୍କ ସମ୍ପର୍କୀୟଙ୍କୁ ଅବଗତ କରାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏ ନେଇ ରାଜଧାନୀର ବିଭିନ୍ନ ଡେଡିକେଟେଡ୍ କୋଭିଡ୍ ହସ୍ପିଟାଲ (ଡିସିଏଚ୍)ଗୁଡ଼ିକରେ ୮ଟି ହେଲ୍ପ ଡେସ୍କର ବ୍ୟବସ୍ଥା କରାଯାଇଛି। ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି ହେଲ୍ପ ଡେସ୍କ ୫ଦିନ ମଧ୍ୟରେ ୨୩ ତାରିଖ ସୁଦ୍ଧା ୧୦ହଜାର ୪୭୧ଟି କଲ୍ କରି ସାରିଛି। ସକାଳ ୮ଟାରୁ ଅପରାହ୍ନ ୨ଟା ଓ ଅପରାହ୍ନ ୨ଟାରୁ ରାତି ୮ଟା ପର୍ଯ୍ୟନ୍ତ ଏହି ଡେସ୍କ ଦୁଇଟି ସିଫ୍ଟରେ କାର୍ଯ୍ୟ କରୁଛି। ସେହିପରି ବିଏମ୍‌ସି ପକ୍ଷରୁ ନିୟୋଜିତ ଡାକ୍ତର ପ୍ରତ୍ୟେକ ଡେସ୍କକୁ ପରିଚାଳନା କରୁଛନ୍ତି ସମ୍, ହାଇଟେକ୍, କିମ୍ସ କୋଭିଡ୍ ହସ୍ପିଟାଲ, ଅଶ୍ୱିନୀ ଅଶ୍ୱିନୀ, ହ୍ୱିଟେକ୍, ନାଲକୋ କୋଭିଡ୍, ସର୍ଣ୍ଣ ଜ୍ୟାତର ଏବଂ କିଡ୍ସ କୋଭିଡ୍ ହସ୍ପିଟାଲ ଗୁଡ଼ିକରେ ୧୬ଜଣ ଡାକ୍ତର ଓ ୪୪ଜଣ କର୍ମଚାରୀ କାମ କରୁଛନ୍ତି। ହେଲ୍ପ ଡେସ୍କର କର୍ମଚାରୀଙ୍କ ଦ୍ୱାରା ରୋଗୀଙ୍କ ପରିବାର ଲୋକେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସମସ୍ତ ତଥ୍ୟ ପାଇ ପାରୁଛନ୍ତି ବୋଲି କମିଶନର ସଞ୍ଜୟ କୁମାର ସିଂହ କହିଛନ୍ତି।

# ରାଜଧାନୀରେ ସଂକ୍ରମଣ ୭୦ହଜାର ଛୁଇଁଲା

**ଦିନକରେ ୯୦୫ ଆକ୍ରାନ୍ତ, ୪ ମୃତ**

- ମୃତ୍ୟୁ ସଂଖ୍ୟା ୩୧୮କୁ ବୃଦ୍ଧି
- ସକ୍ରିୟ ଆକ୍ରାନ୍ତ ସଂଖ୍ୟା ୧୨,୭୩୨କୁ ଖସିଲା

ଭୁବନେଶ୍ୱର,୨୪।୫(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଦ୍ରୁତ ସଂକ୍ରମଣରେ ସାମାନ୍ୟ ବ୍ରେକ୍ ଲାଗିଛି। ପ୍ରତିଦିନ ଏଠାରୁ ୧ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହେଉଥିବାବେଳେ ସୋମବାର ୯୦୫ଜଙ୍କୁ ସଂକ୍ରମଣ ଖସି ଆସିଛି। ସେହିପରି ସଂକ୍ରମିତଙ୍କଠାରୁ ଅଧିକ ସୁସ୍ଥ ହୋଇଥିବାରୁ ଆଶ୍ୱସ୍ତି ମିଳିଛି। ହେଲେ ମୃତ୍ୟୁ ସଂଖ୍ୟା କମୁ ନ ଥିବାରୁ ଚିନ୍ତା ବଢ଼ିଛି। ଗତ ୨୪ ଘଣ୍ଟାରେ ମହାନଗରରୁ ୯୦୫ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୦୧୧ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ସେହିଭଳି ୪ଜଣଙ୍କ ମୃତ୍ୟୁ ଘଟିଥିବା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ତଥ୍ୟରୁ ଜଣାପଡ଼ିଛି। ଚିହ୍ନଟ ନୂଆ ସଂକ୍ରମିତଙ୍କ ମଧ୍ୟରୁ ୧୪୫ଜଣ କ୍ୱାରେଣ୍ଟାଇନ୍‌ରୁ ଓ ୭୬୦ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ପଟିଆ ଅଞ୍ଚଳରୁ ସର୍ବାଧିକ ୫୩ଜଣ ସଂକ୍ରମିତ ବାହାରିଥିବାବେଳେ ନୟାପଲ୍ଲୀରୁ ୫୧, ଖଣ୍ଡଗିରିରୁ ୩୯, ସୁନ୍ଦରପଦାରୁ ୩୦, ଶୈଳଶ୍ରୀବିହାରରୁ ୧୯, ୟୁନିଟ୍ -୩ ଓ ୟୁନିଟ୍-୬ରୁ ୧୩ଜଣ ଲେଖାଏଁ, ପୁରୁଣା ଭୁବନେଶ୍ୱରରୁ ୩୯, ବଡ଼ଗଡ଼ରୁ ୩୭, ୟୁନିଟ୍-୮ରୁ ୧୧, ଚନ୍ଦ୍ରଶେଖରପୁରରୁ ୨୫, ପାତ୍ରପଡ଼ାରୁ ୧୫, ବିଜେବିନଗରରୁ ୧୧, ପଳାଶୁଣିରୁ ୧୦, ବରମୁଣ୍ଡାରୁ ୧୭, ନିଳାଦ୍ରିବିହାରରୁ ୨୦, ଉଦୟଗିରୁ ୨୫, ଖାରପଡ଼ାରୁ ୨୧, ଲକ୍ଷ୍ମୀସାଗରରୁ ୧୯, ଜୟଦେବବିହାରରୁ ୧୫, ମଞ୍ଚେଶ୍ୱରରୁ ୧୪, ଜାଗମରାରୁ ୧୦, ଗଜପତି ନଗରରୁ ୮, ଭିମଟାଙ୍ଗିରୁ ୬, ଭରତପୁରରୁ ୪, ଆଇଜିଆରରୁ ୮, ସାଲିଆସାହିରୁ ୫, ଚକ୍ରପାଣିରୋଡରୁ ୬, ରସୁଲଗଡ଼ରୁ ୯, ଶହୀଦନଗରରୁ ୮ଜଣ, ପୋଖରୀପୁଟରୁ ୯ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ସହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୯ହଜାର ୯୦୨ରେ ପହଞ୍ଚିଛି। ସେହିଭଳି ଗତ ୨୪ ଘଣ୍ଟାରେ ଆଉ ୪ଜଣଙ୍କ ମୃତ୍ୟୁ ହୋଇଥିବାରୁ ଏହି ସଂଖ୍ୟା ୩୧୮କୁ ବୃଦ୍ଧି ପାଇଛି। ୫୬ହଜାର ୮୩୨ଜଣ ସୁସ୍ଥ ହୋଇ ସାରିଥିବାବେଳେ ୧୨,୭୩୨ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି।



ଭୁବନେଶ୍ୱରରେ ସୋମବାର ହୋଇଥିବା ବର୍ଷା।

# ବାତ୍ୟା ମୁକାବିଲା: ଆଶ୍ରୟ ସ୍ଥଳ ପ୍ରସ୍ତୁତ

**ଜଳ ନିଷ୍କାସନ ପାଇଁ ରହିଛି ପମ୍ପ ସେଟ୍**

ଭୁବନେଶ୍ୱର, ୨୪।୫ (ବ୍ୟୁରୋ)

ବାତ୍ୟା 'ୟାସ୍' ଜନିତ ସ୍ଥିତିର ମୁକାବିଲା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପ୍ରସ୍ତୁତ ହୋଇଛି। ଆବଶ୍ୟକ ସମୟରେ ଲୋକଙ୍କୁ କିପରି ଆଶ୍ରୟସ୍ଥଳୀକୁ ଅଣାଯିବ ସେ ନେଇ ବ୍ୟାପକ ବ୍ୟବସ୍ଥା ହୋଇଛି। ପୂର୍ବ କୋଂସର ସମସ୍ତ ଆଶ୍ରୟସ୍ଥଳୀ ସମେତ ସହରରେ ଥିବା ୨୭ଟି ସମ୍ବେଦନଶୀଳ ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ କରାଯାଇଛି। ସମସ୍ତ ଆଶ୍ରୟସ୍ଥଳୀରେ ପିଇବା ପାଣି, ଶୁଖିଲା ଖାଦ୍ୟ ଯଥେଷ୍ଟ ପରିମାଣରେ ମହଜୁଦ୍ କରି ରଖାଯାଇଛି। ଏସବୁ ଅଞ୍ଚଳକୁ ଆଶା, ଅଙ୍ଗନୱାଡ଼ି କର୍ମୀ, ୱାର୍ଡ୍‌ରୁ, ଇଞ୍ଜିନିୟରଙ୍କୁ ବିଭିନ୍ନ ଦାୟିତ୍ୱରେ ରଖାଯାଇଛି। ସେହିପରି ଲୋକଙ୍କୁ ଚୁଡ଼ା, ଗୁଡ଼, ବିସ୍କୁଟ ଆଦି ଶୁଖିଲା ଖାଦ୍ୟ ଦେବାର ବ୍ୟବସ୍ଥା ହୋଇଛି। ପବନବେଳେ ରାସ୍ତାରେ ଗଛ ପଡିଲେ ତାହାକୁ ସଫା କରିବା ପାଇଁ ପାୱାର କଟର, ଜେସିବି ଓ ଜେନେରେଟର ପ୍ରସ୍ତୁତ ରଖାଯାଇଛି। ଜଳମଗ୍ନ ହେବା ଆଶଙ୍କା ଥିବା ସ୍ଥାନ ବିଶେଷକରି ସହରର ତଳି ଅଞ୍ଚଳରେ ଜଳ ନିଷ୍କାସନ ପାଇଁ ୭୦ ପ୍ରତିଶତ ପାଣି ପମ୍ପ ଓ ୪୦ ପ୍ରତିଶତ ଫାୟାର ପମ୍ପ ଲଗାଯାଉଛି। ସହରବାସୀଙ୍କର ଯେପରି କୌଣସି ଅସୁବିଧା ନ ହୁଏ ସେଥିପାଇଁ ୱାର୍ଡ଼ ସ୍ତରରେ ଅଫିସରମାନଙ୍କୁ ତଦାରଖ ଦାୟିତ୍ୱ ଦିଆଯାଇଛି। ଏ ସମସ୍ତ କାର୍ଯ୍ୟ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ଓ ଡେପୁଟି କମିଶନର (ଏମ୍‌ଓଡି) ରମେଶ ଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ କରାଯାଉଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

# ଆରପାରିରେ ପ୍ରବଚକ ଚାରଣ ରାମଦାସ

**କରୋନାରେ ଆକ୍ରାନ୍ତ ଥିଲେ**

ପୁରୀ ଅଫିସ,୨୪।୫

ପ୍ରସିଦ୍ଧ ପ୍ରବଚକ ପଣ୍ଡିତ ଚାରଣ ରାମଦାସଙ୍କ ସୋମବାର ରାତିରେ ଦେହାନ୍ତ ହୋଇଛି। ସେ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ କିଛିଦିନ ତଳେ ଚିକିତ୍ସିତ ହେଉଥିଲେ। ସାମାନ୍ୟ ସୁସ୍ଥ ହେବା ପରେ ସେ ପୁରୀସ୍ଥିତ ଗମାଳଭଜ ରୋଡସ୍ଥିତ ନିଜ ବାସଭବନକୁ ଫେରି ହୋମ୍ ଆଇସୋଲେସନରେ ଥିଲେ। ପରେ ପୁଣି ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ସ୍ଥାନୀୟ କୋଭିଡ୍ ହସ୍ପିଟାଲ ଆଇଡିଏଚ୍‌ରେ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସମସ୍ୟା ଦେଖାଦେଇଥିଲା। ତେବେ ଚିକିତ୍ସା ଚାଲିଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ କୋଭିଡ୍ ହସ୍ପିଟାଲ ଦାୟିତ୍ୱରେ ଥିବା ଡା. ଦେବବ୍ରତ ନାୟକ ସନ୍ଧ୍ୟା ୬ଟା ୩୦ରେ ପରିବାର ଲୋକଙ୍କୁ ଜଣାଇବା ପରେ ମୃତ୍ୟୁ ଖବର ସ୍ପଷ୍ଟ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଚାରଣ ରାମଦାସ ପ୍ରବଚନ ପାଇଁ ଓଡ଼ିଶାର ଘରେ ଘରେ ପରିଚିତ ଥିଲେ। ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ପ୍ରଚାରକ ଭାବେ ତାଙ୍କର ବେଶ୍ ଖ୍ୟାତି ରହିଥିଲା। ତାଙ୍କ ହେରାପଞ୍ଚମୀର କାହାଣୀ ପୁରୀ ଜିଲାର ପ୍ରତି ଗାଁ ଗାଁରେ ଲୋକଙ୍କ ମନ ଜିଣିପାରିଥିଲା। ପ୍ରବଚକ ଭାବେ ସେ ପୁରପଲ୍ଲୀ ବୁଲି ମଧ୍ୟ ଜଗନ୍ନାଥ ପରମ୍ପରା ବର୍ଣ୍ଣନା କରିଛନ୍ତି। ସେ ୧୯୭୯ ମସିହା ମାର୍ଚ୍ଚ ୧୧ ତାରିଖରେ ଜନ୍ମଗ୍ରହଣ କରିଥିଲେ। ମଙ୍ଗଳବାର ତାଙ୍କର ଶେଷକୃତ୍ୟ ହେବା ନେଇ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏ ନେଇ ଜଗନ୍ନାଥ ସଂସ୍କୃତିର ଗବେଷକ ସୂର୍ଯ୍ୟ ନାରାୟଣ ରଥଶର୍ମା କହିଛନ୍ତି ଯେ, ପିଲାବେଳୁ ତାଙ୍କ ସହ ଜଗନ୍ନାଥ ସଂସ୍କୃତିକୁ ନେଇ ଆଲୋଚନା କରିଛୁ। ଏଭଳି ଦୁଃଖଦ ଖବର ମୋତେ ମର୍ମାହତ କରିଛି। ଏହି କ୍ଷତି କେବେ ପୂରଣ ହୋଇ ପାରିବ ନାହିଁ।



# ୫ ବନ୍ଧୁକ ଜବତ, ୪ ଗିରଫ

କଟକ ଅଫିସ,୨୪।୫

ଚାଉଳିଆଗଞ୍ଜ ପୋଲିସ ଜଣେ ବନ୍ଧୁକ ବ୍ୟବସାୟୀ ଓ ତାଙ୍କ ୩ ଜଣ ସହଯୋଗୀଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲର ଜାନକୀ ବଲ୍ଲଭ ମହାରଣା, ଅମ୍ବିକା ପ୍ରସାଦ ସ୍ୱାଇଁ, କାଜୁଆପଡାର ରାକେଶ କୁମାର ମଲ୍ଲିକ ଓ ଚନ୍ଦନ ମହାନ୍ତି। ସେମାନଙ୍କ ନିକଟରୁ କାର, ୫ ବନ୍ଧୁକ, ୨୮ ଗୁଳି ଓ ୪ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଡିସିପି ପ୍ରତୀକ ସିଂଙ୍କ ସୂଚନା ଅନୁଯାୟୀ, ବିଡ଼ାନାସୀ ତାରିଣୀ ମନ୍ଦିର ନିକଟରେ ରବିବାର କେତେଜଣ ଦୁର୍ବୃତ୍ତ ବନ୍ଧୁକ କିଣିବା ପାଇଁ ମୂଲଚାଲ କରୁଥିଲେ। ଖବରପାଇ ଚାଉଳିଆଗଞ୍ଜ ପୋଲିସର ଏକ ଟିମ୍ ସେଠାରେ ଚଢ଼ାଉ କରି ଜାନକୀଙ୍କ ସମେତ ୪ଜଣଙ୍କୁ ଗିରଫ କରିଥିଲା। ଘଟଣାସ୍ଥଳରୁ ୩ ଜଣ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତଙ୍କୁ ପଚରା ଉଚରା ପରେ ବନ୍ଧୁକ କାରବାର ସମ୍ପର୍କରେ ଜଣାପଡ଼ିଥିଲା। ଜାନକୀ ପୂର୍ବରୁ ବନ୍ଧୁକ କାରବାର ଘଟଣାରେ ଗିରଫ ହୋଇଥିଲେ। ସେ ୨୦୧୬ରେ ଜଗତ୍‌ସିଂହପୁର କୋର୍ଟ ପରିସରରୁ ଫେରାର ହୋଇଥିଲେ। ସେ ବିହାର ମୁଙ୍ଗେରରୁ ବନ୍ଧୁକ ଆଣି କେତେକ ଗ୍ୟାଙ୍ଗର ସଦସ୍ୟଙ୍କୁ ବିକ୍ରି କରୁଥିଲେ। ଏପରି କି ସେ କିଛି ମାସ ହେବ ଭୁବନେଶ୍ୱରରେ ରହି ବନ୍ଧୁକ କାରବାର କରୁଥିଲେ। ଜଗତ୍‌ସିଂହପୁରରେ ଅପରାଧ ଘଟାଇବା ଓ ବାଲି ମାଫିଆଙ୍କୁ ଅଧିକ ସକ୍ରିୟ କରିବା ଲାଗି ଉଦ୍ୟମ ଚଳାଇଥିଲେ। ସେ ନିଜ ସହଯୋଗୀଙ୍କ ଜରିଆରେ ବନ୍ଧୁକ ବିକ୍ରି କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିବା ଜଣାପଡ଼ିଥିଲା।



# ଜବତ ପିକ୍‌ଅପ୍ ଭ୍ୟାନ୍ ଜଳିଗଲା

**ଚୋରି ଗାଡ଼ିରେ ହେଉଥିଲା ଗୋଟାଲାଣ**

ପୁରୁଣା ଭୁବନେଶ୍ୱର,୨୪।୫(ଡି.ଏନ୍.ଏ.)

କରୋନା ପାଇଁ ରାଜ୍ୟରେ ଲକ୍‌ଡାଉନ ଓ ସହରାଞ୍ଚଳରେ ସପ୍ତାହନ୍ତ ଶଟ୍‌ଡାଉନ ଜାରି ରହିଛି। ଏହି କଟକଣାର ଫାଇଦା ଉଠାଉଛନ୍ତି ଗୋଚାଲାଣକାରୀ। ରବିବାର ବିଳମ୍ବିତ ରାତିରେ ଲିଙ୍ଗରାଜ ଥାନା ପୋଲିସ କପିଳେଶ୍ୱର କୁମ୍ଭାରସାହି କେନାଲ ବନ୍ଧ ନିକଟରୁ ଏକ ପିକ୍‌ଅପ୍ ଭ୍ୟାନ ଜବତ କରିବା ସହ ୨ ଗାଈ ଉଦ୍ଧାର କରିଥିଲା। ପରେ ପୋଲିସ ଡ୍ରାଇଭରଙ୍କ ସମେତ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପରେ ସେମାନେ ଶହୀଦନଗର ଥାନା ବାଙ୍କୁଆଳ ଗ୍ରାମର ଜଣେ ଚାଷୀଙ୍କ ଗୁହାଳରୁ ଏହି ଗାଈ ଚୋରି କରିଥିବା ସ୍ୱୀକାର କରିଥିଲେ। ଏହି ଅବସରରେ କୌଣସି କାରଣରୁ ପିକ୍‌ଅପ୍ ଭ୍ୟାନ ବ୍ୟାଟେରୀରେ ନିଆଁ ଲାଗି ଜଳିଯାଇଥିଲା। ଜବତ ହୋଇଥିବା ଏହି ପିକ୍‌ଅପ୍‌ଭ୍ୟାନ୍‌ଟି ଗୋପ ଅଞ୍ଚଳରୁ ଚୋରି କରାଯାଇଥିବା ଆଇଆଇସି ଶରତ ଚନ୍ଦ୍ର ପାତ୍ର କହିଛନ୍ତି। ଏହି ଘଟଣା ଅନ୍ୟ ଅଞ୍ଚଳ ହୋଇଥିବାରୁ ମାମଲାକୁ ଶହୀଦ ନଗର ଥାନାକୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷେ ଧରାପଡ଼ିଥିବା ଗାଡ଼ିରେ କେହି ନିଆଁ ଲଗାଇଦେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

### କଳାକାରଙ୍କୁ ରାଶନ ସାମଗ୍ରୀ ବାଣ୍ଟିଲା ଜଜ୍‌ବା

ଭୁବନେଶ୍ୱର,୨୪।୫(ବ୍ୟୁରୋ): କରୋନା ଭଳି ଘଡିସନ୍ଧି ମୁହୂର୍ତ୍ତରେ ଅନେକ କଳାକାର କାମ ଓ ରୋଜଗାର ହରାଇ ବହୁ ଅସୁବିଧାରେ ଜୀବନ କାଟୁଛନ୍ତି। ଏହି କଳାକାରଙ୍କ ଦୁଃଖକୁ ହୃଦୟଙ୍ଗମ କରି ସେମାନଙ୍କୁ ସହାୟତା ପାଇଁ ଆଗେଇ ଆସିଛି ସଫଦର୍ ହାସମୀଙ୍କ ଅନୁଷ୍ଠାନ 'ଜଜ୍‌ବା'। ବାତ୍ୟା ୟାସ୍‌କୁ ଦୃଷ୍ଟିରେ ରଖି ସୋମବାର ପଟିଆସ୍ଥିତ ଜଜ୍‌ବା ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠାନ ଅଧ୍ୟକ୍ଷ ହାସମୀଙ୍କ ତତ୍ତ୍ୱାବଧାନରେ ୯୦ଜଣ କଳାକାରଙ୍କୁ ଶୁଖିଲା ରାଶନ ବଣ୍ଟା ଯାଇଛି। ଏହି କଳାକାରଙ୍କ ମଧ୍ୟରେ ଓଡ଼ିଆ ଚଳଚ୍ଚିତ୍ର ଜଗତ ଓ ସିରିଏଲରେ କାର୍ଯ୍ୟରତ ବହୁ ଟେକ୍ନିସିଆନ୍, ଲାଇଟ୍ ବୟ, ସାଉଣ୍ଡ ବୟ, ସେଟ୍ ବୟ, ଜୁନିୟର ଆର୍ଟିଷ୍ଟ ପ୍ରମୁଖ ରହିଛନ୍ତି। ମୁଖ୍ୟଅତିଥି ଭାବେ ଓଡ଼ିଆ ସିନେ ଜଗତର ବରିଷ୍ଠ ଅଭିନେତା ଶ୍ରୀତମ ଦାସ, ହାସ୍ୟ ଅଭିନେତା ପପୁ ପମ୍‌ପମ୍, ଅଭିନେତା ବାବୁ ରାଜା ଓ ହୃଷୀକେଶ ଦାସ ଯୋଗଦେଇ କଳାକାରଙ୍କୁ କୋଭିଡ୍ ନିୟମ ଅନୁଯାୟୀ ରାଶନ ସାମଗ୍ରୀ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଗରିବ ଓ ଅସହାୟଙ୍କୁ ସାହାଯ୍ୟର ହାତ ବଢ଼ାଇ ଦେଉଥିବା ଜଣେ ମହିଳା ସାଇନା ହାସମୀ ନିଜେ ମଧ୍ୟବିତ୍ତ ପରିବାରର ହୋଇଥିବାରୁ ଦୁଃଖ ଓ ସମସ୍ୟାକୁ ବେଶ୍ ପାଖରୁ ଅନୁଭବ କରିଛନ୍ତି ସେ। ନିଜ ଗୋଡ଼ରେ ଠିଆ ହେବା ପରେ ଏବେ ଅସହାୟଙ୍କ ପାଇଁ ସାହାରା ପାଲଟିଛନ୍ତି। ଦୀର୍ଘ ୩୦ ବର୍ଷ ଧରି ସେ ସେବା ଯୋଗାଇ ଆସୁଛନ୍ତି। କେବଳ ଅସହାୟ ଲୋକ ନୁହନ୍ତି, କରୋନା କାଳରେ ମଧ୍ୟ ସେ ପଶୁ ପକ୍ଷୀମାନଙ୍କୁ ମଧ୍ୟ ଖାଇବାକୁ ଦେଉଛନ୍ତି।

# ଝାରପଡ଼ା ଜେଲ୍‌ରେ ଆକ୍ରାନ୍ତଙ୍କ ସ୍ଥିତି ବିଗୁଡୁଛି

**୭୨ ବର୍ଷୀୟ କଏଦୀ ହସ୍ପିଟାଲ୍‌ରେ ଭର୍ତ୍ତି**

**୨୫ଜଣ କଏଦୀଙ୍କ ନିଃଶ୍ୱାସ ନେବାରେ ସମସ୍ୟା**

ଭୁବନେଶ୍ୱର,୨୪।୫(ବ୍ୟୁରୋ): ଝାରପଡା ଜେଲ୍‌ର ଆଇସୋଲେସନରେ ଥିବା କରୋନା ଆକ୍ରାନ୍ତଙ୍କ ସ୍ଥିତି ବିଗିଡିବାରେ ଲାଗିଛି। ଆଜୀବନ ସଜା କାଟୁଥିବା ଜଣେ ୭୨ ବର୍ଷୀୟ ବୃଦ୍ଧ କରୋନାରେ ଆକ୍ରାନ୍ତ ହୋଇ କ୍ୱିଆରେଣ୍ଟାଇନ ଥିବାବେଳେ ସୋମବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ ହୋଇପଡିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ଅନ୍ୟ ୨୫ଜଣ ଆକ୍ରାନ୍ତ କଏଦୀଙ୍କ ନିଃଶ୍ୱାସ ନେବାରେ ସମସ୍ୟା ଉପୁଜିଥିବା ଖବର ମିଳିଛି। ଏହାକୁ ନେଇ ଜେଲ ପରିସରରେ ଭୟର ବାତାବରଣ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ମୁତାବକ, ରୁଗ୍‌ଣରେ ବୃଦ୍ଧ କଏଦୀ ଜଣକ ରବିବାର ରାତିରେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ଜେଲ୍ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ନିୟୋଜିତ ଡାକ୍ତର ମେଡ଼ିସିନ ଦେଇଥିଲେ ମଧ୍ୟ କିଛି ଫୁରକ ମିଳି ନ ଥିଲା। ରାତି ସାରା ଯନ୍ତ୍ରଣାରେ ଛଟପଟ ହେବା ପରେ ସୋମବାର ସକାଳେ ସଙ୍କଟାପନ ହୋଇପଡିଥିଲେ। ଏ ସମ୍ପର୍କରେ ଜେଲ୍ କର୍ତ୍ତୃପକ୍ଷ ଯୋଗାଯୋଗ କରିବା ପରେ ବିଏମ୍‌ସି ପକ୍ଷରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ହସ୍ପିଟାଲ ପଠାଇଛି। ସେପଟେ ପ୍ରଥମ ପର୍ଯ୍ୟାୟରେ କରୋନା ଟେଷ୍ଟ କରିଥିବା ୨ଶହ ଜଣଙ୍କ ମଧ୍ୟରୁ ୭୭ ପଜିଟିଭ୍ ବାହାରିଥିଲେ। ଶନିବାର ୧୮୦ଜଣଙ୍କ ସ୍ୱାବ୍ ସଂଗ୍ରହ କରିଥିଲା ବିଏମ୍‌ସି। ତେବେ କେତେଜଣ କଏଦୀ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ତାହାର ତଥ୍ୟ ବିଏମ୍‌ସି କିମ୍ବା ଜେଲ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମିଳିପାରିନି। ତେବେ ଜେଲ୍ ପରିସରରେ ଉନ୍ନତ ଚିକିତ୍ସା ବ୍ୟବସ୍ଥା କରାଯାଉ ବୋଲି ଦାବି ହେଉଛି। କରୋନା ପଜିଟିଭ୍‌ଙ୍କୁ ଉଷୁମ ଓ ଉନ୍ନତ ମାନର ଖାଦ୍ୟ ଦିଆଯାଉ ନ ଥିବାରୁ କଏଦୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ମାଟିତଳୁ ପୁଣି ୨ ମୋବାଇଲ୍ ମିଳିଲା

ସବୁବେଳେ ଚର୍ଚ୍ଚାରେ ଥିବା ଝାରପଡ଼ା ଜେଲ୍ ପରିସରରେ ଏବେ ବାରମ୍ବାର ମୋବାଇଲ୍ ଫୋନ୍ ମିଳୁଛି। ନୂଆ ଅଧୀକ୍ଷକ ରବିବାର ଚଢ଼ାଉ କରି ଜଣେ ବିଚାରାଧୀନ ବନ୍ଦୀଙ୍କ ସେଲ୍ ନିକଟ ମାଟିରୁ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଥିଲେ। ସୋମବାର ଆଉ ୨ଟି ମୋବାଇଲ୍ ଜବତ କରାଯାଇଛି। ସେ ପଡିଆରେ କଏଦୀମାନେ ସେସବୁକୁ ମାଟିରେ ପୋତି ଲୁଚାଇଥିବା ସନ୍ଦେହ କରାଯାଉଛି। ଏହାକୁ ମିଶାଇ ଚଳିତ ମାସରେ ମୋଟ ୧୫ ମୋବାଇଲ୍ ବାହାରିଥିବାରୁ ଜେଲ୍ ଭିତରେ ମୋବାଇଲ ଖଣି ରହିଥିବା ଚର୍ଚ୍ଚା ହେଉଛି।

# ବିଧାୟକ ଉନ୍ନୟନ ପାଣ୍ଠିରୁ ମାସ୍କ ବଣ୍ଟନ



ଭୁବନେଶ୍ୱର,୨୪।୫(ବ୍ୟୁରୋ)

ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ ୫୩ ଏବଂ ୬୭ ସ୍ଥିତ ଲିଙ୍ଗରାଜ ଓ ଗୋଖୁବାବା ଲେପର୍ସି କଲୋନୀରେ ସୋମବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା ଅନ୍ତେବାସୀମାନଙ୍କୁ କରୋନାକୁ ନେଇ ସଚେତନ କରିବା ସହ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଅନୁଦାନରୁ ମାସ୍କ, ସାନିଟାଇଜର ଓ ଖାଦ୍ୟ ପୁଡ଼ିଆ ବାଣ୍ଟି ଥିଲେ। ଏଥିରେ ତେଜସ୍ୱିନୀ ଅନୁଷ୍ଠାନ ସହଯୋଗ କରିଥିଲା। ତେଜସ୍ୱିନୀର ସଭାନେତ୍ରୀ ମହାମାୟା ସ୍ୱାଇଁ, ୱାର୍ଡ ସଭାପତି ତପନ ରାଉତ, ପ୍ରସନ୍ନ ପରିଡ଼ା, ଜିତେନ୍ଦ୍ର ନନ୍ଦ, କୃଷ୍ଣ ସେଠୀ, ଅକ୍ଷୟ ଭକବାଲ, ନିହାର ରଞ୍ଜନ ଚମ୍ପତି, ଅମିୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
File Ref No: AIIMS/BBSR/EE (AC&R)/58/2021/26 Dated: 24th May 2021

NOTICE INVITING E-TENDER

The All India Institute of Medical Sciences (AIIMS), Bhubaneswar invites e-Tender for "Comprehensive Maintenance Contract of Split Type Air Conditioners AIIMS Bhubaneswar". Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website www.aiimsbhubaneswar.nic.in.

Sd/-
Executive Engineer (AC&R)
AIIMS, Bhubaneswar



ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
ବୈଦ୍ୟୁତିକ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି

ଅଧିକ ବିବରଣୀ/ଟେଣ୍ଡର ଡକ୍ୟୁମେଣ୍ଟ www.ireps.gov.in ରେ ଉପଲବ୍ଧ।

PR/R/Sr.DEE(G)/IP/22
South East Central Railway @secrail



ପୂର୍ବ ତଟ ରେଳପଥ
ବୈଦ୍ୟୁତିକ କାର୍ଯ୍ୟ

ଇ-ଟେଣ୍ଡର ବିଜ୍ଞପ୍ତି ନଂ.ETELCON-BBS-T-331E, ତା.19.05.2021
ଟେଣ୍ଡର ମୂଲ୍ୟ (ଟଙ୍କାରେ): 567.58 ଲକ୍ଷ
ବିଡ୍ ଖୋଲିବା ତାରିଖ ଓ ସମୟ: ତା.21.06.2021
http://www.ireps.gov.in

PR-15/CE/21-22



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିଃ.
ଉପ-ସାଧାରଣ ପରିଚାଳକ (ବିଦ୍ୟୁତ୍)ଙ୍କ କାର୍ଯ୍ୟାଳୟ,
ଅତ୍ୟୁଚ୍ଚ ଶକ୍ତି ପରିବହନ (ନିର୍ମାଣ) ବିଭାଗ, କଟକ

(ଘୋଷଣା)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍‌ର ଯୋଜନା ଅନୁଯାୟୀ, ୧୩୨/୩୩ କେଭି ପଦ୍ମାପୁର ଗ୍ରୀଡ୍ ସବ୍‌ଷ୍ଟେସନଠାରୁ ବାହାରି ପ୍ରସ୍ତାବିତ ୧୩୨/୩୩ କେଭି ରାଜନଗର (କୁଜଙ୍ଗ) ଗ୍ରୀଡ ସବ୍‌ଷ୍ଟେସନ ପର୍ଯ୍ୟନ୍ତ ନିର୍ମାଣାଧୀନ ୧୩୨ କେଭି ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ଡି.ସି. ଲାଇନର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି। ଉକ୍ତ ନୂତନ ଲାଇନ କେନ୍ଦ୍ରାପଡ଼ା ଜିଲ୍ଲାର ପଦ୍ମାପୁର ତହସିଲ ଅଧୀନ ବେଲେଇ, ଆଡ଼ଖେଡ଼, ପାଞ୍ଚାପଡ଼ା, ଆଇନିପଡ଼ା, ନରସିଂହପୁର, ଅମର, ନାଗଭିଆ, ସିମିଳିଆ, ନାଗଭିଆ, ବାଲିପଡ଼ା, ଓସାଂଗର, ଜିରଙ୍ଗ, ତାଳପଦା, ମିଞ୍ଜାରା, କାଠିଆପଡ଼ା, ରାମଚନ୍ଦ୍ରପୁର, ପୁଲୁଗାଲ ପ୍ରଭୃତି ଗ୍ରାମ ପାର୍ଶ୍ୱ ଦେଇ ଯାଇଅଛି। ଉକ୍ତ ଲାଇନରେ ଆବଶ୍ୟ ତା୨୫।୦୫।୨୦୨୧ରିଖଠାରୁ ଯେ କୌଣସି ମୁହୂର୍ତ୍ତରେ ୧୩୨୦୦୦ ଭୋଲ୍ଟ ବିଦ୍ୟୁତ୍ ପ୍ରବାହିତ ହେବାର ସମ୍ଭାବନା ଅଛି।

ଏହି ବିଜ୍ଞାପନ ମାଧ୍ୟମରେ ସର୍ବସାଧାରଣଙ୍କୁ ଅବଗତ ଓ ସତର୍କ କରାଯାଉଅଛି ଯେ, ପ୍ରଚଳିତ ଭାରତୀୟ ବୈଦ୍ୟୁତିକ ଆଇନର ଧାରା ୬୮, ୧୦୫ ୮(୧) ଏବଂ ୧୪୦ ଧାରା ଅନୁଯାୟୀ ଉପରୋକ୍ତ ଲାଇନ ତଳେ ଘର ତିଆରି କରିବା, ଗଛ ଲଗାଇବା, ଉଚ୍ଚ ଧାତୁ ତଥା ଦ୍ରବ୍ୟ ପୋତିବା, ଉକ୍ତ ଖମ୍ବ ଧରି ଯାତାୟାତ କରିବା କିମ୍ବା ବିଦ୍ୟୁତ୍ ତାରରେ ଛୁଇଁବା ତଥା ତାର ଗାଈ ମହିଷାଦି ଗୃହପାଳିତ ପଶୁ ବାନ୍ଧିବା ବିପଜ୍ଜନକ ଏବଂ ଦଣ୍ଡନୀୟ ଅପରାଧ ଅଟେ।

ଏଣୁ ଏ ବିଷୟରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ। ଯଦି ଏଥିରେ ବ୍ୟତିକ୍ରମ ହେତୁ କାହାର କିଛି ଅଘଟଣ ହୁଏ, ସେଥିପାଇଁ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ ଉତ୍ତରଦାୟୀ ହେବେ ନାହିଁ।

ସ୍ୱା./- (ଅଶୋକ କୁମାର ମହାନ୍ତି)
ଉପ-ସାଧାରଣ ପରିଚାଳକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ପରିବହନ (ନିର୍ମାଣ) ବିଭାଗ, କଟକ

ଧରିତ୍ରୀ
DHARITRI
ମଙ୍ଗଳବାର, ୨୫ ମେ, ୨୦୨୧



## କୋଭିଡ୍ ନିୟମ ଉଲ୍ଲଂଘନ: ୪ ଦୋକାନ ସିଲ୍

**ସାରସକଣା:** ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅନ୍ତର୍ଗତ ସାରସକଣା ବଜାରରେ କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ୪ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସ୍ଥାନୀୟ ପୋଲିସ ଓ ସାରସକଣା ତହସିଲ ପକ୍ଷରୁ ବଜାରର ମୁନା ଡ୍ରେସ ହାଉସ୍, ମା' ଅମ୍ବିକା ବସ୍ତ୍ରାଳୟ, ନୀଳମାଧବ ସାହୁ ଓ ପଞ୍ଚାନନ ସାହୁଙ୍କ ଗ୍ରସୋରି ଦୋକାନକୁ ସିଲ୍ କରାଯାଇଛି। ଚଢ଼ାଉ ସମୟରେ ଖାରପୋଖରିଆ ଥାନାର ଭାରପ୍ରାପ୍ତ ଅଧିକାରୀ ପଞ୍ଚାନନ ମହାନ୍ତି ଓ ସାରସକଣା ତହସିଲ କର୍ମଚାରୀ ସାମିଲ ଥିଲେ।

## ୟାସ୍ ମୁକାବିଲା ପାଇଁ ପ୍ରସ୍ତୁତି





'ୟାସ୍'ର ମୁକାବିଲା ପାଇଁ ଗୁଆହାଟୀରୁ ଆସିଥିବା ଏନ୍‌ଡିଆର୍‌ଏଫ୍ ଟିମ୍ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଓହ୍ଲାଇବା ପରେ ଗାଡିକୁ ଯାଉଛନ୍ତି (ବାମ)। ଭୁବନେଶ୍ୱରସ୍ଥିତ ୭ମ ବାଟାଲିୟନରେ ଓଡିଆର୍‌ଏଫ୍ ଟିମ୍ ପ୍ରଭାବିତ ହେବାକୁ ଥିବା ଜିଲାକୁ ଯିବାକୁ ପ୍ରସ୍ତୁତ ହେଉଛି।

# ଅଗ୍ନିଶମ ବିଭାଗର ୧୯୦ ଉଦ୍ଧାରକାରୀ ଦଳ ନିୟୋଜିତ

### 'ୟାସ' ମୁକାବିଲା: ଅଧିକାରୀଙ୍କ ସହ ଅଗ୍ନିଶମ ଡିଜିଙ୍କ ଆଲୋଚନା

ଭୁବନେଶ୍ୱର, ୨୪।୫(ବ୍ୟୁରୋ)

ବାତ୍ୟା 'ୟାସ୍' ମୁକାବିଲା ପାଇଁ ଓଡିଶା ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ସୋମବାର ଅଗ୍ନିଶମ ଡିଜି ଏମ୍. ଅକ୍ଷୟ ପୂରା ପ୍ରସ୍ତୁତିର ସମୀକ୍ଷା କରିବା ସହ ଭିଡିଓ କନ୍‌ଫରେନ୍ସରେ ରାଜ୍ୟରେ ସମସ୍ତ ବରିଷ୍ଠ ଅଗ୍ନିଶମ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବାତ୍ୟାରେ ପ୍ରଭାବିତ ହେବାକୁ ଥିବା ଜିଲାଗୁଡିକରେ ମୋଟ ୧୯୦ଟି ଉଦ୍ଧାରକାରୀ ଦଳକୁ ମୁତୟନ କରାଯାଇଛି। ପ୍ରତି ଦଳକୁ ଆବଶ୍ୟକ ପାୱାର ସ, କମ୍ବି ଟୁଲ୍‌ସ, ଟାୱାର ଲାଇଟ୍ ଓ ଅନ୍ୟ ଉପକରଣ ଦିଆଯାଇଛି। ଏଥିସହ ପତ୍ୟେକ ଜିଲାରେ ଗୋଟିଏ ଗୋଟିଏ ପ୍ଲାଜ୍‌ମା କଟର ମଧ୍ୟ ମହଜୁଦ ରହିଛି। ଏହି ଦଳଗୁଡିକ ବାତ୍ୟା ସମୟରେ ଉପଡିଥିବା ଗଛଗୁଡିକୁ କାଟିବା ସହ ବିଦ୍ୟୁତ ଖୁଣ୍ଟକୁ ମଧ୍ୟ କାଟି ରାସ୍ତା ସଫା କରିବେ। ଜିଲାର ସଦର ମହକୁମାରେ ଜଣେ ଲେଖାଏ ଅଗ୍ନିଶମ ଅଧିକାରୀ ଦାୟିତ୍ୱରେ ରହି ଜିଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ। ତେବେ ବାତ୍ୟା ଦ୍ୱାରା ମୁଖ୍ୟତଃ ପ୍ରଭାବିତ ହେବାକୁ ଥିବା ଅଞ୍ଚଳଗୁଡିକୁ ଚିହ୍ନଟ କରାଯାଇ ସେସବୁ ସ୍ଥାନରେ ପ୍ରଶାସନର ଆବଶ୍ୟକତା ଅନୁଯାୟୀ ଅଗ୍ନିଶମ ଟିମ୍‌ଗୁଡିକୁ ମୁତୟନ କରାଯିବା ଉପରେ ବୈଠକରେ ଡିଜି ଏମ୍. ଅକ୍ଷୟ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ଉଦ୍ଧାରକାରୀ ଯନ୍ତ୍ରାଂଶ ସହ ପ୍ରସ୍ତୁତ ରହି କୋଭିଡ୍ ନିର୍ଦ୍ଦେଶାବଳୀକୁ ମାନି କାର୍ଯ୍ୟ କରିବାକୁ ନିୟୋଜିତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଜିଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ସହିତ ଆବଶ୍ୟକ ସ୍ଥଳେ ଟିମଗୁଡିକୁ ଅନ୍ୟ ଆବଶ୍ୟକ ସ୍ଥାନରେ ପନଃ ନିୟୋଜନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ମୁଖ୍ୟତଃ କଟକ, ଭୁବେନେଶ୍ୱର, ପୁରୀ ଆଦି ସହରର ଜଳମଗ୍ନ ଅଞ୍ଚଳଗୁଡିକରେ ପମ୍ପଗୁଡିକୁ ପ୍ରସ୍ତୁତ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ପୁନରୁଦ୍ଧାର ଉପରେ ଗୁରୁତ୍ୱ

ବାଲେଶ୍ୱର ଅଫିସ/ଭଦ୍ରକ ଅଫିସ, ୨୪।୫

- ବାଲେଶ୍ୱର, ଭଦ୍ରକରେ ଏଡିଜିଙ୍କ ସମୀକ୍ଷା
- ସ୍ଥାନାନ୍ତର ହେବେ ବାଲେଶ୍ୱରର ୧ଲକ୍ଷ ୨୦ହଜାର, ଭଦ୍ରକର ୯୪ ହଜାର ଲୋକ



ଏଡିଜି ଯଶୱନ୍ତ ଜେଠୱା ବାତ୍ୟା ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଉଛନ୍ତି।

ବାତ୍ୟା 'ୟାସ୍' ମୁକାବିଲା ଲାଗି ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଏଡ଼ିଜି) ଯଶୱନ୍ତ ଜେଠୱା ସୋମବାର ବାଲେଶ୍ୱର ଓ ଭଦ୍ରକ ଜିଲା ଗସ୍ତ କରି ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଆଇଏମ୍‌ଡ଼ି ସୂଚନା ଅନୁଯାୟୀ ବାତ୍ୟା ବାଲେଶ୍ୱର ପାଖାପାଖି ଲ୍ୟାଣ୍ଡଫଲ୍ କରିବାକୁ ଥିବାରୁ ଏହାର ମୁକାବିଲା ଓ ପୁନରୁଦ୍ଧାର ଉପରେ ଏଡିଜି ଗୁରୁତ୍ୱାରୋପ କରି ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗର ଟିମ୍‌କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ପୋଲିସ ପକ୍ଷରୁ ୧୫ ପ୍ଲାଟୁନ ପୋଲିସ ଫୋର୍ସଙ୍କୁ ନିୟୋଜିତ କରାଯାଇଛି। ବାଲେଶ୍ୱରରେ ୧୨ଟି ଓଡ୍ରାଫ ଟିମ୍ ପହଞ୍ଚି ସାରିଛନ୍ତି। ଓଡ୍ରାଫ୍ ସହ ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବିଭାଗ ମିଳିତ ଭାବେ ପ୍ରସ୍ତୁତ ରହିଛନ୍ତି। ସେହିପରି ଭଦ୍ରକର ବିଭିନ୍ନ ସ୍ଥାନରେ ମୁତୟନ ଲାଗି ୨ ଏନ୍‌ଡିଆର୍‌ଏଫ୍ ଓ ୨ ଓଡ୍ରାଫ ଟିମ୍ ସୋମବାର ଜିଲା ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି।

ଏଡିଜି ଜେଠୱା ପ୍ରସ୍ତୁତି ସମ୍ପର୍କରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଓ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କ ସହ ଆଲୋଚନା କରିଛନ୍ତି। ସେ କହିଛନ୍ତି, ରାଜ୍ୟ ସରକାରଙ୍କ ଅନୁଦାନରେ ୨୦କୋଟି ଟଙ୍କାର କିଣାଯାଇଥିବା ନୂତନ ଯନ୍ତ୍ରାଂଶ ଓଡ୍ରାଫ୍ ନିକଟରେ ମହଜୁଦ ରହିଛି। ସେଥିମଧ୍ୟରୁ ଅତ୍ୟାଧୁନିକ ଟ୍ରି କଟର, ଗ୍ୟାସ୍ କଟର, କଂକ୍ରିଟ୍ କଟର ସହିତ ଏହି ଯନ୍ତ୍ରାଂଶଗୁଡ଼ିକୁ ଚଳାଇବା ପାଇଁ ଜେନେରେଟର, ଟାୱାର ଲାଇଟ୍ ଓ ଟର୍ଚ୍ଚ ଲାଇଟ୍, ବୋଟ୍ ସହ ଓଡ଼ିଶା ଓଡ୍ରାଫ୍ ଟିମ୍ ପ୍ରସ୍ତୁତ ରହିଛି। ସାମୁଦ୍ରିକ ଅଞ୍ଚଳର ୧୪୦ ଗ୍ରାମ ଚିହ୍ନଟ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଚିହ୍ନଟ ହୋଇଥିବା ୧୨ଶହରୁ ଉର୍ଦ୍ଧ୍ୱ ସ୍ଥାୟୀ ଓ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀରେ ଲୋକମାନଙ୍କୁ ରଖାଯିବାର ପଦକ୍ଷେପ ଆରମ୍ଭ ହୋଇଛି। ୧୪୦ଗ୍ରାମର ୧ଲକ୍ଷ ୨୦ହଜାର ଲୋକଙ୍କୁ ସ୍ଥାନାନ୍ତର ନିମନ୍ତେ ଟାର୍ଗେଟ୍ କରାଯାଇଛି। ବାତ୍ୟାର ଭୟାବହତାକୁ ଦେଖି କୋଭିଡ୍ ନିୟମକୁ ଅନୁଧ୍ୟାନ କରି ଲୋକମାନଙ୍କୁ ସ୍ଥାନାନ୍ତରିତ କରାଯିବା ଉପରେ ଗୁରୁତ୍ୱ ଦିଆଯିବ। ଏସ୍‌ପି ମିଶ୍ର ବାତ୍ୟା ମୁକାବିଲା ଲାଗି ଲୋକଙ୍କୁ ସଚେତନ କରାଇଛନ୍ତି।

ବାଲେଶ୍ୱର ପରେ ଏଡିଜି ଜେଠୱା ଭଦ୍ରକ ରିଜର୍ଭ ପୋଲିସ ପଡ଼ିଆରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ସମୀକ୍ଷା ପରେ ଏଡିଜି ଜେଠୱା ସୂଚନା ଦେଇଛନ୍ତି, ଜିଲାର ୫୪ କିଲୋମିଟର ସମୁଦ୍ର ଉପକୂଳରେ ଥିବା ୫ ଥାନା, ୩ ମେରାଇନ ଥାନା ଅଧୀନ ୧୪ଟି ପଞ୍ଚାୟତର ୪୧ ଗ୍ରାମର ୯୪ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ କିପରି ଅଣାଯାଇପାରିବ, ସେଥିପାଇଁ ଓଡ୍ରାଫ୍ ଓ ପୋଲିସ ମିଳିତ ଭାବେ କାର୍ଯ୍ୟ କରିବ। ୧୫ ପ୍ଲାଟୁନ ପୋଲିସ ଫୋର୍ସ ମଧ୍ୟ ମୁତୟନ ହେବେ। ଏହି ଟିମ୍ ବାତ୍ୟା ପୂର୍ବରୁ, ବାତ୍ୟା ସମୟରେ ଓ ପରେ ଲୋକଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିବେ। ସୋମବାରଠାରୁ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ବୈଠକରେ ପୂର୍ବାଞ୍ଚଳ ଆଇଜି ଦୀପ୍ତେଶ ପଟ୍ଟନାୟକ, ଭଦ୍ରକ ଏସ୍‌ପି ଚରଣ ସିଂ ମୀନା ପ୍ରମୁଖ ଉପସ୍ଥିତ ଥିଲେ।

# 'ୟାସ୍' ମୁକାବିଲା ସମୀକ୍ଷା କଲେ ୩ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୨୪।୫(ବ୍ୟୁରୋ)



ଭିଡିଓ କନ୍‌ଫରେନ୍ସରେ ଏକ ଉଚ୍ଚସ୍ତରୀୟ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୀୟୂଷ ଗୋଏଲ ଏବଂ ମନସୁଖ ମାଣ୍ଡଭୀୟ।

ବାତ୍ୟା 'ୟାସ୍' ପରିସ୍ଥିତିର ମୁକାବିଲା ପ୍ରସ୍ତୁତି ନେଇ ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୀୟୂଷ ଗୋଏଲ ଏବଂ ମନସୁଖ ମାଣ୍ଡଭୀୟଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଓଡ଼ିଶାରେ 'ୟାସ୍' ର ମୁକାବିଲା ପାଇଁ ଭାରତ ସରକାରଙ୍କ ସବୁ ବିଭାଗ ସତର୍କ ଓ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ଅଛନ୍ତି ଏବଂ ଜରୁରିକାଳୀନ ପରିସ୍ଥିତିକୁ ମୁକାବିଲା ଲାଗି ରାଜ୍ୟରେ ଏନ୍‌ଡିଆର୍‌ଏଫ୍ ଟିମ୍ ପକ୍ଷରୁ ୫୨ ଟିମ୍ ମୁତୟନ କରାଯାଇଛି ବୋଲି ଉଚ୍ଚସ୍ତରୀୟ ବୈଠକ ପରେ ଧର୍ମେନ୍ଦ୍ର ସୂଚନା ଦେଇଛନ୍ତି।

ବୈଠକରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସଂସ୍ଥା ସମୂହ, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ସରକାରଙ୍କ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା(ଏନ୍‌ଡିଏମ୍‌ଏ), ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ(ଏନ୍‌ଡିଆର୍‌ଏଫ୍), ଭାରତୀୟ ପାଣିପାଗ ବିଭାଗ, ବନ୍ଦର, ଜାହାଜ ଏବଂ ଜଳପଥ ମନ୍ତ୍ରଣାଳୟ, ଭାରତୀୟ ତଟରକ୍ଷା ବାହିନୀ, ଭାରତୀୟ ନୌସେନା, ପେଟ୍ରୋଲିୟମ ଏବଂ ଗ୍ୟାସ୍ ମନ୍ତ୍ରଣାଳୟ, ବ୍ୟବସାୟ ସଂଘର ପ୍ରତିନିଧି ଯଥା ଏଫ୍‌ସିସିଆଇ ଏବଂ ଆସୋଚାମ୍ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ଏନେଇ ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି, ଜରୁରିକାଳୀନ ପରିସ୍ଥିତିକୁ ମୁକାବିଲା ଲାଗି ଓଡ଼ିଶାରେ ୫୨ ଟିମ୍ ସମେତ ୫ଟି ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ୯୯ଟି ଟିମ୍ ଏନ୍‌ଡିଆର୍‌ଏଫ୍ ଦ୍ୱାରା ମୁତୟନ କରାଯାଇଛି। ୟାସ୍‌କୁ ଦୃଷ୍ଟିରେ ରଖି ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ମୟୂରଭଞ୍ଜ ଏବଂ ଯାଜପୁରରେ ଏହି ଟିମ୍‌ଗୁଡ଼ିକୁ ନିୟୋଜିତ କରାଯାଇଛି।

## ଖେଳ ଖବର

# ଆଇଓସି, ସୁଗାଙ୍କ ସମ୍ମୁଖରେ ଚ୍ୟାଲେଞ୍ଜ୍

ଷ୍ଟକ୍‌ହୋମ,୨୪।୫





ଜାପାନରେ ଏବେ କୋଭିଡ୍-୧୯ର ଚତୁର୍ଥ ୱେଭ୍ ଚାଲିଛି। ଜୁଲାଇ ୨୩ ତାରିଖରେ ଆରମ୍ଭ ହେବାକୁ ଯାଉଥିବା ଅଲିମ୍ପିକ୍ସକୁ ଏହି ମହାମାରୀ ପାଇଁ ବାତିଲ କରିବା ନେଇ ତର୍କବିତର୍କ ଆରମ୍ଭ ହୋଇଛି। ଜାପାନ ନାଗରିକ ମଧ୍ୟ ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସ ବାତିଲ କରିବାକୁ ବିକ୍ଷୋଭ, ଆନ୍ଦୋଳନ ଜାରି ରଖିଛନ୍ତି।

ଜାପାନରେ ୬୦ରୁ ୮୦ ପ୍ରତିଶତ ଲୋକ ଅଲିମ୍ପିକ୍ସ ବାତିଲ ହେବାକୁ କିମ୍ବା ସ୍ଥଗିତ ରଖିବାକୁ ଚାହାନ୍ତି ବୋଲି ଏକ ଓପିନିୟନ ପୁଲ୍‌ରୁ ଜଣାପଡିଛି। ତେଣୁ ଅଲିମ୍ପିକ୍ସ ବାତିଲ ହେବ କି ବୋଲି ସମସ୍ତଙ୍କ ମନରେ ପ୍ରଶ୍ନବାଚୀ

**ଟୋକିଓ ଅଲିମ୍ପିକ୍ସ ଆୟୋଜନ**

ସୃଷ୍ଟି ହୋଇଛି। ଏହି ମେଗା ଇଭେଣ୍ଟ ବାତିଲ ହେବ ବୋଲି ଚର୍ଚ୍ଚା ହେଉଥିଲେ ମଧ୍ୟ ପ୍ରତିଥର ଜାପାନ ସରକାର ଓ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଏହାକୁ ଖଣ୍ଡନ କରିଆସୁଥିଲେ। ଏହି ବର୍ଷ ମଧ୍ୟ ଜାପାନରେ ସାଧାରଣ ନିର୍ବାଚନ ଆୟୋଜନ ହେବ। ଶିଞ୍ଜୋ ଆବେଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ୟୋଶିହାଇଡ ସୁଗା ଓ ଶାସକ ଦଳ ଲିବରାଲ ଡେମୋକ୍ରାଟିକ ପାର୍ଟି (ଏଲ୍‌ଡିପି)ଙ୍କ ପାଇଁ ଏହା ଶୁଭ ଖବର ବିବେଚିତ ହୋଇନାହିଁ।

କୋଭିଡ୍-୧୯ ସଂକ୍ରମଣକୁ ରୋକିବାରେ ଅବଶ୍ୟ ଜାପାନ କିଛିମାତ୍ରରେ ସଫଳ ହୋଇଛି। ମହାମାରୀରେ ଜାପାନରେ ଏପର୍ଯ୍ୟନ୍ତ ୧୧, ୯୦୦ ଲୋକ ପ୍ରାଣ ହରାଇଛନ୍ତି। ଅନ୍ୟ ଦେଶ ତୁଳନାରେ ଦେଖିବାକୁ ଗଲେ ଏହା ସେତେ ଅଧିକ ନୁହେଁ ବୋଲି କୁହାଯାଇପାରେ। ମାସ୍କର ବହୁଳ ବ୍ୟବହାର, କଣ୍ଟାକ୍ଟ ଟ୍ରେସିଂ, ଠିକ୍ ସମୟରେ ଲକ୍‌ଡାଉନ୍ ହେବା ଦ୍ୱାର ଏହା ସମ୍ଭବ ହୋଇଛି। ଲୋକେ ଅଲିମ୍ପିକ୍ସ ଆୟୋଜନ ହେଉ ବୋଲି ଚାହୁଁ ନାହାନ୍ତି। ତେବେ ଏହାର ପ୍ରାସଙ୍ଗିକତା ରହିଛି କି ଓ ଏହାକୁ କ'ଣ ସତରେ ଗୁରୁତ୍ୱ ଦିଆଯାଉଛି ବୋଲି ପ୍ରଶ୍ନ ଉଠିଛି। ବିରୋଧୀ ଦଳର ନେତାମାନେ ଅଲିମ୍ପିକ୍ସ ଆୟୋଜନକୁ ମଧ୍ୟ ବିରୋଧ କରୁଛନ୍ତି। ତେବେ ଜାପାନ ସରକାର ଓ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଏହି ମେଗା ଇଭେଣ୍ଟ ଆୟୋଜନ କରିବାକୁ ବଦ୍ଧପରିକର ବୋଲି ଘୋଷଣା କରିସାରିଛନ୍ତି। ଅଲିମ୍ପିକ୍ସ ଆୟୋଜନ ପାଇଁ ଜାପାନ ଏପର୍ଯ୍ୟନ୍ତ ବହୁ ପରିମାଣର ଅର୍ଥ ବ୍ୟୟ କରିସାରିଛି। ତେଣୁ ଜାପାନ ଏକତରଫା ଭାବେ କିମ୍ବା ଆଇଓସି ସହ ମିଳିତ ଭାବେ ଏହାକୁ ବାତିଲ କରିବ ନାହିଁ। କିନ୍ତୁ ଅଲିମ୍ପିକ୍ସ ଆୟୋଜନ ହେଲେ ମଧ୍ୟ ନିଶ୍ଚିତ ଭାବେ ପ୍ରଭାବିତ ହେବ ବୋଲି କୁହାଯାଇପାରେ।

ସାରା ବିଶ୍ୱରୁ ଆଥ୍‌ଲେଟମାନେ ଜାପାନ ଆସିବେ। ସେମାନେ କରୋନାର ବିଭିନ୍ନ ଭାରିଆଣ୍ଟ ଧରି ଆସିବାର ଆଶଙ୍କା ରହିଛି। ତେଣୁ ରିସ୍କ ନିଶ୍ଚିତ ଭାବେ ରହିଛି। ଅଲିମ୍ପିକ୍ସ ଆୟୋଜନକୁ ନେଇ ସୁଗା ନିଜର ନେତୃତ୍ୱକୁ ବାଜି ଲଗାଇଛନ୍ତି। ସୁଗାଙ୍କ ସହ ଶାସକ ଦଳ ଏଲ୍‌ପିଡିର ଭାଗ୍ୟ ମଧ୍ୟ ଏହି ମେଗା ଇଭେଣ୍ଟ ସଫଳ ଆୟୋଜନ ଉପରେ ନିର୍ଭର କରୁଛି। ଯଦି ଅଲିମ୍ପିକ୍ସ ବିଫଳ ହୁଏ ତା'ହେଲେ ସୁଗାଙ୍କୁ ନିଶ୍ଚିତ ଭାବେ ମୂଲ୍ୟ ଦେବାକୁ ହେବ। ଆୟୋଜନ ସଫଳ ହେଲେ ମଧ୍ୟ ସୁଗା ଏଥିରେ କେତେ ଲାଭ ପାଇଛନ୍ତି ତାହା କହିବା କଷ୍ଟକର। ତେଣୁ ଆଇଓସି ଓ ପ୍ରଧାନମନ୍ତ୍ରୀ ସୁଗା ନିଶ୍ଚିତ ଭାବେ କଡ଼ା ପରୀକ୍ଷା ତଥା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛନ୍ତି ବୋଲି କୁହାଯାଇପାରେ। କିନ୍ତୁ ଅଲିମ୍ପିକ୍ସ ବାତିଲ ହେବା କୁହାଯାଇ ନ ପାରେ।

# ଜାପାନରେ ବ୍ୟାପକ ଟିକାକରଣ ଆରମ୍ଭ

**ଟୋକିଓ,୨୪।୫(ଏପି):** ଅଲିମ୍ପିକ୍ସ ଆୟୋଜନ ହେବାକୁ ଆଉ ପାଖାପାଖି ୨ମାସ ବାକିଥିବା ବେଳେ ଜାପାନ ବ୍ୟାପକ ଟିକାକରଣ ଅଭିଯାନ ଆରମ୍ଭ କରିଛି। ଏଥିପାଇଁ ଜାପାନ ମିଲିଟାରି ଡାକ୍ତର ଓ ନର୍ସମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିଛି। ସୋମବାର ଟୋକିଓ ଓ ଓସାକାରେ ବୟସ୍କ ଲୋକଙ୍କୁ ଟିକା ଦିଆଯାଇଛି। କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ପାଇଁ ଦେଶରେ ଟିକାକରଣକୁ ତ୍ୱରାନ୍ୱିତ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଜାପାନ ପ୍ରଧାନମନ୍ତ୍ରୀ ୟୋଶିହାଇଡ ସୁଗା ଟୋକିଓରେ ଅଲିମ୍ପିକ ଆୟୋଜନ କରିବାକୁ ବଦ୍ଧପରିକର ଅଛନ୍ତି। ମହାମାରୀ କାରଣରୁ ଅଲିମ୍ପିକ୍ସକୁ ଗୋଟିଏ ବର୍ଷ ସ୍ଥଗିତ ରଖାଯାଇଥିଲା। ଜୁଲାଇ ଶେଷ ସୁଦ୍ଧା ୩୬ ମିଲିୟନ ବୟସ୍କ ଲୋକଙ୍କର ଟିକାକରଣ ଶେଷ କରିବା ପାଇଁ ସରକାର ସବୁ ପ୍ରକାର ପ୍ରସ୍ତୁତି କରିଛନ୍ତି। ଯଦିଓ ଏହାର ସଫଳତା ନେଇ ଆଶଙ୍କା ପ୍ରକଟ କରାଯାଉଛି। ଜାପାନର ଅଧିକାଂଶ ନାଗରିକଙ୍କର ଟିକାକରଣ ହୋଇପାରି ନାହିଁ। ଅଲିମ୍ପିକ୍ସକୁ ବାତିଲ କରିବା ପାଇଁ ବିକ୍ଷୋଭ, ଆନ୍ଦୋଳନ ବଢିବାରେ ଲାଗିଛି। ଜୁଲାଇ ୨୩ରୁ ଅଲିମ୍ପିକ୍ସ ଆରମ୍ଭ ହେବ। ଏପ୍ରିଲ ଶେଷରୁ ଦେଶର ବିଭିନ୍ନ ସ୍ଥାନରେ ଷ୍ଟେଟ୍ ଅଫ୍ ଇମର୍ଜେନ୍ସି ଲାଗୁ କରାଯାଇଛି। ଦେଶର ୪୦ ପ୍ରତିଶତ ଲୋକ ବସବାସ କରୁଥିବା ରାଜଧାନୀ ଟୋକିଓ ସମେତ ଅନ୍ୟ ୯ଟି ଅଞ୍ଚଳରେ ଇମର୍ଜେନ୍ସି ଜାରି ରହିଛି ଓ ଏହାକୁ ଆହୁରି ବୃଦ୍ଧି କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏବେ ମଧ୍ୟ କରୋନ କେସ୍ ଯଥେଷ୍ଟ ଅଧିକ ରହିଛି। ତେଣୁ ଟିକାକରଣରେ ଏହାକୁ ନିୟନ୍ତ୍ରଣକୁ ଆଣିବାକୁ ସୁଗା ଲକ୍ଷ୍ୟ ରଖିଛନ୍ତି। ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଥିବା ଆଥ୍‌ଲେଟଙ୍କର ଟିକାକରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଆଗକୁ ବିଭିନ୍ନ ଚ୍ୟାଲେଞ୍ଜ ଥିଲେ ମଧ୍ୟ ଟିକାକରଣ ଉପରେ ଜୋର ଦିଆଯିବ ବୋଲି ସେ କହିଛନ୍ତି। ଟୋକିଓରେ ଦିନକୁ ୧୦,୦୦୦ ଓ ଓସାକାରେ ୫,୦୦୦ ଲୋକଙ୍କୁ ଟିକା ଦିଆଯିବ। ଏହା ଆଗାମୀ ୩ ମାସ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଆବଶ୍ୟକ ପଡ଼ିଲେ ଜାପାନ ବିଦେଶରୁ ମଧ୍ୟ ଟିକା ମଗାଇବ। ଜାପାନରେ କେବଳ ୨ ପ୍ରତିଶତ ଲୋକଙ୍କର ଟିକାକରଣ ହୋଇଛି। ଫେବୃୟାରୀ ମଝିରେ ସ୍ୱାସ୍ଥ୍ୟକର୍ମୀଙ୍କ ଟିକାକରଣ କରାଯାଇଥିଲା। ଯଦି ୮୦ରୁ ୯୦ ପ୍ରତିଶତ ଲୋକଙ୍କର ଟିକାକରଣ ହୋଇଯାଏ ତା'ହେଲେ ବିନା କୌଣସି ସମସ୍ୟାରେ ଅଲିମ୍ପିକ୍ସ ଆୟୋଜନ ହୋଇପାରିବ ବୋଲି କୁହାଯାଇଛି। ଏହା ଅସମ୍ଭବ ମନେ ହେଉଥିଲେ ମଧ୍ୟ ପ୍ରାୟାସ ଜାରି ରହିବ ବୋଲି ସୁଗା କହିଛନ୍ତି। ଡେଣ୍ଟିଷ୍ଟ ଓ ଅବସରପ୍ରାପ୍ତ ନର୍ସଙ୍କୁ ମଧ୍ୟ କାର୍ଯ୍ୟରେ ନିୟୋଜିତ କରାଯିବ। ଦେଶର ସ୍ଥାନୀୟ ତଥା ପ୍ରାନ୍ତୀୟ ସରକାରମାନେ ମଧ୍ୟ ବ୍ୟାପକ ଟିକାକରଣ ପାଇଁ ଅଭିଯାନ ଆରମ୍ଭ କରିଛନ୍ତି।



# ଏଆଇଏଫ୍‌ଏଫ୍ ଯୋଜନାକୁ କ୍ରୀଡ଼ା ମନ୍ତ୍ରଣାଳୟ, ସାଇର ସମର୍ଥନ

ନୂଆଦିଲ୍ଲୀ,୨୪।୫ (ପି.ଟି.)

**୨୦୨୭ ଫିଫା ମହିଳା ବିଶ୍ୱକପ୍**

୨୦୨୭ ଫିଫା ମହିଳା ବିଶ୍ୱକପ୍‌କୁ ଭାରତୀୟ ଦଳ ପଠାଇବା ପାଇଁ ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ବିଧିବଦ୍ଧ ଭାବେ ଏକ ଯୋଜନା ପ୍ରସ୍ତୁତ କରିଛି। ଏହାକୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଓ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ବିନା ଦ୍ୱିଧାରେ ସମର୍ଥନ ଜଣାଇଛି।

ଏହି ମେଗା ଇଭେଣ୍ଟ ପାଇଁ ଭାରତୀୟ ମହିଳା ଦଳ ଯୋଗ୍ୟତା ହାସଲ କରିବାରେ ସମର୍ଥ ହେବ ବୋଲି ଏଆଇଏଫ୍‌ଏଫ୍ ଅଧ୍ୟକ୍ଷ ପ୍ରଫୁଲ୍ଲ ପଟେଲ କହିଛନ୍ତି। ଫିଫା ବିଶ୍ୱକପ୍ ପାଇଁ ପୁରୁଷ ଦଳ ଯୋଗ୍ୟତା ହାସଲ କରିବା ପୂର୍ବରୁ ମହିଳା ଦଳ ସଫଳ ହେବ ବୋଲି ସେ କହିଛନ୍ତି। ଯଦିଓ ମହିଳା ଫୁଟବଲକୁ ସେତେଟା ଗୁରୁତ୍ୱ ଦିଆଯାଇନାହିଁ। ବର୍ତ୍ତମାନ ଦେଶରେ ମହିଳା ଫୁଟବଲର ବିକାଶ ପାଇଁ ଫେଡେରେଶନ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି।

ଏବେକାର ୧୮ ବର୍ଷରୁ କମ୍ ଦଳ ପାଇଁ ଆମେ ସମ୍ପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିଛୁ। ଏହାଦ୍ୱାରା ଭାରତୀୟ ମହିଳା ଦଳ ୨୦୨୭ ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିପାରିବ ବୋଲି ସେ କହିଛନ୍ତି। ଆମର ଏହି ଯୋଜନାକୁ କ୍ରୀଡ଼ା ମନ୍ତ୍ରଣାଳୟ ଓ ସାଇ ସମର୍ଥନ କରିଛନ୍ତି। ଏଥିପାଇଁ ଆମେ କୃତଜ୍ଞ ବୋଲି ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶଲ ଦାସ କହିଛନ୍ତି। ୨୦୨୭ ବିଶ୍ୱକପ୍ ପାଇଁ ଭାରତୀୟ ମହିଳା ଦଳ ଯୋଗ୍ୟତା ହାସଲ କରିବାରେ ସମର୍ଥ ହେବ ବୋଲି ଗତ ଡିସେମ୍ବରରେ ପଟେଲ କହିଥିଲେ। ତେବେ ଏଥିପାଇଁ ଏକ ସ୍ୱତନ୍ତ୍ର ରୋଡମ୍ୟାପ ପ୍ରସ୍ତୁତ କରିବା ଉପରେ କାର୍ଯ୍ୟକରିବାକୁ ଏଆଇଏଫ୍‌ଏଫ୍‌କୁ ମନ୍ତ୍ରଣାଳୟ ପରାମର୍ଶ ଦେଇଛି।

୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଭାରତରେ ଆସନ୍ତାବର୍ଷ ଅକ୍ଟୋବର ୧୧ରୁ ୩୦ ତାରିଖ ମଧ୍ୟରେ ଆୟୋଜନ ହେବ ବୋଲି ଫିଫା କାଉନସିଲ ଗତ ଗୁରୁବାର କହିଥିଲା। ଭାରତ ଗତବର୍ଷ ଏହି ମେଗା ଇଭେଣ୍ଟ ଆୟୋଜନ କରିବାର କାର୍ଯ୍ୟକ୍ରମ ଥିଲା। ତେବେ କୋଭିଡ୍-୧୯ କାରଣରୁ ଏହାକୁ ୨୦୨୧କୁ ଘୁଞ୍ଚାଇ ଦିଆଯାଇଥିଲା। ଭାରତ ମଧ୍ୟ ୨୦୨୨ରେ ଏଏଫ୍‌ସି ମହିଳା ଏସିଆନ କପ୍ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଦୁଇଟି ମେଗା ଇଭେଣ୍ଟ ସଫଳତାର ସହ ଆୟୋଜନ ହେଲେ ଏହା ଭାରତୀୟ ମହିଳା ଫୁଟବଲକୁ ଆହୁରି ଆଗକୁ ନେବାରେ ସହାୟ ହେବ।

# ବିସିସିଆଇ ଦାନ କରିବ ୨୦୦୦ ଅକ୍ସିଜେନ କନସେନ୍‌ଟ୍ରେଟର୍ସ

ନୂଆଦିଲ୍ଲୀ, ୨୪।୫ (ପି.ଟି.)

ଦେଶରେ କୋଭିଡ୍ ମୁକାବିଲା ପାଇଁ ଆବଶ୍ୟକତା ଦୃଷ୍ଟିରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବିଭିନ୍ନ ମେଡିକାଲ ସଂଗଠନକୁ ୧୦ ଲିଟରବିଶିଷ୍ଟ ୨୦୦୦ ଅକ୍ସିଜେନ କନସେନ୍‌ଟ୍ରେଟର୍ସ ଦାନ କରିବ। ମହାମାରୀର ଦ୍ୱିତୀୟ ଲହର ଯୋଗୁ ଦେଶରେ ଅଭୂତପୂର୍ବ ସ୍ୱାସ୍ଥ୍ୟ ସଙ୍କଟ ଦେଖା ଦେଇଛି। ହଜାର ହଜାର ସଂଖ୍ୟାରେ ଲୋକଙ୍କ ଜୀବନହାନି ଘଟୁଛି। ଗତମାସରେ ରାଜଧାନୀ ଦିଲ୍ଲୀରେ ଅକ୍ସିଜେନ ଅଭାବ ଦେଖାଦେବାରୁ ହସ୍ପିଟାଲଗୁଡ଼ିକରେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିଲା। ଗତବର୍ଷ ପ୍ରଥମ ଲହର ବେଳେ ବିସିସିଆଇ ପିଏମ୍ କେୟାର୍ସ ଫଣ୍ଡକୁ ୫୧କୋଟି ଟଙ୍କା ଦାନ କରିଥିଲା। ସୂଚନାଯୋଗ୍ୟ, ୧୦ଲିଟରବିଶିଷ୍ଟ କନସେନଟ୍ରେଟର୍ସର ମୂଲ୍ୟ ୬୦,୦୦୦ରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ। ଫଳରେ ୨୦୦୦ ସିଲିଣ୍ଡରର ମୂଲ୍ୟ ପ୍ରାୟ ୧୨ କୋଟି ଟଙ୍କା ହେବ।

## ନିୟମଗିରିରେ ୯୩ ଡଙ୍ଗରିଆଙ୍କୁ ଟିକାକରଣ



ବିଷମକଟକ,(ଡି.ଏନ୍.ଏ.)- ରାୟଗଡ଼ା ଜିଲା ନିୟମଗିରି ଅଞ୍ଚଳରେ ବସବାସ କରୁଥିବା ଡଙ୍ଗରିଆଙ୍କ ମଧ୍ୟରେ କରୋନା ସଂକ୍ରମଣ ବଢ଼ିବା ପରେ ଜିଲା ପ୍ରଶାସନର ଚେତା ପଶିଛି। ପ୍ରଶାସନର ନିର୍ଦ୍ଦେଶରେ ସୋମବାର ଜିଲାର ବିଷମକଟକ, ମୁନିଗୁଡ଼ା ଓ କଲ୍ୟାଣସିଂହପୁର ଅଞ୍ଚଳରେ ଡଙ୍ଗରିଆଙ୍କୁ ଟିକାକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଷମକଟକ, ମୁନିଗୁଡ଼ା ଏବଂ କଲ୍ୟାଣସିଂହପୁର ବ୍ଲକ୍ ଅଞ୍ଚଳର ପ୍ରାୟ ୯୩ ଡଙ୍ଗରିଆଙ୍କୁ ଟିକାକରଣ କରାଯାଇଥିବା ଜଣାପଡ଼ିଛି।

## ତହସିଲଦାରଙ୍କ ନୃତ୍ୟ, ଭିଡିଓ ଭାଇରାଲ ଘଟଣା: ଥାନାରେ ମାମଲା ରୁଜୁ

ତିର୍ତ୍ତୋଲ,୨୪ା୫ (ଡି.ଏନ୍.ଏ.)

ଭାଇ ବାହାଘର ସମୟରେ କୋଭିଡ୍ ନିୟମ ଉଲ୍ଲଂଘନ କରି ଯାଜପୁର ଜିଲା ସୁକିନ୍ଦା ତହସିଲଦାର ବୁଲବୁଲ ବେହେରା ନାଚୁଥିବା ଭିଡିଓ ଭାଇରାଲ ହେବାପରେ ପୋଲିସର ନିଦ ଭାଙ୍ଗିଛି। ଏନେଇ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଧୀନ ଜଗନ୍ନାଥପୁର ସରପଞ୍ଚ ଶିଳାରାଣୀ ଖଣ୍ଡୁଆଳଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୧୯୬/୨୧)ରୁଜୁ କରିଛି। ବୁଲ୍‌ବୁଲ୍ ଓ କନ୍ୟା ପିତା ନିରଞ୍ଜନ ଖଟୁଆଙ୍କ ବିରୋଧରେ ଏହି ମାମଲା କରାଯାଇଛି। ଶୁକ୍ରବାର ରାତିରେ ଭାଇ ଲିଟୁ ବେହେରାଙ୍କ ବାହାଘର ବରଯାତ୍ରୀ ଦଳ ସହ ବୁଲ୍‌ବୁଲ୍ ଜଗନ୍ନାଥପୁର ଗ୍ରାମକୁ ଆସିଥିଲେ। ମାତ୍ର ଏହି ସମୟରେ ବରଯାତ୍ରୀ ଦଳ କୋଭିଡ୍ ନିୟମ ନ ମାନି ନାଚଗୀତରେ ଝୁମିଥିଲେ। ବୁଲ୍‌ବୁଲ୍ ମଧ୍ୟ ନିୟମକୁ ଭୁଲି ଶୋଭାଯାତ୍ରାରେ ନାଚିଥିଲେ।


# ଏମ୍‌ସ ପକ୍ଷରୁ ୪ ସେବା ଆରମ୍ଭ

ଭୁବନେଶ୍ୱର, ୨୪ା୫(ବ୍ୟୁରୋ)

- ଖାଲି ଶଯ୍ୟା ଜାଣିବାକୁ ହେଲ୍ପ ଲାଇନ୍ ନମ୍ବର ଜାରି
- ରୋଗୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା ଦେବ ୱେବ୍‌ସାଇଟ୍
- ନର୍ସିଂ ଅଧିକାରୀଙ୍କ ସହ କଥା ହେବା ପାଇଁ ଟେଲି ନର୍ସିଂ ସେବା
- ସ୍ୱତନ୍ତ୍ର କୋଭିଡ୍ ଟେଲି ମେଡିସିନ ସେବା ଆରମ୍ଭ

ସାମ୍ପ୍ରତିକ କୋଭିଡ୍ ମହାମାରୀ ଯୋଗୁ ସାଧାରଣ ଲୋକେ ଡାକ୍ତରଖାନାରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସଂକ୍ରମଣ ରୋକିବାକୁ କଟକଣା ଯୋଗୁ ଡାକ୍ତରଖାନାକୁ ପ୍ରବେଶ ବାରଣ କରାଯାଉଥିବାରୁ ବିଶେଷ କରି ଉପଲବ୍ଧ ଶଯ୍ୟା ଓ ଚିକିତ୍ସିତ ରୋଗୀଙ୍କ ସମ୍ପର୍କରେ ଠିକ୍ ସୂଚନା ପାଇପାରୁନାହାନ୍ତି। ଏଭଳି କେତେକ ସମସ୍ୟା ଦୂର ପାଇଁ ଭୁବନେଶ୍ୱର ଏମ୍‌ସ ପ୍ରଶାସନ ତରଫରୁ ୪ଟି ସେବା ଆରମ୍ଭ କରାଯାଇଛି। ଡାକ୍ତରଖାନାରେ ଉପଲବ୍ଧ ଥିବା ଖାଲି ଶଯ୍ୟା ସଂଖ୍ୟା ସମ୍ପର୍କରେ ସୂଚନା ପ୍ରଦାନ ପାଇଁ ୨୪ ଘଣ୍ଟିଆ ହେଲ୍ପ ଲାଇନ୍ (ନଂ.୦୬୭୪-୨୪୭୬୭୮୯) ସେବା ଆରମ୍ଭ ହୋଇଛି। ସେହିପରି ଚିକିତ୍ସିତ ହେଉଥିବା ରୋଗୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ନିୟମିତ ଭାବେ ସୂଚନା ପାଇବା ପାଇଁ ବ୍ୟବସ୍ଥା କରାଯାଇଛି। ରୋଗୀଙ୍କ ସମ୍ପର୍କୀୟମାନେ ଏମ୍‌ସ ୱେବ୍‌ସାଇଟ୍‌ରେ ରୋଗୀଙ୍କ ସିଆର୍ ନମ୍ବରକୁ ବ୍ୟବହାର କରି ନିୟମିତ ଭାବେ ସୂଚନା ପାଇପାରିବେ। ସେହିପରି ୬୭୫୫୦୩୩୦୨୨ ନମ୍ବରରେ କଲ୍ କରି ଚିକିତ୍ସିତ ରୋଗୀଙ୍କ ସେବା ଯୋଗାଇବାରେ ନର୍ସିଂ ଅଧିକାରୀଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟ ଓ ସେବା ସମ୍ପର୍କରେ ସୂଚନା ପାଇପାରିବେ। ଏଥିପାଇଁ ଟେଲି ନର୍ସିଂ ସେବା ଏମ୍‌ସ ତରଫରୁ ଆରମ୍ଭ କରାଯାଇଛି। କୋଭିଡ୍ ସମ୍ପର୍କରେ ନିରନ୍ତର ଭାବେ ୨୪ଘଣ୍ଟା ସହାୟତା ଯୋଗାଇ ଦେବା ପାଇଁ ଏକ ସ୍ୱତନ୍ତ୍ର କୋଭିଡ୍ ଟେଲି ମେଡିସିନ ସେବା ଯୋଗାଇ ଦିଆଯାଉଛି। ସାଧାରଣ ଲୋକେ ୮୨୦୩୩୧୬୬୭୮ ନମ୍ବରରେ କଲ୍ କରି କିମ୍ବା ସାମାଜିକ ଗଣମାଧ୍ୟମ ଫେସବୁକ୍ (ମେସେଞ୍ଜର) ଜରିଆରେ ଏହି ସେବା ପାଇପାରିବେ। ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ସୂଚନା ଓ ସହାୟତା ପ୍ରଦାନ ପାଇଁ ଡାକ୍ତରଖାନା ପରିସରରେ ୨୪ ଘଣ୍ଟିଆ ଏକ ହେଲ୍ପ ଡେସ୍କ ଏବଂ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ନିରନ୍ତର ଭାବେ ସୂଚନା ପ୍ରଦାନ କରାଯାଉଛି ବୋଲି ଏମ୍‌ସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଅଣ କୋଭିଡ୍ ରୋଗୀଙ୍କ ପାଇଁ 'ଟେଲିମେଡିସିନ ସ୍ୱାସ୍ଥ୍ୟ ଆପ୍' ଏବଂ 'ଟେଲିମେଡିସିନ ବହିର୍ବିଭାଗ (ଓପିଡି)' ଜରିଆରେ ସ୍ୱାସ୍ଥ୍ୟ ଓ ଚିକିତ୍ସା ସମ୍ପର୍କରେ ସୂଚନା ଓ ସେବା ପ୍ରଦାନ କରାଯାଉଛି। କୋଭିଡ୍ କଟକଣା ଓ ଗାଇଡ୍‌ଲାଇନ୍‌କୁ ପାଳନ କରାଯାଇ ହସ୍ପିଟାଲ ତରଫରୁ ରୋଗୀଙ୍କ ସମ୍ପର୍କୀୟ/ଆଟେଣ୍ଡାଣ୍ଟଙ୍କୁ (ସେଲ୍ଫ କାଟେଟିଂ ଜରିଆରେ) ନିଶୁଳ୍କ ଭୋଜନ ପ୍ରଦାନ କରାଯାଉଛି। କୋଭିଡ୍ ମହାମାରୀ ପ୍ରାରମ୍ଭରୁ ଅଦ୍ୟାବଧି କୋଭିଡ୍ ୱାର୍ଡ/ଆଇସିୟୁରେ ୫୦୦୦ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହୋଇସାରିଛନ୍ତି ବୋଲି ଏମ୍‌ସ ପକ୍ଷରୁ ସୂଚନା ଦିଆଯାଇଛି।

## ଷ୍ଟେଶନରେ ଅକ୍ସିଜେନ ଟ୍ୟାଙ୍କର ଲିକ୍





ରାୟଗଡ଼ା ଷ୍ଟେସନରେ ଅଟକିଥିବା ଅକ୍ସିଜେନ ଟ୍ୟାଙ୍କର।

ରାୟଗଡ଼ା ଅଫିସ,୨୪ା୫

ରାୟଗଡ଼ା ରେଳ ଷ୍ଟେସନରେ ସୋମବାର ଏକ ଅକ୍ସିଜେନ ବୋଝେଇ ଟ୍ୟାଙ୍କର ଲିକ୍ ହୋଇଥିବାବେଳେ ଅଳ୍ପକେ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି। ମାଲବାହୀ ଟ୍ରେନ୍ ଯୋଗେ ରାଉରକେଲାରୁ ୬ଟି ଅକ୍ସିଜେନ ବୋଝେଇ ଟ୍ୟାଙ୍କର ବେଙ୍ଗାଲୁରୁ ଯାଉଥିଲା। ସିଗ୍‌ନାଲ ନିମନ୍ତେ ରାୟଗଡ଼ା ଷ୍ଟେସନରେ ଅଟକିଥିଲା। ତେବେ କୌଣସି କାରଣରୁ ଏଠାରେ ଗୋଟିଏ ଟ୍ୟାଙ୍କରରୁ ଅକ୍ସିଜେନ ଲିକ୍ ହୋଇଥିଲା। ଏହା ଜଣାପଡ଼ିବାପରେ ଘଟଣା ବିଷୟରେ ରାଉରକେଲାସ୍ଥିତ ମୁଖ୍ୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ସହ ରେଲୱେ କର୍ତ୍ତୃପକ୍ଷ ରାୟଗଡ଼ା ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଅଗ୍ନିଶମ ବାହିନୀ ଏବଂ ରେଲୱେ ଟେକ୍ନିସିଆନ ପହଞ୍ଚି ଲିକ୍‌କୁ ଆୟତ୍ତ କରିଥିଲେ। ଏହାପରେ ଅକ୍ସିଜେନ ବୋଝେଇ ଟ୍ୟାଙ୍କରଗୁଡ଼ିକ ବିଶାଖାପାଟଣା ଅଭିମୁଖେ ଯାଇଛି। ଅନ୍ୟପକ୍ଷରେ ଠିକଣା ସମୟରେ ପଦକ୍ଷେପ ଯୋଗୁ ଏକ ବଡ଼ ଦୁର୍ଘଟଣା ଟଳିଯାଇଥିବା ଜଣାପଡ଼ିଛି।

# ଫନୀଠୁ କମ୍ ପ୍ରଭାବୀ ୟାସ୍: ଆଇଏମ୍‌ଡି ଡିଜି

**ମେ' ୨୬ରେ ସାମୁଦ୍ରିକ ଝଡ଼ ୟାସ୍ ଓଡ଼ିଶା ଉପକୂଳରେ ଲ୍ୟାଣ୍ଡଫଲ୍ କରିବ। ଏହା ୨୦୧୮ରେ ଦକ୍ଷିଣ ଓଡ଼ିଶାକୁ ପ୍ରଭାବିତ କରିଥିବା ବାତ୍ୟା ତିତ୍‌ଲି ଭଳି ତୀବ୍ର ହେବ। କିନ୍ତୁ ଫନିଠାରୁ କମ୍ ପ୍ରଭାବ ପକାଇବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର 'ଧରିତ୍ରୀ'ର ଦିଲ୍ଲୀ ଖବରଦାତା କୁଲ୍‌ଦୀପ ସିଂଙ୍କୁ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର ଦେଇ କହିଛନ୍ତି।**



ମୃତ୍ୟୁଞ୍ଜୟ ମହାପାତ୍ର

**■ କେତେବେଳେ ଏବଂ କେଉଁଠାରେ ୟାସ୍ ସ୍ଥଳଭାଗ ଛୁଇଁବ?**

ୟାସ୍ ପାରାଦୀପ ଓ ସାଗରଦ୍ୱୀପ ମଧ୍ୟରେ ବାଲେଶ୍ୱର ନିକଟରେ ବୁଧବାର ମଧ୍ୟାହ୍ନରେ ଲ୍ୟାଣ୍ଡଫଲ୍ କରିବ।

**■କେଉଁ ରାଜ୍ୟର କେଉଁ ଅଞ୍ଚଳକୁ ଏହା ପ୍ରଭାବିତ କରିବ ଓ ଏହାର ତୀବ୍ରତା କେତେ ରହିବ?**

ଘଣ୍ଟାପ୍ରତି ୧୫୫ରୁ ୧୬୫ କିଲୋମିଟର ଓ ସ୍ଥଳବିଶେଷରେ ୧୮୫ କିଲୋମିଟର ଯାଏ ପବନ ବହି ସ୍ଥଳଭାଗ ଛୁଇଁବ। ଫଳରେ ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲା ବିଶେଷ ଭାବେ ପ୍ରଭାବିତ ହେବ। ଏହା ପରେ ପବନର ବେଗ କମିବ। ଫଳରେ ମୟୂରଭଞ୍ଜରେ ଘଣ୍ଟାପ୍ରତି ୧୨୦ରୁ ୧୩୦ କି.ମି. ଏବଂ କେନ୍ଦୁଝର, ଢେଙ୍କାନାଳ, ଭୁବନେଶ୍ୱର ଆଦି ସ୍ଥାନରେ ଏହାର ବେଗ କମ୍ ରହିବ।

**■ଫନି ତୁଳନାରେ ୟାସ୍ କେତେ ତୀବ୍ର ରହିବ?**

ଫନିର ଘଣ୍ଟାପ୍ରତି ବେଗ ୨୦୫ କିଲୋମିଟର ଥିଲାବେଳେ ୟାସ୍‌ର ବେଗ ୧୬୫ କିଲୋମିଟର ହେବ ବୋଲି ଅନୁମାନ କରାଯାଉଛି। ଏହା ଫନିଠାରୁ ଯଥେଷ୍ଟ କମ୍, କିନ୍ତୁ ୨୦୧୮ରେ ଗୋପାଳପୁରଠାରେ ମାଡ଼ କରିଥିବା ତିତ୍‌ଲି ଭଳି ହେବ। ହେଲେ ଗତବର୍ଷ ସୁନ୍ଦରବନରେ ଲ୍ୟାଣ୍ଡଫଲ୍ କରିଥିବା ଅମ୍ଫନ ଓ ଗତ ସପ୍ତାହରେ ସାମୁଦ୍ରିକ ଝଡ଼ ତଉକ୍ତାଏଠାରୁ ଏହା ସାମାନ୍ୟ କମ୍ ରହିବ।

**■ଏହି ଝଡ଼କୁ କିଭଳି ଟ୍ରାକିଂ କରାଯାଉଛି? ଏଥିପାଇଁ ବ୍ୟବହୃତ ହେଉଥିବା ରାଡାର ବିଷୟରେ କୁହନ୍ତୁ?**

ଆମର ଗୋପାଳପୁର, ପାରାଦୀପ ଓ କୋଲକାତାରେ ଡପ୍‌ଲର ରାଡାର ରହିଛି। ଏହିଭଳି ନିର୍ଦ୍ଦିଷ୍ଟ ବାତ୍ୟାକୁ ରେଖାଙ୍କିତ କରିବା ପାଇଁ ଏଭଳି ରାଡାର ବ୍ୟବହୃତ କରାଯାଏ। ଯଦି ବାତ୍ୟା ଆନ୍ଧ୍ର ଆଡକୁ ଯାଏ, ତେବେ ଭାଇଜାକ୍ ରାଡାରକୁ କେତେକାଂଶରେ ବ୍ୟବହାର କରାଯାଇଥାଏ। ଯାହା ଜଣାପଡୁଛି, ଗୋପାଳପୁର ଓ ପାରାଦୀପ ରାଡାର ଦ୍ୱାରା ୟାସ୍‌ର ଗତିବିଧି ମପାଯିବ।

**■ୟାସ୍ ଦକ୍ଷିଣ-ପଶ୍ଚିମ ମୌସୁମୀର ଆଗମନକୁ ପ୍ରଭାବିତ କରିବ କି?**

ଏହା ମୌସୁମୀ ଉପରେ ଆଦୌ ପ୍ରଭାବ ପକାଇବ ନାହିଁ। ସାଧାରଣତଃ ଦକ୍ଷିଣ-ପଶ୍ଚିମ ମୌସୁମୀ ଜୁନ୍ ୧୦ରୁ ୧୨ ତାରିଖ ମଧ୍ୟରେ ଓଡ଼ିଶାରେ ପହଞ୍ଚିଥାଏ। ଏହା ଡେରି ଅଛି। ଆମେ ଯାହା ଅନୁମାନ କରୁଛୁ ମୌସୁମୀ ୩୧ ମେ'ରେ କେରଳ ଛୁଇଁପାରେ।

**■ମଣିଷର କାର୍ଯ୍ୟକଳାପ ଯୋଗୁ ସାମୁଦ୍ରିକ ଝଡ଼ ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ବିପଦ ସୃଷ୍ଟି କରୁଛି କି?**

ଏହା ଏକ ଜଟିଳ ପ୍ରଶ୍ନ। ସାଧାରଣତଃ ବାରମ୍ବାର ସାମୁଦ୍ରିକ ଝଡ଼ ଓ ଏହାର ତୀବ୍ରତା ଜଳବାୟୁ ପରିବର୍ତ୍ତନ ଉପରେ ନିର୍ଭର କରେ। ଏହା ଆରବସାଗର ଓ ବଙ୍ଗୋପସାଗରରେ ଦେଖାଦେଉଥିବା ବାତ୍ୟାରୁ ବହୁବାର ଅନୁଧ୍ୟାନ କରାଯାଇଛି। ଉପକୂଳ ଅଞ୍ଚଳରେ ଅନେକ କାର୍ଯ୍ୟକଳାପର ପ୍ରଭାବ ସମ୍ପର୍କ ବାତ୍ୟା ସହିତ ଜଡ଼ିତ ରହିଛି। କିନ୍ତୁ ବାତ୍ୟାର ତୀବ୍ରତା ଓ ବାରମ୍ବାର ସୃଷ୍ଟି ହେବା ସହିତ ଏହାର ସେଭଳି ପ୍ରତ୍ୟକ୍ଷ ସମ୍ପର୍କ ନାହିଁ।

**■ୟାସ୍‌କୁ ମୁକାବିଲା କରିବାରେ ଓଡ଼ିଶା ସରକାର କେତେ ମାତ୍ରାରେ ପ୍ରସ୍ତୁତ ହେଉଛନ୍ତି ଓ ଆପଣଙ୍କ ବିଭାଗ ସହିତ କିପରି ସମନ୍ୱୟ ରକ୍ଷାକରି ପାରିଛି?**

ବାତ୍ୟା ପରିଚାଳନା କ୍ଷେତ୍ରରେ ଓଡ଼ିଶା ଅନେକ ସମୟରେ ଉଦାହରଣ ସୃଷ୍ଟି କରିଛି। ଏଥିପାଇଁ କେନ୍ଦ୍ର, ରାଜ୍ୟଗୁଡ଼ିକର ବିଭିନ୍ନ ସଂସ୍ଥା ସହିତ ଆମର ସମନ୍ୱୟ ରହିଛି। ଏ ଦିଗରେ ଆମେ ରାଜ୍ୟ ସରକାରଙ୍କୁ ନିରନ୍ତର ତଥ୍ୟ ଯୋଗାଇ ଦେଉଛୁ। ରାଜ୍ୟ ସରକାର ମଧ୍ୟ ତୁରନ୍ତ ନିଷ୍ପତ୍ତି ନେଇ ତାହା ଜିଲାପାଳ ଓ ରାଜ୍ୟସ୍ତରୀୟ ଅଧିକାରୀଙ୍କୁ ଜଣାଇ ଦେଉଛନ୍ତି। ପ୍ରତ୍ୟେକ କ୍ଷେତ୍ର ପାଇଁ ଆମର ନିର୍ଦ୍ଦିଷ୍ଟ ସତର୍କ ବ୍ୟବସ୍ଥା ରହିଛି। ଯେପରିକି ବନ୍ଦର, ମତ୍ସ୍ୟଜୀବୀ, ଉପକୂଳ ସତର୍କତା, ଗଭୀର ସମୁଦ୍ରରେ ଆତଯାତ କରୁଥିବା ଜାହାଜ ଏବଂ ବିମାନବନ୍ଦର ପାଇଁ ସତର୍କ ସୂଚନା ଯୋଗାଇ ଦିଆଯାଉଛି।

## ରଘୁନାଥଙ୍କ ଘରକୁ ଶୋକବାର୍ତ୍ତା ପଠାଇଲେ ସୋନିଆ

ଭୁବନେଶ୍ୱର, ୨୪ା୫(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ସୋମବାର ରାଜ୍ୟ ସଭା ସଦସ୍ୟ ତଥା ଭାସ୍କର୍ଯ୍ୟ ଶିଳ୍ପି ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କ ନାତି ସ୍ମିତେଶ ମହାପାତ୍ରଙ୍କ ସହ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଶୋକବାର୍ତ୍ତା ସମ୍ପର୍କରେ ଜଣାଇ ସମବେଦନା ଜ୍ଞାପନ କରିଛନ୍ତି। ଏହାସହ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନକୁ ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ ମହାପାତ୍ରଙ୍କ ହାତରେ ଶୋକବାର୍ତ୍ତା ପଠାଇଛନ୍ତି। ରଘୁନାଥ ଏବଂ ତାଙ୍କର ୨ ପୁତ୍ର ପ୍ରଶାନ୍ତ ଓ ଯଶୋବନ୍ତଙ୍କ କରୋନାଜନିତ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରି ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସ୍ୱର୍ଗତ ରଘୁନାଥଙ୍କ ସହଧର୍ମଣୀ ରଜନୀ ମହାପାତ୍ରଙ୍କ ନିକଟଙ୍କୁ ଏହି ପତ୍ର ପ୍ରେରଣ କରିଛନ୍ତି।


**ODISHA LIFT IRRIGATION CORPORATION LTD.**
**(A GOVT. OF ODISHA UNDERTAKING)**
**OFFICE OF THE EXECUTIVE ENGINEER, LIFT IRRIGATION DIVISION, BHUBANESWAR**
**(Email: eeolicdivn.bbsr@ymail.com)**
**Tender Call Notice No. 1583/2021-22 Dt.24.05.2021**

No. CAD-331:- Sealed tenders on prescribed schedules on percentage rate contract basis are invited from the Contractors having Civil license with valid registration within the State issued by P.W.D./R.W.S.S./P.H.E.D./Irrigation/M.I. Dept for Restoration of Lift Irrigation Project in TURNKEY BASIS as mentioned below.

| Pkg. No. | Name of the Block | Name of the work | Approx. estimated cost (Rs.) | EMD to be deposited (Rs.) | Cost of Tender Paper (Rs.) | Class of Contractor | Time of completion of work |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Kanas, Delang & Pipili | Restoration of 45 nos L.I.Ps of Kanas, Delanga & Pipili Block in Puri District under FDR 2020-21 | 411910 | 4119 | 2000+ 5% GST on reverse charge basis | Civil D license | 30 days |

Tender papers for the above works will be sold at office of the Executive Engineer L.I. Division, Bhubaneswar during office hours on working days from **dt. 28.05.2021 to 07.06.2021 (11 AM to 4 PM)** on payment of requisite tender paper cost (non-refundable) as mentioned above in shape of Bank Draft/Banker Cheque drawn in favour of Executive Engineer, Lift Irrigation Division, Bhubaneswar payable at Bhubaneswar. The sealed tender papers will be received at L.I. Division Office, Bhubaneswar from **dt. 28.05.2021 to 07.06.2021 (11 AM to 4 PM)** and will be opened on **dt. 07.06.2021 at 04.30 P.M** in the office of the undersigned in presence of the Tenderer who wish to attend or their authorized representative if any. The details term and condition of the Tender, scope of work, technical specification etc. can be obtained from the Office of the E.E. L.I. Division, Bhubaneswar.

The Tenders must be accompanied with self attested copies of valid License, PAN Card, GST certificate and E.M.D. in shape of National Savings Certificate/ Post Office Saving Bank Account/ Post Office Time Deposit account/ Kissan Vikas Patra/ deposit receipt of schedule Bank payable at Bhubaneswar only duly pledged in favour of Executive Engineer, L.I. Division, Bhubaneswar & GST as applicable on the tender paper will be paid by the buyer directly on reverse charge basis (OLIC GSTIN: 21AAACO5986G1ZF) failing which tender will not be considered. OLIC will not be responsible for any lapses.

The undersigned reserves the right to cancel the tender at any point of time to increase or decrease the quantity of work, accept or reject any or all the tenders without assigning any reason thereof.

OIPR-32155/11/0003/2122
Sd./- (Er. S.K. Mohanty), EXECUTIVE ENGINEER, L.I. DIVISION, BHUBANESWAR






**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAJPUR**
**(District Program Management Unit, NHM Jajpur)**
No: 1681 Dtd: 24.05.21

**CONTRACTUAL APPOINTMENT FOR THE POST STAFF NURSE,PHARMACIST, LT & RADIOGRAPHER AT ICU, DHH**

No. E-110:- Applications are invited for the post of Staff Nurse, Pharmacist, LT & Radiographer for establishment of ICU at DHH Jajpur on contractual basis under OMBADC. The details of Posts, Mode of Recruitment, Remuneration, Qualification etc. is available in the district website http://jajpur.nic.in. The undersigned reserves all right to accept or reject the candidature of the candidates without assigning any reason thereof. Any typographical error (if any) may be exempted.

Last date to receive Application- 09.06.2021/01.00 PM
**Sd./- Chief District Medical and Public Health Officer, Jajpur**
OIPR-10042/11/0003/2122



**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Superintending Engineer, Mechanical Circle (Med. I.P.), Hirakud**
**Email Address: semech-eicwr.od@nic.in**
**e-Procurement Notice- Bid Identification**
No. A-146: **No.- SEMC/MDHKD/04/2021-22**

31. Name of the Work : Mechanical Gate Works
32. No. of Works : 01 (One)
33. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro Mechanical Gates.
34. Bid Identification No. : SEMC/MDHKD/04/2021-22
35. Estimated Cost : Rs.19,05,984/- (Excluding GST)
36. Period of completion : Two calendar Months.
37. Date & time of availability of bids documents in the Portal : From dt.27.05.2021 (10.00 AM) to dt.08.06.2021 (5.30 PM)
38. Last date/time for receipt of bids in the Portal : dt.08.06.2021 (up to 5.30 PM)
39. Date and Place of opening of Bids : dt.09.06.2021 (12.00 Noon onwards in the O/o the undersigned)
40. Name of the Officer inviting Bids : The Superintending Engineer, Mechanical Circle (Med. I.P.), Hirakud, Dist.: Sambalpur

Further details as well as any corrigendum can be seen only from the e-procurement portal **https://tendersodisha.gov.in**

**Sd./- Superintending Engineer, Mechanical Circle (Med. I.P.) Hirakurd, Dist.: Sambalpur**
OIPR-32344/11/0003/2122



**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC), KHORDHA (DISTRICT)**
Phone: ________, District Website: www.khordha.nic.in
**Tender No. 2941** **Dt.24.05.2021**

No. CAD-334: District Manager, Odisha State Civil Supplies Corporation Ltd., Khordha (District) invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for Transportation of Foodgrains from FSD, FCI to RRCs. |
| 2 | Availability of bid document in the portal | From 25.05.2021 |
| 3 | Last Date/time for receipt of bids in the portal | Dt.08.06.2021 upto 05.30 P.M. |
| 4 | Date/Time of Opening of Technical Bid | Dt.09.06.2021 at 11.00 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Khordha (District) |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/Corrigendum/Cancellation/retenders etc. if any shall be published only in above websites.

**Sd./- District Manager**
**OSCSC Ltd., Khordha**
**OIPR-07007/11/0004/2122**



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NUAPADA**
**(District Central Store)**
**SHORT TENDER CALL NOTICE**
**Notification No. CDM&PHO/07/COVID-19-MISC/2021-22**

No. E-108:- Sealed tenders are invited from registered Firms/Suppliers/Manufacturers/ authorized distributors for supply of Instruments, Equipments, Medical Consumables/ Miscelaneuous Items to the undersigned. Details regarding items with terms and conditions may be downloaded from District website www.nuapada.nic.in. The tenders should reach the office of the undersigned by Date-27.05.2021 up to 02 PM through Speed Post/ Registered Post/ Courier/ Hand Services. The tender paper cost is mentioned in the term & conditions of the tender.

The undersigned reserves the right to reject any or all the tenders without assigning any reason thereof.

**Sd./- Chief District Medical & Public Health Officer, Nuapada**
OIPR-10055/11/0003/2122



**JHARSUGUDA MUNICIPALITY, JHARSUGUDA**
**No. 1140** **Dt.21.05.2021**
**NOTICE INVITING EXPRESSION OF INTEREST (EOI)**
**Subject: Selection of Consultants for Preparation of DPR for various Infrastructure Development and Beautification work.**

No. C-293: The Executive Officer, Jharsuguda Municipality invites sealed Expression of Interest (EOI) from there puted/expert consultants/ agencies/company to submit technical proposal for preparation of DPR for Construction of Model Crematorium at Jharsuguda, Construction of Smart Park at Jharsuguda Municipality, Improvement of Sarbahal Pond, Construction and Beautification of Park, Development of Sports Compelx (Indoor and Out Door), Multilevel Market Complex, Beautification and Infrastructure development of town, Water Bodies, Park, Gym, Sports Complex, Auditorium, Drainage and Sewerage System. The details of EOI will be available at District website **www.jharsuguda.nic.in**. The bidder should download the EOI and submit the same along with the required documents to reach the undersigned in scheduled date and time.

**Scope of Work:**
1. Preparation & submission of DPR.
2. Preparation of detailed architectural working drawings for execution.
3. Preparation of detailed structural design and drawing for actual execution.
4. Preparation of estimates (including bill of quantities & specifications)
5. Preparation of layouts.
6. Vatting of structural designing from a design expert of a Govt. Organization.
7. Soil Testing of Project sites.
8. Submission of Preliminary drawings for approval of the authority before submission of DPR.

An amount of **Rs.10,000/- (Rupees Ten Thousand) only (non-refundable)** towards cost of EOI documents shall have to be deposited in the shape of **"Demand Draft"** drawn on any Nationlazied Bank payable in favour of the Executive Officer, Jharsuguda Municipality, Jharsuguda.

A **Pre bid conference** will be held on **27.05.2021 at 11.00 A.M.** in the Chamber of The Executive Officer, Jharsuguda Municipality, Jharsuguda. The same will be opened **04.06.2021 at 11 A.M.** if possible, in the presence of those bidders who choose to attend. The Consultant(s) shall bear for any cost they may incur for site visit, transport, faxes, postage and telephones etc. in the process of submission of proposal. The Jharsuguda Municipality, Jharsuguda, reserves the right at its absolute discretion to accept or reject any of the EOI without assigning any reason/reasons. Should they require any furhter information they may contact the Executive Officer, Jharsuguda Municipality, Jharsuguda.

**Sd./- Executive Officer**
**Jharsuguda Municipality**
OIPR-13024/11/0001/2122



Annexure - II
**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC), GANJAM (DISTRICT)**
Phone: 06811-263931/9438200041, District Website: www.ganjam.nic.in
**Tender No. 3346** **Dt.23.05.2021**

No. CAD-329: District Manager, Odisha State Civil Supplies Corporation Ltd., Ganjam (District) invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for Transportation of wheat from Food Storage Depot (FSD), FCI to Rice Receiving Centres (RRC) of Ganjam |
| 2 | Availability of bid document in the portal | From 25.05.2021 (Date) |
| 3 | Last Date/time for receipt of bids in the portal | Dt.08.06.2021 upto 05.30 (P.M.) |
| 4 | Date/Time of Opening of Technical Bid | Dt.09.06.2021 at 11.30 (A.M.) |
| 5 | Name and address of the Officer Inviting Tender | District Manager, OSCSC Ltd., Ganjam (District), Chatrapur |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/Corrigendum/Cancellation/retenders etc. if any shall be published only in above websites.

**Sd./- District Manager**
**OSCSC Ltd., Ganjam**
**OIPR-07034/11/0002/2122**



**INVITATION FOR BIDS (IFB)**
**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO.: RWS&S DIVN., PURI - 03 OF 2021-22**
**Ph. (06752) 251276, Fax: (06752) 251276, E-mail: eerwss_puri@nic.in**

No. O-258: The Executive Engineer, RWS&S Division, Puri on behalf of Governor of Odisha invites Percentage rate price bids through e-procurement in Double Cover System according to the norms of e-procurement system, in Online mode from eligible contractors.

| Sl. No. | Nature of Work | : Execution of Rural Piped Water Supply Schemes |
|---|---|---|
| 1. | No. of Works | : 06 (Six) |
| 2. | Estiamted Cost | : Rs.91.64 to 175.17 lakhs (app.) |
| 3. | Time for Completion | : 06 (Six) Months |
| 4. | Cost of bidding document | : Rs.10000/- |
| 5. | Class of Contractors eligible | : B & A |
| 6. | Availability of bids online | : From 11.00 hours of 27.05.2021 to 17.00 hours of 08.06.2021 |
| 7. | Last date and time for seeking clarification | : 17.00 hours of 04.06.2021 |
| 8. | Date & time of opening of technical bids | : On Dt.09.06.2021 at 11.30 hours in the Office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office) |
| 9. | Date and time of opening of financial bids | : To be decided |

Further details can be seen from the website **https://www.tendersorissa.gov.in**. Subsequent corrigendum if any shall appear in the website.

**Sd./- Executive Engineer**
**RWS&S Division, Puri**
OIPR-25017/11/0003/2122



**OFFICE OF THE NOTIFIED AREA COUNCIL, KESINGA**
**SHORT QUOTATION CALL NOTICE**
**No. 1656** **Date: 24.05.2021**

No. C-300: Quotations are invited from the intending suppliers/manufacturers/registered firms/D Class contractor registered with Kesinga NAC/PHED/RWSS/RD/WR/PWD of the State Government for supply and fixing of retro-reflective "MORA KESINGA" with all lighting and decorative arrangement detailed specification as per tender scheduled available in the NAC, Kesinga on payment of Rs.2000/- (Two thousand) only (Non-refundable). The tender scheduled will be available in the NAC Office, Kesinga in between 25.05.2021 to 02.06.2021 and the same shall be received by Regd. Post/Speed Post on 05.06.2021 upto 1.00 P.M. The quotation will be opened on 07.06.2021 at 11.30 A.M. in presence of the quotationers or their representatives. The quotation documents should accompany 1% EMD of quoted value in shape of Cash Deposit Receipt of Kesinga NAC/Demand Draft of Scheduled Bank Drawn/Pledged in favour of Executive Officer, NAC, Kesinga, without which the quotation is liable for rejection. Photostat copies of valid Registration Certificate, Clearance form of GSTN, PAN, if any, shall also accompany the quotation documents. The rate quoted should be **inclusive of all taxes, transportation, loading and unloading** etc. complete in all respect. On acceptance of the offer, the agency will have to supply the materials/execute the work within **7 (Seven) days** from the date of placement of order. The authority reserves the right to accept or reject any or all the quotation without assigning any reason thereof.

**Sd./- Executive Officer, N.A.C., Kesinga**
**OIPR-13109/11/0007/2122**

**ଚତୁର୍ଥ ତ୍ରୈମାସ ଜିଡିପି ୨% ବଢ଼ିପାରେ**

ଆର୍ଥିକ ବର୍ଷ ୨୦୨୦-୨୧ରେ ଭାରତର ଚତୁର୍ଥ ତ୍ରୈମାସ ଜିଡିପି ୨% ବଢ଼ିପାରେ ବୋଲି ରେଟିଂ ଏଜେନ୍ସି ଇକ୍ରା ସୋମବାର ପ୍ରକାଶ କରିଛି। ସେହିଭଳି ଗ୍ରସ୍ ଭାଲ୍ୟୁ ଆଡେଡ୍(ଜିଭିଏ) କଥା ବିଚାରକୁ ନେଲେ ଏହା ୩% ରହିପାରେ। ଗତ ଆର୍ଥିକ ବର୍ଷ କରୋନା ମହାମାରୀ ଭାରତ ବଜାରକୁ ସଙ୍କଟ ମଧ୍ୟକୁ ଠେଲିଦେଇଛି। ଫଳରେ ସାରା ବର୍ଷ ଜିଡିପି ପ୍ରାୟ ୮.୪୫% ଖସିବା ନେଇ ଏହି ଏଜେନ୍ସି ପ୍ରକାଶ କରିଛି। ଏହି ରେଟିଂ ଏଜେନ୍ସିର ମୁଖ୍ୟ ଅର୍ଥନୀତିଜ୍ଞ ଆଦିତି ନାୟାର କହିଛନ୍ତି, ମାର୍ଚ୍ଚ ତ୍ରୈମାସରେ ଜିଡିପି ୨% ବଢ଼ିବା ନେଇ ଆକଳନ କରାଯାଇଛି।

# ସମବାୟ ବ୍ୟାଙ୍କ ମିଶ୍ରଣ ନେଇ ଆସିଲା ଗାଇଡ୍‌ଲାଇନ

**ରାଜ୍ୟ ସମବାୟ ବ୍ୟାଙ୍କ-ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ମିଶିବେ**




**ମୁମ୍ବାଇ,୨୪।୫**

ବିଭିନ୍ନ ସମବାୟ ବ୍ୟାଙ୍କର ମିଶ୍ରଣ ନେଇ ଆର୍‌ବିଆଇ ପକ୍ଷରୁ ସୋମବାର ଗାଇଡ୍‌ଲାଇନ ଆସିଛି। ଜିଲା ସ୍ତରରେ ରହିଥିବା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (ଡିସିସିବି)ଗୁଡିକ ରାଜ୍ୟ ସମବାୟ ବ୍ୟାଙ୍କ (ଏସ୍‌ଟିସିବି) ସହ ମିଶ୍ରଣ ନେଇ ବିଚାର କରାଯାଉଥିବା କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ଏଥିଲାଗି ବିଭିନ୍ନ ସର୍ତ୍ତ ରଖାଯାଇଛି। ଯେଉଁ ରାଜ୍ୟରେ ଏହି ମିଶ୍ରଣ ପ୍ରକ୍ରିୟା ସମ୍ପାଦନ ହେବ ସେହି ରାଜ୍ୟର ସରକାର ଏଥିପାଇଁ ପ୍ରସ୍ତାବ ରଖିବେ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି।

ବ୍ୟାଙ୍କିଙ୍ଗ୍ ରେଗୁଲେଶନ ସଂଶୋଧନ ଆଇନ ୨୦୨୦ ଏଥିଲାଗି ଆସିଥିବା ବେଳେ ଚଳିତ ବର୍ଷ ଏପ୍ରିଲ ପହିଲାରୁ ଏହା କାର୍ଯ୍ୟକାରୀ ହେବ। ବ୍ୟାଙ୍କଗୁଡିକର ମିଶ୍ରଣକୁ ଆର୍‌ବିଆଇ ଚୂଡ଼ାନ୍ତ ମଞ୍ଜୁରୀ ପ୍ରଦାନ କରିବ ବୋଲି ଜଣାପଡିଛି। କେତେକ ରାଜ୍ୟ ସରକାର ଏଭଳି ବ୍ୟାଙ୍କଗୁଡ଼ିକର ମିଶ୍ରଣ ନେଇ ପ୍ରସ୍ତାବ ଦେବା ପରେ ଆର୍‌ବିଆଇ ପକ୍ଷରୁ ନୂଆ ଗାଇଡ୍‌ଲାଇନ ଜାରି କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ମିଶ୍ରଣ ଲାଗି ପ୍ରସ୍ତାବ ଆସିବା ପରେ ବିଭିନ୍ନ ଆଇନଗତ ଦିଗ ଉପରେ ତର୍ଜମା କରାଯିବ। ଏହାବାଦ ଅତିରିକ୍ତ ପୁଞ୍ଜି ଯୋଗାଣ କୌଶଳ, ଆବଶ୍ୟକତା ମୁତାବକ ଆର୍ଥିକ ସହାୟତା ପ୍ରତିଶ୍ରୁତି, ନିର୍ଦ୍ଧାରିତ ବିଜ୍‌ନେସ ମଡେଲ, ଲାଭ ହାସଲ କରିବା ଯୋଜନା ଏବଂ ଗଭର୍ନାନ୍ସ ମଡେଲ ଭଳି ବିଭିନ୍ନ ଦିଗ ଉପରେ ମଧ୍ୟ ବିଚାର କରାଯିବ ବୋଲି ପ୍ରସ୍ତାବ ରହିଛି।

ସେହିଭଳି ଅଂଶୀଦାରଙ୍କ ସଂଖ୍ୟାଗରିଷ୍ଠତାରେ ମିଶ୍ରଣ ଯୋଜନାକୁ ମଧ୍ୟ ମଞ୍ଜୁର କରାଇବାକୁ ପଡିବ। ଏହାବାଦ ନାବାର୍ଡ ମଧ୍ୟ ରାଜ୍ୟ ସରକାରଙ୍କୁ ମିଶ୍ରଣ ସଂକ୍ରାନ୍ତ ପ୍ରସ୍ତାବ ରଖିପାରିବ। ନାବାର୍ଡ ସହ ପରାମର୍ଶ କରିବା ପରେ ଆର୍‌ବିଆଇ ଚୂଡାନ୍ତ ମଞ୍ଜୁରୀ ପ୍ରଦାନ କରିବ। କେତେକ ସର୍ତ୍ତ ପୂରଣ ଲାଗି ପ୍ରାଥମିକ ପର୍ଯ୍ୟାୟରେ ନୀତିଗତ ମଞ୍ଜୁରୀ ମଧ୍ୟ ଲୋଡାପଡିବ। ଏହା ପରେ ଯାଇ ପ୍ରସ୍ତାବ ଆଗକୁ ବଢିପାରିବ। ପ୍ରାଥମିକ ପ୍ରକ୍ରିୟା ପରେ ନାବାର୍ଡ ଏବଂ ଆର୍‌ବିଆଇ ଅନୁପାଳନ ରିପୋର୍ଟ ଏବଂ ଚୂଡ଼ାନ୍ତ ମଞ୍ଜୁରୀ ଲାଗି ପ୍ରକ୍ରିୟା ଜାରି କରିପାରିବେ ବୋଲି ଗାଇଡ୍‌ଲାଇନରେ ଉଲ୍ଲେଖ ରହିଛି।

# ସୁଧାର ପାଇଁ ଟିକାକରଣ ବୃଦ୍ଧି ଜରୁରୀ

**ମୁମ୍ବାଇ,୨୪।୫:** କରୋନା ନିୟନ୍ତ୍ରଣ ପାଇଁ ଦେଶର ବିଭିନ୍ନ ରାଜ୍ୟରେ ଲକ୍‌ଡାଉନ ବଢ଼ାଯାଉଛି। ଫଳରେ ଆର୍ଥିକ କାର୍ଯ୍ୟକଳାପ ଏବଂ ବିଜ୍‌ନେସ୍‌ଗୁଡିକ ପୁଣି ଥରେ କାର୍ଯ୍ୟକ୍ଷମ ହେବାରେ ଏହା ବାଧା ଉପୁଜାଉଛି। ଗତ ବର୍ଷ ଜୁନ୍ ସ୍ତରରେ ଆର୍ଥିକ କାର୍ଯ୍ୟକଳାପ ପ୍ରଭାବିତ ହୋଇ ରହିଛି ବୋଲି ଜାପାନଭିତ୍ତିକ ବ୍ରୋକ୍‌ରେଜ ଫାର୍ମ ନୋମୁରା ପକ୍ଷରୁ ସୋମବାର ପ୍ରକାଶ ପାଇଛି। ଏହି ରିପୋର୍ଟରେ କୁହାଯାଇଛି ଯେ, ଗତ ଗତ ବର୍ଷ ମେ ମାସରେ କାରବାର ଗଭୀର ଭାବେ ପ୍ରଭାବିତ ହୋଇ ରହିଥିଲା। ଜୁନ ବେଳକୁ ଏଥିରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଥିଲା।

ସେହିଭଳି ଚଳିତ ବର୍ଷ ମେ ୨୩ ସୁଦ୍ଧା ବିଜ୍‌ନେସ୍ ରିଜମ୍ପସନ ଇଣ୍ଡେକ୍ସ ୬୦% ସ୍ତରରେ ରହିଛି। ଏହାର ପୂର୍ବ ସପ୍ତାହରେ ଏହା ୬୩% ସ୍ତରରେ ରହିଥିଲା। ଗତ ବର୍ଷ ଜୁନ୍‌ରେ ଏଭଳି ସ୍ଥିତି ଦେଖିବାକୁ ମିଳିଥିଲା। ଉଭୟ ଯାନବାହନ ଚଳାଚଳ କ୍ଷେତ୍ର ଏବଂ ଅଣ ଯାନବାହନ କ୍ଷେତ୍ରରେ ବର୍ତ୍ତମାନ ପ୍ରଭାବ ପରିଲକ୍ଷିତ ହୋଇଛି। ଗୁଗଲର ୱାର୍କପ୍ଲେସ୍, ରିଟେଲ ଏବଂ ରିକ୍ରିଏଶନ ମୋବିଲିଟି ସୂଚକାଙ୍କ ପ୍ରାୟ ୫ରୁ ୬ ପରସେଣ୍ଟେଜ ପଏଣ୍ଟ ହ୍ରାସ ହୋଇଛି। ଶକ୍ତି ଚାହିଦା ୫% ହ୍ରାସ ହୋଇଥିବା ବେଳେ ଶ୍ରମକଙ୍କ ଯୋଗଦାନ ୩୯.୪%, ବେରୋଜଗାରୀ ୧୪.୭%କୁ ବଢ଼ିଛି। ବେରୋଜଗାରୀ ହାର ଗୋଟିଏ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି।




ଦ୍ରୁତ ହାରରେ ଆର୍ଥିକ ଅଭିବୃଦ୍ଧି ଲାଗି ଦେଶ ମଧ୍ୟରେ ଟିକାକରଣ ଧାରାକୁ ବଢ଼ାଇବାର ଆବଶ୍ୟକତା ରହିଛି। ଏହା ଜୁନ୍ ପରେ ବଢ଼ିପାରେ ବୋଲି ଆଶା କରାଯାଉଛି। ଏହି ପରିପ୍ରେକ୍ଷୀରେ କୋଟାକ ଇନ୍‌ଷ୍ଟିଚ୍ୟୁଶନାଲ ସିକ୍ୟୁରିଟିର ଆନାଲିଷ୍ଟ ମାନେ କହିଛନ୍ତି, ଦ୍ୱିତୀୟ ଲହର ଭାରତର ଅର୍ଥ ବ୍ୟବସ୍ଥାକୁ ପ୍ରଭାବିତ କରିଛି। ସାରା ଦେଶରେ ମୋବିଲିଟି ମ୍ୟାଟ୍ରିକ୍ସ ନିମ୍ନଗାମୀ ରହିଛି।




ଧ-୨୦୭୭୬


# ରେଲୱେ ପକ୍ଷରୁ ୧୬,୦୨୩ ଟନ୍ ଅକ୍ସିଜେନ ପରିବହନ

**ନୂଆଦିଲ୍ଲୀ,୨୪।୫**

ଭାରତୀୟ ରେଳପଥ ପକ୍ଷରୁ ୧୬,୦୨୩ ଟନର ତରଳ ମେଡିକାଲ ଅକ୍ସିଜେନ(ଏଲ୍‌ଏମ୍‌ଓ) ପରିବହନ କରାଯାଇଛି। ୧୪ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ ୯୭୭ ଟ୍ୟାଙ୍କର ଦ୍ୱାରା ଏଭଳି ବ୍ୟବସ୍ଥା କରାଯାଇଛି। କୋଭିଡ୍ ଯୋଗୁ ଏହି ଜୀବନ ରକ୍ଷାକାରୀ ଗ୍ୟାସ୍‌ର ଚାହିଦା ବଢ଼ିବାରୁ ଲୋକଙ୍କୁ ସୁବିଧା ଦେବାକୁ ଯାଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ରେଲୱେ ପକ୍ଷରୁ ସୋମବାର ସୂଚନା ରହିଛି। ୨୪୭ ଅକ୍ସିଜେନ ଏକ୍ସପ୍ରେସ ପରିଚାଳିତ କରାଯାଇଛି। ବର୍ତ୍ତମାନ ୧୨ ଲୋଡେଡ୍ ଅକ୍ସିଜେନ ଏକ୍ସପ୍ରେସ୍ ଏବେ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା ଜାରି ରଖିଛନ୍ତି। ଏହି ଟ୍ରେନ୍‌ଗୁଡିକରେ ୯୨୦ ଟନ୍ ଅକ୍ସିଜେନ ରହିଥିବା ଜଣାପଡିଛି। ରବିବାର ୧୧୪୨ ଟନ୍ ଏଲ୍‌ଏମ୍‌ଓ ଡେଲିଭରି କରାଯାଇଛି। ଏହା ପୂର୍ବରୁ ମେ ୨୦ରେ ଗୋଟିଏ ଦିନରେ ସର୍ବାଧିକ ୧୧୧୮ ଟନ୍ ଅକ୍ସିଜେନ ପରିବହନ କରାଯାଇଥିଲା। ତାମିଲନାଡୁକୁ ୧ ହଜାର ଟନରୁ ଉର୍ଦ୍ଧ୍ୱ ଅକ୍ସିଜେନ ଯୋଗାଣ କରାଯାଇଛି। ରେଲୱେର ଏହି ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ।

# ଉତ୍କଳ ହସ୍ପିଟାଲ ପକ୍ଷରୁ ବିରଳ ଆଣ୍ଠୁ ଅସ୍ତ୍ରୋପଚାର

**ଭୁବନେଶ୍ୱର,୨୪।୫**

ପୁରୀର ଜଣେ ୧୮ ବର୍ଷୀୟ ଯୁବକଙ୍କର ଶାରୀରିକ ଉଚ୍ଚତା କମ୍ ଥିଲାବେଳେ ସେ ଗତ ୫ ବର୍ଷ ହେବ ଆଣ୍ଠୁ ହାଡ ସ୍ଥାନଚ୍ୟୁତି ରୋଗରେ ପୀଡିତ ଥିଲେ। ଏଭଳି ବିରଳ ରୋଗ ଯୋଗୁ ସେ ସ୍ୱାସ୍ଥ୍ୟଗତ ଅସୁସ୍ଥତା ଓ ଜୀବନର ମାନ ଏବଂ ଦୈନନ୍ଦିନ କାର୍ଯ୍ୟ ପାଇଁ ତାଙ୍କୁ ବେଶ ପ୍ରଭାବିତ କରି ରଖିଥିଲା। କ୍ରୀଡା ଆଘାତ ଓ ପୁନର୍ବାସ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଉତ୍କଳ ହସ୍ପିଟାଲର ଅର୍ଥୋପେଡିକ୍ ବିଭାଗ ଡାକ୍ତର ଓ ଅନ୍ୟମାନଙ୍କ ସହାୟତାରେ ଏକ ବିରଳ ଅସ୍ତ୍ରୋପଚାର ହସ୍ପିଟାଲ ପକ୍ଷରୁ କରାଯାଇଥିଲା।



ଏ ସମ୍ପର୍କରେ ଉତ୍କଳ ହସ୍ପିଟାଲର ଅର୍ଥୋପେଡିକ୍ ସର୍ଜନ ଡା. ଦିବ୍ୟ ସିଂହ କହିଛନ୍ତି, ରୋଗୀ ଜଣଙ୍କ ଚାପଗ୍ରସ୍ତ ଅବସ୍ଥାରେ ଆମ ପାଖକୁ ଆସିଥିଲେ। ଯେଉଁଠାରେ ତାଙ୍କ ଆଣ୍ଠୁର ହାଡ ନିଜ ସ୍ଥାନରୁ ବାହାରି ଯାଇଥିବା ବା ସ୍ଥାନଚ୍ୟୁତି ହୋଇଥିବା ଜଣାପଡିଥିଲା। ଆମେ କିଛି ଏମ୍‌ଆର୍‌ଆଇ ସ୍କାନିଂ ଓ ଅନ୍ୟାନ୍ୟ ପରୀକ୍ଷଣ କରିଥିଲୁ ଏବଂ ଜାଣିବାକୁ ପାଇଥିଲୁ ଯେ, ତାଙ୍କ ଆଣ୍ଠୁ ହାଡ ଓ ହାଡ ଆଖାପାଖର ସ୍ଥାନକୁ ସପୋର୍ଟ ଦେଉଥିବା ଲିଗାମେଣ୍ଟ ଚିକିତ୍ସାର ଆବଶ୍ୟକ କରୁଛି। ଏହା ଏକ ବିରଳ ଅସ୍ତ୍ରୋପଚାର ଥିଲା।

## ଏଫ୍‌ଡିଆଇ ୧୯% ବଢ଼ିଲା

**ନୂଆଦିଲ୍ଲୀ,୨୪।୫:** ଆର୍ଥିକ ବର୍ଷ ୨୦୨୦-୨୧ରେ ଦେଶ ମଧ୍ୟରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ପରିମାଣ ୧୯% ବୃଦ୍ଧି ପାଇ ୫୯.୬୪ ବିଲିୟନ ଡଲାର ଛୁଇଁଛି। ଘରୋଇ ବଜାର ଲାଗି ଗ୍ରହଣ କରାଯାଉଥିବା ବିଭିନ୍ନ ସଂସ୍କାର ପ୍ରକ୍ରିୟା, ନିବେଶ ଫାସିଲିଟେଶନ, ଇଜ୍ ଅଫ୍ ଡୁଇଁ ବିଜ୍‌ନେସ ଭଳି ପଦକ୍ଷେପ ଯୋଗୁ ଏଫ୍‌ଡିଆଇ ଲଗାତର ବଢିଚାଲିଛି ବୋଲି ସୋମବାର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ମୋଟ ଏଫ୍‌ଡିଆଇ ସହ ଇକ୍ୱିଟି, ପୁନଃ ନିଯୋଗ ଯୋଗ ରାଜସ୍ୱ ଏବଂ କ୍ୟାପିଟାଲ କ୍ଷେତ୍ରରେ ୧୦% ବୃଦ୍ଧି ଘଟି ୮୧.୭୨ ବିଲିୟନ ଡଲାର ରହିଛି। ଏହା ୨୦୧୯-୨୦ରେ ୭୪.୩୯ ବିଲିୟନ ଡଲାର ରହିଥିଲା। ନିବେଶ ପ୍ରଦାନ କରିଥିବା ଶୀର୍ଷ ଦେଶ ମଧ୍ୟରେ ସିଙ୍ଗାପୁର ପ୍ରଥମ ସ୍ଥାନରେ ରହିଛି। ଏହି ଦେଶର ଅଂଶ ୨୯% ରହିଛି। ସେହିଭଳି ଆମେରିକା ୨୫% ଏବଂ ମରିସସ୍ ୯% ଅଂଶ ନିବେଶ କରିଥିବା ଜଣାପଡିଛି।

# ବିଏସ୍‌ଇକୁ ଆଉ ଏକ ବଡ଼ ସଫଳତା

**ସୂଚୀଭୁକ୍ତ କମ୍ପାନୀଙ୍କ ବଜାର ପୁଞ୍ଜୀକରଣ ୩ ଲକ୍ଷ କୋଟି ଡଲାର ଛୁଇଁଲା**




**ନୂଆଦିଲ୍ଲୀ,୨୪।୫:** ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏହାର ସଫଳତା ଧାରା ଜାରି ରଖିବା ସହ ଏକ ନୂଆ ରେକର୍ଡ କରିଛି। ସୋମବାର ବିଏସ୍‌ଇରେ ସୂଚୀଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜୀକରଣ ପ୍ରଥମଥର ଲାଗି ୩ ଲକ୍ଷ କୋଟି ଡଲାର ଛୁଇଁଛି। ସୋମବାର କାରବାର ଶେଷ ସୁଦ୍ଧା ସୂଚୀଭୁକ୍ତ କମ୍ପାନୀଙ୍କ ବଜାର ପୁଞ୍ଜୀକରଣ ୨୧୮ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱରେ ରହିଛି। ଦିନ ମଧ୍ୟରେ କାରବାର ଏହି ସୀମା ୨୧୯ ଲକ୍ଷ କୋଟି ଟଙ୍କା ଛୁଇଁଥିଲା।

ଏହି ପରିପ୍ରେକ୍ଷୀରେ ବିଏସ୍‌ଇର ଏମ୍‌ଡି ଏବଂ ସିଇଓ ଆଶିଷ କୁମାର ଚୌହାନ ଟୁଇଟ୍ ଯୋଗେ କହିଛନ୍ତି, ପ୍ରଥମ ଥର ଲାଗି ବିଏସ୍‌ଇ ଏଭଳି ଏକ ସଫଳତା ହାସଲ କରିଛି। ଦୀର୍ଘଦିନର ଯାତ୍ରା ସହ ଏହା ଏକ ରେକର୍ଡ। ୬.୯ କୋଟିରୁ ଉର୍ଦ୍ଧ୍ୱ ପଞ୍ଜୀକୃତ ନିବେଶକ, ୧୪୦୦ରୁ ଉର୍ଦ୍ଧ୍ୱ ବ୍ରୋକର, ୬୯ ହଜାରରୁ ଉର୍ଦ୍ଧ୍ୱ ଏମ୍‌ଏଫ୍ ଡିଷ୍ଟ୍ରିବ୍ୟୁଟର ଏବଂ ୪୭୦୦ରୁ ଉର୍ଦ୍ଧ୍ୱ କମ୍ପାନୀଙ୍କୁ ଏଥିଲାଗି ଶୁଭେଚ୍ଛା ଜଣାଉଛୁ। ୩୦ ଶେୟାର ବିଶିଷ୍ଟ ବିଏସ୍‌ଇର ସେନ୍‌ସେକ୍ସ ସୋମବାର ୧୧୧.୪୨ ପଏଣ୍ଟ (୦.୨୨%)ବୃଦ୍ଧି ଘଟି ୫୦,୬୫୧.୯୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଦିନ ମଧ୍ୟର କାରବାରରେ ଏହା ୩୧୭.୧୧ ପଏଣ୍ଟ ବୃଦ୍ଧି ପାଇ ୫୦,୮୫୭.୫୯ ପଏଣ୍ଟ ଛୁଇଁଥିଲା। ଗତ ୨ ଦିନରେ ନିବେଶକଙ୍କ ସମ୍ପତ୍ତି ୩.୩୦ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ଉଲ୍ଲେଖଯୋଗ୍ୟ, ବିଏସ୍‌ଇ ସୂଚୀଭୁକ୍ତ କମ୍ପାନୀଙ୍କ ବଜାର ପୁଞ୍ଜୀକରଣ ୨୦୧୪ ନଭେମ୍ବର ୨୮ରେ ପ୍ରଥମ ଥର ଲାଗି ୧୦୦ ଲକ୍ଷ କୋଟି ଛୁଇଁଥିଲା।

କୋଭିଡ୍ ସ୍ଥିତି କମିବା ଏବଂ ଆଗାମୀ ଦିନରେ ଲକ୍‌ଡାଉନ ଉଠିବା ଆଶାରେ ନିବେଶକ ଘରୋଇ ପୁଞ୍ଜିବଜାର ଉପରେ ଭରସା କରିବାକୁ ଶେୟାର କାରବାର ଉନ୍ନତ ହୋଇଛି ବୋଲି ଜିଓଜିତ ଫାଇନାନ୍ସିଆଲ ସର୍ଭିସ୍‌ର ରିସର୍ଚ୍ଚ ବିଭାଗ ମୁଖ୍ୟ ବିନୋଦ ନାୟାର କହିଛନ୍ତି। ସେନ୍‌ସେକ୍ସରେ ସୋମବାର ଏସ୍‌ବିଆଇର ଶେୟାର କାରବାର ଉନ୍ନତ ରହିବା ସହ ପ୍ରାୟ ୩% ବଢିଛି।

## ଫୁର୍‌ସତ୍

**ଟିକା ଭୟ**

# ନଦୀକୁ ଡେଇଁଲେ ଗ୍ରାମବାସୀ



**ଲକ୍ଷ୍ନୌ:** କରୋନା ଟିକା ନ ନେବାକୁ ଏକ ଗ୍ରାମର ପ୍ରାୟ ୨ ଶହ ଲୋକ ନଦୀକୁ ଡେଇଁ ପଡ଼ିଛନ୍ତି। ଉତ୍ତରପ୍ରଦେଶର ବାରାବାଙ୍କି ଜିଲା ସିସୋଦା ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ସଚେତନତା ଅଭାବରୁ ଟିକା ନେଇ ମୃତ୍ୟୁ ଘଟିବା କିମ୍ବା ସମ୍ପୃକ୍ତ ବ୍ୟକ୍ତି ନପୁଂସକ ହୋଇଯିବା ନେଇ ଗ୍ରାମବାସୀ ବିଶ୍ୱାସ କରୁଥିବାରୁ ସେମାନେ ନିଜକୁ ଟିକାକରଣରୁ ଦୂରେଇ ରହିବାକୁ ଉଦ୍ୟମ ଚଳାଇଛନ୍ତି। ଟିକାକୁ ନେଇ ଏବେ ବି ଦେଶର ଅନେକ ସ୍ଥାନରେ ସଚେତନତା ପହଞ୍ଚିପାରି ନ ଥିବା ଏଭଳି ଘଟଣାରୁ ଜଣାପଡ଼ିଛି।

ଉତ୍ତରପ୍ରଦେଶରେ କରୋନା ମହାମାରୀ ସଂକ୍ରମଣ ଅଣାୟତ୍ତ ହେବାରେ ଲାଗିଛି। ଏପରିସ୍ଥଳେ ରାଜ୍ୟରେ ଟିକାକରଣ ଅଭିଯାନ ଜାରି ରହିଛି। ତେବେ ଗ୍ରାମାଞ୍ଚଳରେ ଟିକାକୁ ନେଇ ଲୋକଙ୍କ ମଧ୍ୟରେ ଆଜି ପର୍ଯ୍ୟନ୍ତ ମଧ୍ୟ ଭୟ ରହିଛି, ଯାହାର ଉଦାହରଣ ସିସୋଦାରେ ଦେଖିବାକୁ ମିଳିଛି। ଉକ୍ତ ଗ୍ରାମରେ ଲୋକଙ୍କ ଟିକାକରଣ ପାଇଁ ଏକ ମେଡିକାଲ ଟିମ୍ ଯାଇଥିଲା। ହେଲେ ସ୍ୱାସ୍ଥ୍ୟକର୍ମୀଙ୍କୁ ଦେଖି ଗ୍ରାମବାସୀ ଏଣେତେଣେ ପଳାଇଥିଲେ। ଏପରିକି ପ୍ରାୟ ୨ ଶହ ଲୋକ ନିକଟରେ ଥିବା ନଦୀ ଭିତରକୁ ଡେଇଁ ପଡ଼ିଥିଲେ। ଘଟଣା ସମ୍ପର୍କରେ ରାମନଗର ତହସିଲ୍‌ର ସବ୍ ଡିଭିଜନାଲ ମାଜିଷ୍ଟ୍ରେଟ୍ ରାଜୀବ କୁମାର ଶୁକ୍ଳା ସୂଚନା ଦେଇଛନ୍ତି। ଟିକାନେବା ପରେ ଲୋକେ ମରି ଯାଉଥିବା ଗୁଜବ ଗାଁରେ ପ୍ରଚାର ହୋଇଛି। ଏହା ସହିତ ଟିକାନେଲେ ପୁରୁଷ ନପୁଂସକ ହୋଇଯାଉଥିବା ଗାଁ ଲୋକେ କହୁଛନ୍ତି। ପ୍ରଶାସନ ପକ୍ଷରୁ ଗାଁ ଲୋକଙ୍କୁ ସଚେତନ କରାଯିବାର ଉଦ୍ୟମ କରାଯାଉଛି। ଟିକା ପ୍ରତି ଅବିଶ୍ୱାସ ଯୋଗୁ ଗାଁର ୧୫୦୦ ଲୋକଙ୍କ ମଧ୍ୟରୁ ମାତ୍ର ୧୮ ଜଣ ଲୋକଙ୍କୁ ଟିକା ଦିଆଯାଇଛି। ଲୋକଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଭୟ ଯୋଗୁ ଟିକାକରଣ ଅଭିଯାନ ଆଗେଇ ପାରୁ ନ ଥିବା ରାଜୀବ ଶୁକ୍ଳା କହିଛନ୍ତି। ରାଜ୍ୟର ଗ୍ରାମାଞ୍ଚଳରେ ଟିକାକରଣ ଅଭିଯାନକୁ ସଫଳ କରିବା ଲାଗି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପକ୍ଷରୁ 'ମେରା ଗାଓଁ-କରୋନା ମୁକ୍ତ ଗାଓଁ' ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି।



# ଘୋଡ଼ାର 'ଅନ୍ତିମ ଯାତ୍ରା'

**ବେଙ୍ଗାଲୁରୁ:** ମହାମାରୀବେଳେ ମୃତକଙ୍କ ଶେଷକୃତ୍ୟ ହେବା କଷ୍ଟକର ହୋଇପଡୁଥିବାବେଳେ କର୍ଣାଟକର ବେଲଗାଭି ଜିଲାରେ ଏକ ଘୋଡ଼ାର 'ଅନ୍ତିମ ଯାତ୍ରା' ଆୟୋଜନ ହୋଇଛି। ଏଥିରେ ଶତାଧିକ ଲୋକ ସାମିଲ ହୋଇ କରୋନା କଟକଣା ଉଲ୍ଲଂଘନ କରିଥିବାରୁ ପୋଲିସ ଏ ନେଇ ମାମଲା ରୁଜୁ କରିଛି। ଯାତ୍ରାବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘୋଡ଼ାଟି ସ୍ଥାନୀୟ ଏକ ଧାର୍ମିକ ସଙ୍ଗଠନର ବୋଲି ଜଣାପଡ଼ିଛି। ମୃତ୍ୟୁ ପରେ ଘୋଡ଼ା ଦେହ ସାରା ଫୁଲରେ ସଜା ଯିବା ସହ ଏହା ମୁଣ୍ଡରେ ସିନ୍ଦୂର ମଧ୍ୟ ବୋଳା ଯାଇଥିବା ଦେଖିବାକୁ ମିଳିଥିଲା। ଏପରିକି ଲୋକେ ସେଠାରେ କାନ୍ଦୁଥିବା ଭିଡିଓରେ ଦେଖାଯାଇଛି। ଗ୍ରାମବାସୀ ଘୋଡ଼ାକୁ କାନ୍ଧରେ ବୋହି ନେଇଥିଲେ। ଏଥିରେ ସାମିଲ ହୋଇଥିବା ଅଧିକାଂଶ ମାସ୍କ ନ ପିନ୍ଧିବା ସହ ସାମାଜିକ ଦୂରତା ମଧ୍ୟ ଭୁଲି ଯାଇଥିଲେ। ଘଟଣା ସାମ୍ନାକୁ ଆସିବା ପରେ ପୋଲିସ ୧୫ ଆୟୋଜକଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏହା ସହ ୪ ଶହ ଘର ଥିବା ଗାଁକୁ ୧୪ ଦିନ ପାଇଁ ସିଲ୍ କରାଯାଇଛି। ଏହି ସମୟ ମଧ୍ୟରେ ସବୁ ଲୋକଙ୍କୁ ଆର୍‌ଟି-ପିସିଆର୍ ଟେଷ୍ଟ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।


**BIKASHA FINANCE**
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh




# ଡେବ୍ୟୁ ପାଇଁ ଅଡିଶନ ଦେଇ ନ ଥିଲେ

**ମୁମ୍ବାଇ:** ନିଖୁଣ ଅଭିନୟ ପାଇଁ ଅଳ୍ପ ଦିନରେ ବଲିଉଡ୍‌ରେ ସ୍ୱତନ୍ତ୍ର ସ୍ଥାନ ସହ ଅନେକ ଦର୍ଶକଙ୍କ ମନ ପସନ୍ଦର ଅଭିନେତ୍ରୀ ହେବାର ସଫଳତା ମିଳିଛି ତାପସୀ ପନ୍ନୁଙ୍କୁ। ଥପଡ୍ଡ, ବଦଲା, ମୁଲ୍‌କ ଭଳି ଫିଲ୍ମରେ ଜବରଦସ୍ତ ଅଭିନୟ କରି ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜ ସ୍ଥିତି ମଜଭୁତ କରି ସାରିଥିବା ତାପସୀ ନିକଟରେ ତାଙ୍କ କ୍ୟାରିୟର ଆରମ୍ଭବେଳର କିଛି ଘଟଣା ଏକ ସାକ୍ଷାତକାରରେ କହିଛନ୍ତି। ବଲିଉଡ୍‌ରେ ଏଣ୍ଟ୍ରି ପାଇଁ ତାଙ୍କୁ ଅଡିଶନ ଦେବାକୁ ପଡ଼ି ନ ଥିଲା ବୋଲି ତାପସୀ କହିଛନ୍ତି। ଡେଭିଡ୍ ଧାବନଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଚଷ୍‌ମେ ବଦ୍ଦୁର' ଜରିଆରେ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ହେଲେ ଏଥିପାଇଁ ସେ ଅଡିଶନ ଦେଇ ନ ଥିଲେ ବୋଲି କହିଛନ୍ତି। ୨୦୧୦ରେ ରାଘବେନ୍ଦ୍ର ରାଓଙ୍କ ନିର୍ଦ୍ଦେଶିତ ତେଲୁଗୁ ଚଳଚ୍ଚିତ୍ର 'ଝୁମ୍ମାଣ୍ଡି ନାଦମ'ରେ ତାପସୀ ଅଭିନୟ କ୍ୟାରିୟର୍ ଆରମ୍ଭ କରିଥିଲେ। ୨୦୧୧ରେ ତାଙ୍କ ଫିଲ୍ମ ଅଡୁକଲମ୍ ୬ଟି ଜାତୀୟ ପୁରସ୍କାର ହାତେଇଥିଲା। ତାପସୀ କହିଛନ୍ତି, ଅଭିନେତ୍ରୀ ପ୍ରୀତି ଜିଣ୍ଟାଙ୍କ ପରି ଦେଖାଯାଉଥିବାରୁ ବୋଧହୁଏ ବଲିଉଡ୍‌ରେ ବ୍ରେକ୍ ମିଳିଯାଇଥିଲା। ପ୍ରତ୍ୟେକ ଅଡିସନ ବିଫଳ ହୋଇଛି। 'ଚଷମେ ବଦ୍ଦୁର' ପାଇଁ ଯଦି ଅଡିଶନ ଦେଇଥାନ୍ତେ, ସେଥିରେ ମଧ୍ୟ ବିଫଳ ହୋଇଥାନ୍ତେ ବୋଲି ସେ କହିଛନ୍ତି। ଖୁବଶୀଘ୍ର ବାୟୋପିକ 'ସାବାସ ମିଥୁ'ରେ ସେ ନଜର ଆସିବେ। ଏଥିରେ ସେ ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟକ ମିତାଲି ରାଜଙ୍କ ଚରିତ୍ରରେ ଅଭିନୟ କରିବେ।


**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



୰ଇଂ ରୋହିତ କୁମାର ଜେନା
ପାହାଡ଼ପୁର, ବନ୍ତ, ଭଦ୍ରକ
ଆବିର୍ଭାବ: ୧୨।୧୨।୧୯୭୯
ତିରୋଧାନ: ୨୫।୦୫।୨୦୨୦
ଆପଣ ଆମ୍ଭମାନଙ୍କୁ ଛାଡ଼ି ଚାଲିଯିବାର ବର୍ଷେ ବିତିଗଲାଣି। କିନ୍ତୁ ଆପଣଙ୍କର ଅଭୁଲା ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ୍ଭେ ଭୁଲିପାରୁ ନାହୁଁ। ଆଗକୁ ବଢିବା ପାଇଁ ଆପଣଙ୍କ ଆଶୀର୍ବାଦ ଆମ ଉପରେ ରହିଥାଉ। ପ୍ରଥମ ଶ୍ରାଦ୍ଧବାର୍ଷିକରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।
ଆପଣଙ୍କର ଶୋକସନ୍ତପ୍ତ ପରିବାରବର୍ଗ: ସ୍ତ୍ରୀ: ଗୀତାଞ୍ଜଳି, ପୁତ୍ର: ଆଦିତ୍ୟ ଓ ଝିଅ: ଅନନ୍ୟା ପ୍ରିୟଦର୍ଶନୀ ।
ଧ-୨୦୭୭୫

**ଦଶାହ ଉପଲକ୍ଷେ**



୰ରାଜକିଶୋର ସାହୁ
ଆବିର୍ଭାବ: ୩୦।୦୯।୧୯୬୨
ତିରୋଧାନ: ୧୬।୦୫।୨୦୨୧
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ସଦା ହସହସ ମୁଖ ଏବେବି ଆମମାନଙ୍କ ମାନସପଟରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସତରେ କ'ଣ ତୁମେ ଆରପାରିକୁ ଚାଲିଗଲ। ଶେଷରେ ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା, ତୁମେ ଯେଉଁଠି ଥାଅନା କାହିଁକି ସେ ତୁମକୁ ଉପଯୁକ୍ତ ସ୍ଥାନରେ ରଖନ୍ତୁ ।
ଶୋକସନ୍ତପ୍ତ: ଧର୍ମପତ୍ନୀ: ସୁଜାତା, ପୁତ୍ର: ଗୁଡୁ, କନ୍ୟା: ମାମା, ମିକି, ଜ୍ୱାଇଁ: ମୁନ୍ଧୁ, ନାତି: ଗେଲୁ ।
ଧ-୨୦୭୭୪

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଶୁଭେନ୍ଦୁ କୁମାର ଦାସ
ବେଗୁନିଆ, ଖୋର୍ଦ୍ଧା
ଆବିର୍ଭାବ: ୦୫।୦୮।୧୯୭୨
ତିରୋଧାନ: ୧୬।୦୫।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ, ବନ୍ଧୁ ପରିବାରବର୍ଗ ।
ଧ-୨୦୭୭୩



# ମ୍ୟାଙ୍ଗୋ ଫେସ୍ ପ୍ୟାକ

**ଖରାଦିନେ ସହଜରେ ମିଳୁଥିବା ଆମ୍ବରୁ ପ୍ରସ୍ତୁତ କରନ୍ତୁ ଫେସପ୍ୟାକ। ଏହି ଫେସପ୍ୟାକକୁ ଖରାଦିନେ ବ୍ୟବହାର କଲେ ତ୍ୱଚାର ଚମକ ବଢ଼ିବା ସହିତ ତ୍ୱଚା ଅଧିକ ସୁନ୍ଦର ଦେଖାଯିବ...**

➤ଘରୋଇ ଉପାୟରେ ଆପଣ ବିଭିନ୍ନ ପ୍ରକାରରେ ମ୍ୟାଙ୍ଗୋ ଫେସ୍ ପ୍ୟାକ ପ୍ରସ୍ତୁତ କରିପାରିବେ। ତେଣୁ ସୁବିଧା ଅନୁସାରେ ଏହି ପ୍ୟାକ ନିଜେ ପ୍ରସ୍ତୁତ କରି ବ୍ୟବହାର କରନ୍ତୁ।

➤ମ୍ୟାଙ୍ଗୋ ଫେସ୍ ପ୍ୟାକ ପ୍ରସ୍ତୁତି ପାଇଁ ପ୍ରଥମେ ଗୋଟିଏ ପାଚିଲା ଆମ୍ବର ରସ ବାହାର କରି ନିଅନ୍ତୁ। ଆମ୍ବ ରସରେ ୧ ଚାମଚ ମହୁ ମିଶାନ୍ତୁ। ଏହି ପେଷ୍ଟକୁ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ପ୍ରାୟ ୧୫ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖିବା ପରେ ମୁହଁ ଧୋଇ ଦିଅନ୍ତୁ।

➤ପାଚିଲା ଆମ୍ବ ରସରେ ମୁଲତାନୀ ମାଟିକୁ ମଧ ବ୍ୟବହାର କରିପାରିବେ। ଆମ୍ବ ରସରେ ମୁଲତାନୀ ମାଟିକୁ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ଏହି ପେଷ୍ଟକୁ ଲଗାଇବାର ୨୦ ମିନିଟ ପରେ ମୁହଁ ଧୋଇ ଦିଅନ୍ତୁ। ଏପରି କରିବା ଫଳରେ ମୁହଁରେ ବ୍ରଣ ସମସ୍ୟା ଦୂର ହେବା ସହିତ ଦାଗ ମଧ ଦୂର ହୋଇଥାଏ ଓ ତ୍ୱଚାର ଚମକ ବୃଦ୍ଧି ପାଇଥାଏ।

➤ଗୋଲାପ ଜଳ ସହିତ ପାଚିଲା ଆମ୍ବ ରସ ମିଶାଇ ଲଗାଇଲେ ତାହା ଏକ ସୁନ୍ଦର ଘରୋଇ ଫେସପ୍ୟାକ ଭଳି କାମ ଦେବ। ଏହି ପ୍ୟାକକୁ ଲଗାଇବାର ପ୍ରାୟ ଅଧଘଣ୍ଟା ପରେ ମୁହଁ ଧୋଇ ଦିଅନ୍ତୁ। ତ୍ୱଚା ବହୁତ ସୁନ୍ଦର ଦେଖାଯିବା ସହିତ କୋମଳ ହୋଇଯିବ।



## ବଢ଼ାନ୍ତୁ ପିଲାଙ୍କ ଇମ୍ୟୁନିଟି

କରୋନାରୁ ରକ୍ଷା ପାଇବା ପାଇଁ ଏବେ ସମସ୍ତେ ଇମ୍ୟୁନିଟି ବଢାଇବା ପାଇଁ ଚେଷ୍ଟା ଚଳାଇଛନ୍ତି। ଏଭଳି ଏକ ସମୟରେ ପିଲାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ବାପା ମାଆଙ୍କର ଚିନ୍ତା ବଢିଯାଇଛି। କିନ୍ତୁ ପିଲାଙ୍କ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ପାଇଁ ପ୍ରାକୃତିକ ଉପାୟ ଆପଣାନ୍ତୁ।



**ହେଲଦି ଡାଏଟ:** ପିଲାମାନଙ୍କୁ ସବୁବେଳେ ସନ୍ତୁଳିତ ଭୋଜନ ଦିଅନ୍ତୁ। ପ୍ରୋଟିନ, ମିନେରାଲ, ଭିଟାମିନ୍, ଅନସାଚୁରେଟେଡ ଫ୍ୟାଟ ଏବଂ ଅନ୍ୟ ସମସ୍ତ ପୋଷକ ତତ୍ତ୍ୱଥିବା ଖାଦ୍ୟ ସନ୍ତୁଳିତ ମାତ୍ରାରେ ଦିଅନ୍ତୁ। ପିଲାଙ୍କ ଇମ୍ୟୁନିଟି ବଢ଼ାଇବା ପାଇଁ ଖଟା ଫଳ, ଗାଜର, ସବୁଜ ପରିବା, ବିମ୍ବ, ଷ୍ଟ୍ରବେରୀ, ଦହି, ରସୁଣ ଓ ଅଦା ଆଦି ଖାଦ୍ୟ ଅଧିକ ଦିଅନ୍ତୁ।

**ଭଲ ନିଦ:** ଉପଯୁକ୍ତ ମାତ୍ରାରେ ନିଦ ହେବା ଫଳରେ ପିଲାଙ୍କର ଇମ୍ୟୁନ ସିଷ୍ଟମ ଠିକ୍ ଭାବେ କାମ କରିଥାଏ। ତେଣୁ ଇନଫେକସନର ସମ୍ଭାବନା କମ୍ ରହିଥାଏ। ତେଣୁ ପିଲାଙ୍କୁ ଠିକ୍ ସମୟରେ ଶୋଇବାକୁ ଦିଅନ୍ତୁ।

**ପରିଷ୍କାର ପରିଚ୍ଛନ୍ନତା:** ପିଲାଙ୍କୁ ସବୁ ସମୟରେ ପରିଷ୍କାର ଓ ପରିଚ୍ଛନ୍ନତା ପ୍ରତି ସଚେତନ ରହିବା ଶିଖାନ୍ତୁ। ପ୍ରତିଥର ଖାଇବା ପରେ, ଖେଳିବା ପରେ, ଗୃହପାଳିତ ପଶୁଙ୍କୁ ଛୁଇଁବା ପରେ, ନାକ ସଫା କରିବା ପରେ, ଟଏଲେଟ୍‌ରୁ ଆସିବା ପରେ ଭଲଭାବେ ସାବୁନରେ ହାତ ଧୋଇବାକୁ କୁହନ୍ତୁ। ପରିଷ୍କାର ପରିଚ୍ଛନ୍ନ ପୋଷାକ ପିନ୍ଧିବାକୁ ଦିଅନ୍ତୁ। ଫଳରେ ସେମାନଙ୍କର ଇନଫେକସନ୍ ହେବ ନାହିଁ।

**ହର୍ବାଲ ଜିନିଷ:** ପିଲାମାନଙ୍କୁ ତୁଳସୀ, ଅଁଳା, ମହୁ, ଗୋଲମରିଚ, ଅଦା ଆଦି ବିଭିନ୍ନ ହର୍ବାଲ ଜିନିଷ ଖାଇବା ଶିଖାନ୍ତୁ। ସେମାନଙ୍କର ଇମ୍ୟୁନ ସିଷ୍ଟମ ଭଲ ରହିବ।



# ହୋମ୍ ଡକ୍ଟର

**ପରିବାରରେ ସମସ୍ତଙ୍କ ସ୍ୱାସ୍ଥ୍ୟର ଦାୟିତ୍ୱ ସାଧାରଣତଃ ଗୃହିଣୀମାନେ ହିଁ ନେଇଥାନ୍ତି। ଏବେ କରୋନା କାଳରେ ପରିବାରର ସମସ୍ତଙ୍କୁ ସୁସ୍ଥ ରଖିବା ମହିଳାମାନଙ୍କ ପାଇଁ ସବୁଠୁ ବଡ଼ ଦାୟିତ୍ୱ ପାଲଟିଛି। ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଯତ୍ନ ନେବା ପାଇଁ ଗୃହିଣୀମାନେ ସବୁବେଳେ ସତର୍କ ରହୁଛନ୍ତି। କହିବାକୁ ଗଲେ ଏକ ପ୍ରକାରର ଘରୋଇ ଡାକ୍ତର ଭଳି ସେମାନେ ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା କରୁଛନ୍ତି..**



କରୋନାର ଦ୍ୱିତୀୟ ଲହର ଏବେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ଏଣୁ ଏସମୟରେ ସମସ୍ତଙ୍କୁ ଅଧିକ ସତର୍କ ହେବାକୁ ପଡୁଛି। ବୟସ୍କଙ୍କଠାରୁ ଆରମ୍ଭ କରି ପିଲାଙ୍କ ପର୍ଯ୍ୟନ୍ତ କାହା ପାଇଁ କ'ଣ ସବୁ କରିବାକୁ ହେବ ତା' ପାଇଁ ପୂର୍ବରୁ ପ୍ରସ୍ତୁତି କରି ରଖୁଛନ୍ତି ଗୃହିଣୀମାନେ। କାହିଁକି ନା ସତର୍କ ନ ରହିଲେ କେତେବେଳେ ଯେ କ'ଣ ହେବ କହି ହେବନି।



**ଲାଇଫଷ୍ଟାଇଲ:** କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଏବେ ସମସ୍ତେ ଲାଇଫଷ୍ଟାଇଲ ଉପରେ ବେଶି ଗୁରୁତ୍ୱ ଦେଉଛନ୍ତି। କାହିଁକି ନା ଖାଇବା ପିଇବା ଶୋଇବା ଆଦି ସବୁଥିରେ ସନ୍ତୁଳନ ରକ୍ଷା କରି ଶରୀରକୁ ଠିକ୍ ରଖିହେବ ବୋଲି ଏବେ ଲୋକେ ଅନୁଭବ କରିଲେଣି। ଏଣୁ ସମସ୍ତେ ଠିକ୍ ସମୟରେ ଏସବୁ କରିବା ଉଚିତ। ତା' ଛଡା ଋତୁ ଅନୁସାରେ ଖାଦ୍ୟ ଓ ଫଳ ସହିତ ସୁଷମ ଖାଦ୍ୟ ଖାଆନ୍ତୁ। କରୋନାରୁ ରକ୍ଷା ପାଇବା ପାଇଁ ସମସ୍ତଙ୍କୁ ସୁସ୍ଥ ରଖିବାକୁ ପ୍ରତିଦିନ ଉଷୁମ ପାଣି ପିଇବା, କାଢା ପିଇବା କିମ୍ବା ଷ୍ଟିମ୍ ନେବା ଏସବୁ ନିୟମ ପାଳନ କରିବାକୁ ଏବେ ଗୃହିଣୀମାନେ ଭୁଲୁନାହାନ୍ତି। ସମସ୍ତଙ୍କ ପାଇଁ ଏସବୁ ନିୟମ ମାନିବା ନିମନ୍ତେ ସୁବିଧା ଯୋଗାଇ ଦେବା ବିଶେଷକରି ଛୋଟ ପିଲା ଏବଂ ବୟସ୍କମାନଙ୍କୁ ଠିକ୍ ସମୟରେ ଖାଇବା ଓ ଶୋଇବା ପ୍ରତି ଗୃହିଣୀମାନେ ସତର୍କ ରହୁଛନ୍ତି।

**ଯୋଗ ବ୍ୟାୟାମ:** କରୋନାଠାରୁ ରକ୍ଷା ପାଇବା ପାଇଁ ସେପରି ନିର୍ଦ୍ଦିଷ୍ଟ ଔଷଧ ଏପର୍ଯ୍ୟନ୍ତ ଆସିନାହିଁ। ତେଣୁ ନିଜର ଇମ୍ୟୁନିଟି ବଢାଇବା ପାଇଁ ଯୋଗ ବ୍ୟାୟାମ ଉପରେ ଅଧିକ ଗୁରୁତ୍ୱ ଦେବା ଉଚିତ୍। ସେଥିପାଇଁ ଅଧିକାଂଶ ମହିଳା ଏବେ ମର୍ନିଂ ୱାକ୍ କରିବା ସହିତ ପିଲାମାନଙ୍କୁ ଏବଂ ବୟସ୍କମାନଙ୍କୁ ବି ଏଥିପାଇଁ ପ୍ରବର୍ତ୍ତାଉଛନ୍ତି। କାହିଁକିନା ପିଲାମାନେ ବି ଘରେ ରହି ଟିଭି ଓ ଫୋନ ଦେଖିଲେ ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଯିବ। ତେଣୁ ଏକଥାକୁ ହୃଦୟଙ୍ଗମ କରି ଏବେ ଗୃହିଣୀମାନେ ପରିବାରର ସବୁ ସଦସ୍ୟ ଯେପରି ଯୋଗ ଏବଂ ବ୍ୟାୟାମ କରିବେ ସେନେଇ ଘରେ ପରିବେଶ ସୃଷ୍ଟି କରୁଛନ୍ତି।

**ତୁରନ୍ତ ପରାମର୍ଶ:** ସମସ୍ତ ସତର୍କତା ସତ୍ତ୍ୱେ ଅନେକ ସମୟରେ ପେଟ ଯନ୍ତ୍ରଣା, ଥଣ୍ଡା, କାଶ ଭଳି ଛୋଟ ମୋଟ ସ୍ୱାସ୍ଥ୍ୟ ସମସ୍ୟା ବି ସୃଷ୍ଟି ହୋଇଥାଏ। ବର୍ତ୍ତମାନ ସମୟରେ ଏଭଳି କୌଣସି ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଅବଶ୍ୟ ଏବେ ଏ ଦୃଷ୍ଟିରୁ ଅଧିକାଂଶ ଗୃହିଣୀ ବେଶ୍ ସଚେତନ ଅଛନ୍ତି। ତେଣୁ ଘରେ ରହି ଫୋନରେ ଡାକ୍ତରଙ୍କଠାରୁ ପରାମର୍ଶ ଗ୍ରହଣ କରି ତୁରନ୍ତ ଔଷଧ ଆଣି ଦେଉଛନ୍ତି।





## ଏମାନେ କ'ଣ କହନ୍ତି

**ବେଶି ସତର୍କ ହେବାକୁ ପଡୁଛି :** ଏବେ ମୋ ବୋହୂ ଗର୍ଭବତୀ ଥିବାରୁ ମୁଁ ପୂରା ସତର୍କ ରହିଛି। ଘରୁ କେହି ବି ବାହାରକୁ ଗଲେ ଫେରିବା ପରେ ସେମାନଙ୍କୁ ଭଲ ଭାବେ ଧୋଇ ହୋଇ ଲୁଗାପଟା ବଦଳି ଘର ଭିତରକୁ ଆସିବାର ଅନୁମତି ଦିଏ। ତା' ଛଡା ବୋହୂର ଖାଦ୍ୟପେୟ ପ୍ରତି ଧ୍ୟାନ ଦେଇଥାଏ। ତାକୁ ପ୍ରତିଦିନ ଉଷୁମ ପାଣି ପିଇବାକୁ ଦେଉଛି। ସବୁଠୁ ବଡ କଥା ହେଉଛି ତା'ର ମନୋବଳ ଦୃଢ କରିବା ପାଇଁ ମୁଁ ସବୁବେଳେ ତାକୁ ସକାରାତ୍ମକ କଥା ଶୁଣିବା ପାଇଁ କହେ। ସେଥିପାଇଁ ଏବେ ମୁଁ କରୋନା ସମ୍ପର୍କିତ ଖବର କିମ୍ବା ମୃତ୍ୟୁ ସଂଖ୍ୟା ବିଷୟରେ ବୋହୂକୁ ଦେଖିବାକୁ ଦିଏନି। ଠାକୁରଙ୍କୁ ଡାକୁଛି କେମିତି ଭଲରେ ଭଲରେ ତା'ର ପ୍ରସବ ହୋଇଯାଉ।

*–ଜୟନ୍ତି ମହାନ୍ତି, ମାଣିଖମ୍ବ, ମୋତିଗଞ୍ଜ, ବାଲେଶ୍ୱର*

**ସମସ୍ତଙ୍କୁ କାଢ଼ା:** କରୋନା ପାଇଁ ଆରବର୍ଷରୁ ସବୁଦିନ ଦିନକୁ ଥରେ ଲେଖାଏଁ କାଢା ତିଆରି କରି ନିଜେ ପିଇବା ସହିତ ସମସ୍ତଙ୍କୁ ଦେଉଛି। କାଢା ତିଆରି ପାଇଁ ସମସ୍ତ ପ୍ରକାରର ମସଲାକୁ ଗୁଣ୍ଡ କରି ଏକାଠି ଡବାରେ ଭର୍ତ୍ତି କରି ରଖିଛି। କେବଳ ପାଣିରେ ଅଦା ଆଉ ତେଜପତ୍ର ପକାଇବା ପରେ ଏହି ଗୁଣ୍ଡକୁ ପକାଇ ସିଝାଇ ଦେଉଛି। ତା' ଛଡା ଘରକୁ ପରିଷ୍କାର ରଖୁଛି ଆଉ ସାନିଟାଇଜ୍ ବି କରୁଛି। ଏହା ବ୍ୟତୀତ ବାହାରୁ ଆସିଥିବା ପରିବାକୁ ଧୋଇବା, ଅନ୍ୟ ସମସ୍ତ ଜିନିଷକୁ ସଫାସୁତୁରା କରିବା ସହିତ ସାନିଟାଇଜ୍ ବି କରିଥାଏ। ସ୍ୱାମୀଙ୍କୁ ଅଫିସ ଯିବା ସମୟରେ ରୋଷେଇ କରି ଦେବା ସହିତ ଥର୍ମୋପ୍ଲାସରେ କାଢା, ବ୍ୟାଗରେ ପେପର ସୋପ୍, ସାନିଟାଇଜର ଆଦି ଦେଇଥାଏ। ମୋର ଛୁଆ ଦୁଇଜଣ ଛୋଟ ଥିବାରୁ ମତେ ଟିକେ ବେଶି ସତର୍କ ହେବାକୁ ପଡୁଛି।

*–ସୁଜାତା ଦାଶ, ଗୃହିଣୀ, ଧାତୁନଗର, କାଞ୍ଚନବାଗ, ହାଇଦ୍ରାବାଦ*

**ଥରେ ଷ୍ଟିମ୍ ନେଉଛନ୍ତି:** ଘରେ କରୋନା ପାଇଁ ମୁଁ ପୂରା ସତର୍କ। ସେଥିପାଇଁ ଘରେ ସମସ୍ତଙ୍କୁ ଉଷୁମ ପାଣି ପିଇବାକୁ ଦେଉଛି। ଆଉ ସମସ୍ତଙ୍କୁ ଥରେ ଅତି କମରେ ଷ୍ଟିମ୍ ନେବାପାଇଁ ମନେ ପକାଇ ଦେଇଥାଏ। ତା' ଛଡା ଖାଇବା ପିଇବା ସବୁ ମାଧମରେ କିଭଳି ଇମ୍ୟୁନିଟି ବଢ଼ିବ ସେହି ଅନୁସାରେ ମୁଁ ରୋଷେଇ କରିଥାଏ। ହ୍ୟାଣ୍ଡୱାଶ୍ ସାନିଟାଇଜର ବ୍ୟବହାର କରିବା, ମାସ୍କ ପିନ୍ଧିବା ଆଦି ବିଭିନ୍ନ ଦିଗପ୍ରତି ମୁଁ ସତର୍କ ରହିଛି।

*–ରୋଜାଲିନ୍ ଜେନା, ଗୃହିଣୀ, ଦହିପାଳ, ନାଉଗାଁ, ଜଗତସିଂହପୁର*

**ସବୁବେଳେ ସତର୍କ ରହିଛି:** ମତେ ଅନେକ ସମୟରେ ବାହାରକୁ ଯିବାକୁ ପଡେ। ମୋ ସ୍ୱାମୀ ଏବଂ ପରିବାରର ଅନ୍ୟମାନେ ବି ଚାକିରି ପାଇଁ ବାହାରକୁ ଯାଆନ୍ତି। ଘରକୁ ଫେରିବା ପରେ ସମସ୍ତଙ୍କ ଲୁଗାପଟାକୁ ପ୍ରଥମେ ସଫା କରେ। ଆଉ ଧୋଇ ହୋଇ ସାରିବା ପରେ ସମସ୍ତଙ୍କ ପାଇଁ କାଢା ଓ ବାମ୍ଫ ନେବାର ବ୍ୟବସ୍ଥା କରେ। ଘରକୁ କେହି ବାହାର ଲୋକ ଆସିଲେ ଦୂରତା ବଜାୟ ରଖେ ଏବଂ ସାନିଟାଇଜେସନ୍ କରେ। ଯଥାସମ୍ଭବ ସତର୍କ ରହି ମୁଁ ସମସ୍ତଙ୍କୁ କରୋନାଠାରୁ ଦୂରେଇ ରଖିବାରେ ଆଜିଯାଏ ସମର୍ଥ ହୋଇଛି, ତଥାପି ଆଗକୁ କ'ଣ ହେବ ଭାବିଲେ ବେଳେବେଳେ ଭୟ ଲାଗୁଛି।

*–ରତ୍ନାବତୀ ମହାନ୍ତି, ଶିକ୍ଷୟିତ୍ରୀ, ନନ୍ଦପୁର, ବାସୁଦେବପୁର, ଭଦ୍ରକ*



ରୋଜାଲିନ୍



ଜୟନ୍ତି



ରତ୍ନାବତୀ



ସୁଜାତା



# ଟ୍ରେଣ୍ଡି ଲୁକ୍ ପାଇଁ ହେୟାର୍ କଟ୍

**ସୁନ୍ଦର ଏବଂ ଆକର୍ଷଣୀୟ ଦେଖାଯିବାକୁ ପ୍ରତ୍ୟେକ ମହିଳା ଚାହାନ୍ତି। ଏଥିପାଇଁ ଅନେକ ଉପାୟ ବି ଆପଣାଇଥାନ୍ତି। ଯେଉଁଥିରୁ ବାଦ୍ ପଡିନି ବିଭିନ୍ନ ହେୟାର କଟିଂ। ଯଦି ଆପଣ ବି ଟ୍ରେଣ୍ଡି ଲୁକ୍ ପାଇଁ ହେୟାର କଟ୍ କରିବାକୁ ଚାହୁଁଛନ୍ତି, ତେବେ କେଉଁ କଟ ଆପଣଙ୍କ ଫେସ୍‌କୁ ଶେପ୍‌କୁ ସୁଟ୍ କରିବ ଜାଣି ରଖନ୍ତୁ ...**

**ରାଉଣ୍ଡ ଫେସ୍:** ଯେଉଁମାନଙ୍କ ମୁହଁ ଗୋଲ୍ ବା ରାଉଣ୍ଡ ସେମାନଙ୍କୁ ଷ୍ଟ୍ରେଟ୍ ଏବଂ ଲଙ୍ଗ୍ ହେୟାର କଟ୍ ବିଶେଷ କରି ଲଙ୍ଗ ଲେୟାର ବ୍ୟାଙ୍ଗ୍ କଟ୍ ଖୁବ୍ ଆକର୍ଷଣୀୟ ଲୁକ୍ ଦେଇଥାଏ। ଛୋଟ ବା ଗାଲ ପର୍ଯ୍ୟନ୍ତ କଟାଯାଇଥିବା ହେୟାର ଷ୍ଟାଇଲ କଲେ ମୁହଁ ଅଧିକ ବଡ ଲାଗିଥାଏ ଏବଂ ସୁଟ୍ କରି ନ ଥାଏ। ବିଶେଷ କରି ରାଉଣ୍ଡ ଫେସ୍ ଥିବା ମହିଳାଙ୍କର କର୍ଲି ହେୟାର ଥିଲେ ଶର୍ଟ ହେୟାର କଟ୍ କଲେ ମୁହଁ ଅପେକ୍ଷାକୃତ ବଡ ଲାଗିଥାଏ।

**ଲଙ୍ଗ୍ ଫେସ୍:** ଯେଉଁମାନଙ୍କର ମୁହଁ ଲମ୍ବା ସେମାନଙ୍କୁ ଲଙ୍ଗ୍ ପରିବର୍ତ୍ତେ ଶର୍ଟ ହେୟାର୍ କଟ୍ ଫ୍ୟାଶନେବଲ୍ ଲୁକ୍ ଦେଇଥାଏ। ଯଦି ଲଙ୍ଗ୍ ହେୟାର ଷ୍ଟାଇଲ୍ ପସନ୍ଦ ହେବେ ଏଭଳି ଫେସ୍ ଶେପ୍ ଲାଗି ଲଙ୍ଗ୍ ଲେୟାର କିମ୍ବା ଷ୍ଟେପ୍ କଟ୍ ସାଙ୍ଗକୁ ଚିକ୍‌ବୋନ୍ ପର୍ଯ୍ୟନ୍ତ ଫ୍ରଣ୍ଟ କଟ୍ କଲେ ମୁହଁ ଗୋଲ ଏବଂ ସୁନ୍ଦର ଲାଗିଥାଏ।

**ଓଭାଲ ଫେସ୍:** ଏଭଳି ଫେସ୍ ସେପ୍‌ର ମହିଳାମାନଙ୍କୁ ସାଧାରଣତଃ ଅଧିକାଂଶ ହେୟାର କଟ୍‌ରେ ଷ୍ଟାଇଲିସ୍ ଲାଗିଥାଏ। ହେଲେ ମୋଟା ଏବଂ କର୍ଲି ହେୟାର୍ ଥିଲେ ବ୍ଲଣ୍ଟ କଟ୍‌ରେ ମୁହଁ ଅଧିକ ଲମ୍ବା ଲାଗିଥାଏ। କିନ୍ତୁ ଆପଣ ଚାହିଁଲେ ବ୍ଲଣ୍ଟ ବ୍ୟାଙ୍ଗ୍ କିମ୍ବା ସାଇଡ୍ ବ୍ୟାଙ୍ଗ୍ ବବ୍ କଟ୍ କରିପାରିବେ।



ଖାଦ୍ୟ ରୁଚି

# କଞ୍ଚାଲଙ୍କା ଚଟଣି

**ଆବଶ୍ୟକ ସାମଗ୍ରୀ–** କଞ୍ଚା ଲଙ୍କା– ୨୦ଟି, ରସୁଣ– ୪ପାଖୁଡ଼ା, ଲେମ୍ବୁ ରସ–୧ ଚାମଚ, ସୋରିଷ– ୧ ଚାମଚ, ଜୀରା–୧ ଚାମଚ, ଧନିଆ ପତ୍ର– ଅଳ୍ପ (କଟା), ତେଲ– ୨ ଚାମଚ, ଲୁଣ ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଲଙ୍କାକୁ ଧୋଇ ଛୋଟ ଛୋଟ କରି ଦିଅନ୍ତୁ। ରସୁଣରୁ ଚୋପା ଛଡାଇ ରଖନ୍ତୁ। ଏହାପରେ କଡେଇ ଗରମ କରି ସେଥିରେ ତେଲ ପକାଇ ରସୁଣ ଓ କଞ୍ଚାଲଙ୍କାକୁ ଅଳ୍ପ ଭାଜନ୍ତୁ। ପ୍ଲେଟକୁ କାଢି ସେସବୁ ଥଣ୍ଡା ହେବା ପରେ ସେଥିରେ ଜୀରା ମିଶାଇ ଟିକେ ଖଦଡା କରି ଗ୍ରାଇଣ୍ଡିଂ କରନ୍ତୁ। ଏବେ ଏହି ପେଷ୍ଟକୁ ବଘାରିବା ପାଇଁ ପୁଣି ଥରେ କଡେଇ ଗରମ କରି ସେଥିରେ ତେଲ ଗରମ କରି ସୋରିଷ ଫୁଟାଇ ଲଙ୍କାବଟା ପକାନ୍ତୁ। କିଛି ସମୟ ଭାଜିବା ପରେ କଡେଇ ଓହ୍ଲାଇ ଆଣି ସେଥିରେ ଧନିଆପତ୍ର, ଲୁଣ ଏବଂ ଲେମ୍ବୁ ରସ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା କଞ୍ଚାଲଙ୍କା ଚଟଣି। ଏହାକୁ ଚକୁଳି, ଦୋସା କିମ୍ବା କୌଣସି ଛଣା ଜିନିଷ ସହିତ ଖାଇଲେ ବହୁତ ଭଲ ଲାଗିବ।





ୱିଲିୟମ୍ସବର୍ଗଠାରେ ଏଲପିଜିଏ ଟୁର୍ର ପିୟୋରସିଲ୍କ ଚାମ୍ପିୟନଶିପ୍ ଗଲ୍ଫ ଟୁର୍ନାମେଣ୍ଟ ଜିତିବାପରେ ମା ୱେଇ-ଚିଆ ଲୁଙ୍କ ସହ ତାଇୱାନର ୱେଇ-ଲିଙ୍ଗ୍ ହାସୁ (ବାମ)।

# ପିଜିଏ ଟୁର୍ନାମେଣ୍ଟ ଜିତିବାରେ ମିକେଲସନ ସବୁଠୁ ବୟସ୍କ

**କିଓ୍ୱା ଆଇଲାଣ୍ଡ (ୟୁଏସ୍), ୨୪।୫ (ଏପି)**

ଆମେରିକାନ ଗଲ୍ଫର ଫିଲ୍ ମିକେଲସନ ତାଙ୍କ ୩୦ ବର୍ଷ କ୍ୟାରିୟରରେ ଅନେକ ଥର ପ୍ରଭାବୀ ପ୍ରଦର୍ଶନ କରି ଖେଳପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୫ଥର ପ୍ରମୁଖ ଟୁର୍ନାମେଣ୍ଟ ଜିତିସାରିଥିବା ମିକେଲସନ ଦିନେ ଏଭଳି ଏକ କୀର୍ତ୍ତିମାନ ଅର୍ଜନ କରିବେ ବୋଲି କେହି କଳ୍ପନା କରି ନ ଥିଲେ। ରବିବାର ୫୦ ବର୍ଷ ବୟସରେ ଏକ ପ୍ରମୁଖ ଟୁର୍ନାମେଣ୍ଟ ଜିତି ସେ ସମସ୍ତଙ୍କୁ ଚମକାଇ ଦେଇଛନ୍ତି। ସବୁଠାରୁ ବୟସ୍କ ଖେଳାଳି ଭାବେ ସେ ଏକ ପିଜିଏ ଚାମ୍ପିୟନଶିପ୍ ଜିତି ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପୂର୍ବରୁ ଏହି ରେକର୍ଡ ଜୁଲିଅସ୍ ବୋରୋସଙ୍କ ନାମରେ ରହିଥିଲା। ୧୯୬୮ରେ ସାନ ଆଣ୍ଟୋନିଓଠାରେ ବୋରୋସ ୪୮ବର୍ଷ ବୟସରେ ଏକ ପିଜିଏ ଚାମ୍ପିୟନଶିପ୍ ଜିତିଥିଲେ। ବୋରୋସ ୫୩ ବର୍ଷ ଧରି ଏହି ରେକର୍ଡର ଅଧିକାରୀ ଥିଲେ।

ମିକେଲସନ ରବିବାର ୬ ଅଣ୍ଡର ୨୮୨ ସହ ତାଙ୍କ ଖେଳ ଶେଷ କରିଥିଲେ। ଟୁର୍ନାମେଣ୍ଟ ଜିତିବା ପରେ ଖୁସିରେ ହାତ ଉପରକୁ ଉଠାଇବା ସହ ତାଙ୍କ ପାଇଁ କ୍ୟାଡି ଭାବେ କାମ କରୁଥିବା ନିଜ ଭାଇ ଟିମ୍‌ଙ୍କୁ ସେ ଖୁସିରେ କୁଣ୍ଢାଇ ପକାଇଥିଲେ। ଓସେନ କୋର୍ସଠାରେ ବହୁ ସଂଖ୍ୟାରେ ଖେଳପ୍ରେମୀ ଉପସ୍ଥିତ ଥିଲେ। ସେମାନେ ମିକେଲସନଙ୍କ ପ୍ରଦର୍ଶନରେ ଉତ୍‌ଫୁଲିତ ହେବା ସହ ଭୂରିଭୂରି ପ୍ରଶଂସା କରିବାରେ ଲାଗିଥିଲେ।

୩ ମାସ ପୂର୍ବେ ୪୩ ବର୍ଷୀୟ ଟମ୍ ବ୍ରାଡି ୭ମ ସୁପର ବାଓଲ ଜିତି ଅନ୍ୟମାନଙ୍କର ଦୃଷ୍ଟିଆକର୍ଷଣ କରିଥିଲେ। ମାତ୍ର ମିକେଲସନ ତାଙ୍କୁ ଟପି ଯାଇଥିଲେ। ପିଜିଏ ଟୁର୍‌ରେ ମିକେଲସନ ପ୍ରଥମ ଖେଳାଳି ଭାବେ ୩୦ ବର୍ଷ ଧରି ଟୁର୍ନାମେଣ୍ଟ ଜିତି ଆସୁଛନ୍ତି। ସେ ଏପର୍ଯ୍ୟନ୍ତ ୪୫ ଟାଇଟଲ ଜିତିସାରିଲେଣି। ୧୯୯୧ରେ ସେ ଜଣେ ଜୁନିୟର ଖେଳାଳି ହିସାବରେ କ୍ୟାରିୟରର ପ୍ରଥମ ଟାଇଟଲ ହାସଲ କରିଥିଲେ। ୩ ଦଶନ୍ଧି ମଧ୍ୟରେ ପ୍ରମୁଖ ଟୁର୍ନାମେଣ୍ଟ ଜିତିଥିବା ଖେଳାଳି ତାଲିକାରେ ମିକେଲସନ ୧୦ମ ସ୍ଥାନରେ ରହିଛନ୍ତି। ଏଲିଟ୍ ତାଲିକା ଆରମ୍ଭରେ ହ୍ୟାରି ଭାର୍ଡନ ରହିଛନ୍ତି। ନିକଟରେ ଟାଇଗର ଉଡ୍ସ ଏହି ସଫଳତା ହାସଲ କରିଛନ୍ତି। ଓସେନ କୋର୍ସଠାରେ ମିକେଲସନଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଥିଲେ ବ୍ରୁକ୍ସ କୋପ୍‌କା ଓ ଲୋଇସ୍ ଓଷ୍ଟହୁଇଜେନ। ସୂଚନାଯୋଗ୍ୟ, ଦୁଇବର୍ଷ ହେଲା କୌଣସି ବିଜୟ ହାସଲ କରି ନ ଥିଲେ। ସପ୍ତାହକ ପୂର୍ବେ ବିଶ୍ୱର ୧୧୫ ନମ୍ବର ଖେଳାଳି ହୋଇଥିଲେ ମଧ୍ୟ ମିକେଲସନ ସ୍ୱତନ୍ତ୍ର ରିହାତିରେ ୟୁଏସ୍ ଓପନରେ ଭାଗ ନେଇଥିଲେ। ଗତ ୯ ମାସ ମଧ୍ୟରେ ସେ ୧୭ଟି ଟୁର୍ନାମେଣ୍ଟ ଖେଳିଥିଲେ। ହେଲେ ସେ ଟପ୍ ୨୦ରେ ରହିବାରେ ସମର୍ଥ ହୋଇ ନ ଥିଲେ। ଫଳରେ ଓଭର ୧୮ ହୋଲ୍ ଉପରେ ସେ କିପରି ଫୋକସ୍ କରିବେ ସେ ନେଇ ସେ ଚିନ୍ତିତ ଥିଲେ।



ଫିଲ୍ ମିକେଲସନ

# ଗୋମେଜ୍ ଜିତିଲେ ୧୬ତମ ଷ୍ଟେଜ୍

**ଗିରୋ ଡି' ଇଟାଲିଆ**

**ରୋମ୍, ୨୪।୫**


ଗିରୋ ଡି'ଇଟାଲିଆ ସାଇକ୍ଲିଂ ରେସ୍‌ର ୧୫ତମ ଷ୍ଟେଜ୍ ଜିତିଛନ୍ତି କଲମ୍ବିଆର ଇଗାନ୍ ବର୍ନାଲ ଗୋମେଜ୍। ସେ ୪ ଘଣ୍ଟା ୨୨ ମିନିଟ ୪୧ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିଥିଲେ। ସୋମବାର ଏହି ରେସ୍ ସାସିଲିଠାରୁ ଆରମ୍ଭ ହୋଇଥିଲା। ପ୍ରତିକୂଳ ପାଗ ଯୋଗୁ ରେସ୍‌ରୁ ଦୁଇଟି ପ୍ରମୁଖ ପାର୍ବତ୍ୟାଞ୍ଚଳ ପାସୋ ଫେଡାଇଆ ଓ ପାସୋ ପୋର୍ଡୋଇକୁ ବାଦ୍ ଦିଆଯାଇଥିଲା। ଏହିଅଞ୍ଚଳରେ ବର୍ଷା ସହ ତୁଷାରପାତ ହେବା ପୂର୍ବାନୁମାନ କରାଯାଇଥିଲା। ରେସ୍‌କୁ ୨୧୨ କି.ମି.ରୁ ୧୫୩ କି.ମି.କୁ ହ୍ରାସ କରାଯାଇଥିଲା। ଗିରୋ ଡି'ଇଟାଲିଆ ସାଇକ୍ଲିଂ ରେସ୍‌ର ଏହି ଷ୍ଟେଜ୍‌କୁ 'କୁଇନ୍ ଷ୍ଟେଜ୍' କୁହାଯାଇଥାଏ।



ଇଗାନ୍ ବର୍ନାଲ ଗୋମେଜ୍

ଫ୍ରାନ୍ସର ରୋମେନ ବାର୍ଡେଟ୍ ଗୋମେଜଙ୍କଠାରୁ ୦:୦୦:୨୭ ସେକେଣ୍ଡ ପଛରେ ଦ୍ୱିତୀୟ ଏବଂ ଇଟାଲିର ଡାମିଆନୋ କାରୁସୋ ତୃତୀୟ ସ୍ଥାନରେ ରହିଥିଲେ। ସେହିପରି ଚତୁର୍ଥ ଓ ୫ମ ସ୍ଥାନ ଯଥାକ୍ରମେ ଇଟାଲିର ଗିଉଲିଓ ସିକୋନ୍ ଓ ଗ୍ରେଟ୍ ବ୍ରିଟେନ୍‌ର ହଗ୍ କାର୍ଥି ଅଧିକାର କରିଥିଲେ। ଷ୍ଟେଜ୍ ୧୬ ପରେ ଜେନେରାଲ କ୍ଲାସିଫିକେଶନରେ ଗୋମେଜ ୬୬:୩୬:୦୪ ଟାଇମିଂ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ଡାମିଆନୋ କାରୁସୋ (୦:୦୨:୨୪) ଓ ହଗ୍ କାର୍ଥି (୦:୦୩:୪୦) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି।

# ହସ୍ପିଟାଲରେ ଭର୍ତ୍ତି ହେଲେ ମିଲ୍‌ଖା ସିଂ



**ଚଣ୍ଡିଗଡ଼, ୨୪।୫ (ପି.ଟି.):** କୋଭିଡ୍‌ରେ ପୀଡ଼ିତ କିମ୍ବଦନ୍ତୀ ଭାରତୀୟ ସ୍ପ୍ରିଣ୍ଟର ମିଲ୍‌ଖା ସିଂ ସୋମବାର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ପୁଅ ତଥା ବିଶିଷ୍ଟ ଗଲ୍ଫ ଖେଳାଳି ଜିଭ୍ ମିଲ୍‌ଖା ସିଂ ଏ ବିଷୟ ସୂଚନା ଦେଇଛନ୍ତି। ବୁଧବାର କରୋନା ପଜିଟିଭ ଜଣାପଡ଼ିବା ପରଠାରୁ ୯୧ ବର୍ଷୀୟ ମିଲ୍‌ଖା ଚଣ୍ଡିଗଡ଼ସ୍ଥିତ ତାଙ୍କ ବାସଭବନରେ ଆଇସୋଲେଶନରେ ରହି ଆସୁଥିଲେ। ସେ ଦୁର୍ବଳ ଅନୁଭବ କରିବା ସହ ଖାଦ୍ୟ ଗ୍ରହଣ ନ କରିବାରୁ ତାଙ୍କୁ ମୋହଲିସ୍ଥିତ ଫୋର୍ଟିସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନେ କହିଛନ୍ତି। ମିଲ୍‌ଖା କିଛି ଦିନ ପୂର୍ବରୁ କହିଥିଲେ, ତାଙ୍କ ଘରେ କାର୍ଯ୍ୟ କରୁଥିବା ଦୁଇଜଣ ସହକାରୀ କରୋନା ସଂକ୍ରମିତ ଜଣାପଡ଼ିବା ପରେ ପରିବାରର ସମସ୍ତ ସଦସ୍ୟଙ୍କର କୋଭିଡ୍ ଟେଷ୍ଟ କରାଯାଇଥିଲା। କିନ୍ତୁ ତାଙ୍କୁ ଛାଡ଼ି ତାଙ୍କ ସ୍ତ୍ରୀ ନିର୍ମଳ କୌର (ଭାରତର ପୂର୍ବତନ ଭଲିବଲ୍ ଅଧିନାୟିକା)ଙ୍କ ସମେତ ଅନ୍ୟ ସମସ୍ତଙ୍କ ଫଳାଫଳ ନେଗେଟିଭ ଆସିଥିଲା। ଏହା ତାଙ୍କୁ ବିସ୍ମିତ କରିଥିଲା। ପଞ୍ଜାବ ମୁଖ୍ୟମନ୍ତ୍ରୀ କ୍ୟାପଟେନ୍ ଅମରିନ୍ଦର ସିଂ 'ଫ୍ଲାଇଂ ଶିଖ' ମିଲ୍‌ଖା ସିଂଙ୍କ ଦ୍ରୁତ ଆରୋଗ୍ୟ କାମନା କରି ଟୁଇଟ୍ କରିଛନ୍ତି।

# ଘରୋଇ କ୍ରିକେଟରଙ୍କୁ ସହାୟତା ଯୋଜନା ଅଧୁରା

**ନୂଆଦିଲ୍ଲୀ, ୨୪।୫ (ପି.ଟି.)**


କୋଭିଡ୍-୧୯ ପାଇଁ ଗତବର୍ଷ ରଣଜୀଟ୍ରଫି ସେସନ ବାତିଲ ହୋଇଥିଲା। ଦେଶର ପ୍ରଥମଶ୍ରେଣୀ କ୍ରିକେଟରଙ୍କୁ ସହାୟତା ତଥା ଅନୁକମ୍ପାମୂଳକ ଅର୍ଥ ପ୍ରଦାନ କରିବାକୁ ବିସିସିଆଇ ତରଫରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ଇତିମଧ୍ୟରେ ଗୋଟିଏ ବର୍ଷ ଅତିବାହିତ ହୋଇଥିଲେ ମଧ୍ୟ ଖେଳାଳିମାନଙ୍କୁ ସହାୟତା ଦିଆଯାଇପାରିନାହିଁ। ରାଜ୍ୟ ଆସୋସିଏଶନଗୁଡିକ ଏପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ ଆବଶ୍ୟକ ଦସ୍ତାବିଜ୍ ଦେଇପାରି ନାହାନ୍ତି। ଫଳରେ ଘରୋଇ କ୍ରିକେଟରଙ୍କୁ ସହାୟତା ଦିଆଯାଇପାରି ନାହିଁ ବୋଲି ବିସିସିଆଇ କୋଷାଧ୍ୟକ୍ଷ ଅରୁଣ ଧୁମଲ ସୋମବାର କହିଛନ୍ତି।


ଟି୨୦ ବିଶ୍ୱକପ୍‌ରେ ଭାରତୀୟ ମହିଳା ଦଳ ରନର୍ସଅପ୍ ହୋଇଥିଲା। ବିସିସିଆଇ ଏପର୍ଯ୍ୟନ୍ତ ଏବାବଦରେ ୫୫୦,୦୦୦ ଆମେରିକୀୟ ଡଲାର ମହିଳା ଦଳକୁ ପ୍ରଦାନ କରିନାହିଁ। ଚଳିତ ସପ୍ତାହରେ ଏହି ଅର୍ଥ ପ୍ରଦାନ କରିବ ବୋଲି ବୋର୍ଡ କହିଛି। ରଣଜୀ ଟ୍ରଫି ଖେଳାଳିଙ୍କୁ ସହାୟତା ପ୍ରଦାନ ନେଇ ଆମେ ରାଜ୍ୟ ଆସୋସିଏଶନଗୁଡକ ସହିତ ଆଲୋଚନା କରିବୁ ବୋଲି ଧୁମଲ କହିଛନ୍ତି। କେଉଁ ଖେଳାଳି କୋଡେଟି ମ୍ୟାଚ୍ ଖେଳିଛନ୍ତି ଓ ରିଜର୍ଭ ରହିଛନ୍ତି ସେ ନେଇ ରାଜ୍ୟ ଆସୋସିଏଶନଗୁଡିକ ହିଁ କେବଳ ସୂଚନା ଦେଇପାରିବେ। କିନ୍ତୁ କୌଣସି ଆସୋସିଏଶନ ଏ ନେଇ କୌଣସି ସୂଚନା ଦେଇନାହାନ୍ତି।

ଏଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ୭୩ ଜଣ ନାବାଗତ ଖେଳାଳି ୮ଟି ଦଳରୁ ପ୍ରତିନିଧିତ୍ୱ କରିଥିଲେ। ଅନ୍ୟ ୭୦୦ ଖେଳାଳିଙ୍କର ଆଇପିଏଲ ଚୁକ୍ତି ହୋଇନାହିଁ। ତେଣୁ ଏହି ଖେଳାଳିମାନଙ୍କୁ ସହାୟତାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ରଣଜୀ ଟ୍ରଫି ଖେଳାଳିଙ୍କୁ ସହାୟତା ପ୍ରଦାନ କରିବା ପ୍ରକ୍ରିୟା ସେତେଟା ସହଜ ନୁହେଁ। ତେଣୁ ଏଥିପାଇଁ ଏକ ସରଳ ନିୟମର ଆବଶ୍ୟକତା ରହିଛି।

## ୟୁଏଇରେ ସିରିଜ ଖେଳିବ ଆଫଗାନିସ୍ତାନ

**କରାଚୀ, ୨୪।୫ (ପି.ଟି.):** ୟୁଏଇରେ ଚଳିତବର୍ଷ ଅଗଷ୍ଟ-ସେପ୍ଟେମ୍ବରରେ ପାକିସ୍ତାନ ବିପକ୍ଷରେ ଏକ ସୀମିତ ଓଭର କ୍ରିକେଟ ସିରିଜ ଖେଳିବା ଲାଗି ଆଫଗାନିସ୍ତାନ ଆଗ୍ରହ ପ୍ରକାଶ କରିଛି। ପାକିସ୍ତାନ ଓ ଆଫଗାନିସ୍ତାନ ଆଇସିସି ଓ ଏସିଆନ କ୍ରିକେଟ କାଉନ୍‌ସିଲ ଇଭେଣ୍ଟଗୁଡ଼ିକରେ ବାରମ୍ବାର ପରସ୍ପରକୁ ଭେଟିଛନ୍ତି। ଆଫଗାନିସ୍ତାନ ଅନେକଥର ଏ' ଦଳ ବିପକ୍ଷରେ ଖେଳିବା ଲାଗି ପାକିସ୍ତାନ ଗସ୍ତ କରିଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




୨୪.୦୫.୨୦୨୧
୧୨୧୭ ଟଙ୍କା

## ସଂକ୍ଷେପରେ

### ସ୍କୁଲ ଗୃହ ଚାବିକୁ ନେଇ ଗୋଷ୍ଠୀ ସଂଘର୍ଷ
#### ୬ ଆହତ,ପୋଲିସ ମୁତୟନ

ପିପିଲି,୨୪।୫(ସ୍ୱ.ପ୍ର.): ପିପିଲି ବ୍ଲକ ଅଞ୍ଚଳରେ ସୋମବାର ସ୍କୁଲ ଗୃହ ଚାବିକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୨ଜଣ ଗୁରୁତର ହୋଇଥିବା ବେଳେ ୬ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ଏମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସୂଚନା ମୁତାବକ, ଉଜାଣିପଡା ଓ ଅଠରଭଗା ଗ୍ରାମ ମଝିରେ ଏକ ସରକାରୀ ବିଦ୍ୟାଳୟ ରହିଛି। ଆଗକୁ ବାତ୍ୟା ଆଶଙ୍କା ଥିବାରୁ ଉଜାଣିପଡା ଗ୍ରାମର କେତେଜଣ ଲୋକ ସେମାନଙ୍କ ଧାନ ବସ୍ତା ସ୍କୁଲ ଘରେ ରଖିବା ପାଇଁ ସ୍କୁଲ ସଭାପତି ଅଠରଭଗା ଗ୍ରାମର ଗଗନ ବେହେରାଙ୍କୁ ଚାବି ମାଗିଥିଲେ। ଅନ୍ୟପଟେ ଅଠରଭଗା ଗ୍ରାମର କେତେଜଣ ଲୋକ ବାତ୍ୟା ସମୟରେ ଗରିବ ଲୋକମାନେ ଏହି ସ୍କୁଲରେ ଆଶ୍ରୟ ନେବେ ବୋଲି କହି ସ୍କୁଲ ଗୃହ ଚାବି ନ ଦେବାକୁ କହିଥିଲେ। ପରେ ଉଜାଣିପଡା ଲୋକେ ସେଠାରୁ ଫେରି ସ୍କୁଲ ଗୃହ ତାଲା ଭାଙ୍ଗି ଧାନ ଆଣି ରଖିଥିଲେ। ଏନେଇ ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ବଚସା ପରେ ସଂଘର୍ଷ ହୋଇଥିଲା। ଏଥିରେ ଅଠରଭଗା ଗ୍ରାମର କୃଷ୍ଣଚନ୍ଦ୍ର ବେହେରା ଓ ରାକେଶ ବେହେରା ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଗଣ୍ଡଗୋଳରେ ୬ରୁ ଊର୍ଦ୍ଧ୍ୱ ଲୋକେ ଆହତ ହୋଇଥିବା ଜଣାପଡିଛି। ଖବରପାଇ ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ ପହଞ୍ଚି ତଦନ୍ତ କରିଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ଗ୍ରାମରେ ପୋଲିସ ମୁତୟନ କରାଯାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

### କରୋନା ଆକ୍ରାନ୍ତ ଖବରଦାତାଙ୍କ ମୃତ୍ୟୁ

କୋଣାର୍କ,୨୪।୫(ଡି.ଏନ୍.ଏ.)- କୋଣାର୍କ ଅଞ୍ଚଳର ଜଣେ ଖବରଦାତା କରୋନା ଆକ୍ରାନ୍ତ ଥିବାବେଳେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ବଡ଼ ପୁଅ ଛାପା ଗଣମାଧ୍ୟମର କୋଣାର୍କ ଅଞ୍ଚଳର ପ୍ରତିନିଧି ଥିବା ସଂଗ୍ରାମ କେଶରୀ ମହାପାତ୍ରଙ୍କ ୪୨ବର୍ଷ ବୟସରେ ଅକାଳ ବିୟୋଗ ହୋଇଛି। ଏହି ଘଟଣା ପ୍ରଚାରିତ ହେବା ପରେ କୋଣାର୍କ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ସଂଗ୍ରାମ ଗତ ୧୨ତାରିଖରେ ଅସୁସ୍ଥତା ଅନୁଭବ କରିବାରୁ କୋଭିଡ୍ ପରୀକ୍ଷା କରିଥିଲେ। ରିପୋର୍ଟ ପଜିଟିଭ ଜଣାପଡିବା ପରେ ପ୍ରଥମେ ତାଙ୍କୁ କୋଣାର୍କ, ପୁରୀ ହସ୍ପିଟାଲ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୧୧ଦିନ ରହି ଚିକିତ୍ସିତ ହେଉଥିଲେ। ୨୩ତାରିଖ ରାତି ୧୨ଟାରେ ହସ୍ପିଟାଲରେ ସଂଗ୍ରାମଙ୍କ ପରଲୋକ ଘଟିଥିଲା। ଖବରପାଇ ପରିବାର ସଦସ୍ୟ ପହଞ୍ଚି ଶେଷ ଦର୍ଶନ କରିଥିଲେ। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ସଂଗ୍ରାମଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସଂଗ୍ରାମଙ୍କ ଅକାଳ ବିୟୋଗରେ ତାଙ୍କ ସ୍ତ୍ରୀ, ଝିଅ ଓ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡିଛନ୍ତି। କୋଣାର୍କ ସାମ୍ବାଦିକ ସଂଘ, କୋଣାର୍କ ପ୍ରେସ୍ କ୍ଲବ ଓ କୋଣାର୍କ ମିଡିଆ ଫୋରମ୍‌ର ସମସ୍ତ ସଦସ୍ୟ, ଉପଦେଷ୍ଟା ଓ କର୍ମକର୍ତ୍ତା ଗଭୀର ଶୋକ ପ୍ରକାଶ କରିଛନ୍ତି।

### ମା' ମଙ୍ଗଳା ଗାଁ ସାଥୀ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

କାକଟପୁର,୨୪।୫(ଡି.ଏନ୍.ଏ.)-କାକଟପୁରରେ ପ୍ରତି ଗ୍ରାମାଞ୍ଚଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକମାନଙ୍କୁ କାମ ଯୋଗାଇଦେବା ସହ ଠିକ୍ ପରିଚାଳନା ପାଇଁ ୨୦୦୮ ମସିହାରେ ପ୍ରତି ପଞ୍ଚାୟତରେ ଗାଁ ସାଥୀମାନଙ୍କୁ ଯୋଗ୍ୟତାଭିତ୍ତିରେ ନିଯୁକ୍ତି ଦିଆଯାଇଥିଲା। ହେଲେ ବର୍ତ୍ତମାନର ବିଭାଗୀୟ ପ୍ରଶାସନିକ ଅଧିକାରୀ ପର୍ଯ୍ୟାୟକ୍ରମେ ଲକ୍ଷ୍ୟ ପଥରୁ ଦୂରେଇ ଯାଇ ଜିଆର୍‌ଏସ୍‌ମାନଙ୍କ ମାଧ୍ୟମରେ ମଷ୍ଟରରୋଲ ବାହାର କରି ଗାଁ ସାଥୀମାନଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଫଳରେ ଶ୍ରମିକମାନେ କାମ ନ ପାଇ କରୋନା ସମୟରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଏହାକୁ ନେଇ କାକଟପୁରର ମା' ମଙ୍ଗଳା ଗାଁ ସାଥୀ ସଭାପତି ଉଲ୍ଲାସ ଚନ୍ଦ୍ର କାଣ୍ଡିଙ୍କ ନେତୃତ୍ୱରେ ୬ଦଫା ସମ୍ବଳିତ ଏକ ଦାବିପତ୍ର ବିଡିଓ ତୁଷାର ଜ୍ୟୋତି ରଞ୍ଜନଙ୍କୁ ପ୍ରଦାନ କରାଯାଇଛି।

# ଟିକା ନେଲେ, ସଂକ୍ରମଣ ବାଣ୍ଟିଲେ

■ବନ୍ଦ ହେଲା ସ୍ପଟ୍ ରେଜିଷ୍ଟ୍ରେଶନ୍
■ଅନ୍‌ଲାଇନ ରେଜିଷ୍ଟ୍ରେଶନ କରି ଟିକା ନେବେ

ପୁରୀ ଅଫିସ,୨୪।୫:

କୁଣ୍ଡେଇବେଣ୍ଟ ସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ କୋଭିଡ୍ ଟିକାକରଣ ଚାଲିଛି। ସ୍କୁଲ୍ ପରିସରଟି ଅତ୍ୟନ୍ତ ଛୋଟ ହୋଇଥିବା ଯୋଗୁ ଟିକାକରଣ ବେଳେ କୋଭିଡ୍ ଗାଇଡଲାଇନ୍ ଉଲ୍ଲଂଘନ ହୋଇଥିବା ଓ ୨ଶହରୁ ଊର୍ଦ୍ଧ୍ୱ ଲୋକେ କୋଭିଡ୍ କଟକଣା ନ ମାନି ଏକାଠି ଠିଆ ହୋଇଥିବା ଦେଖିବାକୁ ମିଳିଛି। ଫଳରେ ଲୋକେ ଟିକା ନେବାକୁ ଆସି ପରସ୍ପର ମଧ୍ୟରେ କରୋନା ବାଣ୍ଟିବା ଭଳି ପରିସ୍ଥିତି ପରିଲକ୍ଷିତ ହୋଇଥିଲା। ହେରାଗୋହିରୀ ସାହିର ସଂକୀର୍ଣ୍ଣ ଗଳିରେ ସ୍କୁଲଟି ରହିଥିବାରୁ ଏଠାରେ ଟିକାକରଣ ପାଇଁ ପର୍ଯ୍ୟାପ୍ତ ସ୍ଥାନ ନାହିଁ। ତେବେ ସୋମବାର ସକାଳୁ ଲୋକେ ଟିକା ନେବା ପାଇଁ ଆସିଥିବାବେଳେ ସଂଖ୍ୟା ବଢ଼ିଯିବାରୁ ଲାଇନଟି ରାସ୍ତା ବାହାରକୁ ମଧ୍ୟ ଚାଲିଯାଇଥିଲା। ସେହିଭଳି ଭୋଳାନାଥ ବିଦ୍ୟାପୀଠ ବାହାରେ ମଧ୍ୟ ଲୋକଙ୍କ ଅସମ୍ଭବ ଗହଳି ଦେଖିବାକୁ ମିଳିଛି। ଶହ ଶହ ଲୋକେ ଲାଇନ୍‌ରେ ଠିଆ ହୋଇ ଟିକା ପାଇଁ ଅପେକ୍ଷା କରିଥିବା ବେଳେ କାହା ମଧ୍ୟରେ ବି ସାମାଜିକ ଦୂରତ୍ୱ ରହି ନ ଥିଲା। ସେହିଭଳି ଆଇଟିଆଇ, ଗଦାଧର ସ୍କୁଲ୍ ଭଳି ଟିକାକରଣ କେନ୍ଦ୍ରରେ ମଧ୍ୟ କୋଭିଡ୍ ଗାଇଡ୍‌ଲାଇନ୍‌ର ଖୋଲାଖୋଲି ଉଲ୍ଲଂଘନ ହୋଇଥିବା ଦେଖିବାକୁ ମିଳିଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି, ପ୍ରଶାସନ ଟିକାକରଣକୁ ଏଭଳି ଅବ୍ୟବସ୍ଥିତ ଢଙ୍ଗରେ କରାଉଛି କାହିଁକି। ଏ ନେଇ ଟିକା ପାଇଁ ଯାଇଥିବା ଦେବାଶିଷ ପାଲଙ୍କ କହିବା ଅନୁଯାୟୀ, ସ୍ପଟ୍ ରେଜିଷ୍ଟ୍ରେଶନ ହିଁ ସବୁଠାରୁ ବଡ଼ ସମସ୍ୟା। ଲୋକଙ୍କୁ ପୂର୍ବରୁ ରେଜିଷ୍ଟ୍ରେଶନ ନ କରାଇ ଟିକାକରଣ କେନ୍ଦ୍ରକୁ ଡାକିଲେ ଅଧିକ ସଂଖ୍ୟକ ଲୋକେ ଏକକାଳୀନ ଭାବେ କେନ୍ଦ୍ରରେ ପହଞ୍ଚିବା ସ୍ୱାଭାବିକ କଥା। କରୋନା ସଂକ୍ରମଣ ସଂଖ୍ୟା ବଢୁଥିବାରୁ ସମସ୍ତେ ଟିକା ନେବାକୁ ଚାହୁଁଛନ୍ତି, ଏଣୁ ବିନା ରେଜିଷ୍ଟ୍ରେଶନରେ ଟିକା ନେବା ପାଇଁ କୁହାଯିବା ହେତୁ ଏଭଳି ଗହଳି ହେଲା। ଅନ୍ୟପକ୍ଷେ ଚାରିଆଡ଼େ ଟିକାକେନ୍ଦ୍ରରେ ଭିଡ଼ ରହିବାରୁ ଜିଲା ପ୍ରଶାସନ ସ୍ପଟ୍ ରେଜିଷ୍ଟ୍ରେଶନ୍ ବ୍ୟବସ୍ଥାକୁ ବନ୍ଦ କରିଛି। କୋୱିନ୍ ଆପ୍ ମାଧ୍ୟମରେ ରେଜିଷ୍ଟ୍ରେଶନ କରିଥିବା ୧୮ରୁ ୪୪ବର୍ଷୀୟ ବ୍ୟକ୍ତିଙ୍କୁ ହିଁ ଟିକା ଦିଆଯିବ। ଆପଏଣ୍ଟମେଣ୍ଟ ସ୍ଲିପ୍ ପାଇଥିବା ବ୍ୟକ୍ତିଙ୍କର ହିଁ ଟିକାକରଣ ହେବ। ବର୍ତ୍ତମାନ ସୁଦ୍ଧା ୫ହଜାର ୧ଶହ ବ୍ୟକ୍ତି ଟିକାକରଣ ପାଇଁ ଅନଲାଇନ୍ ରେଜିଷ୍ଟ୍ରେଶନ ସାରିଛନ୍ତି। ଟିକାକରଣ କେନ୍ଦ୍ରକୁ ଆସୁଥିବା ଲୋକେ ସାମାଜିକ ଦୂରତା ରକ୍ଷା କରିବା ସହ କୋଭିଡ୍ ଗାଇଡଲାଇନ୍ ମାନନ୍ତୁ ଓ ନିର୍ଦ୍ଧାରିତ ସମୟରେ ଟିକାକରଣ କେନ୍ଦ୍ରକୁ ଆସିବା ପାଇଁ ପ୍ରଶାସନ ପକ୍ଷରୁ ଅପିଲ୍ କରାଯାଇଛି। ମଙ୍ଗଳବାର ସ୍ପଟ୍ ରେଜିଷ୍ଟ୍ରେଶନ ହେବ ନାହିଁ। ସେହିଭଳି ବୁଧବାର ସମ୍ଭାବ୍ୟ ବାତ୍ୟା ଯୋଗୁ ଟିକାକରଣ ବନ୍ଦ ରହିବ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ଏ ନେଇ ପୁରୀ ପ୍ରଶାସନ ପକ୍ଷରୁ ଟୁଇଟ୍ କରି ମଧ୍ୟ ଜଣାଯାଇଛି।



ପୁରୀର ଏକ ଟିକାକରଣ କେନ୍ଦ୍ରରେ ଟିକା ନେବା ପାଇଁ ଲୋକଙ୍କ ଭିଡ ।

## କରୋନା ଆକ୍ରାନ୍ତ ମୃତଦେହକୁ ମିଳିଲାନି କାନ୍ଧ

**ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ପରେ ହେଲା ଶବଦାହ**

ଢ଼େଙ୍କାନାଳ,୨୪।୫(ଡି.ଏନ୍.ଏ.)

ଢେଙ୍କାନାଳ ବ୍ଲକରେ ଏକ ଅଭାବନୀୟ ଘଟଣା ସୋମବାର ଦେଖିବାକୁ ମିଳିଛି। କରୋନାରେ ଆକ୍ରାନ୍ତ ହୋଇ ଅକାଳ ବିୟୋଗ ଘଟିଥିବା ମୃତଦେହକୁ ମିଳିଲାନି ଜ୍ଞାତିକୁଟୁମ୍ବଙ୍କ କାନ୍ଧ। ଶେଷରେ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ, ତହସିଲଦାର ମହେନ୍ଦ୍ର ବଢେଇ, ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀଙ୍କ ହସ୍ତକ୍ଷେପ ପରେ ହେଲା ଶବଦାହ। ଘଟଣା ଅନୁଯାୟୀ, ବ୍ଲକର ଅଭୟମୁଖୀ ପଞ୍ଚାୟତ ଅନ୍ତର୍ଗତ ପାଣିଅଳା ଗ୍ରାମର କୋତରୀ ଜେନା(୮୦)। ଗତ ୫ ଦିନ ତଳେ କରୋନା ଆକ୍ରାନ୍ତ ଥିବାବେଳେ ସୋମବାର ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ଗ୍ରାମକୁ ମୃତଦେହ ଆସିବା ପରେ ଘର ଆଗରେ କିଛି ଘଣ୍ଟା ପଡିରହିଥିଲା। ପରିବାର ଲୋକେ ଓ ଗ୍ରାମର ଜ୍ଞାତିକୁଟୁମ୍ବ କରୋନା ଭୟରେ କେହି ବି ଶବଦାହ ପାଇଁ ବାହାରିଲେ ନାହିଁ। ଖବରପାଇ ବ୍ଲକ ଅଧ୍ୟକ୍ଷ ସାହୁ, ତହସିଲଦାର, ବିଡିଓ ଓ ସତ୍ୟବାଦୀ ଥାନାଧିକାରୀ ଗ୍ରାମରେ ପହଞ୍ଚିଥିଲେ। ଶବଦାହ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିବା ସହିତ ବ୍ଲକ ଅଧ୍ୟକ୍ଷ ଓ କୋଠାବାଡ ପଞ୍ଚାୟତର କେତେଜଣ ଯୁବକ ସତ୍ୟରଞ୍ଜନ ପ୍ରଧାନ, ଦେବବ୍ରତ ପ୍ରଧାନ, ସତ୍ୟବ୍ରତ ପ୍ରଧାନ, ରାକେଶ ରଞ୍ଜନ ପ୍ରଧାନ, ସଉରିଆ ପଞ୍ଚାୟତର ବବୁଲ କୋଦମାସିଂ, ଧାନକେରା ପଞ୍ଚାୟତର ସନ୍ଦୀପ ପ୍ରଧାନ ପ୍ରମୁଖ ମୃତଦେହକୁ କୋଭିଡ୍ ଆମ୍ବୁଲାନ୍ସରେ ଘରୁ ଆଣି ସ୍ଥାନୀୟ ଶ୍ମଶାନରେ ଶବଦାହ କରିଥିଲେ। ଅଧ୍ୟକ୍ଷ ଓ ପ୍ରଶାସନିକ ଅଧିକାରୀଙ୍କ ଏହି କାର୍ଯ୍ୟକୁ ଢ଼େଙ୍କାନାଳ ଅଞ୍ଚଳରେ ପ୍ରଶଂସା କରିବା ସହିତ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଆରପାରିରେ ପ୍ରବଚକ ଚାରଣ ରାମଦାସ


**କରୋନାରେ ଆକ୍ରାନ୍ତ ଥିଲେ**



ପୁରୀ ଅଫିସ,୨୪।୫:

ପ୍ରସିଦ୍ଧ ପ୍ରବଚକ ପଣ୍ଡିତ ଚାରଣ ରାମଦାସଙ୍କ ସୋମବାର ରାତିରେ ଦେହାନ୍ତ ହୋଇଛି। ସେ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ କିଛିଦିନ ତଳେ ଚିକିତ୍ସିତ ହେଉଥିଲେ। ସାମାନ୍ୟ ସୁସ୍ଥ ହେବା ପରେ ସେ ପୁରୀସ୍ଥିତ ରମାବଲ୍ଲଭ ରୋଡ୍‌ସ୍ଥିତ ନିଜ ବାସଭବନକୁ ଫେରି ହୋମ୍ ଆଇସୋଲେଶନରେ ଥିଲେ। ପରେ ପୁଣି ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ସ୍ଥାନୀୟ କୋଭିଡ୍ ହସ୍ପିଟାଲ ଆଇଡିଏଚ୍‌ର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେଇଥିଲା। ତେବେ ଚିକିତ୍ସା ଚାଲିଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ କୋଭିଡ୍ ହସ୍ପିଟାଲ୍ ଦାୟିତ୍ୱରେ ଥିବା ଡା. ଦେବଦୁର୍ଲଭ ନାୟକ ସନ୍ଧ୍ୟା ୬ଟା ୩୦ରେ ପରିବାର ଲୋକଙ୍କୁ ଜଣାଇବା ପରେ ମୃତ୍ୟୁ ଖବର ସ୍ପଷ୍ଟ ହୋଇଥିଲା।

ଉଲ୍ଲେଖଯୋଗ୍ୟ, ଚାରଣ ରାମଦାସ ପ୍ରବଚନ ପାଇଁ ଓଡ଼ିଶାର ଘରେ ଘରେ ପରିଚିତ ଥିଲେ। ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ପ୍ରଚାରକ ଭାବେ ତାଙ୍କର ବେଶ୍ ଖ୍ୟାତି ରହିଥିଲା। ପ୍ରବଚକ ଭାବେ ସେ ପୁରପଲ୍ଲୀ ବୁଲି ଜଗନ୍ନାଥ ପରମ୍ପରା ବର୍ଣ୍ଣନା କରିଛନ୍ତି। ସେ ୧୯୬୯ ମସିହା ମାର୍ଚ୍ଚ ୧୧ରେ ଜନ୍ମଗ୍ରହଣ କରିଥିଲେ। ମଙ୍ଗଳବାର ତାଙ୍କର ଶେଷକୃତ୍ୟ ହେବା ନେଇ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏ ନେଇ ଜଗନ୍ନାଥ ସଂସ୍କୃତିର ଗବେଷକ ସୂର୍ଯ୍ୟ ନାରାୟଣ ରଥଶର୍ମା କହିଛନ୍ତି ଯେ, ପିଲାବେଳୁ ତାଙ୍କ ସହ ଜଗନ୍ନାଥ ସଂସ୍କୃତିକୁ ନେଇ ଆଲୋଚନା କରିଛୁ। ଏଭଳି ଦୁଃଖଦ ଖବର ମୋତେ ମର୍ମାହତ କରିଛି। ଏହି କ୍ଷତି କେବେ ପୂରଣ ହୋଇ ପାରିବ ନାହିଁ।




ବାତ୍ୟା 'ୟାସ୍'ରେ ଭୟଭୀତ ନ ହୋଇ ସୁରକ୍ଷିତ ରହିବାର ବାର୍ତ୍ତା ନେଇ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ବାତ୍ୟା ୟାସ୍‌ର ପ୍ରଭାବ ପୁରୀରେ ଅନୁଭୂତ

ପୁରୀ ଅଫିସ, ୨୪।୫

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଆଣ୍ଡାମାନ ନିକଟରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ବାତ୍ୟା ୟାସ୍‌ରେ ପରିଣତ ହୋଇଛି। ତେବେ ୟାସ୍‌ର ପ୍ରଭାବ ସୋମବାର ପୁରୀରେ ଅନୁଭୂତ ହୋଇଛି। ଅପରାହ୍ଣରେ ପୁରୀରେ ବର୍ଷା ସାଙ୍ଗକୁ ପବନ ହୋଇଥିଲା। ଧୀରେ ଧୀରେ ପବନର ବେଗ ବଢ଼ିବା ସହ ବର୍ଷାର ପରିମାଣ ମଧ୍ୟ ବଢ଼ିବାରେ ଲାଗିଛି। ଯାହାକୁ ନେଇ ପୁରୀବାସୀଙ୍କ ମନରେ ଛନକା ଦେଖିବାକୁ ମିଳିଛି। ୨୦୧୯ ମେ'ରେ ଫନୀ ବାତ୍ୟା ପୁରୀରେ ଲ୍ୟାଣ୍ଡଫଲ୍ କରିଥିଲା ଯାହାର ତାଣ୍ଡବକୁ ପୁରୀବାସୀ ଏପର୍ଯ୍ୟନ୍ତ ଭୁଲିପାରି ନାହାନ୍ତି। ୟାସ୍‌ର ପ୍ରଭାବ ପୁରୀ ଜିଲାରେ ପଡ଼ିବା ନେଇ ଜିଲା ପ୍ରଶାସନ ପକ୍ଷରୁ ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ପୁରୀ ଜିଲା ଉପକୂଳ ଅଞ୍ଚଳର ଚାଳଘରେ ଓ ସମୁଦ୍ର କୂଳରେ ରହୁଥିବା ଲୋକଙ୍କୁ ସ୍ଥାନାନ୍ତର କରାଯିବ। ସମୁଦ୍ରରେ ଡଙ୍ଗା ଚଳାଚଳ ସହ ମାଛ ମାରିବା ଉପରେ କଟକଣା ଲଗାଯାଇଛି। ସେହିପରି ଗର୍ଭବତୀଙ୍କୁ ନିକଟସ୍ଥ ପ୍ରସବ କେନ୍ଦ୍ରକୁ ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

## ସିପିଆଇଏମ୍ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ ଅଫିସ, ୨୪।୫

ମହାମାରୀ କୋଭିଡ୍‌ର ଠିକ୍ ପରିଚାଳନା ଓ ପ୍ରତ୍ୟେକ ବର୍ଗର ଲୋକଙ୍କୁ ସହାୟତା ପ୍ରଦାନ ଦାବି କରି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମାର୍କ୍ସବାଦୀ (ସିପିଆଇଏମ୍) ପୁରୀ ଜିଲା ଶାଖା ପକ୍ଷରୁ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସିପିଆଇଏମ୍ ନେତା ଶରତ କୁମାର ରାୟଗୁରୁ ଅଭିଯୋଗ କରିଥିଲେ କି, କରୋନାର ଦ୍ୱିତୀୟ ଲହର ଦେଶ ତଥା ରାଜ୍ୟକୁ କବଳିତ କରି ରଖିଛି। ସ୍ୱାସ୍ଥ୍ୟସେବା ସହ ଆର୍ଥିକ ସମସ୍ୟା ବିଗିଡ଼ି ଯାଇଛି। ଟିକା ଯୋଗାଣ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବ୍ୟର୍ଥତା ଓ ଅନ୍‌ଲାଇନ୍ ପଞ୍ଜୀକରଣ ଯୋଗୁ ଅଧିକାଂଶ ଲୋକ ଟିକା ନେବାରୁ ବଞ୍ଚିତ ହେଉଛନ୍ତି। ସେହପରି ଦିନମଜୁରିଆମାନେ ଲକ୍‌ଡାଉନ ଏବଂ ଶଟ୍‌ଡାଉନ ଯୋଗୁ ଘୋର ଅସୁବିଧାରେ ଥିବାବେଳେ ଏବେ ପୁଣି ନିତ୍ୟବ୍ୟବହାର୍ଯ୍ୟ ଜିନିଷର ମୂଲ୍ୟ ବୃଦ୍ଧି ପାଉଥିବାରୁ ସେମାନଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଦେଇଛି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ କେବଳ ଲକ୍‌ଡାଉନ କରୋନାକୁ ରୋକିବାରେ ଏକମାତ୍ର ମାଧ୍ୟମ ନୁହେଁ। ସରକାର ସଂକ୍ରମଣ ସ୍ଥାନରେ ଟ୍ରେସିଂ ଓ ଟେଷ୍ଟିଂ ସହ ଟ୍ରିଟ୍‌ମେଣ୍ଟ ପାଇଁ ଅଧିକ ସଙ୍ଗରୋଧ କେନ୍ଦ୍ର କରାଯାଉ। କୋଭିଡ୍‌ଜନିତ କଟକଣା ସରକାରୀ ଚିକିତ୍ସାଳୟ ସହ ଘରୋଇ ମେଡିକାଲ୍‌ରେ ମାଗଣା ଚିକିତ୍ସା କରାଯାଉ ଓ କରୋନା ଚିକିତ୍ସା ସହ ଅନ୍ୟ ରୋଗର ଚିକିତ୍ସା ପାଇଁ ଡାକ୍ତର ନିଯୁକ୍ତି ଦିଆଯାଉ। କରୋନା ଚିକିତ୍ସାଜନିତ ସମସ୍ତ ତଥ୍ୟ ସିସିଟିଭି ମାଧ୍ୟମରେ ରୋଗୀର ସମ୍ପର୍କୀୟଙ୍କୁ ଅବଗତ କରାଯାଉ ଟିକାକରଣ ପାଇଁ ଅଧିକ ଟିକାକରଣ କେନ୍ଦ୍ର ଖୋଲାଯାଉ। ଦିନମଜୁରିଆ, ଖଟିଖିଆ ଏବଂ ଆୟକର ଦେଉ ଥିବା ଗରିବ ଲୋକଙ୍କୁ ୬ ମାସ ପର୍ଯ୍ୟନ୍ତ ମାସିକ ୭୫୦୦ ଟଙ୍କା ପ୍ରଦାନ କରାଯାଉ। ଗରିବ ଲୋକଙ୍କୁ ରାଶନ କାର୍ଡ ପ୍ରଦାନ କରାଯାଉ। କୋଭିଡ୍ ରୋଗୀଙ୍କ ସେବା କରୁଥିବା ଠିକା କର୍ମଚାରୀଙ୍କୁ କରୋନା ଯୋଦ୍ଧା ଘୋଷଣା କରାଯାଉ ଏବଂ ଲକ୍‌ଡାଉନ ସମୟରେ ବିଦ୍ୟୁତ୍ ବିଲ୍, ଜଳକର ଓ ବ୍ୟାଙ୍କ ଋଣର ସୁଧ ଛାଡ଼ କରିବା ପାଇଁ ସିପିଆଇଏମ୍ ପକ୍ଷରୁ ଦାବି କରାଯିବା ସହ ଜିଲାପାଳ ସମର୍ଥ ବର୍ମାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ସିପିଆଇଏମ୍ ନେତା ଶରତ ରାୟଗୁରୁ, ଜଗନ୍ନାଥ ଦେଓ ଏବଂ ଚୁନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ବୈଦ୍ୟୁତିକ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

(୧) ଇ-ଟେଣ୍ଡର ନଂ.: ଏସ୍ଆର୍. ଡିଇଇ-ଜି-ଆର୍-ଓଟିପି-୨୧-୨୨-୦୨, ତାରିଖ: ୨୧।୦୫।୨୦୨୧। କାର୍ଯ୍ୟ: (୧) ଡବ୍ଲ୍ୟୁଆର୍ଏସ୍ କଲୋନୀ, ଡିଆର୍ଏମ୍ କମ୍ପ୍ଲେକ୍ସ ପରିପାର୍ଶ୍ୱରେ ପଥପ୍ରାନ୍ତ ଆଲୋକର ଉନ୍ନତୀକରଣ, କାପା ସାଇଡିଂଠାରେ ଏଲ୍ଇଡି ଫିଟିଂ ସହିତ ହାଇମାଷ୍ଟ ଲୁମିନାରିକୁ ବଦଳାଇବା । (୨) ରେଲ୍‌ୱେ ହସ୍ପିଟାଲ ବିଏମ୍‌ୱାଇ ଏବଂ ଡିଭିଜନାଲ ରେଲ୍‌ୱେ ହସ୍ପିଟାଲ/ରାୟପୁରର ନବୀକରଣ, (୩) ରାୟପୁର ଷ୍ଟେଶନ ଶେଲ୍ଟରଠାରେ ବସ୍ ବାର୍‌କୁ ବଦଳାଇବା, (୪) ରାୟପୁର ଡିଭିଜନର ଏଲ୍ସି ନଂ. ଡିଡି-୧୫ (ଏମ୍ଏକ୍ସଏ-ଆର୍ଏସ୍ଏ ସେକ୍ସନ), ଏଲ୍ସି ନଂ. ଡିଡି-୪୮ (ଏଲ୍‌ବିଓ-ବିଏକ୍ସଏ ସେକ୍ସନ) ଏବଂ ଆରଭି-୧୩ (ଆର୍-ଏମ୍ଏନ୍ଡିଏଚ୍ ସେକ୍ସନ୍)ଠାରେ ୨୦୦୦୦ରୁ ଅଧିକ ଟିଭିୟୁଧାରୀ ଏଲ୍ସି ଗେଟ୍ (୦୩ ଗୋଟି)ର ଇଣ୍ଟରଲକିଂ । ଟେଣ୍ଡର ମୂଲ୍ୟ: ₹୩୦,୩୫,୯୦୦.୦୦ । ଅମାନତ ଜମା ରାଶି: ଶୂନ୍ୟ । ଟେଣ୍ଡର ଦାଖଲ: ତା୨୩।୦୬।୨୦୨୧ରିଖ ୧୧.୪୫ ଘଟିକା ପର୍ଯ୍ୟନ୍ତ ।

ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର୍ (ଜି)/ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ରାୟପୁରଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ରଦ୍ଦ କରିଦିଆଯିବ ।

ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ ରାୟପୁର ।
PR/R/Sr.DEE(G)/IP/22
South East Central Railway @secrail

**ପୂର୍ବ ତଟ ରେଳପଥ**
**ବୈଦ୍ୟୁତିକ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCON-BBS-T-331E, ତା.19.05.2021ରିଖ

**କାର୍ଯ୍ୟର ନାମ:** ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ପ୍ରକଳ୍ପ ମଧ୍ୟରେ ନୂଆ ଲାଇନ୍ ସମ୍ବନ୍ଧୀୟ ସୋନପୁର ଠାରୁ ବୌଦ୍ଧ ରେଳ ଷ୍ଟେସନ ମଧ୍ୟରେ ବିଦ୍ୟୁତ୍ ଲାଇନ୍ କ୍ରସିଙ୍ଗ୍ (33KV/11KV/LT) ଗୁଡ଼ିକର ରୂପାନ୍ତରଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 567.58 ଲକ୍ଷ,
କାର୍ଯ୍ୟ ଶେଷ ହେବା ଅବଧି : 12 ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.21.06.2021 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଯେଉଁଠି ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C/G ଏବଂ G1 ର ଦାଖଲ, ଟେଣ୍ଡର ନଥିପତ୍ର ଉପରେ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ବିଦ୍ୟୁତ ଯନ୍ତ୍ରୀ/ନିର୍ମାଣ-II/ ଭୁବନେଶ୍ୱର
PR-15/CE/21-22

**ରଥଖଳାରୁ**

## ଯନ୍ତାପଟାରେ ବିନ୍ଧ ପାଇଁ ଖୋଳା ଆରମ୍ଭ

ପୁରୀ ଅଫିସ, ୨୪।୫

ବଡ଼ଦାଣ୍ଡସ୍ଥିତ ଅସ୍ଥାୟୀ ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ତିନି ରଥର ୪୨ଡୁମ୍ବର ପ୍ରାରମ୍ଭିକ ଗୋଲେଇ କାର୍ଯ୍ୟ ସରି ସୁତାବାଡ଼ିଆ ପରେ ବିନ୍ଧ କାର୍ଯ୍ୟ ଜାରି ରହିଛି। ତେବେ ରବିବାର ତାଳଧ୍ୱଜ ରଥର ୨ଟି, ଦେବଦଳନ ରଥର ୫ଟି ଏବଂ ନନ୍ଦିଘୋଷ ରଥର ୩ଟି ଡୁମ୍ବର ବିନ୍ଧ କାର୍ଯ୍ୟ ସରିବା ସହ ଯନ୍ତାପଟା ମାପ ହୋଇ ବିନ୍ଧ ପାଇଁ ଦାଗ ପଡ଼ିଥିଲା। ସୋମବାର ଯନ୍ତାପଟାରେ ବିନ୍ଧ ପାଇଁ ଅନୁକୂଳ ପୂଜା ସହ ବିନ୍ଧଖୋଳା ଆରମ୍ଭ ହୋଇଛି। ବର୍ଷା ଯୋଗୁ ଅପରାହ୍ଣ ୨ଟାରୁ ରଥଖଳାରେ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ତାଳଧ୍ୱଜ ରଥର ୫ଟି ଡୁମ୍ବର ବିନ୍ଧ କାର୍ଯ୍ୟ ଜାରି ରହିଛି। ଏଥିସହ ଯନ୍ତାପଟାରେ ଫିଟିଂ ପାଇଁ ଯନ୍ତାକିଳା ୬ଟି ନିର୍ମାଣ ହୋଇଛି। ଦେବଦଳନ ରଥର ଏକ ସଙ୍ଗରେ ୧୨ଟି ଡୁମ୍ବର ବିନ୍ଧ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ରବିବାର ୫ଟି ଡୁମ୍ବର ଷୋହଳ ଯୋଡ଼ା ଲେଖାଏ ବିନ୍ଧ ଖୋଳା କାର୍ଯ୍ୟ ଶେଷ ହୋଇଥିଲା। ସୋମବାର ଅପରାହ୍ଣ ୨ଟା ସୁଦ୍ଧା ଆଉ ୩ଟି ଡୁମ୍ବର ବିନ୍ଧ କାର୍ଯ୍ୟ ଶେଷ ହୋଇ ମୋଟ ୮ଟି ଡୁମ୍ବର ବିନ୍ଧ କାର୍ଯ୍ୟ ଶେଷ ହୋଇଛି। ନନ୍ଦିଘୋଷ ରଥର ୧୬ ଡୁମ୍ବ ମଧ୍ୟରୁ ୪ଟିର ବିନ୍ଧ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଯନ୍ତାପଟା ପୂଜା ଅନୁକୂଳ ହୋଇ ଗୋଟିଏ ଯନ୍ତାପଟାରେ ବିନ୍ଧ ଖୋଳେଇ ହୋଇଛି। ଦୋଳ ବେଦିସ୍ଥିତ ଅସ୍ଥାୟୀ କମାର ଶାଳରେ ତିନି ରଥ ଡୁମ୍ବ ପାଇଁ ୬ହଳ ଲେଖାଏ ପଂଦାରୀ ନିର୍ମାଣ ସରିଥିବା ବେଳେ ଉକ୍ତ ପଂଦାରୀଗୁଡିକର ବୋଳା ବା ମଠାକାର୍ଯ୍ୟ ଶେଷ ହୋଇଛି। ଉକ୍ତ ପଂଦାରୀ ନିର୍ମାଣ ପରେ ବୋଳା କାର୍ଯ୍ୟ ପାଇଁ ହଳେ ପଂଦାରୀଙ୍କୁ ଏକ ଘଣ୍ଟାରୁ ଅଧିକ ସମୟ ଲାଗିଥାଏ। ଏଥିସହ ୨ଟି ଚକ ପାଇଁ ଆବଶ୍ୟକ ଅରକଣ୍ଟା ୬୦ଟି ଲେଖାଏ ପ୍ରସ୍ତୁତ ହୋଇରହିଛି। ରଥଖଳାରେ ସମୁଦାୟ ୧୧୯ ଜଣ ସେବାୟତ ନିୟୋଜିତ ରହିଛନ୍ତି। ତେବେ ପ୍ରଶାସନର ପୂର୍ବ ନିଷ୍ପତ୍ତି ଅନୁଯାୟୀ ରଥ ନିର୍ମାଣ ପୂର୍ବରୁ ସମସ୍ତ କାରିଗର ଏବଂ ସେବକମାନଙ୍କର ଥର୍ମାଲ ସ୍କ୍ରିନିଂ କରାଯାଇଥିଲା।



## ବାତ୍ୟା ପାଇଁ ରଥଖଳା କାମ ସ୍ଥଗିତ

ପୁରୀ ଅଫିସ,୨୪।୫:

ବାତ୍ୟା ୟାସ୍‌କୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ଅଧିକାରୀଙ୍କ ସହ ଭର୍ଚୁଆଲ ମାଧ୍ୟମରେ ପ୍ରସ୍ତୁତି ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ନିଷ୍ପତ୍ତି ହୋଇଛି ଯେ, ମଙ୍ଗଳବାର ଗୁଜ ଅନୁକୂଳ ନୀତି ପରେ ରଥଖଳା କାର୍ଯ୍ୟ ସ୍ଥଗିତ ରହିବ। ରଥଖଳା ଅଞ୍ଚଳରେ ଏକ ଉତ୍ସର୍ଗୀକୃତ ଦଳ ନିୟୋଜିତ ହେବେ। ନୀଳାଚଳ ଭକ୍ତ ନିବାସ କୋଭିଡ୍ କେୟାର ସେଣ୍ଟରରେ ପର୍ଯ୍ୟାପ୍ତ ପରିମାଣର ପାୱାର ବେକ୍ ଅପ୍ ବ୍ୟବସ୍ଥା ନିଶ୍ଚିତ କରାଯିବ। ପର୍ଯ୍ୟାପ୍ତ ପରିମାଣର ସିଲିଣ୍ଡର ମଧ୍ୟ ରଖାଯିବ। ଶ୍ରୀମନ୍ଦିରରେ ସମସ୍ତ ନୀତିକାନ୍ତି ପୂର୍ବବତ୍ ଚାଲୁ ରହିବ। ବାତ୍ୟା ସମୟରେ ଚାପଗୁଡ଼ିକର ସୁରକ୍ଷା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରାଯିବ। ଶ୍ରୀମନ୍ଦିରରେ ସ୍କାଫୋଲ୍ଡିଂକୁ କମ୍ କରିବା ପାଇଁ ପ୍ରତ୍ନତତ୍ତ୍ୱ ବିଭାଗକୁ ଅନୁରୋଧ କରାଯିବ। ଏଲ୍ଇଡି ସ୍କ୍ରିନଗୁଡ଼ିକୁ ବାହାର କରାଯାଇ ସୁରକ୍ଷିତ ରଖାଯିବ। ହାଇମାଷ୍ଟ ଲାଇଟ୍‌କୁ ହ୍ରାସ କରାଯିବ। ଆବଶ୍ୟକତା ଅନୁଯାୟୀ, ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ କରିବାକୁ ସେସୁ, ପୌରପାଳିକା, ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀଙ୍କୁ ନେଇ ଏକ ମିଳିତ ଟିମ୍ ଗଠନ କରାଯିବ। ବାତ୍ୟା ସମୟରେ ଅନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ଜିଲା ପ୍ରଶାସନ ଶ୍ରୀମନ୍ଦିର ପ୍ରଶାସନକୁ ଆଶ୍ୱସ୍ତ କରିଛି।

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019
File Ref No: AIIMS/BBSR/EE (AC&R)/58/2021/26 Dated: 24th May 2021
**NOTICE INVITING E-TENDER**
The All India Institute of Medical Sciences (AIIMS), Bhubaneswar invites e-Tender for **"Comprehensive Maintenance Contract of Split Type Air Conditioners AIIMS Bhubaneswar"**. Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website www.aiimsbhubaneswar.nic.in.
Sd/-
Executive Engineer (AC&R)
AIIMS, Bhubaneswar

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିଃ.**
ଉପ-ସାଧାରଣ ପରିଚାଳକ (ବିଦ୍ୟୁତ୍)ଙ୍କ କାର୍ଯ୍ୟାଳୟ,
ଅତ୍ୟୁଚ୍ଚ ଶକ୍ତି ପରିବହନ (ନିର୍ମାଣ) ବିଭାଗ, କଟକ
**(ଘୋଷଣା)**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍‌ର ଯୋଜନା ଅନୁଯାୟୀ, ୧୩୨/୩୩ କେଭି ପଟ୍ଟାମୁଣ୍ଡାଇ ଗ୍ରୀଡ୍ ସବ୍‌ଷ୍ଟେସନଠାରୁ ବାହାରି ପ୍ରସ୍ତାବିତ ୧୩୨/୩୩ କେଭି ରାଜନଗର (କୁନ୍ଦୁପୁର) ଗ୍ରୀଡ ସବ୍‌ଷ୍ଟେସନ ପର୍ଯ୍ୟନ୍ତ ନିର୍ମାଣାଧୀନ ୧୩୨ କେଭି ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ଡି.ସି. ଲାଇନର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି। ଉକ୍ତ ନୂତନ ଲାଇନ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ତହସିଲ ଅଧୀନ ବେଲତଳ, ଆଡ଼ଖଣ୍ଡ, ପାଛାପଡ଼ା, ଆଇନିପଡ଼ା, ନରସିଂହପୁର, ଅମ୍ବର, ନାଳଧଳିଆ, ସିମିଳିଆ, ନାଳଧଳିଆ, ବାଲିପଡ଼ା, ଓସାଂଗର, ଜିଗରଣ, ତାଳପଦା, ମିଞ୍ଝାଣି, କାଠିଆପଡ଼ା, ରାମଚନ୍ଦ୍ରପୁର, ମୁଲୁଗାଇ ପ୍ରଭୃତି ଗ୍ରାମ ପାର୍ଶ୍ୱ ଦେଇ ଯାଇଅଛି। ଉକ୍ତ ଲାଇନରେ ଆସନ୍ତା ତା୨୫।୦୫।୨୦୨୧ରିଖଠାରୁ ଯେ କୌଣସି ମୁହୂର୍ତ୍ତରେ ୧୩୨୦୦୦ ଭୋଲ୍ଟ ବିଦ୍ୟୁତ୍ ପ୍ରବାହିତ ହେବାର ସମ୍ଭାବନା ଅଛି।
ଏହି ବିଜ୍ଞାପନ ମାଧ୍ୟମରେ ସର୍ବସାଧାରଣଙ୍କୁ ଅବଗତ ଓ ସତର୍କ କରାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବୈଦ୍ୟୁତିକ ଆଇନର ଧାରା ୭୯, ୮୦ ଓ ୮୨(କ) ଏବଂ ୧୪୦ ଧାରା ଅନୁଯାୟୀ ଉପରୋକ୍ତ ଲାଇନ ତଳେ ଘର ତିଆରି କରିବା, ଗଛ ଲଗାଇବା, ଉଚ୍ଚ ଧାତୁ ତଥା ଦ୍ରବ୍ୟ ପୋତିବା, ଉଚ୍ଚ ଖମ୍ବ ଧରି ଯାତାୟାତ କରିବା କିମ୍ବା ବିଦ୍ୟୁତ୍ ଟାୱାରରେ ଗୋରୁ ଗାଈ ମହିଷାଦି ଗୃହପାଳିତ ପଶୁ ବାନ୍ଧିବା ବିପଜ୍ଜନକ ଏବଂ ଦଣ୍ଡନୀୟ ଅପରାଧ ଅଟେ।
ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ। ଯଦି ଏଥିରେ ବ୍ୟତିକ୍ରମ ହେତୁ କାହାର କିଛି ଅଘଟଣ ହୁଏ, ସେଥିପାଇଁ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ ଉତ୍ତରଦାୟୀ ହେବେ ନାହିଁ।

ସ୍ୱା./- (ଅଶୋକ କୁମାର ମହାନ୍ତି)
ଉପ-ସାଧାରଣ ପରିଚାଳକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ପରିବହନ (ନିର୍ମାଣ) ବିଭାଗ, କଟକ

## ଦୁର୍ଘଟଣା ଏଡ଼ାଇବା ପାଇଁ ସଚେତନତା ବାର୍ତ୍ତା

କଟକ ଅଫିସ,୨୪।୫: ବିଶ୍ୱରେ ପ୍ରତିଦିନ ଯେତିକି ଲୋକ ପ୍ରାଣ ହରାଉଛନ୍ତି ସେଥିମଧ୍ୟରୁ ସଡ଼କ ଦୁର୍ଘଟଣାରେ ହାର ସର୍ବାଧିକ। ମିଳିତ ଜାତିସଂଘ ପକ୍ଷରୁ ବିଶ୍ୱବ୍ୟାପୀ ୨୦୦୭ରୁ ସଡ଼କ ସୁରକ୍ଷା ଦିବସ ପାଳନ ହୋଇଆସୁଥିବାବେଳେ ଚଳିତବର୍ଷ ମେ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ହୋଇଥିଲା। ସାମାଜିକ ସଙ୍ଗଠନ କମନ ଆକ୍ସନ ଫର ରୋଡ ସେଫ୍ଟିର ଚେୟାରମ୍ୟାନ ସୁଜିତ୍ ସେନାପତିଙ୍କ ନେତୃତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଏଡିଏମ୍ ପୂର୍ଣ୍ଣଚନ୍ଦ୍ର ମିଶ୍ର ଏବଂ ଉପଜିଲାପାଳ ରାଜଲକ୍ଷ୍ମୀ ଓଝା ଉପସ୍ଥିତ ରହି ସଡ଼କ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ।

# ମୁଙ୍ଗେରରୁ ବନ୍ଧୁକ ଆଣି ବିକୁଥିଲେ

## ୫ ବନ୍ଧୁକ ଜବତ, ୪ ଗିରଫ



ଜବତ ବନ୍ଧୁକ ଓ ଗୁଳି।

କଟକ ଅଫିସ,୨୪।୫

ଚାଉଳିଆଗଞ୍ଜ ପୋଲିସ ଜଣେ ବନ୍ଧୁକ ବ୍ୟବସାୟୀ ଓ ତାଙ୍କ ୩ ଜଣ ସହଯୋଗୀଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗତସିଂହପୁର ଜିଲା ସିଂହପୁର ଜାନକୀ ବଲ୍ଲଭ ମହାରଣା, ଅମ୍ବିକା ପ୍ରସାଦ ସ୍ୱାଇଁ, କାଦୁଅପଡାର ରାକେଶ କୁମାର ମଲ୍ଲିକ ଓ ଚନ୍ଦନ ମହାନ୍ତି। ସେମାନଙ୍କ ନିକଟରୁ କାର, ୫ ବନ୍ଧୁକ, ୨୮ ଗୁଳି ଓ ୪ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଡିସିପି ପ୍ରତୀକ୍ ସିଂଙ୍କ ସୂଚନା ଅନୁଯାୟୀ, ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ବିଡ଼ିବାଟୀ ତାରିଣୀ ମନ୍ଦିର ନିକଟରେ ରବିବାର କେତେଜଣ ଯୁବକ ବନ୍ଧୁକ କିଣିବା ପାଇଁ ମୂଲଚାଲ କରୁଥିଲେ। ଖବରପାଇ ଚାଉଳିଆଗଞ୍ଜ ପୋଲିସର ଏକ ଟିମ୍ ସେଠାରେ ଚଢ଼ାଉ କରି ଜାନକୀଙ୍କ ସମେତ ୪ଜଣଙ୍କୁ ଗିରଫ କରିଥିଲା। ହେଲେ ଘଟଣାସ୍ଥଳରୁ ୩ ଜଣ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ପଚରା ଉଚରା କରିବା ପରେ ବଡ଼ଧରଣର ବନ୍ଧୁକ କାରବାର ସମ୍ପର୍କରେ ଜଣାପଡ଼ିଥିଲା। ଜାନକୀ ପୂର୍ବରୁ ବନ୍ଧୁକ କାରବାର ଘଟଣାରେ ଗିରଫ ହୋଇଥିଲେ। ଏପରି କି ସେ ୨୦୧୬ରେ ଜଗତସିଂହପୁର କୋର୍ଟ ପରିସରରୁ ଫେରାର ହୋଇଯାଇଥିଲେ। ଏହାପରଠାରୁ ପୋଲିସ ତାଙ୍କୁ ଗିରଫ କରିବାରେ ବିଫଳ ହୋଇଥିଲା। ସେ ବିହାର ମୁଙ୍ଗେରରୁ ବନ୍ଧୁକ ଆଣି କେତେକ ଗ୍ୟାଙ୍ଗର ସଦସ୍ୟଙ୍କୁ ବିକ୍ରି କରୁଥିଲେ। ଏପରି କି ସେ କିଛି ମାସ ହେବ ଭୁବନେଶ୍ୱରରେ ରହି ବନ୍ଧୁକ କାରବାର କରୁଥିଲେ। ଜଗତସିଂହପୁରରେ ଅପରାଧ ଘଟାଇବା ଓ ବାଲି ମାଫିଆଙ୍କୁ ଅଧିକ ସକ୍ରିୟ କରିବା ଲାଗି ଉଦ୍ୟମ ଚଳାଉଥିଲେ। ସେ କେତେଜଣ ସହଯୋଗୀଙ୍କ ଜରିଆରେ ବନ୍ଧୁକ ବିକ୍ରି କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିବା ଜଣାପଡ଼ିଥିଲା।

# ୧୦ କେନ୍ଦ୍ରରେ ୪ ହଜାର ଲୋକଙ୍କୁ ଟିକାକରଣ

କଟକ ଅଫିସ,୨୪।୫

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସୋମବାର ସହରର ୧୧ଟି ଟିକାକରଣ କେନ୍ଦ୍ରରେ ଲୋକଙ୍କୁ ଟିକା ଦେବା ପାଇଁ ବ୍ୟବସ୍ଥା କରାଯାଇଥିଲା। ସେଥିମଧ୍ୟରୁ ୧୦ଟି କେନ୍ଦ୍ରରେ ୪୦୦୦ ଲୋକ ଟିକା ନେଇଥିବା ଜଣାପଡ଼ିଛି। ପ୍ରତ୍ୟେକ ଟିକାକରଣ କେନ୍ଦ୍ରରେ ୪୦୦ ଜଣଙ୍କୁ ଟୋକନ ମାଧ୍ୟମରେ ଟିକା ପ୍ରଦାନ ବ୍ୟବସ୍ଥା କରାଯାଇଥିଲା। କିଛି କେନ୍ଦ୍ରରେ ଲୋକେ ଠେଲାଠେଲି ହୋଇ ଠିଆ ହୋଇଥିବା ଦେଖାଯାଇଥିଲା। କିଛି କେନ୍ଦ୍ରରେ ଧାର୍ଯ୍ୟ ସମୟର ବହୁ ପରେ ଟିକାକରଣ ଆରମ୍ଭ ହୋଇଥିଲା। ଏ ପ୍ରକାର ଅବ୍ୟବସ୍ଥାକୁ ନେଇ ସିଏମ୍‌ସି ଡେପୁଟି କମିଶନର ସୁମିତ୍ରା ସରକାର କହିଥିଲେ, ଟିକାକରଣର ପ୍ରଥମ ଦିନ ହୋଇଥିବାରୁ ସାମାନ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପରେ ସବୁ ଠିକ୍ ହୋଇଯାଇଥିଲା ଓ କୌଣସି ଲୋକଙ୍କୁ ଫେରିବାକୁ ପଡି ନ ଥିଲା। ଅନ୍ୟପକ୍ଷରେ ଟିକା ପାଇଁ ବହୁ ଲୋକ ଅନଲାଇନ୍‌ରେ ରେଜିଷ୍ଟ୍ରେସନ କରିବା ଜାଣି ନ ଥିବାବେଳେ ଆଉ କେତେଜଣ ଲୋକ ରେଜିଷ୍ଟ୍ରେସନ କରିବାରେ ସକ୍ଷମ ହୋଇ ନ ଥିଲେ। ଏହି କେନ୍ଦ୍ରଗୁଡ଼ିକରେ ଟିକାକରଣ କାର୍ଯ୍ୟକ୍ରମ ଆଗାମୀ ଦିନରେ ଜାରି ରହିବ। ୨୧ ନଂ. ୱାର୍ଡର କଲ୍ୟାଣୀ ମଣ୍ଡପ ଟିକାକରଣ କେନ୍ଦ୍ରରେ ବ୍ୟାଙ୍କ୍ କର୍ମଚାରୀଙ୍କ ପାଇଁ ବ୍ୟବସ୍ଥା ହୋଇଥିଲା। ହେଲେ ସେମାନେ ନ ଆସିବାରୁ ଏହି ଟିକାକରଣ ବନ୍ଦ ରହିଥିଲା।







ବାତ୍ୟା 'ୟାସ୍'କୁ ଦୃଷ୍ଟିରେ ରଖି ସୋମବାର ସାମଗ୍ରୀ କିଣିବା ପାଇଁ କଟକ ସିଡ଼ିଏ ପେଟାନାଳ ରୋଡ ପରିବା ମାର୍କେଟ୍ ଓ ମାଲଗୋଦାମରେ ଲୋକଙ୍କ ଗହଳି।

## ସଂକ୍ଷେପରେ

### ଆରପାରିରେ ପ୍ରବଚକ ଚାରଣ ରାମଦାସ



ପୁରୀ ଅଫିସ,୨୪।୫: ପ୍ରସିଦ୍ଧ ପ୍ରବଚକ ପଣ୍ଡିତ ଚାରଣ ରାମଦାସଙ୍କ ସୋମବାର ରାତିରେ ଦେହାନ୍ତ ହୋଇଛି। ସେ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ କିଛିଦିନ ତଳେ ଚିକିତ୍ସିତ ହେଉଥିଲେ। ସାମାନ୍ୟ ସୁସ୍ଥ ହେବା ପରେ ସେ ପୁରୀ ରମାବଲ୍ଲଭ ରୋଡ୍‌ସ୍ଥିତ ନିଜ ବାସଭବନକୁ ଫେରି ହୋମ୍ ଆଇସୋଲେଶନରେ ଥିଲେ। ପରେ ପୁଣି ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ସ୍ଥାନୀୟ କୋଭିଡ୍ ହସ୍ପିଟାଲ ଆଇଡିଏଚ୍‌ର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେଇଥିଲା। ଚିକିତ୍ସା ଚାଲିଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ କୋଭିଡ୍ ହସ୍ପିଟାଲ୍ ଦାୟିତ୍ୱରେ ଥିବା ଡା. ଦେବଦୁର୍ଲଭ ନାୟକ ସନ୍ଧ୍ୟା ୬ଟା ୩୦ରେ ପରିବାର ଲୋକଙ୍କୁ ଜଣାଇବା ପରେ ମୃତ୍ୟୁ ଖବର ସ୍ପଷ୍ଟ ହୋଇଥିଲା। ଚାରଣ ଦାମଦାସ ପ୍ରବଚନ ପାଇଁ ଓଡ଼ିଶାର ଘରେ ଘରେ ପରିଚିତ ଥିଲେ। ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ପ୍ରଚାରକ ଭାବେ ତାଙ୍କର ବେଶ୍ ଖ୍ୟାତି ରହିଥିଲା। ତାଙ୍କ ହେରାପଞ୍ଚମୀର କାହାଣୀ ପୁରୀ ଜିଲାର ପ୍ରତି ଗାଁ ଗାଁରେ ଲୋକଙ୍କ ମନ କିଣିପାରିଥିଲା। ସେ ୧୯୬୯ ମସିହା ମାର୍ଚ୍ଚ ୧୧ ତାରିଖରେ ଜନ୍ମଗ୍ରହଣ କରିଥିଲେ। ମଙ୍ଗଳବାର ତାଙ୍କର ଶେଷକୃତ୍ୟ ହେବା ନେଇ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ବାତ୍ୟା ମୁକାବିଲା ପାଇଁ ଅଗ୍ନିଶମ ବିଭାଗ ସଜାଗ

କଟକ ଅଫିସ,୨୪।୫: ବାତ୍ୟା 'ୟାସ୍' ମୁକାବିଲା ପାଇଁ ରାଜ୍ୟ ଅଗ୍ନିଶମ ବିଭାଗ ସଜାଗ ରହିବା ସହ ବିଶେଷ ପଦକ୍ଷେପ ଗ୍ରହଣ କରିଛି। ରାସ୍ତାରେ ଭଙ୍ଗା ଗଛ କିମ୍ବା ବିଦ୍ୟୁତ୍ ଖୁଣ୍ଟ ସଫା କରିବା ପାଇଁ ପାୱାର ସ, ପ୍ଲାଜ୍ମା କଟର ଏବଂ ଅନ୍ୟ ଅତ୍ୟାଧୁନିକ ମେଶିନ ରଖାଯାଇଛି। ତେବେ କଟକ ସହରକୁ ଦୃଷ୍ଟିରେ ରଖି ୨୦ଟି ଫାୟାର ପମ୍ପ ଓ ୭୦ ଜଣ କର୍ମଚାରୀଙ୍କ ମୁତୟନ କରାଯାଇଛି ବୋଲି ଓଡ଼ିଶାର ଚିଫ୍ ଫାୟାର ଅଫିସର ମହେଶ୍ୱର ସ୍ୱାଇଁ କହିଛନ୍ତି।

# ସ୍ୱାସ୍ଥ୍ୟକର୍ମୀଙ୍କୁ ଡିଜିଟାଲ କିଟ୍ ବଣ୍ଟନ

ଆଠଗଡ଼, ୨୪।୫ (ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟ କର୍ମୀ, ଆଶା ଓ ଅଙ୍ଗନୱାଡି କର୍ମୀ ସୋମବାରଠାରୁ ଘର ଘର ବୁଲି କରୋନା ସର୍ଭେ ଆରମ୍ଭ କରିଛନ୍ତି। ଗ୍ରାମାଞ୍ଚଳରେ ଏହି କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସେମାନଙ୍କୁ ଡିଜିଟାଲ କିଟ୍ ବଣ୍ଟନ କରିଛନ୍ତି। ଆଠଗଡ଼ ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତିଙ୍କ ନେତୃତ୍ୱରେ ଦିଆଯାଇଥିବା ଏହି କିଟ୍‌ରେ ଡିଜିଟାଲ ଥର୍ମୋମିଟର, ଥର୍ମାଲ ସ୍କାନର, ଅକ୍ସିମିଟର, ସାନିଟାଇଜର ଓ ମାସ୍କ ଆଦି ରହିଛି। ଏହି କିଟ୍ ପଞ୍ଚାୟତ ସ୍ତରୀୟ ନିର୍ବାଚିତ ପ୍ରତିନିଧି ଓ ଖବରଦାତାଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ପୂର୍ବରୁ ଜେନାପଦା, ଖୁଣ୍ଟୁଣୀ ଏବଂ ଗୁରୁଡିଝାଟିଆ ସେକ୍ଟର ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଏହି କିଟ୍ ଦିଆଯାଇଥିବା ବେଳେ ଏବେ ଅନ୍ୟ ସେକ୍ଟରଗୁଡ଼ିକରେ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଆଠଗଡ଼ ବିଡିଓ ଅରୁଣ କୁମାର ଦାସ, ସିଡିପିଓ ଦ୍ରୌପଦୀ ମୁର୍ମୁ, ବରିଷ୍ଠ ସ୍ୱାସ୍ଥ୍ୟ ପରିଦର୍ଶକ ମହମ୍ମଦ ଅସଲମ, ଆଠଗଡ଼ ବିଜେଡି ସଭାପତି ରବୀନ୍ଦ୍ର ନାଥ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

# 'ବିନା ଖର୍ଚ୍ଚରେ ଆଇନଜୀବୀଙ୍କୁ ଚିକିତ୍ସା ଯୋଗାଇ ଦିଅ'

କଟକ ଅଫିସ,୨୪।୫

ଓଡ଼ିଶା ହାଇକୋର୍ଟର ଜଣେ ରୋଗାକ୍ରାନ୍ତ ଆଇନଜୀବୀ ବିନା ଚିକିତ୍ସାରେ ଘରେ ବନ୍ଦ ଅବସ୍ଥାରେ ପଡି ରହିଛନ୍ତି। ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆର୍‌ସି) ଏହି ମାମଲାର ଶୁଣାଣି କରିବା ସହ ତୁରନ୍ତ ତାଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିବା ପାଇଁ କଟକ ଡିସିପିଙ୍କୁ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ସିଡିଏ ସେକ୍ଟର-୭ ଅଞ୍ଚଳର ଏକ ଘରେ ତାଲା ବନ୍ଦ ଅବସ୍ଥାରେ ଆଇନଜୀବୀ ପ୍ରତାପ ରାଉତ ରୋଗଗ୍ରସ୍ତ ହୋଇ ପଡିରହିଛନ୍ତି। ଏ ନେଇ ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ର କୁମାର ଲେଙ୍କା ଇ-ମେଲ ମାଧ୍ୟମରେ ଓଏଚ୍ଆର୍‌ସିରେ ଏକ ପିଟିଶନ ଦାଏର କରିଥିଲେ। ସେ ପିଟିଶନରେ ଦର୍ଶାଇଥିଲେ, ଆଇନଜୀବୀ ରାଉତଙ୍କର କିଡ୍‌ନୀ ଖରାପ ହୋଇଯାଇଛି। ତାଙ୍କୁ ଘରେ ତାଲା ପକାଇ ବିନା ଚିକିତ୍ସାରେ ଘର ଲୋକ ପକାଇ ରଖିଛନ୍ତି। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା କରାଯାଉ। କମିଶନ ଏହି ମାମଲାର ଶୁଣାଣି କରିବା ସହ ଆଇନଜୀବୀ ରାଉତଙ୍କୁ ତୁରନ୍ତ ଉଦ୍ଧାର କରି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିବା ପାଇଁ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆଇନଜୀବୀଙ୍କୁ ବିନା ଖର୍ଚ୍ଚରେ ସମସ୍ତ ଚିକିତ୍ସା ଯୋଗାଇ ଦେବା ପାଇଁ ଏସ୍‌ସିବି ମେଡିକାଲ ଅଧକ୍ଷାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଆଇନସେବା ପ୍ରାଧିକରଣ ସଚିବଙ୍କୁ ନଜର ରଖିବା ପାଇଁ କମିଶନ ନିର୍ଦ୍ଦେଶ ଦେବା ସହ ଆସନ୍ତା ୨୮ରେ ଚିକିତ୍ସାର ଅଗ୍ରଗତି ସମ୍ପର୍କରେ ଜଣାଇବାକୁ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି।

## ବନ୍ଦ ହେଉ ମଦ ହୋମ୍ ଡେଲିଭରି

କଟକ ଅଫିସ, ୨୪।୫: କରୋନାକୁ ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ କରିଛନ୍ତି। ଏଭଳି ପରିସ୍ଥିତିରେ ଘରେ ମଦର ହୋମ୍ ଡେଲିଭରି ପାଇଁ ଦେଇଥିବା ନିର୍ଦ୍ଦେଶକୁ ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଲୋହିଆ ଏକାଡେମୀ ଓ ରାଷ୍ଟ୍ରୀୟ ଯୁବ ସଙ୍ଗଠନ ପକ୍ଷରୁ ସୋମବାର ଅନ୍‌ଲାଇନ ସଭାରେ ବିରୋଧ କରାଯାଇଛି। ଏହି ସଭାରେ ଡା. ନିମାଇଁ ଚରଣ ପରିଜା ଯୋଗଦେଇଥିଲେ। ଏଥିରେ କୃଷ୍ଣା ମହାନ୍ତି କହିଥିଲେ, ସରକାର ତୁରନ୍ତ ମଦର ହୋମ୍ ଡେଲିଭରି ବନ୍ଦ କରିବା ସହ ନିଶା ନିବାରଣ ଆଇନ ଲାଗୁ କରନ୍ତୁ। ଡା. ବିଶ୍ୱଜିତ୍‌ଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଗୋଲକ ବିହାରୀ ନାଥ, ସୁଧୀର ରାଉତ, ସତ୍ୟ ରାୟ, ବିରୁପାକ୍ଷ ତ୍ରିପାଠୀ, ରାଜେଶ ମହାପାତ୍ର, ମହମ୍ମଦ ଅନ୍‌ସାରୀ ପ୍ରମୁଖ ଉପସ୍ଥିତ ଥିଲେ। ମାନସ ପଟନାୟକ ଧନ୍ୟବାଦ ଦେଇଥିଲେ।

# ଅତ୍ୟାବଶ୍ୟକ ସାମଗ୍ରୀରୁ ଭାଟ୍ କମ୍ ଦାବି



ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା କଂଗ୍ରେସ ପ୍ରତିନିଧିମାନେ।

କଟକ ଅଫିସ, ୨୪।୫: କରୋନା ସମୟରେ ସ୍ୱଳ୍ପ ଆୟକାରୀ ବ୍ୟବସାୟୀମାନେ ଜୀବିକା ହରାଇ ଦୟନୀୟ ଭାବେ ଜୀବନ ବିତାଉଛନ୍ତି। ଏଣୁ ସମସ୍ତ କ୍ଷୁଦ୍ର ବ୍ୟବସାୟୀଙ୍କ ଉପରୁ ଲାଇସେନ୍ସ ଫି ଛାଡ଼ କରିବା ଏବଂ ଅତ୍ୟାବଶ୍ୟକ ସାମଗ୍ରୀରୁ ଭାଟ୍ କମ୍ କରିବାକୁ କଟକ ନଗର (ଜିଲା) କଂଗ୍ରେସ କମିଟି ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ଦଳ ପକ୍ଷରୁ ସୋମବାର ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି, କୋଭିଡ୍ ମହାମାରୀ ସମୟରେ ରାଜ୍ୟ ସରକାର ମଦ ପ୍ରସାର କରିବା ସହ ମଦ ବ୍ୟବସାୟୀଙ୍କଠାରୁ ଲାଇସେନ୍ସ ଫି ଛାଡ଼ କରି ସାହାଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି, ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ଉପରେ ମାତ୍ରାଧିକ ଭାଟ୍ ଲାଗିବା ଦ୍ୱାରା ସାଧାରଣ ଖାଉଟି ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଣୁ ରାଜ୍ୟ ସରକାର କ୍ଷୁଦ୍ର ବ୍ୟବସାୟୀଙ୍କ ଉପରୁ ଲାଇସେନ୍ସ ଫି ଛାଡ଼ କରିବା ସହ ପେଟ୍ରୋଲ, ଡିଜେଲ୍ ଏବଂ ରନ୍ଧନ ଗ୍ୟାସ୍ ଉପରୁ ଭାଟ୍ କମ୍ କରନ୍ତୁ। ଏହାଦ୍ୱାରା ଅତ୍ୟାବଶ୍ୟକ ସାମଗ୍ରୀର ଦାମ୍ କମ୍ ହେବ। ରାଜ୍ୟ ସରକାର ଉକ୍ତ ଦାବି ପୂରଣ ନ କଲେ ଆନ୍ଦୋଳନ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଦଳର ନେତା ରୂପକ ରଞ୍ଜନ ପାତ୍ର, ଆର୍ଯ୍ୟବୀର ଲେଙ୍କା ପ୍ରମୁଖ ଜିଲାପାଳଙ୍କୁ ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଖୁଣ୍ଟୁଣୀ,୨୪।୫(ଡି.ଏନ.ଏ.): ଗୁରୁଡ଼ିଝାଟିଆ ଥାନା ନିକଟ ଏକ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଗୁରୁଡ଼ିଝାଟିଆ ଥାନା ଶୁଣ୍ଢିସାହିର ଶରତ ସାହୁ। ସୋମବାର ସେ ଗାଧୋଇବା ପାଇଁ ପୋଖରୀ ଭିତରକୁ ପଶିବା ବେଳେ ଗୋଡ଼ ଖସି ଯାଇଥିଲା। ଫଳରେ ସେ ପାଣିରେ ବୁଡି ଯାଇଥିଲେ। ଏହା ଦେଖି ସେଠାରେ ଗାଧୋଉଥିବା ମହିଳାମାନେ ଚିତ୍କାର କରିଥିଲେ। ପାଟି ଶୁଣି ସ୍ଥାନୀୟ ଲୋକେ ପୋଖରୀରୁ ଶରତଙ୍କ ମୃତଦେହ ଉଦ୍ଧାର କରିଥିଲେ।

# ୩ ବଖରା ଜଳିଗଲା: ୨ ଗାଈ ଅର୍ଦ୍ଧଦଗ୍ଧ

ନିଶ୍ଚିନ୍ତକୋଇଲି,୨୪।୫(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ଗ୍ରାମର ମିନତୀ ଓଝାଙ୍କ ଘରେ ସୋମବାର ମଧ୍ୟାହ୍ନରେ



କୌଣସି କାରଣରୁ ହଠାତ୍ ନିଆଁ ଲାଗି ୩ ବଖରା ଜଳିଯାଇଛି। ଏଥିସହ ୨ ଗାଈ ଅର୍ଦ୍ଧଦଗ୍ଧ ହୋଇଯାଇଛନ୍ତି। ନିଆଁରେ ଘରର ସମସ୍ତ ଆସବାବପତ୍ର ସମେତ ନଗଦ ୮ ହଜାର ଟଙ୍କା, ୨୦ ବସ୍ତା ଧାନ, ଚାଉଳ ଆଦି ପୋଡ଼ିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଖବରପାଇ ନିଶ୍ଚିନ୍ତକୋଇଲି ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
File Ref No: AIIMS/BBSR/EE (AC&R)/58/2021/26 Dated: 24th May 2021
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for "Comprehensive Maintenance Contract of Split Type Air Conditioners AIIMS Bhubaneswar". Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website www.aiimsbhubaneswar.nic.in.
Sd/-
Executive Engineer (AC&R)
AIIMS, Bhubaneswar

# ଜିରୋ କାଜୁଆଲ୍‌ଟି ଉପରେ ଗୁରୁତ୍ୱ

ନିଶ୍ଚିନ୍ତକୋଇଲି,୨୪।୫(ସ୍ୱ.ପ୍ର.)

- ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକ
- ଆଶ୍ରୟସ୍ଥଳରେ ଶୁଖିଲା ଖାଦ୍ୟ, ରିଲିଫ୍ ସାମଗ୍ରୀ ଓ ପାନୀୟ ଜଳ ମହଜୁଦ ରଖିବାକୁ ନିର୍ଦ୍ଦେଶ



ଭର୍ଚ୍ଚୁଆଲ ବୈଠକରେ ମନ୍ତ୍ରୀ ପ୍ରତାପ ଜେନା।

ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକରେ ସମ୍ଭାବ୍ୟ ବାତ୍ୟା 'ୟାସ୍' ମୁକାବିଲା ନିମନ୍ତେ ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ସୋମବାର ପଞ୍ଚାୟତିରାଜ, ଆଇନ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଭର୍ଚ୍ଚୁଆଲରେ ସମୀକ୍ଷା ବୈଠକ କରିଛନ୍ତି। ଏଥିରେ ମନ୍ତ୍ରୀ ଜେନା ଜିରୋ କାଜୁଆଲ୍‌ଟି ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ ସେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଉଦ୍ଧାର ଓ ରିଲିଫ କାର୍ଯ୍ୟ ଉପରେ ଜୋର ଦେଇଛନ୍ତି। କରୋନା ମାର୍ଗଦର୍ଶିକାକୁ କଡ଼ାକଡି ଭାବେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ମିଳିତ ଭାବେ ସମ୍ଭାବ୍ୟ ବାତ୍ୟାର ମୁକାବିଲା କରିବାକୁ ମନ୍ତ୍ରୀ ଜେନା ଗୁରୁତ୍ୱାରୋପ କରିଥିଲେ। ବାତ୍ୟା ପୂର୍ବରୁ ବିପଦସଙ୍କୁଳ ଅବସ୍ଥାରେ ଥିବା ଲୋକଙ୍କୁ ଉଦ୍ଧାର କରି ଆଶ୍ରୟସ୍ଥଳକୁ ନେବାକୁ ସେ କହିଥିଲେ। ଏସବୁ ଆଶ୍ରୟସ୍ଥଳରେ ଶୁଖିଲା ଖାଦ୍ୟ, ରିଲିଫ ସାମଗ୍ରୀ ଓ ପାନୀୟ ଜଳ ଆଦି ମହଜୁଦ ରଖିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାତ୍ୟାପରେ ତ୍ୱରିତ ବିଦ୍ୟୁତ ସେବା, ରାସ୍ତାଘାଟ ସଫା ଓ ଗମନାଗମନକୁ ତ୍ୱରାନିତ କରିବା ପାଇଁ ଜେନା କହିଥିଲେ। କଣ୍ଟ୍ରୋଲ ରୁମକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ୨ ବ୍ଲକର ବିଡିଓଙ୍କୁ ମନ୍ତ୍ରୀ ଜେନା ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧକ୍ଷା ସବିତା ଓଝା, ବିଡିଓ କର୍ଣ୍ଣଦେବ ସମାଦ୍ଦାର, ମେଡିକାଲ ଅଫିସର ଅମିତ ଜେନା, ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ମାନସ ରଞ୍ଜନ ମହାନ୍ତି, ଯୋଗାଣ ଅଧିକାରୀ ପ୍ରୀତମ ଦାସ, ସାମାଜିକ କର୍ମୀ ଅଶୋକ ଓଝା ଓ ଗିରିଶ ମହାପାତ୍ର ପ୍ରମୁଖ ଭର୍ଚ୍ଚୁଆଲରେ ଯୋଗଦେଇଥିଲେ। ସେହିପରି ମାହାଙ୍ଗା ବ୍ଲକରୁ ଅଧକ୍ଷ ଶରତ ନାୟକ, ବିଡିଓ ନୀହାର ରଞ୍ଜନ ମଲ୍ଲିକ, ବିଦ୍ୟୁତ ବିଭାଗ ଏସଡିଓ ମାନସ ଦଳାଇଙ୍କ ସମେତ ସ୍ଥାନୀୟ ଲୋକ ପ୍ରତିନିଧିମାନେ ଯୋଡି ହୋଇଥିଲେ।

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
ବୈଦ୍ୟୁତିକ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି
(୧) ଇ-ଟେଣ୍ଡର ନଂ.: ଏସ୍ଆର୍. ଡିଇଇ-ଜି-ଆର୍-ଓଟିପି-୨୧-୨୨-୦୨, ତାରିଖ: ୨୧।୦୫।୨୦୨୧। କାର୍ଯ୍ୟ: (୧) ଡବ୍ଲ୍ୟୁଆର୍‌ଏସ୍ କଲୋନୀ, ଡିଆର୍‌ଏମ୍ କମ୍ପ୍ଲେକ୍ସ ପରିପାର୍ଶ୍ୱରେ ପଥପ୍ରାନ୍ତ ଆଲୋକର ଉନ୍ନତୀକରଣ, କାପା ସାଇଡିଂଠାରେ ଏଲ୍ଇଡି ଫିଟିଂ ସହିତ ହାଇମାଷ୍ଟ ଲୁମିନାରିକୁ ବଦଳାଇବା। (୨) ରେଲ୍‌ୱେ ହସ୍ପିଟାଲ ବିଏମ୍‌ୱାଇ ଏବଂ ଡିଭିଜନାଲ ରେଲ୍‌ୱେ ହସ୍ପିଟାଲ/ରାୟପୁରର ନବୀକରଣ, (୩) ରାୟପୁର ଷ୍ଟେଶନ ଶେଲ୍ଟରଠାରେ ବସ୍ ବାର୍‌କୁ ବଦଳାଇବା, (୪) ରାୟପୁର ଡିଭିଜନର ଏଲ୍‌ସି ନଂ. ଡିଡି-୧୫ (ଏମ୍‌ଏକ୍ସଏ-ଆର୍‌ଏସ୍ଏ ସେକ୍ସନ), ଏଲ୍‌ସି ନଂ. ଡିଡି-୪୮ (ଏଲ୍‌ବିଓ-ବିଏକ୍ସଏ ସେକ୍ସନ) ଏବଂ ଆର୍‌ଭି-୧୩ (ଆର୍-ଏମ୍‌ଏନ୍‌ଡିଏଚ୍ ସେକ୍ସନ)ଠାରେ ୨୦୦୦୦ରୁ ଅଧିକ ଟିଭିୟୁଧାରୀ ଏଲ୍‌ସି ଗେଟ୍ (୦୩ ଗୋଟି)ର ଇଣ୍ଟରଲକିଂ। ଟେଣ୍ଡର ମୂଲ୍ୟ: ₹୩୦,୩୫,୯୦୦.୦୦। ଅମାନତ ଜମା ରାଶି: ଶୂନ୍ୟ। ଟେଣ୍ଡର ଦାଖଲ: ତା୨୩।୦୬।୨୦୨୧ରିଖ ୧୧.୪୫ ଘଟିକା ପର୍ଯ୍ୟନ୍ତ।
ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର୍ (ଜି)/ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ରାୟପୁରଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ରଦ୍ଦ କରିଦିଆଯିବ।
ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ ରାୟପୁର।
PR/R/Sr.DEE(G)/IP/22
South East Central Railway @secrail

ପୂର୍ବ ତଟ ରେଳପଥ
ବୈଦ୍ୟୁତିକ କାର୍ଯ୍ୟ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCON-BBS-T-331E, ତା.19.05.2021ରିଖ
କାର୍ଯ୍ୟର ନାମ: ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ପ୍ରକଳ୍ପ ମଧ୍ୟରେ ନୂଆ ଲାଇନ୍ ସମ୍ବନ୍ଧୀୟ ସୋନପୁର ଠାରୁ ବୌଦ୍ଧ ରେଳ ଷ୍ଟେସନ ମଧ୍ୟରେ ବିଦ୍ୟୁତ୍ ଲାଇନ୍ କ୍ରସିଙ୍ଗ୍ (33KV/11KV/LT) ଗୁଡ଼ିକର ରୂପାନ୍ତରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 567.58 ଲକ୍ଷ,
କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.21.06.2021 ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଯଥା ଷଟର୍ଣ୍ଣ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C/G ଏବଂ G1 ର ଦାଖଲ, ଟେଣ୍ଡର ନଥିପତ୍ର ଖଣ୍ଡର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ଉପ ମୁଖ୍ୟ ବିଦ୍ୟୁତ ଯନ୍ତ୍ରୀ/ନିର୍ମାଣ-II/ ଭୁବନେଶ୍ୱର
PR-15/CE/21-22

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିଃ.
ଉପ-ସାଧାରଣ ପରିଚାଳକ (ବିଦ୍ୟୁତ୍)ଙ୍କ କାର୍ଯ୍ୟାଳୟ,
ଅତ୍ୟୁଚ୍ଚ ଶକ୍ତି ପରିବହନ (ନିର୍ମାଣ) ବିଭାଗ, କଟକ
(ଘୋଷଣା)
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍‌ର ଯୋଜନା ଅନୁଯାୟୀ, ୧୩୨/୩୩ କେଭି ପଟ୍ଟାମୁଣ୍ଡାଇ ଗ୍ରୀଡ୍ ସବ୍‌ଷ୍ଟେସନଠାରୁ ବାହାରି ପ୍ରସ୍ତାବିତ ୧୩୨/୩୩ କେଭି ରାଜନଗର (କୁନ୍ଦୁପୁର) ଗ୍ରୀଡ ସବ୍‌ଷ୍ଟେସନ ପର୍ଯ୍ୟନ୍ତ ନିର୍ମାଣାଧୀନ ୧୩୨ କେଭି ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ଡି.ସି. ଲାଇନର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି। ଉକ୍ତ ନୂତନ ଲାଇନ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ତହସିଲ ଅଧୀନ ବେଲତଳ, ଆଡ଼ଖଣ୍ଡ, ପାଛାପଡ଼ା, ଆଇନିପଡ଼ା, ନରସିଂହପୁର, ଅମ୍ବର, ନାଳଧଳିଆ, ସିମିଳିଆ, ନାଳଧଳିଆ, ବାଲିପଡ଼ା, ଓସାଂଗର, ଜିଗରଣ, ତାଳପଦା, ମିଞ୍ଚାଣି, କାଠିଆପଡ଼ା, ରାମଚନ୍ଦ୍ରପୁର, ମୁଲୁଗାଈ ପ୍ରଭୃତି ଗ୍ରାମ ପାର୍ଶ୍ୱ ଦେଇ ଯାଇଅଛି। ଉକ୍ତ ଲାଇନରେ ଆସନ୍ତା ତା୨୫।୦୫।୨୦୨୧ରିଖଠାରୁ ଯେ କୌଣସି ମୁହୂର୍ତ୍ତରେ ୧୩୨୦୦୦ ଭୋଲ୍ଟ ବିଦ୍ୟୁତ୍ ପ୍ରବାହିତ ହେବାର ସମ୍ଭାବନା ଅଛି।
ଏହି ବିଜ୍ଞାପନ ମାଧ୍ୟମରେ ସର୍ବସାଧାରଣଙ୍କୁ ଅବଗତ ଓ ସତର୍କ କରାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବୈଦ୍ୟୁତିକ ଆଇନର ଧାରା ୭୯, ୮୦ ଓ ୮୨(କ) ଏବଂ ୧୪୦ ଧାରା ଅନୁଯାୟୀ ଉପରୋକ୍ତ ଲାଇନ ତଳେ ଘର ତିଆରି କରିବା, ଗଛ ଲଗାଇବା, ଉଚ୍ଚ ଧାତୁ ତଥା ଦ୍ରବ୍ୟ ପୋତିବା, ଉଚ୍ଚ ଖମ୍ବ ଧରି ଯାତାୟାତ କରିବା କିମ୍ବା ବିଦ୍ୟୁତ୍ ଟାୱାରରେ ଗୋରୁ ଗାଈ ମହିଷାଦି ଗୃହପାଳିତ ପଶୁ ବାନ୍ଧିବା ବିପଜ୍ଜନକ ଏବଂ ଦଣ୍ଡନୀୟ ଅପରାଧ ଅଟେ।
ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ। ଯଦି ଏଥିରେ ବ୍ୟତିକ୍ରମ ହେତୁ କାହାର କିଛି ଅଘଟଣ ହୁଏ, ସେଥିପାଇଁ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ ଉତ୍ତରଦାୟୀ ହେବେ ନାହିଁ।
ସ୍ୱା./- (ଅଶୋକ କୁମାର ମହାନ୍ତି)
ଉପ-ସାଧାରଣ ପରିଚାଳକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ପରିବହନ (ନିର୍ମାଣ) ବିଭାଗ, କଟକ

**ବାତ୍ୟା ପାଇଁ ଆଶ୍ରୟସ୍ଥଳ ପ୍ରସ୍ତୁତି**

ବ୍ରହ୍ମଗିରି/କୃଷ୍ଣପ୍ରସାଦ,(ଡି.ଏନ୍.ଏ.): ବାତ୍ୟା ୟାସ୍ ପାଇଁ ସୋମବାର ବ୍ରହ୍ମଗିରି ସାତପଡ଼ାରେ ବ୍ରହ୍ମଗିରି ବ୍ଲକ ଓ କୃଷ୍ଣପ୍ରସାଦ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ବାତ୍ୟା ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକରେ ବ୍ରହ୍ମଗିରି ବିଡିଓ ଜ୍ୟୋତିପ୍ରକାଶ ସେଠୀ, ତହସିଲଦାର କାହ୍ନୁଚରଣ ଘଡ଼େଇ, କୃଷ୍ଣପ୍ରସାଦ ତହସିଲଦାର ଉଲ୍ଲାସ ସେଠୀ, ବ୍ରହ୍ମଗିରି ଥାନାଧିକାରୀ ମନୋଜ ଶତପଥୀ, ବ୍ରହ୍ମଗିରି ଅଗ୍ନିଶମ ଅଧିକାରୀ ପୁଲକ ପ୍ରିୟରଞ୍ଜନ ଲେଙ୍କା, ବ୍ରହ୍ମଗିରି ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଅଖାରି ପଲାଇ, ଯନ୍ତ୍ରୀ ରବିନାରାୟଣ ସାହୁ, ବ୍ରହ୍ମଗିରି ଯୋଗାଣ ଅଧିକାରୀ ଶିବପ୍ରସାଦ ମହାନ୍ତି ଓ ଅନ୍ୟାନ୍ୟ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆରପାରିରେ ପ୍ରବଚକ ଚାରଣ ରାମଦାସ

#### କରୋନାରେ ଆକ୍ରାନ୍ତ ଥିଲେ



**ପୁରୀ ଅଫିସ, ୨୪।୫:** ପ୍ରସିଦ୍ଧ ପ୍ରବଚକ ପଣ୍ଡିତ ଚାରଣ ରାମଦାସଙ୍କ ସୋମବାର ରାତିରେ ଦେହାନ୍ତ ହୋଇଛି। ସେ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ କିଛିଦିନ ତଳେ ଚିକିତ୍ସିତ ହେଉଥିଲେ। ସାମାନ୍ୟ ସୁସ୍ଥ ହେବା ପରେ ସେ ପୁରୀସ୍ଥିତ ରମାବଲ୍ଲଭ ରୋଡ୍‌ସ୍ଥିତ ନିଜ ବାସଭବନକୁ ଫେରି ହୋମ୍ ଆଇସୋଲେଶନରେ ଥିଲେ। ପରେ ପୁଣି ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ସ୍ଥାନୀୟ କୋଭିଡ୍ ହସ୍ପିଟାଲ ଆଇଡିଏର୍‌ର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେଇଥିଲା। ତେବେ ଚିକିତ୍ସା ଚାଲିଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ କୋଭିଡ୍ ହସ୍ପିଟାଲ୍ ଦାୟିତ୍ୱରେ ଥିବା ଡା. ଦେବଦୁର୍ଲଭ ନାୟକ ସନ୍ଧ୍ୟା ୬ଟା ୩୦ରେ ପରିବାର ଲୋକଙ୍କୁ ଜଣାଇବା ପରେ ମୃତ୍ୟୁ ଖବର ସ୍ପଷ୍ଟ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଚାରଣ ଦାମଦାସ ପ୍ରବଚନ ପାଇଁ ଓଡ଼ିଶାର ଘରେ ଘରେ ନିଜର ପରିଚିତ ଥିଲେ। ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ପ୍ରଚାରକ ଭାବେ ତାଙ୍କର ବେଶ୍ ଖ୍ୟାତି ରହିଥିଲା। ତାଙ୍କ ହେରାପଞ୍ଚମୀର କାହାଣୀ ପୁରୀ ଜିଲାର ପ୍ରତି ଗାଁ ଗାଁରେ ଲୋକଙ୍କ ମନ କିଣିପାରିଥିଲା।

### ଗୋଷ୍ଠୀ ସଂଘର୍ଷ: ୮ ଆହତ

**ପିପିଲି,୨୪।୫(ସ୍ୱ.ପ୍ର.):** ପିପିଲି ବ୍ଲକ ଅଞ୍ଚଳରେ ସୋମବାର ସ୍କୁଲ ଗୃହ ଚାବିକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୨ଜଣ ଗୁରୁତର ହୋଇଥିବା ବେଳେ ୬ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ଏମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସୂଚନା ମୁତାବକ, ଉଜାଣିପଡା ଓ ଅଠରଭଗା ଗ୍ରାମ ମଝିରେ ଏକ ସରକାରୀ ବିଦ୍ୟାଳୟ ରହିଛି। ଆଗକୁ ବାତ୍ୟା ଆଶଙ୍କା ଥିବାରୁ ଉଜାଣିପଡା ଗ୍ରାମର କେତେଜଣ ଲୋକ ସେମାନଙ୍କ ଧାନ ବସ୍ତା ସ୍କୁଲ ଘରେ ରଖିବା ପାଇଁ ସ୍କୁଲ ସଭାପତି ଅଠରଭଗା ଗ୍ରାମର ଗଗନ ବେହେରାଙ୍କୁ ଚାବି ମାଗିଥିଲେ। ଅନ୍ୟପଟେ ଅଠରଭଗା ଗ୍ରାମର କେତେଜଣ ଲୋକ ବାତ୍ୟା ସମୟରେ ଗରିବ ଲୋକମାନେ ଏହି ସ୍କୁଲରେ ଆଶ୍ରୟ ନେବେ ବୋଲି କହି ସ୍କୁଲ ଗୃହ ଚାବି ନ ଦେବାକୁ କହିଥିଲେ। ପରେ ଉଜାଣିପଡା ଲୋକେ ସେଠାରୁ ଫେରି ସ୍କୁଲ ଗୃହ ତାଲା ଭାଙ୍ଗି ଧାନ ଆଣି ରଖିଥିଲେ। ଏନେଇ ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ବଚସା ପରେ ସଂଘର୍ଷ ହୋଇଥିଲା। ଏଥିରେ ଅଠରଭଗା ଗ୍ରାମର କୃଷ୍ଣଚନ୍ଦ୍ର ବେହେରା ଓ ରାକେଶ ବେହେରା ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଗଣ୍ଡଗୋଳରେ ୬ରୁ ଊର୍ଦ୍ଧ୍ୱ ଲୋକେ ଆହତ ହୋଇଥିବା ଜଣାପଡିଛି। ଖବରପାଇ ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ ପହଞ୍ଚି ତଦନ୍ତ କରିଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ଗ୍ରାମରେ ପୋଲିସ ମୁତୟନ କରାଯାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

# ଜିଲାରେ ୮୪୦ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ


**ଖୋର୍ଦ୍ଧା ଅଫିସ,୨୪।୫**

ବାତ୍ୟା 'ୟାସ୍'ର ମୁକାବିଲା ପାଇଁ ଆବଶ୍ୟକ ପ୍ରସ୍ତୁତି ସମ୍ପର୍କରେ ସୋମବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସନତ୍ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଖୋର୍ଦ୍ଧା ଜିଲାରେ ୫୦ଟି ବାତ୍ୟା ଆଶ୍ରୟସ୍ଥଳ ରହିଛି। ଏଥିସହ ଆଉ ୭୯୦ ଅତିରିକ୍ତ ଆଶ୍ରୟସ୍ଥଳ ରହିଛି। ମୋଟ୍ ଜିଲାରେ ୮୪୦ଟି ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ରଖାଯାଇଛି। ଆଶ୍ରୟସ୍ଥଳରେ ବିଦ୍ୟୁତ୍, ପାନୀୟଜଳ ଓ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଆବଶ୍ୟକସ୍ଥଳେ ବାତ୍ୟା ଆଶ୍ରୟସ୍ଥଳକୁ ଲୋକମାନଙ୍କୁ ସ୍ଥାନାନ୍ତର କରାଯିବ। ଜରାନିବାସ, ଚାଇଲ୍ଡକେୟାର ହୋମ୍‌ର ଅନ୍ତେବାସୀଙ୍କ ସୁବିଧା ପାଇଁ ଗୁରୁତ୍ୱ ଦିଆଯାଉଛି। ଅନ୍ତେବାସୀଙ୍କ ଆନୁଷଙ୍ଗିକ ବ୍ୟବସ୍ଥା ସହ ମାସ୍କ ଓ ସାନିଟାଇଜର ଯୋଗାଇଦିଆଯିବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲା ସଦର ମହକୁମା ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଔଷଧ, ହାଲୋଜିନ ଟାବଲେଟ, ଓଆରଏସ୍ ପ୍ୟାକେଟ ମହଜୁଦ ରହିଛି। ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ମଧ୍ୟ ଆବଶ୍ୟକ ଔଷଧ ଦିଆଯାଇଛି। ଜିଲାର ସମସ୍ତ ବ୍ଲକରେ ଚୁଡ଼ା, ଗୁଡ଼ ଓ ବିସ୍କୁଟ ମହଜୁଦ ରହିଛି। ବାତ୍ୟା ସମୟରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଯେପରି ପାନୀୟଜଳ ଯୋଗାଣ କରାଯିବ ସେଥିପାଇଁ ଗୁରୁତ୍ୱ ଦିଆଯାଉଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସଂସ୍ଥା ପକ୍ଷରୁ ପ୍ରତି ବ୍ଲକକୁ ୨ଟି ପାନୀୟଜଳ ଟ୍ୟାଙ୍କର ଯୋଗାଇ ଦିଆଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ବାତ୍ୟା ସମୟରେ ଗ୍ରାମାଞ୍ଚଳରେ ରାସ୍ତା ଅବରୋଧ ହେଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ସଫା କରାଯିବା ପାଇଁ ଜେସିବି ଓ ଟ୍ରାକ୍ଟର ରଖାଯାଇଛି। କୃଷିଜାତ ପଦାର୍ଥ ଶସ୍ୟ ସୁରକ୍ଷିତ ରଖିବାକୁ ପଦକ୍ଷେପ ନିଆଯାଉଛି ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ କହିଛନ୍ତି। ଗୃହପାଳିତ ପ୍ରାଣୀଙ୍କ ପାଇଁ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ୧୦ଟି ମୋବାଇଲ ଭ୍ୟାନ, ଡାକ୍ତର ଓ ପ୍ରାଣୀଧନ ନିରୀକ୍ଷକ ପ୍ରସ୍ତୁତ ରହିବେ ବୋଲି ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ କହିଛନ୍ତି। ବାତ୍ୟା ସମୟରେ ସାହାଯ୍ୟ ପାଇଁ ପୋଲିସ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟ କରିବେ। ପୋଲିସ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ ବୋଲି ଏସ୍‌ପି କହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମନ୍ୱିତ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ। ବୈଠକରେ ଏସ୍‌ପି ରାଜକିଶୋର ଦୋରା, ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅନୁଜ କୁମାର ଦାସପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଉପଜିଲାପାଳ ଅଶୋକ ବେଉରିଆ, ଉପଜିଲାପାଳ (ଭୁବନେଶ୍ୱର) ଦେବବ୍ରତ ସାହୁ, ସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରଶାନ୍ତ ଦାଶ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ ସନତ୍ ମହାନ୍ତି ଏବଂ ଅନ୍ୟ ଅଧିକାରୀମାନେ।

- ପ୍ରତି ବ୍ଲକକୁ ୨ଟି ପାନୀୟଜଳ ଟ୍ୟାଙ୍କର
- ଜିଲାପାଳଙ୍କ କାର୍ଯ୍ୟାଳୟରେ ସମନ୍ୱିତ କଣ୍ଟ୍ରୋଲ ରୁମ୍
- ଅନ୍ତେବାସୀଙ୍କ ସୁବିଧାକୁ ଗୁରୁତ୍ୱ




ବାତ୍ୟା 'ୟାସ୍'ରେ ଭୟଭୀତ ନ ହୋଇ ସୁରକ୍ଷିତ ରହିବାର ବାର୍ତ୍ତା ନେଇ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ମତ୍ସ୍ୟଜୀବୀ, ଡଙ୍ଗା ଚାଳକଙ୍କୁ ଚିଲିକା ମନା

**ବାଲୁଗାଁ/କୃଷ୍ଣପ୍ରସାଦ, ୨୪।୫(ଡି.ଏନ୍.ଏ.)**

ସମ୍ଭାବ୍ୟ ବାତ୍ୟା 'ୟାସ୍' ସ୍ଥଳଭାଗର ନିକଟତର ହୋଇଆସୁଥିବା ବେଳେ ଏହାର ପ୍ରଭାବ ସୋମବାର ଅପରାହ୍ନରୁ ମୃଦୁ ପବନ ସହ ଝିପିଝିପି ବର୍ଷା ଆରମ୍ଭ ହୋଇଛି। ୟାସ୍‌ର ତୀବ୍ରତା ପ୍ରଖର ଥିବା ପାଣିପାଗ ବିଭାଗରୁ ସୂଚନା ମିଳିବା ପରେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରବିବାର ଜିଲାପାଳ ସନତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରଶାସନିକ ଅଧିକାରୀମାନେ ଚିଲିକା ତଟବର୍ତ୍ତୀ ଜନବସତି ଅଞ୍ଚଳ ଏବଂ ବାତ୍ୟା ଆଶ୍ରୟସ୍ଥଳ ଅନୁଧ୍ୟାନ କରିଛନ୍ତି। ଏହା ପରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟର ସଭାଗୃହରେ ସମସ୍ତ ପ୍ରଶାସନିକ ଅଧିକାରୀମାନେ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ହୋଇଥିଲା। ସୋମବାର ଚିଲିକା ତହସିଲ ଏବଂ ବାଲୁଗାଁ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚିଲିକା ତଟବର୍ତ୍ତୀ ଜନବସତିଗୁଡ଼ିକରେ ଡାକବାଜି ଯନ୍ତ୍ର ଦ୍ୱାରା ବାତ୍ୟା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଛି। ଏଥିସହ ମଙ୍ଗଳବାର ସକାଳୁ ବାତ୍ୟା ନ ଟଳିବା ଯାଏ ମତ୍ସ୍ୟଜୀବୀ ଓ ଡଙ୍ଗା ଚାଳକଙ୍କୁ ଚିଲିକା ମଧ୍ୟକୁ ନ ଯିବା ପାଇଁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଚିଲିକା ବ୍ଲକ ଅଧୀନରେ ୧୧ଟି ବାତ୍ୟା ଆଶ୍ରୟସ୍ଥଳ ରହିଛି। ଜରୁରିକାଳୀନ ମୁକାବିଲା ପାଇଁ ଅଗ୍ନିଶମ କର୍ମଚାରୀ ଏବଂ ଓଡ୍ରାଫ ଟିମ୍ ପ୍ରସ୍ତୁତ ରହିଛନ୍ତି।

**ସ୍ଥାନାନ୍ତର ହେଲେ ଗର୍ଭବତୀ**

ଆସନ୍ତା ୧୫ଦିନ ମଧ୍ୟରେ ପ୍ରସୂତି ହେବାକୁ ଥିବା ମହିଳାଙ୍କୁ ସୋମବାର ଅପରାହ୍ନରେ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ବାତ୍ୟାର ପ୍ରକୋପ ଦେଖି ଆବଶ୍ୟକ ଅନୁଯାୟୀ ଲୋକଙ୍କୁ ସ୍ଥାନାନ୍ତର କରାଯିବ ବୋଲି ତହସିଲଦାର ପୁନମ ମହାପାତ୍ର କହିଛନ୍ତି ।




ଖୋର୍ଦ୍ଧା ତହସିଲଦାର ପଦ୍ମଚରଣ ସାହୁ ସୋମବାର ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରୁଛନ୍ତି।

## କରୋନା, ଗର୍ଭବତୀଙ୍କ ଚିକିତ୍ସାକୁ ଗୁରୁତ୍ୱ

**ବେଗୁନିଆ,୨୪।୫(ଡି.ଏନ୍.ଏ.)**

ସମ୍ଭାବ୍ୟ ବାତ୍ୟା 'ୟାସ୍'ପାଇଁ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ସୋମବାର ବିଡିଓ ରଶ୍ମିରେଖା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏକ ମାଇକ୍ରୋ ପ୍ଲାନ ପ୍ରସ୍ତୁତ କରାଯାଇଛି। ୨୪ ତାରିଖ ସକାଳ ୭ଟାରୁ ବ୍ଲକ କାର୍ଯ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ସେହିପରି ୨୧ଟି ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ୪୨ଜଣ ନୋଡାଲ ଅଫିସର ଏବଂ ପରିଚାଳନା କରିବା ପାଇଁ ବ୍ଲକ ଲେବଲ ୨୧ଜଣ ନୋଡାଲ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ସମସ୍ତ ପଞ୍ଚାୟତର ସରପଞ୍ଚ, ଆଶା ଓ ଅଙ୍ଗନୱାଡି କର୍ମଚାରୀମାନେ ନିଜ ଅଞ୍ଚଳରେ ସଜାଗ ରହିବେ। ଆଇନଶୃଙ୍ଖଳା ପରିସ୍ଥିତିକୁ ରକ୍ଷା କରିବା ପାଇଁ ୬ଜଣିଆ ଟିମ୍ ଓ ସେମାନଙ୍କର ମୋବାଇଲ୍ ନମ୍ବର ଜାରି କରାଯାଇଛି। ଏହି ଟିମରେ ତହସିଲଦାର, ଅଗ୍ନିଶମ ଅଧିକାରୀ, ବାଘମାରୀ ଓ ବେଗୁନିଆ ଥାନା ଅଧିକାରୀ ଏବଂ ଆରଡି ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସାମିଲ ଅଛନ୍ତି। ଅନ୍ୟପକ୍ଷେ ଏହି ବ୍ଲକ ଅଞ୍ଚଳରେ ଚିହ୍ନଟ ହୋଇଥିବା ୪୧ଜଣ ଗର୍ଭବତୀ ଓ ୧୨ଜଣ କରୋନା ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯିବ ସେନେଇ ଗୁରୁତ୍ୱ ଦିଆଯାଇଛି। ବ୍ଲକ ମୁଖ୍ୟ ଚିକିତ୍ସାଧିକାରୀ ଦେବାଶିଷ ଆଚାର୍ଯ୍ୟଙ୍କୁ ଏହି ଦାୟିତ୍ୱ ଦିଆଯାଇଛ। ଜିପିଇଓ ସୁବାଶିଷ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶୃଙ୍ଖଳା ରକ୍ଷାକୁ ଗୁରୁତ୍ୱ

**ବେଗୁନିଆ,୨୪।୫: (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନାରେ ନୂତନ ଥାନା ଅଧିକାରୀଭାବେ ଲକ୍ଷ୍ମୀ ପ୍ରସାଦ ଶତପଥୀ ରବିବାର ଯୋଗଦେଇଛନ୍ତି। ଦାୟିତ୍ୱରେ ଥିବା ଏସ୍‌ଆଇ ଶ୍ରୀକାନ୍ତ ପଣ୍ଡାଙ୍କ ଠାରୁ ପୂର୍ବାହ୍ନ ୧୧ଟାରେ ସେ ଏହି ଦାଇତ୍ୱ ଗ୍ରହଣ କରିଛନ୍ତି। ଏଠାରେ ଥିବା ପୂର୍ବତନ ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁଙ୍କ ବାଣପୁର ଥାନାକୁ ବଦଳି ହୋଇଛି। ବେଗୁନିଆ ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାକୁ ସୁଧାରିବା ପାଇଁ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ। ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ, ଚୋରି, ଡକାୟତି ଓ ରାହାଜାନିକୁ ରୋକିବା ଲାଗି ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ ବୋଲି ଶତପଥୀ କହିଛନ୍ତି।

## ଗୋରୁ, ଷଣ୍ଢ ବୋଝେଇ କଣ୍ଟେନର ଜବତ

**ଖୋର୍ଦ୍ଧା ଅଫିସ୍,୨୪।୫**

କରୋନା ପାଇଁ ରାଜ୍ୟରେ ଲକ୍‌ଡାଉନ ଓ ସହରାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ଏହି କଟକଣାର ଫାଇଦା ଉଠାଉଛନ୍ତି ଗୋଚାଲାଣକାରୀ। ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ରବିବାର ରାତିରେ ଏକ ଗୋରୁ ଓ ଷଣ୍ଢ ବୋଝେଇ କଣ୍ଟେନର ଜବତ କରିବା ସହ ଏହାର ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଚାଳକ ହେଲେ ସେକ୍ ହାଇଦର(୩୬)। ସୂଚନା ମୁତାବକ, ରବିବାର ରାତିରେ ଏକ କଣ୍ଟେନରରେ ଗୋରୁ କୋଲକାତାକୁ ଚାଲାଣ କରାଯାଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପୋଲିସ ପକ୍ଷରୁ ଚେକିଂ କରାଯାଇ ଗୋରୁ ଓ ଷଣ୍ଢ ବୋଝେଇ କଣ୍ଟେନରକୁ ଜବତ କରାଯାଇଥିଲା। ଏଥିସହ ଚାଳକଙ୍କୁ ଗିରଫ କରାଯାଇଥିଲା। ଉଦ୍ଧାର ଗୋରଙ୍କୁ ସିଜୁଆସ୍ଥିତ ଗୋଶାଳାରେ ଛଡ଼ାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୨୧/୨୧)ରୁଜୁ ହୋଇଛି।

**ଡ୍ରାଇଭର ଗିରଫ**



# ୪ଗାଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୨୪।୫ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଅଧିକ କରୋନା ପଜିଟିଭ ଚିହ୍ନଟ ସହରାଞ୍ଚଳ ଓ ଗ୍ରାମାଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଉଛି। ସୋମବାର ଉପଜିଲାପାଳ ଅଶୋକ ବେଉରିଆ ବେଗୁନିଆ ଓ ବୋଲଗଡ଼ ବ୍ଲକର ୪ ଗ୍ରାମକୁ ୧୦ଦିନ ପାଇଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତର ଡଙ୍ଗରପଡ଼ା ଗ୍ରାମର ୮୦ପରିବାର, ବୋତଳମା ପଞ୍ଚାୟତ ଡୋଭା ଗ୍ରାମର ୬୦ ପରିବାର, ଦୁର୍ଗାପୁର ପଞ୍ଚାୟତ ମାନଗୋବିନ୍ଦପୁର ଗ୍ରାମର ୪୦ପରିବାର ଏବଂ ବୋଲଗଡ଼ ବ୍ଲକର ବାଙ୍କୋଇଦେଶ ପଞ୍ଚାୟତର କଣ୍ଟେଇଲୋ ଗ୍ରାମରେ ସୋମବାର ସନ୍ଧ୍ୟା ୭ଟାରୁ ଜୁନ୍ ୨ତାରିଖ ରାତି ୯ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଉକ୍ତ ଗ୍ରାମଗୁଡ଼ିକୁ ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ୍ କରାଯିବ। ଅନ୍ୟପକ୍ଷେ ବେଗୁନିଆ ବ୍ଲକରେ ରବିବାର ସୁଦ୍ଧା ୪୧୨ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୨୪୫ଜଣ ସୁସ୍ଥ ହୋଇଥିବା ଜଣାପଡ଼ିଛି।

## ୧୨୯ ପଜିଟିଭ୍, ୨୧୦ ସୁସ୍ଥ


**ଖୋର୍ଦ୍ଧା ଅଫିସ,୨୪।୫**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ସୋମବାର ୧୨୯ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୧୦ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୧୪, ବାଲିପାଟଣା ୨୦, ଭୁବନେଶ୍ୱର ବ୍ଲକ ୧୭, ଜଟଣୀ ୪, ଖୋର୍ଦ୍ଧା ୩୧, ବୋଲଗଡ଼ ୫, ଟାଙ୍ଗୀ ୨୦, ଚିଲିକା ୩ ଓ ବାଣପୁରର ୧୫ଜଣ ରହିଛନ୍ତି। ବେଗୁନିଆ ବ୍ଲକରୁ କେହି ଆକ୍ରାନ୍ତ ନ ଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲା ପ୍ରଶାସନର ରିପୋର୍ଟ ଅନୁଯାୟୀ ୩,୩୯,୧୦୫ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୧୯,୬୭୩ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ୧୭,୮୦୮ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୧,୭୬୮ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ଜିଲାରେ କୋଭିଡ୍ ଟିକାକରଣ ଜାରି ରହିଛି। ମଙ୍ଗଳବାର ୩୧ଟି କେନ୍ଦ୍ରରେ ୩,୪୮୩ ଜଣଙ୍କୁ ଟିକା ଦିଆଯାଇଛି।

# ଜିଲାପାଳଙ୍କ ଅଫିସ ଆଗରେ କଂଗ୍ରେସର ପ୍ରତିବାଦ

**ଖୋର୍ଦ୍ଧା ଅଫିସ,୨୪।୫**

ରାଜ୍ୟ ସରକାର ମଦ ବ୍ୟବସାୟୀଙ୍କ ଉପରୁ ଜୁନରୁ ଡିସେମ୍ବର ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଫି ଛାଡ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ପ୍ରଦେଶ କଂଗ୍ରେସ କମିଟି ତୀବ୍ର ବିରୋଧ କରିଛି। ଏହାର ପ୍ରତିବାଦରେ ଜଟଣୀ ବିଧାୟକ ତଥା ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ମହିଳା, ଯୁବ ଓ ଛାତ୍ର କଂଗ୍ରେସ ଏକାଧିକ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ କରୋନା ମହାମାରୀ ସମୟରେ ଭୟଙ୍କର ସ୍ଥିତି ଦେଇ ଗତି କରୁଛି। ଖାଦ୍ୟ ସାମଗ୍ରୀ ଦର ବୃଦ୍ଧି ଏବଂ ରନ୍ଧନଗ୍ୟାସ, ତୈଳ ଦର ଅତ୍ୟଧିକ ବୃଦ୍ଧି ଯୋଗୁ ସାଧାରଣ ଖାଉଟି ହଇରାଣ ହେଉଛନ୍ତି। ରାଜ୍ୟରେ ବହୁ ନିମ୍ନ, ମଧ୍ୟବିତ୍ତ ବ୍ୟବସାୟୀଙ୍କ ଠାରୁ ଲାଇସେନ୍ସ ଫି ଛାଡ ପ୍ରତି ଗୁରୁତ୍ୱ ନାହିଁ। ଦର ନିୟନ୍ତ୍ରଣ ଉପରେ ଗରୁତ୍ୱ ଦେବା ପରିବର୍ତ୍ତେ ମଦ ବ୍ୟବସାୟୀଙ୍କ ପ୍ରତି ସରକାର ଅହେତୁକ ଅନୁକମ୍ପା ଦେଖାଉଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରାଉତରାୟ କହିଛନ୍ତି। ସରକାର ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ ବୋଲି ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭ୍ୟ ଶିଶିର ପରିଡା, ରଞ୍ଜିତ ମହାପାତ୍ର, ଏସ.ପଟ୍ଟନାୟକ, ଦିବାକର ରାଉତରାୟ, ବଟକୃଷ୍ଣ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ସୁରେଶ କୁମାର ରାଉତରାୟ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ବୈଦ୍ୟୁତିକ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

(୧) ଇ-ଟେଣ୍ଡର ନଂ.: ଏସ୍‌ଆର୍. ଡିଇଇ-ଜି-ଆର୍-ଓଟିପି-୨୧-୨୨-୦୨, ତାରିଖ: ୨୧।୦୫।୨୦୨୧। କାର୍ଯ୍ୟ: (୧) ଡବ୍ଲ୍ୟୁଆର୍‌ଏସ୍ କଲୋନୀ, ଡିଆର୍‌ଏମ୍ କମ୍ପ୍ଲେକ୍ସ ପରିପାର୍ଶ୍ୱରେ ପଥପ୍ରାନ୍ତ ଆଲୋକର ଉନ୍ନତୀକରଣ, କାପା ସାଇଡିଂଠାରେ ଏଲ୍‌ଇଡି ଫିଟିଂ ସହିତ ହାଇମାଷ୍ଟ ଲୁମିନାରିକୁ ବଦଳାଇବା । (୨) ରେଲ୍‌ୱେ ହସ୍ପିଟାଲ ବିଏମ୍‌ୱାଇ ଏବଂ ଡିଭିଜନାଲ ରେଲ୍‌ୱେ ହସ୍ପିଟାଲ/ରାୟପୁରର ନବୀକରଣ, (୩) ରାୟପୁର ଷ୍ଟେଶନ ଶେଲ୍ଟରଠାରେ ବସ୍ ବାର୍‌କୁ ବଦଳାଇବା, (୪) ରାୟପୁର ଡିଭିଜନର ଏଲ୍‌ସି ନଂ. ଡିଡି-୧୫ (ଏମ୍‌ଏକ୍ୟୁଏ-ଆର୍‌ଏସ୍‌ଏ ସେକ୍ସନ), ଏଲ୍‌ସି ନଂ. ଡିଡି-୪୮ (ଏଲ୍‌ବିଓ-ବିଏକ୍ୟୁଏ ସେକ୍ସନ) ଏବଂ ଆର୍‌ଭି-୧୩ (ଆର୍-ଏମ୍‌ଏନ୍‌ଡିଏଚ୍ ସେକ୍ସନ୍)ଠାରେ ୨୦୦୦୦ରୁ ଅଧିକ ଟିଭିୟୁଧାରୀ ଏଲ୍‌ସି ଗେଟ୍ (୦୩ ଗୋଟି)ର ଇଣ୍ଟରଲକିଂ । ଟେଣ୍ଡର ମୂଲ୍ୟ: ₹୩୦,୩୫,୯୦୦.୦୦ । ଅମାନତ ଜମା ରାଶି: ଶୂନ୍ୟ । ଟେଣ୍ଡର ଦାଖଲ: ତା୨୩।୦୬।୨୦୨୧ରିଖ ୧୧.୪୫ ଘଟିକା ପର୍ଯ୍ୟନ୍ତ ।

ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର୍ (ଜି)/ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ରାୟପୁରଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ରଦ୍ଦ କରିଦିଆଯିବ ।

ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ ରାୟପୁର ।
PR/R/Sr.DEE(G)/IP/22
South East Central Railway @secrail

**ପୂର୍ବ ତଟ ରେଳପଥ**

**ବୈଦ୍ୟୁତିକ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCON-BBS-T-331E, ତା.19.05.2021ରିଖ

**କାର୍ଯ୍ୟର ନାମ:** ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ପ୍ରକଳ୍ପ ମଧ୍ୟରେ ନୂଆ ଲାଇନ୍ ସମ୍ବନ୍ଧୀୟ ସୋନପୁର ଠାରୁ ବୌଦ୍ଧ ରେଳ ଷ୍ଟେସନ ମଧ୍ୟରେ ବିଦ୍ୟୁତ୍ ଲାଇନ୍ କ୍ରସିଙ୍ଗ୍ (33KV/11KV/LT) ଗୁଡ଼ିକର ରୂପାନ୍ତରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 567.58 ଲକ୍ଷ, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.21.06.2021 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଯଥର୍ଦ୍ଦ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C/G ଏବଂ G1 ର ଦାଖଲ, ଟେଣ୍ଡର ନଥିପତ୍ର ଖଣ୍ଡର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ବିଦ୍ୟୁତ ଯନ୍ତ୍ରୀ/ନିର୍ମାଣ-II/ ଭୁବନେଶ୍ୱର
PR-15/CE/21-22

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019
File Ref No: AIIMS/BBSR/EE (AC&R)/58/2021/26 Dated: 24th May 2021

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for **"Comprehensive Maintenance Contract of Split Type Air Conditioners AIIMS Bhubaneswar"**. Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.nic.in.**

Sd/-
Executive Engineer (AC&R)
AIIMS, Bhubaneswar

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିଃ.**
ଉପ-ସାଧାରଣ ପରିଚାଳକ (ବିଦ୍ୟୁତ୍)ଙ୍କ କାର୍ଯ୍ୟାଳୟ,
ଅତ୍ୟୁଚ୍ଚ ଶକ୍ତି ପରିବହନ (ନିର୍ମାଣ) ବିଭାଗ, କଟକ

**(ଘୋଷଣା)**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍‌ର ଯୋଜନା ଅନୁଯାୟୀ, ୧୩୨/୩୩ କେଭି ପଟ୍ଟାମୁଣ୍ଡାଇ ଗ୍ରୀଡ୍ ସବ୍‌ଷ୍ଟେସନଠାରୁ ବାହାରି ପ୍ରସ୍ତାବିତ ୧୩୨/୩୩ କେଭି ରାଜନଗର (କୁନ୍ଦୁପୁର) ଗ୍ରୀଡ ସବ୍‌ଷ୍ଟେସନ ପର୍ଯ୍ୟନ୍ତ ନିର୍ମାଣାଧୀନ ୧୩୨ କେଭି ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ଡି.ସି. ଲାଇନର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି। ଉକ୍ତ ନୂତନ ଲାଇନ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ତହସିଲ ଅଧୀନ ବେଲତଳ, ଆଡ଼ଖଣ୍ଡ, ପାଛାପଡ଼ା, ଆଇନିପଡ଼ା, ନରସିଂହପୁର, ଅମ୍ବର, ନାଳଧଳିଆ, ସିମିଳିଆ, ନାଳଧଳିଆ, ବାଲିପଡ଼ା, ଓସାଂଗର, ଜିଗରଣ, ତାଳପଦା, ମିଞ୍ଜାଣି, କାଠିଆପଡ଼ା, ରାମଚନ୍ଦ୍ରପୁର, ମୁଲୁଗାଇ ପ୍ରଭୃତି ଗ୍ରାମ ପାର୍ଶ୍ୱ ଦେଇ ଯାଇଅଛି। ଉକ୍ତ ଲାଇନରେ ଆସନ୍ତା ତା୨୫।୦୫।୨୦୨୧ରିଖଠାରୁ ଯେ କୌଣସି ମୁହୂର୍ତ୍ତରେ ୧୩୨୦୦୦ ଭୋଲ୍ଟ ବିଦ୍ୟୁତ୍ ପ୍ରବାହିତ ହେବାର ସମ୍ଭାବନା ଅଛି।

ଏହି ବିଜ୍ଞାପନ ମାଧ୍ୟମରେ ସର୍ବସାଧାରଣଙ୍କୁ ଅବଗତ ଓ ସତର୍କ କରାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବୈଦ୍ୟୁତିକ ଆଇନର ଧାରା ୭୯, ୮୦ ଓ ୮୨(କ) ଏବଂ ୧୪୦ ଧାରା ଅନୁଯାୟୀ ଉପରୋକ୍ତ ଲାଇନ ତଳେ ଘର ତିଆରି କରିବା, ଗଛ ଲଗାଇବା, ଉଚ୍ଚ ଧାତୁ ତଥା ଦ୍ରବ୍ୟ ପୋତିବା, ଉଚ୍ଚ ଖମ୍ବ ଧରି ଯାତାୟାତ କରିବା କିମ୍ବା ବିଦ୍ୟୁତ୍ ଟାୱାରରେ ଗୋରୁ ଗାଈ ମହିଷାଦି ଗୃହପାଳିତ ପଶୁ ବାନ୍ଧିବା ବିପଜ୍ଜନକ ଏବଂ ଦଣ୍ଡନୀୟ ଅପରାଧ ଅଟେ।

ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ। ଯଦି ଏଥିରେ ବ୍ୟତିକ୍ରମ ହେତୁ କାହାର କିଛି ଅଘଟଣ ହୁଏ, ସେଥିପାଇଁ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ ଉତ୍ତରଦାୟୀ ହେବେ ନାହିଁ।

ସ୍ୱା./- (ଅଶୋକ କୁମାର ମହାନ୍ତି)
ଉପ-ସାଧାରଣ ପରିଚାଳକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ପରିବହନ (ନିର୍ମାଣ) ବିଭାଗ, କଟକ